# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୭/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, March 17/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-







# ସେବାୟତଙ୍କୁ ଗୁଳି କରି ହତ୍ୟା

- ୪ ଖୋକା, ଜମିବିକ୍ରି ଦସ୍ତାବିଜ୍, ଚପଲ ଜବତ
- ଅଭିଯୁକ୍ତଙ୍କୁ ଧରିବାକୁ ୪ ପୋଲିସ ଟିମ୍ ଗଠିତ
- ପୂର୍ବ ଶତ୍ରୁତା କାରଣ ହୋଇପାରେ
- ଅଭିଯୁକ୍ତଙ୍କ ନାମ ନେଇଥିଲେ ଭାଇ: ନରସିଂହ
- ଗୁନ ସିଂହାରୀ ହତ୍ୟାକାଣ୍ଡ ଲିଙ୍କକୁ ନେଇ ଚର୍ଚ୍ଚା

**ପୁରୀ ଅଫିସ,୧୬।୩**

ଶ୍ରୀକ୍ଷେତ୍ରରେ ଫୁଟିଛି ଗୁଳି। ରକ୍ତରଞ୍ଜିତ ହୋଇଛି ଏହି ଧାର୍ମିକ ସହର। ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ସୁଆର ଓ ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ ଓରଫ କାଳିଆଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବାରବାଟୀ ଜାଗାଠାରେ କୃଷ୍ଣଚନ୍ଦ୍ରଙ୍କ ଉପରକୁ ଗୁଳି ଚଳାଇ ଥିଲେ। ତାଙ୍କ ମୁଣ୍ଡକୁ ଜିରୋ ରେଞ୍ଜ୍‌ରୁ ୩ ରାଉଣ୍ଡ ଫାୟାରିଂ କରାଯାଇଥିଲା। ଗୋଟିଏ ଗୁଳି ତାଙ୍କ କପାଳରେ ଓ ୨ଟି ତାଙ୍କ ବାମପଟ ଛାତିରେ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣାସ୍ଥଳରେ



କୃଷ୍ଣଚନ୍ଦ୍ର ପ୍ରତିହାରୀ

**ଶ୍ରୀକ୍ଷେତ୍ର ରକ୍ତରଞ୍ଜିତ**

ଏସ୍‌ପି କନୱର ବିଶାଳ ସିଂଙ୍କ ସମେତ ପୋଲିସ ଏବଂ ଫରେନସିକ୍ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛନ୍ତି। ପ୍ରତିଶୋଧ ଉଦ୍ଦେଶ୍ୟରେ କିମ୍ବା ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ୧୦ ବର୍ଷ ତଳର ଗୁନ ସିଂହାରୀ ☞ପୃଷ୍ଠା-୪

## ପୁଅ କଟୁରି ଚୋଟରେ ମା' ମୃତ

**ବାପା, ସ୍ତ୍ରୀ, ସାନଭାଇ ଗୁରୁତର**

**ପୁରୀ ଅଫିସ, ୧୬।୩**

ପୁରୀ ସହରରେ ବୁଧବାର ସକାଳ ୭ଟାରେ ଘଟିଛି ଏକ ଅଭାବନୀୟ ଘଟଣା । ପୁଅ କଟୁରି ଚୋଟରେ ମା'ର ଜୀବନ ଯାଇଥିବାବେଳେ ବାପା, ସ୍ତ୍ରୀ, ସାନଭାଇ ଗୁରୁତର ଆହତ ହୋଇଛନ୍ତି। ପେଣ୍ଟକଟା ମେରାଇନ୍ ଥାନା ଅଧୀନ ବାଲିଘାଟ ସୁଭଦ୍ରାନଗରରେଏହି ହୃଦୟ ବିଦାରକ ଘଟଣା ଘଟିଛି। ପୋଲିସ ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ କଟୁରି ଜବତ କରିବା ସହ ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ଦୀକ୍ଷିତ (୩୪)ଙ୍କୁ ଗିରଫ କରିଛି। ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ କହିଛନ୍ତି, ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। କରଜ ଟଙ୍କାକୁ ନେଇ ମାନସିକ ଭାରସାମ୍ୟ ହରାଇ ଅଭିଯୁକ୍ତ ଏଭଳି କାଣ୍ଡ ଭିଆଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଆଇପିସି ଦଫା ୩୦୨ ଓ ୩୦୭ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଏକ କେସ୍ (ନଂ. ୨୮/୨୨) ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବୃଷିଆର ଉଗ୍ରବାଦ

# ବାଘ ମୁହଁରୁ ଭାଉଜଙ୍କୁ ବଞ୍ଚାଇଲେ ଦିଅର

**ବିଶୋଇ/ ରାଇରଙ୍ଗପୁର, ୧୬।୩ (ଡି.ଏନ.ଏ)**

ଅନ୍ଧାର ରାତିରେ ହଠାତ୍ ଝାମ୍ପି ପଡ଼ିଲା କଲରାପତରିଆ ବାଘ। ବାହାରକୁ ଉଠିଥିବା ମହିଳା ଜଣକ ଜୀବନ ବିକଳରେ ଚିତ୍କାର କରିବାରୁ ବଞ୍ଚାଇବାକୁ ଧାଇଁ ଆସିଲେ ତାଙ୍କ ଦିଅର। ଚାଲିଲା ବାଘ-ମଣିଷ ଲଢ଼େଇ। ଶେଷରେ ହାର୍ ମାନି ପାଖ ଜଙ୍ଗଲକୁ ପଳାଇଲା ହିଂସ୍ର ପ୍ରାଣୀଟି। ବାଘ ମୁହଁରୁ ସିନା ଭାଉଜ ଓ ଦିଅର ବର୍ତ୍ତିଗଲେ, ହେଲେ ତାର ମୁନିଆ ଦାନ୍ତ ଓ ନଖ ଆମ୍ପୁଡ଼ାରେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳର ରାଜାବସା ବିଟ୍‌ଅଧୀନ ତାରଣା ଗ୍ରାମରେ।

ଏହି ଗ୍ରାମର ସ୍ୱର୍ଗତ ବସ୍ତା ହାଁସଦାଙ୍କ ସ୍ତ୍ରୀ ମାଇନ ହାଁସଦା(୪୭) ମଙ୍ଗଳବାର ବିଳମ୍ବିତ ରାତିରେ ବାହାରକୁ ଉଠିଥିଲେ। ଏହି ସମୟରେ ଘର ଅଗଣାରେ ଲୁଚି ରହିଥିବା ଏକ କଲରାପତରିଆ ବାଘ ତାଙ୍କୁ ଆକ୍ରମଣ କରିଥିଲା। ପ୍ରାଣ ବିକଳରେ ମାଇନ ☞ପୃଷ୍ଠା-୪



ଆହତ ମାଇନ ହାଁସଦା ଓ ସମାଏ ହାଁସଦା।

# ଗାଡ଼ିର ରେଡିଏଟର ଫାଟି ୩ ଛାତ୍ର ଗୁରୁତର

**ମାର୍ଶାଘାଇ,୧୬।୩(ଡି.ଏନ.ଏ.)**

ବୁଧବାର ପୂର୍ବାହ୍ନ ୯ଟାରେ ଏକ ଘରୋଇ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଥିବା ଗାଡ଼ିର ରେଡିଏଟର ହଠାତ୍ ଫାଟିଯିବାରୁ ୩ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ସେମାନଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ଛାତ୍ରମାନେ ହେଲେ ପ୍ରିୟାଂଶୁ ଦାସ (୧୦), ବୀରେନ ବେହେରା (୯), ସତ୍ୟଜିତ ସାହୁ (୧୨)। ଆହତମାନେ ମାର୍ଶାଘାଇର ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲର ଛାତ୍ର। ସେମାନେ ପ୍ରତିଦିନ ଏକ ଟାଟା ମ୍ୟାଜିକ (ନଂ. ଓଡି୦୪-ବି-୩୭୪୩)ରେ ସ୍କୁଲକୁ ଯିବା ଆସିବା କରନ୍ତି। ବୁଧବାର ସେମାନେ ସ୍କୁଲ ଆସୁଥିବା ବେଳେ ☞ପୃଷ୍ଠା-୪










## ସୁଟ୍‌କେସ୍‌ରୁ ମିଳିଲା ମଡେଲଙ୍କ ମୃତଦେହ



### ପୁଟିନ୍‌ଙ୍କୁ ପାଗଳ କହିଥିଲେ

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ପାଗଳ କହିଥିବା ଜଣେ ରୁଷୀୟ ମଡେଲଙ୍କ ମୃତଦେହ ଏକ ସୁଟ୍‌କେସ୍‌ରୁ ମିଳିଛି। ସେ ହେଲେ ୨୩ ବର୍ଷୀୟା ଗ୍ରେଟା ଭେଡ୍‌ଲର। ସୋସିଆଲ ମିଡିଆରେ ପୁଟିନ୍ ବିରୋଧୀ କ୍ୟାମ୍ପେନବେଳେ ପ୍ରାୟ ବର୍ଷେ ପୂର୍ବରୁ ଗ୍ରେଟା ନିଖୋଜ ହୋଇଯାଇଥିଲେ। ତେବେ ଗ୍ରେଟାଙ୍କ ପୂର୍ବତନ ପ୍ରେମିକ ଡିମିଟ୍ରି କୋରୋଭିନ୍ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ହତ୍ୟା ପରେ ଡିମିଟ୍ରି ମୃତଦେହ ସହ ୩ ରାତି କାଟିଥିଲେ। ତାହାକୁ ସେ ଏକ ସୁଟ୍‌କେସ୍‌ରେ ରଖିଥିଲେ। ଗ୍ରେଟା ବଞ୍ଚିଛନ୍ତି ବୋଲି ସମସ୍ତଙ୍କୁ ବିଶ୍ୱାସ ଦେବା ନିମନ୍ତେ ଡିମିଟ୍ରି ବାକ୍ସରୁ ମୃତଦେହର ଫଟୋ ପୋଷ୍ଟ କରୁଥିଲେ ବୋଲି ପୋଲିସ ଆଗରେ ମାନିଛନ୍ତି।



ରୁଷିଆ ଆକ୍ରମଣରେ ନିହତ ହୋଇଥିବା ୟୁକ୍ରେନ୍ ସୈନ୍ୟଙ୍କ ସ୍ମୃତିରେ କ୍ରନ୍ଦନରତ ଜଣେ ମହିଳା।

## ୟୁରୋପ ପରିଷଦର ମାନବାଧିକାର ସଂସ୍ଥାରୁ ରୁଷିଆ ବିଦା

ୟୁରୋପ ପରିଷଦର ମାନବାଧିକାର ସଂସ୍ଥାରୁ ରୁଷିଆକୁ ବୁଧବାର ବିଦା କରାଯାଇଛି। ୪୭ ରାଷ୍ଟ୍ରକୁ ନେଇ ଗଠିତ ଏହି ସଂସ୍ଥାର ମନ୍ତ୍ରୀସ୍ତରୀୟ କମିଟି ଏ ନେଇ ଏକ ମିଳିତ ବିବୃତି ଜାରି କରିଛନ୍ତି। ୨୬ ବର୍ଷ ଧରି ରୁଷିଆ ଏହି ସଂସ୍ଥାର ସଦସ୍ୟ ରହିଥିବାବେଳେ ଏବେ ତାହାର ମେମ୍ବରଶିପ୍ ରଦ୍ଦ କରାଯାଉଥିବା ଏଥିରେ କୁହାଯାଇଛି। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## ଜିତିପାରିବନି ରୁଷିଆ: ବାଇଡେନ୍

**ୱାଶିଂଟନ୍, ୧୬।୩:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୁଧବାର ୟୁକ୍ରେନ୍‌କୁ ୮ ଶହ ନିୟୁତ ଡଲାରର ଯୁଦ୍ଧାସ୍ତ୍ର ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଆମେରିକା କଂଗ୍ରେସରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଭାବାବେଗପୂର୍ଣ୍ଣ ସମ୍ବୋଧନ କରି ବାଇଡେନ୍ ଶାନ୍ତିର ନେତୃତ୍ୱ ନିଅନ୍ତୁ ଏବଂ ୟୁକ୍ରେନ୍‌ର ସୁରକ୍ଷା ପାଇଁ ଅଧିକ କିଛି କରନ୍ତୁ ବୋଲି କହିଥିଲେ। ଏହା ପରେ ବାଇଡେନ୍ ୟୁକ୍ରେନ୍ ପ୍ରସଙ୍ଗରେ ଅଭିଭାଷଣ ରଖିଥିଲେ। ୟୁକ୍ରେନକୁ କେବେ ବି ରୁଷିଆ ଜିତିପାରିବନି ବୋଲି ସୁନିଶ୍ଚିତ କରିବା ପାଇଁ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ରକୁ ଆମେରିକା କ୍ରମାଗତ ସହାୟତା ପ୍ରଦାନ କରୁଛି।



### ୮୦୦ ନିୟୁତ ଡଲାରର ଅସ୍ତ୍ର ପଠାଇବ ଆମେରିକା

ସଦ୍ୟ ଘୋଷଣା କ୍ରମେ ଆମେରିକା ୟୁକ୍ରେନ୍‌କୁ ଦେବାକୁ ଥିବା ଯୁଦ୍ଧାସ୍ତ୍ର ମଧ୍ୟରେ ୮୦୦ ଆଣ୍ଟାଇ-ଏୟାରକ୍ରାଫ୍ଟ ସିଷ୍ଟମ, ୯,୦୦୦ ଆଣ୍ଟାଇ-ଆର୍ମର ସିଷ୍ଟମ, ମେଶିନ୍‌ଗନ୍, ଶଟ୍‌ଗନ୍, ଗ୍ରେନେଡ୍ ଲଞ୍ଚର, ୨ କୋଟି ଗୁଳି ଆଦି ସାମିଲ ରହିଛି।

# ରୁଷିଆ ଆକ୍ରମଣ ବନ୍ଦ କରୁ: ଆଇସିଜେ

**ହେଗ୍, ୧୬।୩:**

ରୁଷିଆ ତୁରନ୍ତ ୟୁକ୍ରେନ୍ ଉପରେ ଆକ୍ରମଣ ବନ୍ଦ କରୁ ବୋଲି ନେଦରଲାଣ୍ଡସ୍‌ର ହେଗ୍‌ସ୍ଥିତ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ) ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥିତି ଅଧିକ ଖରାପ ହେବା ଭଳି କାର୍ଯ୍ୟରୁ ଉଭୟ ପକ୍ଷ ନିବୃତ୍ତ ରୁହନ୍ତୁ। ଏଥିସହ କୌଣସି ରାଷ୍ଟ୍ର ରୁଷିଆକୁ ସାମରିକ ସହାୟତା ନ ଯୋଗାଇବା ପାଇଁ ନିର୍ଦ୍ଦେଶ ରହିଛି। ତେବେ ଏହାକୁ ରୁଷିଆ ମାନିବ କି ନାହିଁ ତାହା ସନ୍ଦେହ।

ଆକ୍ରମଣ ବନ୍ଦ ପାଇଁ ରୁଷିଆକୁ ନିର୍ଦ୍ଦେଶ ଦେବା ଲାଗି ୟୁକ୍ରେନ୍ ଜାତିସଂଘର ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲା। ଆଇସିଜେ ବିଚାରପତିମାନେ ଏହାର ଶୁଣାଣି କରି ସଂଖ୍ୟାଗରିଷ୍ଠ ୧୩:୨ ରାୟ ଦେଇଛନ୍ତି। ଫେବୃୟାରୀ ୨୪ରେ ରୁଷିଆ ଆରମ୍ଭ କରିଥିବା ସାମରିକ ଅଭିଯାନକୁ ତୁରନ୍ତ ବନ୍ଦ କରିବା ଜରୁରୀ ବୋଲି ଏଥିରେ କୁହାଯାଇଛି। ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଏହା ହେଉଛି ପ୍ରଥମ ନ୍ୟାୟିକ ନିର୍ଦ୍ଦେଶ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରାୟକୁ ସ୍ୱାଗତ କରି ଟୁଇଟରରେ ଲେଖିଛନ୍ତି, ଆଇସିଜେରେ ୟୁକ୍ରେନ୍ ରୁଷିଆ ବିରୋଧରେ ସମ୍ପୂର୍ଣ୍ଣ ବିଜୟ ହାସଲ କରିଛି। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ମସ୍କୋ ଏହାର ଅନୁପାଳନ କରିବାକୁ ବାଧ୍ୟ। ଏହାକୁ ଅବଜ୍ଞା କଲେ ରୁଷିଆ ଆଗକୁ ଏକଘରକିଆ ହୋଇଯିବ। ପ୍ରକାଶ ଯେ, ମସ୍କୋ ପୂର୍ବ ୟୁକ୍ରେନ୍‌ର ଡୋନେସ୍କ ଓ ଲୁହାନ୍‌ସ୍କ ଅଞ୍ଚଳରେ ଗଣହତ୍ୟା କରାଯାଉଥିବା କହି ବେଆଇନ ଭାବେ ଯୁଦ୍ଧର ଯଥାର୍ଥତା ପ୍ରତିପାଦିତ କରିବାକୁ ଉଦ୍ୟମ ଚଳାଇଛି ବୋଲି କ୍ୱିଭ୍ ଅଭିଯୋଗ ଆଣିଛି। ୟୁକ୍ରେନ୍‌ର ପ୍ରତିନିଧି ଆଣ୍ଟୋନ୍ କୋରିନେଭିକ୍ ତୁରନ୍ତ ମିଲିଟାରୀ ଅପରେଶନ ବନ୍ଦ ନିର୍ଦ୍ଦେଶ ଦାବି କରି ଆଇସିଜେ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ଏହି ଅନ୍ତର୍ଜାତୀୟ ବିବାଦର ଶୁଣାଣିବେଳେ ରୁଷିଆ କୋର୍ଟ ବର୍ଜନ କରିଥିଲା। ଜାତିସଂଘର ୧୯୪୮ ଜେନୋସାଇଡ୍ କନ୍‌ଭେନଶନ୍ ପରିଧିରେ ୟୁକ୍ରେନ୍‌ର ନିବେଦନ ଆସୁ ନ ଥିବାରୁ ଆଇସିଜେ ଏହାର ଶୁଣାଣି କରିପାରିବେ ନାହିଁ ବୋଲି ମସ୍କୋ ଯୁକ୍ତି ବାଢ଼ିଥିଲା।





ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତରେ ଶୁଣାଣି ଚାଲିଥିବାବେଳେ ବାହାରେ ୟୁକ୍ରେନ୍ ସପକ୍ଷବାଦୀମାନେ ବିକ୍ଷୋଭ କରୁଛନ୍ତି।

## ପୁଟିନ୍-ଜେଲେନ୍‌ସ୍କି ବୈଠକରେ ନିଷ୍କର୍ଷ ବାହାରିବା ଜରୁରୀ

**ମସ୍କୋ, ୧୬।୩:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ବୈଠକ ହେବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ଏହି ବୈଠକରେ କୌଣସି ନିର୍ଦ୍ଦିଷ୍ଟ ଚୁକ୍ତି ସ୍ୱାକ୍ଷର ହେବା ଉଚିତ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍‌ଗି ଲାଭ୍ରୋଭ୍ କହିଛନ୍ତି। ପୁଟିନ୍-ଜେଲେନ୍‌ସ୍କିଙ୍କ ଆଲୋଚନା ଫଳପ୍ରଦ ହୋଇପାରିବା ଭଳି ପରିସ୍ଥିତି ସୃଷ୍ଟି କରିବା ସହ ବୁଝାମଣା ସୁନିଶ୍ଚିତ କରିବା ନିମନ୍ତେ ଉଭୟ ପକ୍ଷର ପ୍ରତିନିଧି ଉଦ୍ୟମ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ବିଶ୍ୱ ଅର୍ଥନୀତି ଉପରେ ଡେମୋକ୍ଲିସ୍ ଖଣ୍ଡା



ଆଣ୍ଟୋନିଓ ଗୁଟେରେସ୍

### ଚେତାଇଲା ଜାତିସଂଘ

**ଜାତିସଂଘ, ୧୬।୩**

ରୁଷିଆର ଆକ୍ରମଣ ଯୋଗୁ କେବଳ ୟୁକ୍ରେନ୍ ନୁହେଁ, ବରଂ ସାରା ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି। ବିଶେଷକରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଖାଦ୍ୟ, ତୈଳ ଓ ସାର ଦାମ ଆକାଶଛୁଆଁ ହେବାରେ ଲାଗିଛି। ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଛି। ଆମଦାନୀ କରାଯାଉଥିବା ସାମଗ୍ରୀଗୁଡ଼ିକ ବିଳମ୍ବରେ ପହଞ୍ଚୁଛି। ଖାଦ୍ୟ ଓ କୃଷି ସଙ୍ଗଠନ (ଏଫ୍‌ଏଓ)ର ବୈଶ୍ୱିକ ଖାଦ୍ୟ ମୂଲ୍ୟ ସୂଚକାଙ୍କ ଏହାର ସର୍ବୋଚ୍ଚ ସ୍ତରରେ ରହିଛି ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଚିନ୍ତାବ୍ୟକ୍ତ କରିଛନ୍ତି। ଗୁଟେରେସ୍ କହିଛନ୍ତି, ଏହା ହେଉଛି ବିପଦରେ ଥିବା ଲୋକଙ୍କ ବିରୋଧରେ ଯୁଦ୍ଧ। ମୋଟାମୋଟି ଭାବେ ଦେଖିଲେ ବିଶ୍ୱ ଅର୍ଥନୀତି ଉପରେ ଡେମୋକ୍ଲିସ୍ ଖଣ୍ଡା ଝୁଲୁଛି। ଏଭଳି ସ୍ଥିତି ଲାଗିରହିଲେ ସାରା ବିଶ୍ୱରେ ରାଜନୈତିକ ଅସ୍ଥିରତା ଓ ଅଶାନ୍ତି ଦେଖାଦେବ ବୋଲି ସେ ଚେତାଇଦେଇଛନ୍ତି। ଯୁଦ୍ଧଜନିତ ସଙ୍କଟ ଦୂର କରିବା ଲାଗି ଖାଦ୍ୟ, ଶକ୍ତି ଓ ଅର୍ଥ ଉପରେ ଏକ ଗ୍ଲୋବାଲ କ୍ରାଇସିସ୍ ରେସ୍‌ପନ୍ସ ଗ୍ରୁପ୍ ଗଠନ କରିବା ନେଇ ଗୁଟେରେସ୍ ଘୋଷଣା କରିଛନ୍ତି।



ରୁଷିଆ ଆକ୍ରମଣରେ ଖର୍କିଭରେ ଥିବା ଏକ ବିଲ୍ଡିଂରେ ନିଆଁ ଲିଭାଉଛନ୍ତି ଜଣେ ୟୁକ୍ରେନ ଅଗ୍ନିଶମ କର୍ମଚାରୀ।



ଲିଭ୍‌ର ଏକ ରେଳ ଷ୍ଟେଶନରେ ପୋଲାଣ୍ଡ ଅଭିମୁଖେ ଯାଉଥିବା ୟୁକ୍ରେନ ନାଗରିକମାନେ।

### ଆତ୍ମରକ୍ଷାର ୨୧ ଦିନ

# ଭଗ୍ନାବଶେଷ ତଳେ ଜୀବନ

**କ୍ୱିଭ୍, ୧୬।୩**

ଜିଦ୍‌ରେ ଅଟଳ ରୁଷିଆ ୨୧ ଦିନ ଧରି ୟୁକ୍ରେନ୍‌ରେ ଗୁଳିଗୋଳା, କ୍ଷେପଣାସ୍ତ୍ର ବର୍ଷା କରିଚାଲିଛି। ଆକ୍ରମଣରୁ ବାଦ୍ ପଡ଼ିନାହାନ୍ତି ସାଧାରଣ ନାଗରିକ, ସେମାନଙ୍କ ଘରବାରି। ଶିଶୁ, ମାତୃ ହସ୍ପିଟାଲ ସହ ଅନ୍ୟ ଡାକ୍ତରଖାନା, ସ୍କୁଲ, ଶତାଧିକ ବହୁତଳପ୍ରାସାଦ ବିଶିଷ୍ଟ ରେସିଡେନ୍ସିଆଲ କୋଠା ସବୁ ପାଲଟିଛନ୍ତି ଧ୍ୱଂସସ୍ତୂପ। ଯୁଦ୍ଧ ଆରମ୍ଭରୁ ୩୦ ଲକ୍ଷ ଲୋକ ୟୁକ୍ରେନ୍ ଛାଡ଼ି ଶରଣ ଆଶାରେ ପହଞ୍ଚିଛନ୍ତି ସୀମାନ୍ତ ଦେଶରେ। ଘର ଛାଡ଼ିବାବେଳେ ମଧ ରୁଷିଆର ଟାର୍ଗେଟରୁ ବର୍ତ୍ତିନପାରି ହଜାର ହଜାର ନାଗରିକ ପ୍ରାଣ ହରାଇସାରିଲେଣି। ପ୍ରତି ସେକେଣ୍ଡରେ ୟୁକ୍ରେନ୍‌ର ଜଣେ ଶିଶୁ ଶରଣାର୍ଥୀ ପାଲଟୁଛନ୍ତି। ଅନେକେ ଭିଟାମାଟି ମୋହ ଛାଡ଼ି ନ ପାରି ଯେନତେନ ଉପାୟରେ ଜୀବନ ବଞ୍ଚାଇ ସେଠାରେ ପଡ଼ି ରହିଛନ୍ତି। ଯୋଗାଯୋଗ, କାରବାର ଠପ୍ ଯୋଗୁ ଖାଦ୍ୟପାନୀୟ, ଔଷଧ ସମେତ ଜରୁରୀ ମୌଳିକ ସାମଗ୍ରୀ ଏକ ପ୍ରକାର ଅପହଞ୍ଚ ସତ୍ତ୍ୱେ ଆତ୍ମରକ୍ଷା ଓ ଦେଶ ବଞ୍ଚାଇବା ନିମନ୍ତେ ଶକ୍ତିଶାଳୀ ରୁଷୀୟ ସୈନ୍ୟଙ୍କ ବିରୋଧରେ ଲଢ଼ିବା ପାଇଁ ସାଧାରଣ ନାଗରିକ ଅସ୍ତ୍ର ଉଠାଇଛନ୍ତି। ୨୧ ଦିନର ଧ୍ୱଂସଲୀଳା ମଧ୍ୟରେ ଏବେ ବି ଭଗ୍ନାବଶେଷରୁ ପୁଣି ଜୀବନ ସାଉଁଟିବାକୁ ଉଦ୍ୟମ କରୁଛନ୍ତି ସାହସୀ ୟୁକ୍ରେନ୍‌ବାସୀ।

ୟୁକ୍ରେନ୍ ଉପରେ ରୁଷିଆ ବୁଧବାର ଅଧିକ ଆକ୍ରମଣାତ୍ମକ ହୋଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ନେତୃତ୍ୱାଧୀନ ସରକାରଙ୍କୁ ହଟାଇବା ପାଇଁ ରୁଷୀୟ ସୈନ୍ୟ କ୍ୱିଭ୍‌ସ୍ଥିତ ସରକାରୀ କୋଠା ଓ ଆବାସିକ ଆପାର୍ଟମେଣ୍ଟଗୁଡ଼ିକ ଉପରେ ତୁହାକୁ ତୁହା ମିଶାଇଲ ଓ ଆର୍ଟିଲେରି ନିକ୍ଷେପ କରୁଛନ୍ତି। ଫଳରେ ବିଶାଳକାୟ ବିଲ୍ଡିଂଗୁଡ଼ିକ ଜଳିଉଠୁଛି। ରାଜଧାନୀ କ୍ୱିଭ୍ ଓ ଏହାର ଆଖପାଖ ଅଞ୍ଚଳ ଆକାଶରେ ଧୂଆଁର ବଳୟ ସୃଷ୍ଟି ହୋଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସୈନ୍ୟ ଦିନକୁ ଦିନ ଉଗ୍ର ହେବାରେ ଲାଗିଛନ୍ତି। ସେମାନଙ୍କ ବୋମାମାଡ଼ରେ ୟୁକ୍ରେନ୍‌ର ଅନେକ ସହର ଧୂଳିସାତ୍ ହୋଇଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି କ୍ୱିଭ୍, ଖର୍କିଭ୍, ମାରିଉପୋଲ ଓ ଖେରସନ୍ ସହର। କ୍ୱିଭ୍‌ର ୮୦ କି.ମି. ଉତ୍ତରରେ ତଥା ବେଲାରୁଷ ସୀମା ସଂଲଗ୍ନ ଇଭାଙ୍କିଭ୍ ସିଟିକୁ ରୁଷିଆ ସୈନ୍ୟ ଦଖଲ କରିସାରିଛନ୍ତି। କୃଷ୍ଣସାଗରର ଖେରସନ ବନ୍ଦର ସହରରେ ଶକ୍ତିଶାଳୀ ବିସ୍ଫୋରଣର ଶବ୍ଦ ଶୁଭୁଛି। ସମ୍ପୃକ୍ତ ଅଞ୍ଚଳ ମାନବୀୟ ସଙ୍କଟର ଦ୍ୱାର ଦେଶରେ ଛିଡ଼ାହୋଇଥିବା ଜେଲେନ୍‌ସ୍କି କହିଛନ୍ତି। ତେବେ ରୁଷିଆ ପୂର୍ବାପେକ୍ଷା ବାସ୍ତବବାଦୀ ଆଭିମୁଖ୍ୟ ନେଇ ଏବେ ଆଲୋଚନା କରୁଥିବା ଜେଲେନ୍‌ସ୍କି ମତ ଦେଇଛନ୍ତି। ଜାତିସଂଘର ଆକଳନ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୩୦ ଲକ୍ଷ ୟୁକ୍ରେନୀୟ ଦେଶ ଛାଡ଼ି ପଳାୟନ କଲେଣି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ହେଉଛି ୟୁରୋପର ସବୁଠୁ ବଡ଼ ଶରଣାର୍ଥୀ ସଙ୍କଟ। ରୁଷିଆର ଏହି ଆକ୍ରମଣ ଯୋଗୁ ୟୁକ୍ରେନ୍‌ର ନଷ୍ଟ ହୋଇଯାଇଥିବା ସମ୍ପତ୍ତିର ପରିମାଣ ୧୨୦ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱ ବୋଲି ଆକଳନ କରାଯାଇଛି।



### ଅଧିକ ସାହାଯ୍ୟ ମାଗିଲେ ଜେଲେନ୍‌ସ୍କି



ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ କ୍ୱିଭ୍‌ର ଏକ ରେସିଡେନ୍ସିଆଲ ବିଲ୍ଡିଂ ଧ୍ୱସ୍ତବିଧ୍ୱସ୍ତ।

## ପୁଟିନ୍ ଯୁଦ୍ଧ ଅପରାଧୀ

**ୱାଶିଂଟନ୍, ୧୬।୩:**



### ତଦନ୍ତ ପାଇଁ ଆମେରିକା ସିନେଟରେ ପ୍ରସ୍ତାବ ପାରିତ

ୟୁକ୍ରେନ୍ ଆକ୍ରମଣ କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଯୁଦ୍ଧ ଅପରାଧ କରିଛନ୍ତି ବୋଲି ଆମେରିକା ନିନ୍ଦା କରିଛି। ଏହାର ତଦନ୍ତ କରି ଅପରାଧ ସାବ୍ୟସ୍ତ ନିମନ୍ତେ ଆମେରିକା ସିନେଟ୍‌ରେ ମଙ୍ଗଳବାର ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ପାରିତ ହୋଇଛି। ବିରୋଧୀ ଦଳର ସଦସ୍ୟମାନେ ମଧ ଏହି ପ୍ରସଙ୍ଗରେ ଏକସ୍ୱର ଆପଣାଇଛନ୍ତି। ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହମ ଆଣିଥିବା ଏହି ପ୍ରସ୍ତାବକୁ ଉଭୟ ଶାସକ ଓ ବିରୋଧୀ ଦଳ ସମର୍ଥନ ଦେଇ ତଦନ୍ତ ନିମନ୍ତେ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି)କୁ ପ୍ରୋତ୍ସାହିତ କରିଛନ୍ତି। ଏଥିସହ ୟୁକ୍ରେନ୍ ଆକ୍ରମଣରେ ସମ୍ପୃକ୍ତ ରହି ଯୁଦ୍ଧ ଅପରାଧ କରିଥିବା ରୁଷିଆ ସେନା ବିରୋଧରେ ହେବାକୁ ଥିବା ତଦନ୍ତରେ ଅନ୍ୟଦେଶଗୁଡ଼ିକ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଛି। ୟୁକ୍ରେନ୍ ଲୋକଙ୍କ ଉପରେ ହୋଇଥିବା ଅତ୍ୟାଚାର ପାଇଁ ପୁଟିନ ଉତ୍ତରଦାୟୀ ରହିବେ ବୋଲି ଆମେରିକା ସିନେଟ୍‌ରେ ମତ ପ୍ରକାଶ ପାଇଛି।

ଅନ୍ୟପକ୍ଷେ ଯୁଦ୍ଧ ଭିତରେ ବି ଶାନ୍ତି ପାଇଁ କୂଟନୈତିକ ଉଦ୍ୟମ ଜାରି ରହିଛି। ଚତୁର୍ଥ ପର୍ଯ୍ୟାୟ ଆଲୋଚନାକୁ ଜେଲେନ୍‌ସ୍କି 'ଅଧିକ ବାସ୍ତବବାଦୀ' ବୋଲି ଅଭିହିତ କରିବା ପରେ ବୁଧବାର ରୁଷିଆ ଓ ୟୁକ୍ରେନ୍ ପ୍ରତିନିଧି ଦଳ ପୁନର୍ବାର ବୈଠକ କରିଛନ୍ତି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍ଗେ ଲାଭ୍ରୋଭ୍ କହିଛନ୍ତି, କୂଟନୈତିକ ଆଲୋଚନାରୁ 'ବିଜିନେସ୍ ଭଳି ସ୍ପିରିଟ୍' ବାହାରିଛି। ଇତିମଧ୍ୟରେ ଜେଲେନ୍‌ସ୍କି ଆମେରିକା କଂଗ୍ରେସକୁ ସମ୍ବୋଧନ କରି ରୁଷିଆ ବିରୋଧରେ ଅଧିକ ସାମରିକ ସହାୟତା ଯୋଗାଇବାକୁ ଦାବି କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୬,୨୭,୯୨,୪୧୮ | ୬୦,୭୬,୨୪୭ | ୩୯,୫୭,୧୯,୧୦୪ |
| ଭାରତ | ୪,୨୯,୯୮,୯୩୮ | ୫,୧୬,୧୦୩ | ୪,୨୪,୫୦,୦୫୫ |
| ଓଡ଼ିଶା | ୧୨,୮୬,୮୫୨ | ୯୧୧୫(+୫୩) | ୧୨,୭୭,୦୪୫ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଗୁଣାତ୍ମକ ସାମଗ୍ରୀ ଯୋଗାଇବା ମୂଳ ଲକ୍ଷ୍ୟ

**ଏକ ମଧବିତ୍ତ ପରିବାରରେ ଜନ୍ମିତ। କିନ୍ତୁ କିଛି ନୂଆ କରିବା ପାଇଁ ମନରେ ଆଗ୍ରହ ରହିଥାଏ। ତେଣୁ ବାପାଙ୍କ ପ୍ରେରଣାକୁ ପୁଞ୍ଜିକରି ୧୫ ବର୍ଷ ତଳେ ବ୍ୟବସାୟ ଆରମ୍ଭ କରିଥିଲେ ଇଂ ସଞ୍ଜୟ କୁମାର ଦାସ। ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ହରି ପ୍ଲାଷ୍ଟ ପ୍ରାଇଭେଟ୍ ଲିମିଟେଡ୍ ଆଜି ସାରା ଦେଶରେ ଏକ ଅଗ୍ରଣୀ ପ୍ଲାଷ୍ଟିକ୍ ଉପକରଣ ଉତ୍ପାଦନକାରୀ ଉଦ୍ୟୋଗ ଭାବେ ସୁନାମ ଅର୍ଜିଛି। ସେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଧରିତ୍ରୀକୁ ସାକ୍ଷାତ୍କାର ଦେଇ କହିଛନ୍ତି।**



ଇଂ ସଞ୍ଜୟ କୁମାର ଦାସ, ନିର୍ଦ୍ଦେଶକ, ହରି ପ୍ଲାଷ୍ଟ ପ୍ରା.ଲିଃ.

**❖ ଇଞ୍ଜିନିୟରିଂ ପଢ଼ି ବ୍ୟବସାୟ କରିବାକୁ କାହିଁକି ମନ ବଳାଇଲେ?**

ମଧବିତ୍ତ ପରିବାରରେ ଜନ୍ମ ହୋଇଥିଲେ ବି ମୋର କିଛି ଆଶା ଥିଲା। ବାପା କହୁଥିଲେ, ପାଠପଢ଼ା ସାରି ଆତ୍ମନିର୍ଭରଶୀଳ ହେବାକୁ। ପିଲାବେଳେ ଭଲ ପାଠ ପଢୁଥିଲି ବୋଲି ସମସ୍ତେ ଇଞ୍ଜିନିୟରିଂ କରିବାକୁ ପରାମର୍ଶ ଦେଇଥିଲେ। ଇଞ୍ଜିନିୟରିଂ ପଢ଼ା ଶେଷକରି ବାପାଙ୍କ ସହ ମିଶି ଏକ ଛୋଟ ଉଦ୍ୟୋଗ ପ୍ରତିଷ୍ଠା କଲି। ପ୍ରତି ବର୍ଷ କିଛି ନୂଆ ବ୍ୟବସାୟ ସହ ଯୋଡ଼ିହୋଇ ନିଜ ବ୍ୟବସାୟକୁ ଧୀରେ ଧୀରେ ଆଗକୁ ବଢ଼ାଇଥିଲି। ଏକ ଛୋଟ ଉଦ୍ୟୋଗରୁ ନେଇ ବଡ଼ ବଡ଼ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ଭାବେ ଆଉ ଟିକେ ଆଗକୁ ବଢ଼ିବା ପରେ ଅନ୍ୟ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ପାଦ ଦେଇଥିଲି। ଦୀର୍ଘ ୧୫ ବର୍ଷ ପରେ ହରି ପ୍ଲାଷ୍ଟ ନାମରେ ଏକ କମ୍ପାନୀ ଛିଡ଼ା କରିଥିଲି। ବାପାଙ୍କ ପ୍ରେରଣା ଓ ପରିବାର ଲୋକଙ୍କ ସହଯୋଗ ବଳରେ ବ୍ୟବସାୟରେ ପାରଦର୍ଶିତା ଲାଭ କରିଛି।

**❖ କୋଭିଡ୍ ମହାମାରୀ କମ୍ପାନୀର ବ୍ୟବସାୟକୁ କିପରି ପ୍ରଭାବିତ କରିଛି?**

ପ୍ଲାଷ୍ଟିକ ଉତ୍ପାଦ ସବୁ ବର୍ଗଙ୍କ ନିତିଦିନିଆ ବ୍ୟବହାର ସାମଗ୍ରୀ। ଏହାର ବଜାର ବ୍ୟବସ୍ଥା ଭଲ ଥିଲେ ମଧ ପ୍ରତିଯୋଗିତାମୂଳକ ବ୍ୟବସାୟରେ ତିଷ୍ଠି ରହିବା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛି। ମହାମାରୀ ପୂର୍ବରୁ ଏହି ବ୍ୟବସାୟ ଆଶାନୁରୂପ ଥିଲା, କିନ୍ତୁ କୋଭିଡ୍ ପରେ ବ୍ୟବସାୟୀମାନେ ଅନେକ ସମସ୍ୟାରେ ଫସି ରହିଛନ୍ତି। ବୃହତ୍ କମ୍ପାନୀଗୁଡ଼ିକ ମଧ ବେପାର ବଞ୍ଚାଇବା ପାଇଁ ବଜାରରେ ଲୋଭନୀୟ ଅଫର୍ ସାଙ୍ଗକୁ ବକେୟା ରଖି ବ୍ୟବସାୟ କରୁଛନ୍ତି। ଏଥିଲାଗି ମଧ୍ୟମ ବର୍ଗର ସଂସ୍ଥାଗୁଡ଼ିକ ମଧରେ ପ୍ରତିଯୋଗିତା ତୀବ୍ର ହୋଇଛି।

**❖ ପ୍ରତିଯୋଗିତାମୂଳକ ବ୍ୟବସାୟରେ ହରି ପ୍ଲାଷ୍ଟ ଉତ୍ପାଦ କାହିଁକି ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିଛି ?**

ବର୍ତ୍ତମାନ ପ୍ଲାଷ୍ଟିକ ବଜାର ଏକ ଘଡିସନ୍ଧି ସମୟ ଦେଇ ଗତିକରୁଛି। ଏହା ଭିତରେ ବଜାର ବ୍ୟବସ୍ଥାକୁ ଧରି କାରବାର କରିବାକୁ ଚେଷ୍ଟା ଜାରି ରହିଛି। କମ୍ପାନୀର ମୂଳ ଲକ୍ଷ୍ୟ ଅନୁସାରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ସାମଗ୍ରୀ ଯୋଗାଇବା ଓ ବ୍ୟବସାୟ କ୍ଷେତ୍ରରେ ସାଧୁତା ଅବଲମ୍ବନକୁ ଗୁରୁତ୍ୱ ଦେଇଛୁ। ଫଳରେ ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହିତ ବ୍ୟବସାୟରେ ମଧ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛୁ।

**❖ କମ୍ପାନୀର ଆଗାମୀ ଯୋଜନା କ'ଣ ରହିଛି?**

କମ୍ପାନୀ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ବିନିଯୋଗ ସହ ବ୍ୟବସାୟ ଜାରି ରଖିଛି। କିଛି ବ୍ୟବସାୟ ଭଲ ଥିବାବେଳେ ଆଉ କିଛି ମାନ୍ଦାରେ ଚାଲିଛି। ତଥାପି ଚଳିତ ଆର୍ଥିକବର୍ଷରେ ଅଟୋମୋବାଇଲ ଏବଂ ଗ୍ୟାସ୍ ପାଇପ୍‌ଲାଇନ ଭଳି ବ୍ୟବସାୟରେ ପ୍ରବେଶ ପାଇଁ ପଦକ୍ଷେପ ନିଆଯାଉଛି। ପୂର୍ବ ବ୍ୟବସାୟଗୁଡ଼ିକର ସମ୍ପ୍ରସାରଣ କରିବା ଯୋଜନା ମଧ ରହିଛି।

**❖ ବ୍ୟବସାୟ ଓ ବ୍ୟବସ୍ଥାକୁ କିପରି ପରିଚାଳନା କରୁଛନ୍ତି?**

ବ୍ୟବସାୟ କଲେ ବ୍ୟବସ୍ଥା ସହ ମିଶି କାର୍ଯ୍ୟ କରିବାକୁ ପଡ଼ିଥାଏ। ସରକାରୀ କଳ ହେଉ କିମ୍ବା ନିଜ ପ୍ରତିଷ୍ଠାନ, ବିଧି ଅନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ। ସର୍ବୋପରି ନୀତି ନିୟମ ଅନୁସାରେ ବ୍ୟବସାୟ କଲେ ଏହାର ପରିସର ବୃଦ୍ଧି ପାଇଥାଏ। ବ୍ୟବସାୟରେ ଲୋକସମ୍ପର୍କ ଓ ଗୁଣାତ୍ମକ ସାମଗ୍ରୀ ଉପରେ କମ୍ପାନୀ ଗୁରୁତ୍ୱ ଦେଇଆସିଛି।

**❖ ଅବସର ସମୟରେ କ'ଣ କରିବାକୁ ଭଲ ପାଆନ୍ତି?**

ସମୟ ବାହାର କରି ସାମାଜିକ ସଙ୍ଗଠନ ଓ କାର୍ଯ୍ୟକ୍ରମ ଆଦିରେ ଯୋଗଦିଏ। ସହଯୋଗ ଓ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନିଆଯାଉଛି। ଆଗକୁ ମଧ ଏଭଳି କାର୍ଯ୍ୟକ୍ରମ ଜାରି ରହିବ। ବ୍ୟବସାୟ କାରଣରୁ ଅନ୍ୟମାନଙ୍କୁ ଅଧିକ ସମୟ ଦେଇ ନ ପାରିଲେ ମଧ ଯଥାସାଧ ସମ୍ଭବ ସେବା କରିବାକୁ ଉଦ୍ୟମ କରିଥାଏ।

ଧରିତ୍ରୀ | OrissaPOST BUSINESS EMINENCE AWARDS




# ଏପ୍ରିଲ ୪ରୁ ସକାଳୁଆ କୋର୍ଟ

**କଟକ ଅଫିସ, ୧୬।୩**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ୪ ତାରିଖରୁ ୪ଟି ଜିଲା ବାଦ୍ ରାଜ୍ୟର ଅନ୍ୟ ସମସ୍ତ ନିମ୍ନ ଅଦାଲତ ସକାଳୁଆ କାର୍ଯ୍ୟ କରିବ । ସକାଳ ୭ଟାରୁ କୋର୍ଟ କାର୍ଯ୍ୟ ଆରମ୍ଭ ହେବା ସହ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ତେବେ ବିଭିନ୍ନ ମାମଲାର ଶୁଣାଣି ସକାଳ ୭ଟା ୩୦ମି. ରୁ ୧୨ଟା ୩୦ମି. ପର୍ଯ୍ୟନ୍ତ ଚାଲୁ ରହିବ । କୋର୍ଟ କାର୍ଯ୍ୟ ସମୟରେ ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ବିରତି ରହିବ । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ସକାଳୁଆ କୋର୍ଟ ଚାଲୁ ରହିବ। ପୁରୀ ସଦର,ଭୁବନେଶ୍ୱର,ବ୍ରହ୍ମପୁର ଏବଂ କୋରାପୁଟ (ସଦର)ଜିଲା କୋର୍ଟ ସକାଳୁଆ କାର୍ଯ୍ୟ ହେବ ନାହିଁ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର(ପ୍ରଶାସନ) ଡ. ଭାଗ୍ୟଲକ୍ଷ୍ମୀ ରଥ ପ୍ରତ୍ୟେକ ଜିଲା ଜଜ୍‌ଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ।









# ପ୍ରଦୀପଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ

## ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଲେ ଲୋକାୟୁକ୍ତ

**ନୂଆଦିଲ୍ଲୀ, ୧୬।୩**

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଦୁର୍ନୀତି ମାମଲାର ପ୍ରାଥମିକ ତଦନ୍ତ ବେଳେ ବିପୁଳ ଆପତ୍ତିଜନକ ସାମଗ୍ରୀ ମିଳିଛି। ଓଡ଼ିଶା ଲୋକାୟୁକ୍ତ ବୁଧବାର ସୁପ୍ରିମକୋର୍ଟଙ୍କୁ ଏନେଇ ଅବଗତ କରାଇଛନ୍ତି। ସର୍ବୋଚ୍ଚ ଅଦାଲତର ଜଷ୍ଟିସ୍ ଅଜୟ ରସ୍ତୋଗି ଏବଂ ଅଭୟ ଏସ୍. ଓକାଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଦୀପଙ୍କ ବିରୋଧରେ ମିଳିଥିବା ତଥ୍ୟ ପ୍ରମାଣର ରେକର୍ଡ ଦାଖଲ ପାଇଁ ଲୋକାୟୁକ୍ତଙ୍କୁ କହିଥିଲେ। ଏଥିସହ ଆଗକୁ ଲୋକାୟୁକ୍ତ କ'ଣ ସବୁ ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଓଡ଼ିଶା ଲୋକାୟୁକ୍ତ ଜଷ୍ଟିସ୍ ଅଜିତ୍ ସିଂଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ଶ୍ରୀବାସ୍ତବ ଶୁଣାଣି ବେଳେ କହିଥିଲେ, ଏହି ମାମଲାର ପ୍ରାଥମିକ ତଦନ୍ତ ଶେଷ ହୋଇଛି। ତଦନ୍ତରେ ଅଗ୍ରଗତି ଆସିଛି। ତେବେ କିଛି ଆପତ୍ତିଜନକ ତଥ୍ୟ ରେକର୍ଡରେ ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବାରୁ କୋଟି କୋଟି ଟଙ୍କାର କାରବାର ହୋଇଥିବା ଆଇନଜୀବୀ ଉତ୍ତର ଦେଇଥିଲେ। ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଲୋକାୟୁକ୍ତଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏପ୍ରିଲ ୬ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ଭିଜିଲାନ୍ସ ବିଭାଗ ପ୍ରଦୀପଙ୍କ ମାମଲାର ତଦନ୍ତ କରୁଥିବାରୁ ତାଙ୍କ ବିରୋଧରେ ଲୋକାୟୁକ୍ତ ପ୍ରାଥମିକ ତଦନ୍ତ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ରାୟ ଦେଇଥିଲେ। ଲୋକାୟୁକ୍ତ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିଶନ (ଏସ୍‌ଏଲ୍‌ପି) ଦାଖଲ କରିଥିଲେ। ଗତ ବର୍ଷ ଏପ୍ରିଲ ୨୩ରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ୨୦୨୦ ଡିସେମ୍ବରରେ ଲୋକାୟୁକ୍ତ ରାଜ୍ୟ ଭିଜିଲାନ୍ସ ବିଭାଗକୁ ଗିରଫ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୨ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁପାରିସକୁ ଗ୍ରହଣ କରି ଦୁର୍ନୀତି ନିରୋଧୀ ଅମ୍ବୁଡ୍ସମ୍ୟାନ୍ ଏହି ନିର୍ଦ୍ଦେଶ ଦେଇଥିଲେ।



ପ୍ରଦୀପ ପାଣିଗ୍ରାହୀ

# ଅସୁରକ୍ଷିତ ଜଙ୍ଗଲ ସମ୍ପଦ

## ଜବରଦଖଲକାରୀଙ୍କ କବ୍‌ଜାରେ ୩୩ ହଜାର ହେକ୍ଟର

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ରାଜ୍ୟରେ ବହୁମୂଲ୍ୟ ଜଙ୍ଗଲ ସମ୍ପଦ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଉଛି। ଦୀର୍ଘ ବର୍ଷ ପରେ ମଧ ସେହି ଜମି ସରକାରଙ୍କ ନିକଟକୁ ଫେରିପାରୁ ନାହିଁ। ଜଙ୍ଗଲ ଜମି କବ୍‌ଜା କରିବାରେ ସମଗ୍ର ଦେଶରେ ଓଡ଼ିଶା ୫ମ ସ୍ଥାନରେ ରହିଛି। ରାଜ୍ୟର ୩୩ ହଜାର ୧୫୪ ହେକ୍ଟରରୁ ଅଧିକ ଜଙ୍ଗଲ ଜମି ବେଆଇନ ଭାବେ ଦଖଲ ହୋଇଛି। ନିକଟରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ରାଜ୍ୟ ସଭାରେ ଦେଇଥିବା ଏକ ଲିଖିତ ଉତ୍ତରରୁ ଏହା ଜଣାପଡ଼ିଛି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆସାମରେ ସର୍ବାଧିକ ୩, ୭୭, ୫୩୨ ହେକ୍ଟର ଜଙ୍ଗଲ ଜମି ଜବରଦଖଲ ହୋଇଛି। ଏହାପରେ ମଧ୍ୟପ୍ରଦେଶରେ ୫୪,୧୭୩ ହେକ୍ଟର, ଅରୁଣାଚଳ ପ୍ରଦେଶରେ ୫୩,୪୫୦ ହେକ୍ଟର, ଆନ୍ଧ୍ରପ୍ରଦେଶରେ ୩୪,୩୫୮ ହେକ୍ଟରରୁ ଅଧିକ ଜଙ୍ଗଲ ଜମି ଜବରଦଖଲରେ ରହିଛି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ୧୦,୨୧୪ ହେକ୍ଟର ଜମି ଜବରଦଖଲରେ ଥିବାବେଳେ ଝାଡ଼ଖଣ୍ଡରେ ଏହି ପରିମାଣ ୨୯ ହଜାର ୪୮ ହେକ୍ଟର, ଉତ୍ତର ପ୍ରଦେଶରେ ୨୭,୩୨୫, ଛତିଶଗଡ଼ରେ ୭୬୪୫ ହେକ୍ଟର ଏବଂ ତେଲଙ୍ଗାନାରେ ୨୦୦୪ ହେକ୍ଟର ରହିଛି। ଗୋଆ, ପୁଡୁଚେରି ଓ ଲାକ୍ଷାଦ୍ୱୀପରେ କୌଣସି ଜଙ୍ଗଲ ଜମି ଜବରଦଖଲ ହୋଇ ନ ଥିବାବେଳେ ଲଦାଖରେ ମାତ୍ର ଗୋଟିଏ ହେକ୍ଟର ରହିଛି। ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାର ଆୟତନ ମୋଟ୍ ୧,୫୫,୭୦୭ ବର୍ଗକିଲୋମିଟର ହୋଇଥିବା ବେଳେ ଏଥିରେ ଜଙ୍ଗଲ ପରିମାଣ ହେଉଛି ୬୧,୨୦୪ ବର୍ଗକିଲୋମିଟର। ସେଥି ମଧ୍ୟରୁ ସୁରକ୍ଷିତ ଜଙ୍ଗଲର ପରିମାଣ ୩୬,୦୪୯ ବର୍ଗକିଲୋମିଟର ଥିବାବେଳେ ସଂରକ୍ଷିତ ଜଙ୍ଗଲର ପରିମାଣ ୨୫,୧୩୩ ବର୍ଗକିଲୋମିଟର ରହିଛି। ବର୍ଗୀକରଣ ହୋଇ ନ ଥିବା ଜଙ୍ଗଲ ପରିମାଣ ହେଉଛି ୨୨ ବର୍ଗକିଲୋମିଟର।

କେନ୍ଦ୍ରମନ୍ତ୍ରୀ ଦର୍ଶାଇଛନ୍ତି ଯେ ଜଙ୍ଗଲକୁ ସୁରକ୍ଷା ଦେବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦାୟିତ୍ୱ। ଭାରତୀୟ ଜଙ୍ଗଲ ଆଇନ ୧୯୨୭, ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨, ଜଙ୍ଗଲ ସୁରକ୍ଷା ଆଇନ ୧୯୮୦ ବଳରେ ରାଜ୍ୟ ସରକାରମାନେ ଜବରଦଖଲକୁ ମୁକୁଳାଇ ପାରିବେ। କେନ୍ଦ୍ର ସରକାର ଏ ନେଇ ବାରମ୍ବାର ରାଜ୍ୟ ସରକାରଙ୍କୁ ପତ୍ର ଲେଖିବା ସହିତ ଜଙ୍ଗଲର ସୁରକ୍ଷା, ବିକାଶ ଏବଂ ଜବରଦଖଲ ଉଚ୍ଛେଦ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ତେବେ ଜଙ୍ଗଲ ସମ୍ପଦର ବେଆଇନ ଜବରଦଖଲ ବୃଦ୍ଧି ପାଇବା ନେଇ କେନ୍ଦ୍ରମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ରାଜ୍ୟଗୁଡ଼ିକଠାରୁ ଏନେଇ କେନ୍ଦ୍ରକୁ କୌଣସି ରିପୋର୍ଟ ମିଳି ନ ଥିବା ଉଲ୍ଲେଖ କରିଛନ୍ତି।

ରାଜ୍ୟ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ସଚିବ ମଧୁସୂଦନ ଦାସ କହିଛନ୍ତି ଯେ ଏହି ତଥ୍ୟ କେଉଁଠୁ ଆସିଲା ସେ ବିଷୟରେ ମୋତେ କିଛି ଜଣା ନାହିଁ। ତେବେ ଜଙ୍ଗଲ ବିଭାଗର ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ବିଷୟ ତଦାରଖ କରୁଛନ୍ତି। ଜବରଦଖଲ ହଟାଇବା ନେଇ ଡିଏଫ୍‌ଓମାନେ ପଦକ୍ଷେପ ନେଉଛନ୍ତି।

ଜବରଦଖଲ ଛଡ଼ା ବିଭିନ୍ନ ପ୍ରକଳ୍ପ ପାଇଁ ମଧ ଜଙ୍ଗଲ ସମ୍ପଦ ଉଜୁଡ଼ି ଯାଉଛି। ୨୦୧୨-୧୩ରୁ ୨୦୨୦-୨୧ ମଧ୍ୟରେ ପ୍ରାୟ ୨୬୬.୮ ଲକ୍ଷ ହେକ୍ଟର ଜଙ୍ଗଲ ଜମିକୁ ବିଭିନ୍ନ ପ୍ରକଳ୍ପ ପାଇଁ ନଷ୍ଟ କରାଯାଇଛି। ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାକୁ ଦେଇଥିବା ତଥ୍ୟ ଅନୁଯାୟୀ ୨୦୧୯ ସୁଦ୍ଧା ରାଜ୍ୟରେ ୫୧ ହଜାର ୬୧୯ ବର୍ଗ କି.ମି ଜଙ୍ଗଲ ରହିଛି। କେବଳ ସେତିକି ନୁହେଁ, ୨୦୧୭ ତୁଳନାରେ ୨୦୧୯ରେ ୨୭୪ ବର୍ଗ କି.ମି ଜଙ୍ଗଲ ବଢ଼ିଛି। ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ୨୦୧୯ ଆକଳନ ଅନୁଯାୟୀ ରାଜ୍ୟରେ ଜଙ୍ଗଲ ଆଚ୍ଛାଦନ ପରିମାଣ ୫୧ ହଜାର ୬୧୯ କି.ମି. ଏବଂ ବୃକ୍ଷ ଆଚ୍ଛାଦନ ପରିମାଣ ୪ ହଜାର ୬୪୮ ବର୍ଗ କି.ମି. ରହିଛି। ଏ ସବୁକୁ ମିଶାଇ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ ପରିମାଣ ୫୬ ହଜାର ୨୬୭ ବର୍ଗ କି.ମି. ରହିଥିବା ସେ କହିଛନ୍ତି।




**ଆଜିର ମନ୍ତବ୍ୟ**

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ଉପରେ ସମାଜବାଦୀ ପାର୍ଟିର ନୈତିକ ବିଜୟ ହୋଇଛି। ଏସ୍‌ପି ବିସ୍ତାର ଲାଭ କରୁଥିବାବେଳେ ଗୈରିକ ଦଳ ସଙ୍କୁଚିତ ହୋଇଯାଇଛି। **-ଅଖିଳେଶ ଯାଦବ, ଏସ୍‌ପି ଅଧକ୍ଷ**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ଚୟନିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକଟ ନ କଲେ ଆପଣେ ମରି**
**କୁଳ କୁଟୁମ୍ବ ଉଚ୍ଛନ୍ନ କରି ।**

ଭୁଲ ସୁଧାରିବା ପାଇଁ ଛୋଟ ଛୋଟ ପିଲାମାନଙ୍କୁ ବାରଣ ବା ଆକଟ କରାଯାଇଥାଏ। ଏପରି କରିବା ଦ୍ୱାରା ସେମାନଙ୍କ ଚରିତ୍ରରେ କିଛିଟା ସୁଧାର ଆସିପାରିଥାଏ। ଅନ୍ୟଥା ସେମାନଙ୍କ ଚରିତ୍ର ଓ ଚାଲିଚଳନ ଖରାପ ହେବା ସହ ଭବିଷ୍ୟତରେ ସେମାନେ ଉଚ୍ଛୃଙ୍ଖଳ ହୋଇ ପରିବାରର ବହୁକ୍ଷତି ଘଟାଇବାର ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଡ଼ ନୟନ ବଙ୍କା ଭୁରୁ**
**ତାଙ୍କୁ ଜାଣିବ ଠକଙ୍କ ଗୁରୁ ।**

ସାଧାରଣତଃ ଟେରା ଆଖିଥିବା ବ୍ୟକ୍ତି ଓ ଭୁରୁ ବଙ୍କା ଥିବା ବ୍ୟକ୍ତି ଆଦୌ ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଅନ୍ୟକୁ ଚିତାକାଟିବାରେ ବା ଠକିବାରେ ବେଶ୍ ସିଦ୍ଧହସ୍ତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# କମଳା ହାରିସ୍‌ଙ୍କୁ 'ଫାଷ୍ଟ ଲେଡି' କହିଲେ ବାଇଡେନ୍

**ୱାଶିଂଟନ୍, ୧୬।୩**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଙ୍ଗଳବାର ହ୍ୱାଇଟ୍‌ହାଉସ୍‌ରେ 'ସମାନ ବେତନ ଦିବସ' ଉପରେ ମନ୍ତବ୍ୟ ରଖୁଥିବାବେଳେ ଭୁଲ୍‌ରେ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ଫାଷ୍ଟ ଲେଡି (ଦେଶର ପ୍ରଥମ ମହିଳା) ସମ୍ବୋଧନ କରିଥିଲେ। ଏହା ପରେ ହ୍ୱାଇଟ୍ ହାଉସ୍‌ରେ ଥିବା ସମସ୍ତ ସଦସ୍ୟଙ୍କ ମଧ୍ୟରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ହାରିସ୍‌ଙ୍କୁ ଫାଷ୍ଟ ଲେଡି ବୋଲି କହି ତାଙ୍କ ସ୍ୱାମୀ ଡୋଗଲସ୍ ଏମ୍‌ହଫ୍ କୋଭିଡ୍‌ରେ ସଂକ୍ରମିତ ହୋଇଥିବା ବାଇଡେନ୍ ସମ୍ବୋଧନରେ ଦର୍ଶାଇଥିଲେ। ଡୋଗଲସ୍ କରୋନାରେ ଆକ୍ରାନ୍ତ କାରଣରୁ କାର୍ଯ୍ୟକ୍ରମ ଆୟୋଜନରେ ସାମାନ୍ୟ ପରିବର୍ତ୍ତନ କରାଯାଇଥିବା ବାଇଡେନ୍ କହୁଥିବାବେଳର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ବକ୍ତବ୍ୟ ଆରମ୍ଭ କରିବା ବେଳେ ବାଇଡେନ୍ ନିଜକୁ ଫାଷ୍ଟ ଲେଡିଙ୍କ ସ୍ୱାମୀ ବୋଲି ଦର୍ଶାଇଥିଲେ। 'ମୁଁ ଜୋ ବାଇଡେନ୍। ଜିଲ୍ ବାଇଡେନ୍‌ଙ୍କ ସ୍ୱାମୀ ଏବଂ ଏଥିପାଇଁ ଗର୍ବିତ' ବୋଲି ରାଷ୍ଟ୍ରପତି କହିଥିଲେ। ଏହାବାଦ୍ କାର୍ଯ୍ୟକ୍ରମରେ ମହିଳା କର୍ମଚାରୀଙ୍କୁ ସମାନ ବେତନ ଦେବା ଉପରେ ବାଇଡେନ୍ ଗୁରୁତ୍ୱ ଦେଇଥିଲେ। ପେ ଗ୍ୟାପ୍ ବା ବେତନରେ ଅସମାନତା ଦୂର କରିବା ପାଇଁ ସେ ନିଜ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଡିପାର୍ଟମେଣ୍ଟ ଅଫ୍ ଲେବର ଡାଟା ଉପରେ ହାଉସ୍ ସ୍ପିକର ନାନ୍‌ସୀ ପେଲୋସି ଏବଂ ଡି-କାଲିଫ୍ ପାଉଣା ପ୍ରଦାନରେ ଥିବା ଅସମାନତାକୁ ଦର୍ଶାଇଥିଲେ। ୨୦୨୦ରେ ଆମେରିକାରେ ପୁରୁଷମାନଙ୍କ ତୁଳନାରେ ମହିଳାମାନେ ୧ ଡଲାର ବଦଳରେ ୮୩ ସେଣ୍ଟ୍ସ ଆୟ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ସମାନ ବେତନ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଥିବା ବାଇଡେନ୍ କହିଥିଲେ।



ଜୋ ବାଇଡେନ୍



କମଳା ହାରିସ୍

# ଦୁର୍ବଳ ପ୍ରଦର୍ଶନ: ନିରଞ୍ଜନଙ୍କୁ ଏଆଇସିସିର ଚିଠି

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ନିକଟରେ ୫ ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନରେ କଂଗ୍ରେସ ଦୁର୍ବଳ ପ୍ରଦର୍ଶନ କରିଛି। ଏପରିକି ପଞ୍ଜାବରେ କଂଗ୍ରେସର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚରଣଜିତ୍ ସିଂ ଚନ୍ନି ୨ଟି ଆସନରୁ ହାରି ରାଜ୍ୟର ଶାସନ ଗାଦି ହରାଇଛନ୍ତି। ସେହିପରି ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜୋତ୍ ସିଂ ସିଦ୍ଧୁ ମଧ୍ୟ ହାରିଯାଇଛନ୍ତି। ଏହାକୁ ନେଇ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଆକ୍ସନ ମୋଡ୍‌କୁ ଆସିଯାଇଛି। ଦଳର ସ୍ଥିତି ଦୁର୍ବଳ ଥିବା ରାଜ୍ୟଗୁଡ଼ିକରେ ପିସିସି ସଭାପତିମାନଙ୍କୁ ପରିବର୍ତ୍ତନ କରି ନୂତନ ସଭାପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ ଗତ ପଞ୍ଚାୟତ ନିର୍ବାଚନକୁ ଦେଖିଲେ କଂଗ୍ରେସର ପ୍ରଦର୍ଶନ ସନ୍ତୋଷଜନକ ହୋଇପାରିନାହିଁ। ଏହି କ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ମଧ୍ୟ ଏଆଇସିସି ପକ୍ଷରୁ ଚିଠି ଆସିଥିବା ଜଣାପଡ଼ିଛି। ଚିଠିରେ କ'ଣ ଉଲ୍ଲେଖ ରହିଛି ସ୍ପଷ୍ଟ ହୋଇ ନାହିଁ। ହେଲେ ନିର୍ବାଚନରେ ଦୁର୍ବଳ ପ୍ରଦର୍ଶନର ତର୍ଜମା ପାଇଁ ଚିଠିରେ ଉଲ୍ଲେଖ ଥିବା ନିରଞ୍ଜନ କହିଛନ୍ତି। ପିସିସି ସଭାପତି ପରିବର୍ତ୍ତନ ପାଇଁ ହେଉଥିବା ଚର୍ଚ୍ଚା ସମ୍ପର୍କରେ ନିରଞ୍ଜନ ସ୍ପଷ୍ଟ କହିଛନ୍ତି ଯେ, ଦଳ ତିଷ୍ଠି ରହୁ, କ୍ଷମତା ନ ରହିଲେ ଚଳିବ। କଂଗ୍ରେସର ଅବକ୍ଷୟ ପାଇଁ ସମସ୍ତେ ଦାୟୀ। ଉପରୁ ତଳ ପର୍ଯ୍ୟନ୍ତ ସମସ୍ତଙ୍କୁ ସଜାଡ଼ିବାକୁ ପଡ଼ିବ।



ନିରଞ୍ଜନ ପଟ୍ଟନାୟକ

# ହୋଲି ପରେ ସୁପ୍ରିମକୋର୍ଟରେ ହିଜାବ ଶୁଣାଣି



**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ହିଜାବ ବିବାଦ ଉପରେ କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଉକ୍ତ ପିଟିଶନକୁ ଶୁଣାଣି ପାଇଁ ବୁଧବାର ଗ୍ରହଣ କରିଛନ୍ତି। ହୋଲି ଛୁଟି ପରେ ଉକ୍ତ ପିଟିଶନର ଶୁଣାଣି କରାଯିବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କୁ ହିଜାବ ପିନ୍ଧିବା ଲାଗି ଅନୁମତି ଦେବା ନିମନ୍ତେ ହୋଇଥିବା ଆବେଦନଗୁଡ଼ିକୁ ମଙ୍ଗଳବାର କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଦେଇଥିଲେ। ହିଜାବ ପିନ୍ଧିବା ଇସ୍‌ଲାମରେ ଜରୁରୀ ଧର୍ମୀୟ ପ୍ରଥା ନୁହେଁ ବୋଲି ଉଚ୍ଚ ନ୍ୟାୟାଳୟ କହିଥିଲେ। ଛାତ୍ରୀମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସଞ୍ଜୟ ହେଗ୍‌ଡେ ହାଇକୋର୍ଟଙ୍କ ରାୟକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ଆଗାମୀ ପରୀକ୍ଷାକୁ ଦୃଷ୍ଟିରେ ରଖି ଜରୁରୀ ଶୁଣାଣିର ଆବଶ୍ୟକତା ଥିବା ହେଗ୍‌ଡେ ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଖଣ୍ଡପୀଠଙ୍କୁ କହିଥିଲେ। ହୋଲି ଛୁଟି ପରେ ଶୁଣାଣି ପାଇଁ ଉକ୍ତ ପିଟିଶନକୁ ତାଲିକାଭୁକ୍ତ କରାଯିବ ବୋଲି ସିଜେଆଇ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସେବାୟତଙ୍କୁ ...

ହତ୍ୟାକାଣ୍ଡ ସହ ଏହି ଗୁଳିକାଣ୍ଡର ଲିଙ୍କ୍ ଥିବା ଚର୍ଚ୍ଚା ହେଉଛି। କାରଣ କୃଷ୍ଣଚନ୍ଦ୍ର ଉକ୍ତ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଥିବାବେଳେ ଗତ ଜାନୁଆରୀ ୧୯ରେ ପୁରୀ ଅତିରିକ୍ତ ସେସନ୍ସ କୋର୍ଟ ତାଙ୍କ ସମେତ ୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। କୃଷ୍ଣଚନ୍ଦ୍ରଙ୍କ ସାନଭାଇ ନରସିଂହ ପ୍ରତିହାରୀ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏଥିରେ ନରସିଂହ ଅଭିଯୋଗ କରିଛନ୍ତି ଯେ, ବୁଧବାର ପୂର୍ବାହ୍ନ ୧୦ଟା ୩୦ରୁ ୧୦ଟା ୪୦ ମିନିଟ୍ ମଧ୍ୟରେ କୃଷ୍ଣଚନ୍ଦ୍ର ବାରବାଟୀ ଜାଗାକୁ ନୃସିଂହ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଯାଇଥିଲେ। ସେଠାରୁ ସେ ନରସିଂହଙ୍କୁ ଫୋନ୍ କରି ଜାଗା ନିକଟକୁ ଡକାଇଥିଲେ। ସେହି ସମୟରେ ଟୁଟୁ ଓ କୁନୁମୁନି ନାମକ ଦୁଇଜଣ ବ୍ୟକ୍ତି ତାଙ୍କ ପାଖକୁ ଆସିଥିବା ସେ କହିଥିଲେ। ତେବେ ଏହାର କିଛି ସମୟ ପରେ ନରସିଂହ ପଣ୍ଡା ନାମକ ବ୍ୟକ୍ତି ତାଙ୍କୁ ଫୋନ୍ କରି କୃଷ୍ଣଚନ୍ଦ୍ରଙ୍କୁ ଗୁଳି କରାଯାଇଥିବା ଜଣାଇଥିଲେ। ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଟୁଟୁ, କୁନୁମୁନିଙ୍କ ସମେତ ବାବା ମହାପାତ୍ର ଏବଂ ହରି ପଣ୍ଡା ଘଟଣାସ୍ଥଳରୁ ଦୌଡ଼ି ପଳାଉଥିବା ସେ ଦେଖିଥିଲେ। ତେବେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା କୃଷ୍ଣଚନ୍ଦ୍ର ମୃତ୍ୟୁ ପୂର୍ବରୁ ତାଙ୍କୁ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କ ନାମ କହିଥିବା ସାନଭାଇ ନରସିଂହ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ ଏବଂ ଏସ୍‌ପି କନୱର ବିଶାଲ ସିଂ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚି ସିଡିଏମ୍‌ଓ ପ୍ରଣବ ଶଙ୍କର ଦାଶଙ୍କ ସହ ଆଲୋଚନା କରିଥିଲେ। ଏହାପରେ ବାରବାଟୀ ଜାଗାଠାରେ ଏସ୍‌ପି ପହଞ୍ଚି ହତ୍ୟାକାଣ୍ଡ ସ୍ଥଳ ସିଲ୍ କରିବା ସହ ପ୍ରାଥମିକ ତଦନ୍ତ କରିଛନ୍ତି। ସେଠାରୁ ୩ଟି ଖୋକା, କିଛି ଜମି ବିକ୍ରି ରାଜିନାମା ଦସ୍ତାବିଜ୍ ଓ ଦୁଇହଳ ଚପଲ ଜବତ କରାଯାଇଛି। ଏସ୍‌ପି କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ତଦନ୍ତ କରାଯାଉଛି। ତଦନ୍ତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦୁଇଜଣ ଅତିରିକ୍ତ ଏସ୍‌ପି, ସିଟି ଡିଏସ୍‌ପି ଏବଂ ଟାଉନ ଥାନା ଆଇଆଇସିଙ୍କୁ ନେଇ ୪ଟି ଟିମ୍ ଗଠନ କରାଯାଇଛି। ସମ୍ପ୍ରତି ତଦନ୍ତ ସମ୍ପର୍କରେ କିଛି କହିବା ଠିକ୍ ହେବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ଯାହା କିଛି ସ୍ପଷ୍ଟ ହୋଇପାରିବ। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡକୁ ନେଇ ସେବାୟତ ଦାମୋଦର ମହାସୁଆର ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଗୁନ ସିଂହାରୀ ହତ୍ୟା ମାମଲାରେ କୃଷ୍ଣଚନ୍ଦ୍ରଙ୍କୁ କ୍ଲିନ୍ ଚିଟ୍ ମିଳିବା ପରେ ଏଭଳି ହତ୍ୟାକାଣ୍ଡକୁ ପୁରୀ ସହରବାସୀ ଏକ ପ୍ରତିହିଂସାପୂର୍ଣ୍ଣ ଅପରାଧ ଭାବେ ଦେଖୁଛନ୍ତି। ପୋଲିସ ପ୍ରଶାସନର ବିଫଳତା କାରଣରୁ ଏଭଳି ଘଟଣା ଘଟିଛି। ବିବାଦୀୟ ଗୁନ ସିଂହାରୀ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା କୃଷ୍ଣଚନ୍ଦ୍ର ନିର୍ଦ୍ଦୋଷରେ ଖଲାସ ହେବା ପରେ ପୋଲିସ ତାଙ୍କ ଗତିବିଧି ଓ ତାଙ୍କ ଉପରକୁ ଥିବା ବିପଦ ସମ୍ପର୍କରେ ଗୋଇନ୍ଦା ଲଗାଇ ପୂର୍ବରୁ ଅବଗତ ହେବା ଆବଶ୍ୟକ ଥିଲା। ମାତ୍ର ସେଭଳି କୌଣସି ପଦକ୍ଷେପ ପୁରୀ ପୋଲିସ ନେଇ ନ ଥିଲା।

### ପୁଅ କଟୁରି ...

ଗିରଫ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ବିଷ୍ଣୁ ପ୍ରସାଦ ଓ ତାଙ୍କ ସାନଭାଇ ସୁବ୍ରତ ମିଶି ୪୦ ଲକ୍ଷ ଟଙ୍କା ଧାରକରଜ କରି ଏକ ଗାଡ଼ି ସର୍ଭିସିଂ ସେଣ୍ଟର କରିଥିଲେ। ତେବେ କରଜ ଧୀରେ ଧୀରେ ବଢ଼ିଚାଲିଥିଲା। କରଜ ଟଙ୍କା ଶୁଝି ପାରୁ ନ ଥିବାରୁ ବିଷ୍ଣୁ ମାନସିକ ଚାପରେ ଥିଲେ। ଶେଷରେ ସେ ଭାରସାମ୍ୟ ହରାଇ ଏଭଳି କାଣ୍ଡ ଭିଆଇଲେ ବୋଲି ସାନ ଭାଇ ସୁବ୍ରତ କହିଛନ୍ତି। ସେ ଆହୁରି କହିଛନ୍ତି, ମଙ୍ଗଳବାର ରାତିରେ ବିଷ୍ଣୁ ମାନସିକ ସ୍ତରରେ ସୁସ୍ଥ ଥିଲେ। ତେବେ ସକାଳୁ ହଠାତ୍ ତାଙ୍କ ମୁଣ୍ଡ କିଛି କାମ କରି ନ ଥିଲା। ସେ ଏକ କଟୁରିରେ ତାଙ୍କ ମା' ଗୁନିଲତା ଦୀକ୍ଷିତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ମା'ଙ୍କ ମୃତ୍ୟୁ ଘଟିଥିଲା। ପରେ ସେ ତାଙ୍କ ବାପା କୃଷ୍ଣଚନ୍ଦ୍ର ଦୀକ୍ଷିତଙ୍କୁ ଆକ୍ରମଣ କରିଥିଲେ। ବାପାଙ୍କ ବେକ ପାଖରେ ଗଭୀର ଆଘାତ ଲାଗିଛି। ଆକ୍ରମଣରୁ ତାଙ୍କ ଭାଉଜ ଅର୍ଥାତ ବିଷ୍ଣୁଙ୍କ ସ୍ତ୍ରୀ ମମତା ମଧ୍ୟ ବାଦ୍ ପଡ଼ି ନ ଥିଲେ। ମମତାଙ୍କୁ ଆକ୍ରମଣ ବେଳେ ଅଟକାଇବା ପାଇଁ ସୁବ୍ରତ ଚାଲିଆସିବାରୁ ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଛି। ଏହି ସମୟରେ ବିଷ୍ଣୁ କାନ୍ଥରେ ପିଟିହୋଇ ଚେତା ହରାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କ ଚିକିତ୍ସା ଜାରି ରହିଛି। ଖବର ପାଇ ମେରାଇନ ଥାନା ପୋଲିସ ସମେତ ଅତିରିକ୍ତ ଏସ୍‌ପି ଏବଂ ସଦର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।



ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ଦୀକ୍ଷିତ

### ଗାଡ଼ିର ରେଡିଏଟର ...



ଡାକ୍ତରଖାନାରେ ଆହତ ଛାତ୍ର, ରେଡିଏଟର ଫାଟିଥିବା ଗାଡ଼ି।

ଜୁଣ୍ଡଛକଠାରେ ହଠାତ୍ ଗାଡ଼ିର ରେଡିଏଟର ଫାଟିଯାଇଥିଲା। ଫଳରେ ଗାଡ଼ି ସମ୍ମୁଖ ଭାଗରେ ବସିଥିବା ପ୍ରିୟାଂଶୁ, ବୀରେନ ଓ ସତ୍ୟଜିତଙ୍କ ଉପରେ ଗରମ ପାଣି ଛିଟିକି ପଡିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଆହତ ଛାତ୍ରମାନଙ୍କୁ ଗାଡ଼ି ଭିତରୁ ବାହାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଛାତ୍ରମାନଙ୍କ ଦେହରେ ବଡ ବଡ ଫୋଟକା ହୋଇଯାଇଛି। ଏ ସମ୍ପର୍କରେ ସ୍କୁଲର ଅଧ୍ୟକ୍ଷା ଇ ଆର୍ ପ୍ରେମା କହିଛନ୍ତି, ସ୍କୁଲର ନିଜସ୍ୱ ପରିବହନ ବ୍ୟବସ୍ଥା ନ ଥିବାରୁ ଅଭିଭାବକମାନେ ସେମାନଙ୍କ ଉଦ୍ୟମରେ ଗାଡ଼ିରେ ପିଲାମାନଙ୍କୁ ସ୍କୁଲକୁ ପଠାଇଥାନ୍ତି। ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ ଏହି ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଖବର ପାଇବା ପରେ ସେ ସ୍କୁଲ ଅଧ୍ୟକ୍ଷାଙ୍କୁ ଭେଟିଥିଲେ। ଆହତ ଛାତ୍ରମାନଙ୍କ ଚିକିତ୍ସା ଖର୍ଚ୍ଚ ସ୍କୁଲ କର୍ତ୍ତୃପକ୍ଷ ବହନ କରିବା ସହିତ ପିଲାମାନଙ୍କ ଯିବା ଆସିବା ପାଇଁ ନିଜସ୍ୱ ଗାଡ଼ି ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ବାଘ ମୁହଁରୁ ଭାଉଜଙ୍କୁ ...

ଡାକ ପକାଇବାରୁ ପାଖ ଘରେ ଶୋଇଥିବା ତାଙ୍କ ଦିଅର ସମାଏ ହାଁସଦା(୪୨) ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ଭାଉଜଙ୍କୁ ବାଘ ମୁହଁରୁ ବଞ୍ଚାଇବାକୁ ଯାଇ ସମାଏ ବାଘ ସହିତ ଲଢ଼େଇ କରିଥିଲେ। ବାଘଟି ସମାଏଙ୍କୁ ଆକ୍ରମଣ କରିବା ସହ ତାଙ୍କ ହାତ ଆଙ୍ଗୁଠିକୁ କାମୁଡ଼ି ଗଭୀର କ୍ଷତାକ୍ତ କରି ପକାଇଥିଲା। ଦୀର୍ଘ ସମୟ ଧରି ସମାଏ ଓ ବାଘ ମଧ୍ୟରେ ଲଢ଼େଇ ଚାଲିଥିଲା। ଭାଉଜ ଓ ଦିଅରଙ୍କ ପାଟି ଶୁଣି ସ୍ଥାନୀୟ ଗ୍ରାମବାସୀ ସେଠାକୁ ଚାଲି ଆସିଥିଲେ। ଲୋକ ଗହଳି ଓ କୋଳାହଳ ଶୁଣି କଲରାପତରିଆ ନିକଟସ୍ଥ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ପଳାଇଥିଲା। ପରେ ଗ୍ରାମବାସୀ ଭାଉଜ ଓ ଦିଅରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ଖବର ପାଇ ବୁଧବାର ସକାଳେ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ ନେତୃତ୍ୱରେ ବନପାଳ ମନୋରଞ୍ଜନ ନାଏକ, ବନରକ୍ଷୀ ସନତ କୁମାର ବେହେରାଙ୍କ ସମେତ ବନ ବିଭାଗର ଏକ ଟିମ୍ ତଦନ୍ତ ପାଇଁ ଘଟଣାସ୍ଥଳକୁ ଯିବା ସହିତ ଗୁରୁତର ମାଇନ ଓ ସମାଏଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଥିଲେ। ସୂଚନାଥାଉକି, ଗତ ଫେବୃୟାରୀ ୧୬ରେ ରାଇରଙ୍ଗପୁର ବନଖଣ୍ଡ ଅଧୀନ ତାଳବନ୍ଧ ଓ ମଣଦା ବନାଞ୍ଚଳ ବଡ଼ବାଲିଚୁଆ ଏବଂ ଅଶନଶିକଳ ଗ୍ରାମରେ ଏକ କଲରାପତରିଆ ବାଘ ୬ଟି ଗୋରୁଙ୍କୁ ଶିକାର କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଏହି ଘଟଣାର ମାସେ ନ ପୂରୁଣୁ ଅଞ୍ଚଳରେ ଆଉ ଏକ ବାଘ ଆତଙ୍କ ଘଟଣା ସାମ୍ନାକୁ ଆସିବା ଚିନ୍ତାର ବିଷୟ ପାଲଟିଛି। ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ସରଗଡ଼ା, ରାଜାବସା ଓ ନିଶ୍ଚିନ୍ତା ସେକ୍ସନ ଏବଂ ମଣଦା ବନାଞ୍ଚଳ ଅନ୍ତର୍ଗତ ଦେଓପଟା ବିଟ ଏବଂ ତାଳବନ୍ଧ ରେଞ୍ଜରେ ବାଘ ଆତଙ୍କ ଦେଖାଯାଉଥିବା ବେଳେ ଏହି ଅଞ୍ଚଳରେ ସାବଧାନତା ଅବଲମ୍ବନ କରିବା ପାଇଁ ବନ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତିଜନିତ ପାରିବାରିକ ଜୀବନରେ ସୌହାର୍ଦ୍ଦ୍ୟତା, କାର୍ଯ୍ୟକ୍ଷେତ୍ର ପ୍ରତି ଉତ୍ସାହ ସୃଷ୍ଟି କରିବ। ସକାଳ ଯାତ୍ରା, ବ୍ୟବସାୟ ଓ ବନ୍ଧୁମିଳନ ପାଇଁ ଦିନଟି ଭଲ। ଜମିଜମାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସମ୍ଭାବନା ରହିଛି । କିଛି ସାଧାରଣ ସମସ୍ୟା ରହିଥିଲେ ମଧ୍ୟ କେତେକ ଦୃଷ୍ଟିକୋଣରୁ ନିଶ୍ଚିନ୍ତ ରହିବେ।

**ବୃଷ** – ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ନୂତନ ଯୋଜନା ପାଇଁ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। କୃତ୍ତିକା ନକ୍ଷତ୍ରର ପରିବହନ ବ୍ୟବସାୟରେ ଶିଥିଳତା ଦେଖାଦେବ। ପରିବାରରେ ଅଶାନ୍ତି ଦୂର କରିବାରେ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ବିଭିନ୍ନ ଦିଗରୁ ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ।

**ମିଥୁନ** – ଚନ୍ଦ୍ରଙ୍କ ସ୍ଥିତିରୁ ଆଜି ଆପଣ ଠିକ୍ ନିଷ୍ପତ୍ତି ନେଇ କର୍ମକ୍ଷେତ୍ରରେ ଉଚ୍ଚପ୍ରଶଂସିତ ହେବେ। ଅନ୍ୟମନସ୍କ ହେତୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ । ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ପରିବହନ ଓ ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** – ଧନାଧିପ ଭାଗ୍ୟସ୍ଥ ହେତୁ ଅର୍ଥଲାଭ ସହ ଗ୍ରହଯୋଗ ଅନୁସାରେ କୌଣସି କାମ ଅଟକିବ ନାହିଁ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ଅଟକି ରହିଯିବେ। ପରିବାର ଭିତରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଶିଳ୍ପ, ବାଣିଜ୍ୟ ତଥା ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ସମାଧାନର ଆଶା କ୍ଷୀଣ ହୋଇପାରେ।

**ସିଂହ** – ସପ୍ତମସ୍ଥ ଗ୍ରହ ସମ୍ପର୍କରୁ ଯାତ୍ରାରେ ଲକ୍ଷ୍ୟପୂରଣ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ରାଜନୀତି, ଶିକ୍ଷା, ପରୀକ୍ଷାଦିରେ ଅଧିକ ନ ହେଲେ ମଧ୍ୟ ବିଶେଷ କିଛି ଖରାପ ହେବନାହିଁ। ବନ୍ଧୁଙ୍କ ପ୍ରେରଣାରେ ଧର୍ମକାର୍ଯ୍ୟ କରିବା ସକାଶେ ମନ ବଳାଇବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ମନସ୍ତାପ କରିପାରନ୍ତି।

**କନ୍ୟା** – କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭ କରିବାର ସମ୍ଭାବନା ରହିଛି । ବୁଧ ଯୁକ୍ତ ବୃହସ୍ପତି ହେତୁ ସଭାସମିତିରେ ନୂତନ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ଆଜି ଗାଡିମୋଟର କିମ୍ବା କୌଣସି ମୂଲ୍ୟବାନ୍ ଜିନିଷ କିଣିପାରନ୍ତି। ପାରିବାରିକ କ୍ଷେତ୍ରରେ ଲାଗିରହିଥିବା ସମସ୍ୟା ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଯିବ।

**ତୁଳା** – ଆନୁଷଙ୍ଗିକ ସହଯୋଗ ଲାଭ କରି ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଚତୁର୍ଥସ୍ଥ ଗ୍ରହଜନିତ ପାରିବାରିକ ସ୍ଥିତିକୁ ନେଇ ଚିନ୍ତାପ୍ରକଟ କରିବେ। ପରିସ୍ଥିତିରେ ପଡି ଘର ସାଜସଜ୍ଜାରେ କିମ୍ବା ମରାମତିରେ ସ୍ୱାତୀ ନକ୍ଷତ୍ର ବ୍ୟସ୍ତ ରହିପାରନ୍ତି।

**ବିଛା** – ଉଚ୍ଚସ୍ଥ ମଙ୍ଗଳ ହେତୁ କେତେକ ଅପୂରଣୀୟ ଅଭିଳାଷ ସକାଶେ ମନ ଉଦ୍‌ବେଗ ରହିବ। ଅନୁରାଧା ନକ୍ଷତ୍ର ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ନିଜ ଲୋକମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଅଫିସରେ ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ପଡ଼ିବ।

**ଧନୁ** – କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟ ବୃଦ୍ଧି କାରଣରୁ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ରବି ଭାଗ୍ୟଭାବକୁ ଦେଖୁଥିବାରୁ ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସହାୟତା ପାଇବେ। କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମକର** – ମଙ୍ଗଳ ଦୃଷ୍ଟ ଚତୁର୍ଥଭାବ ହେତୁ ପରିବାର ଭିତରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟପ୍ରତି ଅବହେଳା କଲେ ଅନୁତାପ କରିବାକୁ ପଡ଼ିବ। ବନ୍ଧୁ ସମ୍ପର୍କ, ସାହିତ୍ୟ, ଚର୍ଚ୍ଚା, କଳା,କାରିଗରି ଦିଗରୁ ମନଲାଖି ସୁଫଳ ପାଇବେ।

**କୁମ୍ଭ** – ଉଚ୍ଚାରୋହୀ ଶୁକ୍ର ହେତୁ ସାମାଜିକ ସ୍ତରରେ ଦକ୍ଷତା ଭିତ୍ତିକ ଲୋକସମ୍ପର୍କ ବୃଦ୍ଧି ପାଇବ। ଆଜି ଆର୍ଥିକ ଦିଗଟି ଭଲ ରହିବ। ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ କୂଟନୀତି ପ୍ରୟୋଗ କରି ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରନ୍ତି ।

**ମୀନ** – ଆଜି କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସରସ ସୁନ୍ଦର କରିବାରେ ସକ୍ଷମ ହେବେ। ପୂର୍ବଭାଦ୍ରପଦ ନକ୍ଷତ୍ରର ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ରୋଗ, ଋଣ ଓ ଶତ୍ରୁତା ଆଜିର ଦୁଶ୍ଚିନ୍ତାର ମୁଖ୍ୟ କାରଣ ହୋଇପାରେ। କିଛି ଜିନିଷ ଅନ୍ୟମନସ୍କତାବଶତଃ କୌଣସି ସ୍ଥାନରେ ହଜାଇ ବ୍ୟସ୍ତ ହେବେ।


## classifieds Everyday 0674-2580101, 2549302

**real estate — SALE**

Plot for Sale at Chhatabar per sqft. @99/-. 9937816565, 9583295832 D-23401

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939. D-71799

Private plot for sale Patrapada & Khandagiri near DN Regalia Mall 999/- Price. 9437335686, 7008487006. D-23418

60ft. ପିଚୁ ରୋଡ୍‌କୁ ଲାଗି commercial/ residential ଘରବାରି, ପଟ୍ଟା, ପାଚେରି, ଇଲେକ୍ଟ୍ରିସିଟି ସୁବିଧା ଥାଇ ଭୁବନେଶ୍ୱର GIFT College ପାଖରେ @25,00,000/- ବିକ୍ରିହେବ। Owner- 9437033320. D-73213

ମହାରାଜା କଲେଜ ପାଖରେ (Gangapada Bhubaneswar) 30ft. ରାସ୍ତା ଥାଇ 60 plot ବିକ୍ରିହେବ। loan available. 9938016295. D-73212

Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258. D-71957

ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765. D-73209

Plot for sale gharabari 30ft. road 4km. from NH Retang road near Polytechnic College. 9777345831. D-71020

**healthcare**

Newly opening SPA positively health benefits with expert therapist. 8917332216. D-71959

Refreshing your mind and body with the best therapy, 7873794731. D-23292

Newly open SPA positively health benifit with expert. Contact: 7749976301. D-71960

Ayurvedic full body massage by experienced male/ female therapist. 7381172169. D-71480

Relax, Refresh your body, Mind at Saikrupa Spa with best therapies. 8984068077. D-23343

**business**

Channel Partner for FMCG Products, Monthly income upto 130000/-, +919938710216, info@highqmart.com. D-23397

ଅଗରବତି ମେସିନ୍ ବସାଇ ଆମ ମାଧ୍ୟମରେ ଦିନକୁ ୧୦୦୦-୧୫୦୦ ରୋଜଗାର କରନ୍ତୁ। 8114845472. D-71479

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶପଥ ନେଲେ ଭଗୱନ୍ତ ମାନ୍

ଏସ୍‌ବିଏସ୍ ନଗର(ପଞ୍ଜାବ), ୧୬।୩ (ପି.ଟି.)

ଆମ୍ ଆଦ୍‌ମୀ ପାର୍ଟି ନେତା ଭଗୱନ୍ତ ମାନ୍ ବୁଧବାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। କିମ୍ବଦନ୍ତୀ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କ ପୈତୃକ ଗ୍ରାମ ଶହୀଦ ଭଗତ ସିଂ (ଏସ୍‌ବିଏସ୍) ନଗର ଜିଲାର ଖଟକରକଲାଣରେ ରାଜ୍ୟପାଳ ବନୱାରିଲାଲ୍ ପୁରୋହିତ ଏଏପି ନେତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହେବାକୁ ଥିବାବେଳେ ବିଳମ୍ବ କାରଣରୁ ଅପରାହ୍ନ ୧ଟା ୨୫ରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏଏପି ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ୍, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନସଭା ନିର୍ବାଚନରେ ଏଏପି ୯୨ ଆସନରେ ବିଜୟୀ ହୋଇଥିଲା। ପ୍ରଥମ ଅଣକଂଗ୍ରେସ ଏବଂ ଅଣ ଅକାଳୀ ଦଳ ନେତା ଭାବେ ମାନ୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟର ବିକାଶ ଲାଗି ପଞ୍ଜାବର ସମସ୍ତ ୩ କୋଟି ଜନସାଧାରଣ ତାଙ୍କ ସହ ଶପଥ ନେଇଥିବା ମାନ୍ କହିଥିଲେ। ରାଜ୍ୟରୁ ବେରୋଜଗାରୀ, ଦୁର୍ନୀତି ହଟାଇବା ସହ ଚାଷୀଙ୍କ ସମସ୍ୟା ସମାଧାନକୁ ତାଙ୍କ ସରକାର ପ୍ରାଧାନ୍ୟ ଦେବ। ସଂକୀର୍ଣ୍ଣ ରାଜନୀତିରେ ସମ୍ପୃକ୍ତ ହେବେ ନାହିଁ ବୋଲି ଶପଥ ଗ୍ରହଣ ପରେ ମାନ୍ କହିଥିଲେ। ଏଥିସହିତ ଦିଲ୍ଲୀ ଭଳି ପଞ୍ଜାବରେ ସ୍କୁଲ୍ ଓ ହସ୍ପିଟାଲଗୁଡ଼ିକର ଉନ୍ନତୀକରଣ କରାଯିବ ବୋଲି ସେ କହିଥିଲେ। ଉତ୍ସବରେ ଗୁରଦାସ ମାନ୍, କରମଜିତ୍ ଅନ୍‌ମୋଲଙ୍କ ସମେତ ବହୁ ଗାୟକ ଓ କଳାକାର ଏବଂ ଲକ୍ଷାଧିକ ଏଏପି ସମର୍ଥକ ଯୋଗଦେଇଥିଲେ। ପୁରୁଷ ସମର୍ଥକମାନେ ହଳଦିଆ ରଙ୍ଗର ପଗଡ଼ି ବାନ୍ଧିବା ସହ ମହିଳାମାନେ ହଳଦିଆ ଦୁପଟ୍ଟା ପିନ୍ଧିଥିବା ଦେଖାଯାଇଥିଲା।



ପଞ୍ଜାବ ରାଜ୍ୟପାଳ ବନୱାରିଲାଲ୍ ପୁରୋହିତ ମୁଖ୍ୟମନ୍ତ୍ରୀ ଭାବେ ଭଗୱନ୍ତ ମାନ୍‌ଙ୍କୁ ଶପଥ ପାଠ କରାଉଛନ୍ତି।

# ଫେସ୍‌ବୁକ୍ ହସ୍ତକ୍ଷେପ ବନ୍ଦ କର

### କେନ୍ଦ୍ରକୁ ସୋନିଆଙ୍କ ପରାମର୍ଶ



**ନୂଆଦିଲ୍ଲୀ, ୧୬।୩:** ଭାରତର ଗଣତନ୍ତ୍ରକୁ ହ୍ୟାକ୍ କରିବା ଲାଗି ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକର ଅପବ୍ୟବହାର କରାଯାଉଥିବା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ଲୋକ ସଭାରେ ଉଠାଇଛନ୍ତି। ନିର୍ବାଚନୀ ରାଜନୀତିରେ ଫେସ୍‌ବୁକ୍, ଟୁଇଟର ଭଳି ବିଶ୍ୱସ୍ତରୀୟ ସାମାଜିକ ଗଣମାଧ୍ୟମଗୁଡ଼ିକର ବ୍ୟବସ୍ଥିତ ପ୍ରଭାବ ଓ ହସ୍ତକ୍ଷେପକୁ ବନ୍ଦ କରିବା ଲାଗି ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଶୂନ୍ୟକାଳରେ କଂଗ୍ରେସ ନେତ୍ରୀ କହିଥିଲେ, ନେତା, ରାଜନୈତିକ ଦଳ ଓ ସେମାନଙ୍କ ସମର୍ଥକମାନେ ରାଜନୈତିକ ସ୍ଥିତିକୁ ସେମାନଙ୍କୁ ସୁହାଇବା ଭଳି ଢଙ୍ଗରେ ଉପସ୍ଥାପନ କରିବା ଲାଗି ଫେସ୍‌ବୁକ୍ ଓ ଟୁଇଟରକୁ ଅଧିକ ବ୍ୟବହାର କରୁଛନ୍ତି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିଶ୍ୱସ୍ତରୀୟ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସବୁ ରାଜନୈତିକ ଦଳ ପାଇଁ ସମାନ ଭୂମିକା ନେଉ ନ ଥିବା ବାରମ୍ବାର ଲୋକଙ୍କ ଦୃଷ୍ଟିକୁ ଆସୁଛି। ଅଲ୍ ଜଜିରା ଏବଂ ରିପୋର୍ଟର୍ସ କଲେକ୍ଟିଭ୍‌ରେ ପ୍ରକାଶିତ ରିପୋର୍ଟ ଉପସ୍ଥାପନ କରି ସୋନିଆ କହିଥିଲେ, ଫେସ୍‌ବୁକ୍ ନିର୍ବାଚନ ବିଜ୍ଞାପନ ପାଇଁ ଅନ୍ୟ ଦଳ ତୁଳନାରେ ଭାଜପା ସହ ଶସ୍ତାରେ ଚୁକ୍ତି କରିଥିଲା। ଫେସ୍‌ବୁକ୍ ସହ ବୃହତ୍ କର୍ପୋରେଟ୍ ସଂସ୍ଥା ଏବଂ ଶାସକ ଦଳର ମଧୁଚନ୍ଦ୍ରିକା ରହିଥିବା ଉକ୍ତ ରିପୋର୍ଟ ଦର୍ଶାଇଛି। ସାମାଜିକ ଗଣମାଧ୍ୟମର ପ୍ରକ୍ସି ବିଜ୍ଞାପନରେ ଭାବାବେଗପୂର୍ଣ୍ଣ ମିଥ୍ୟା ସୂଚନା ଯୁବସମାଜ ଓ ବୃଦ୍ଧମାନଙ୍କ ମନରେ ଘୃଣାଭାବ ଭର୍ତ୍ତିକରିଥିବା କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ବୃହତ୍ ସୋସିଆଲ୍ ମିଡିଆ କମ୍ପାନୀ ଫେସ୍‌ବୁକ୍‌କୁ କଡ଼ା ସମାଲୋଚନା କରିଛନ୍ତି। ଏହା ଗଣତନ୍ତ୍ର ପ୍ରତି ଅତ୍ୟନ୍ତ ଖରାପ। ନିର୍ବାଚନ ବେଳେ ଭାଜପାକୁ ଭୋଟରଙ୍କ ନିକଟରେ ପହଞ୍ଚାଇବାରେ ଫେସ୍‌ବୁକ୍ ସହାୟତା କରୁଥିଲା ବୋଲି ରାହୁଲ କହିଛନ୍ତି।


## ODISHA PUBLIC SERVICE COMMISSION
## CUTTACK

### NOTICE

**No. 2681/PSC, Dt.16.3.22**
**(2PE-08-21/22) (DR-I)**

**No. D-363:-** It is for information of all concerned that, **68 (Sixty eight)** candidates bearing following PPSAN/Reference nos. have been called for the physical verification of original certificates/documents to determine their eligibility and suitability for recruitment to the Post of **Assistant Professor, Teacher Education (Economics)**, pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 25.03.2022 | 10.30 A.M. | 00085953, 00091848, 00095699, 00109322, 00112336, 00088417, 00094895, 00086839, 00112542, 00087821, 00112768, 00110946, 00081182, 00091708, 00088710 = **15 candidates** |
| | 02.30 P.M. | 00087415, 00089854, 00093498, 00098918, 00085061, 00090642, 00095180, 00087713, 00099782, 00049269 = **10 candidates** |
| 28.03.2022 | 10.30 A.M. | 00090373, 00097701, 00111115, 00112341, 00090143, 00112797, 112, 00087544, 00030799, 00111576, 00111606, 00112537, 00095894, 00057656, 00077914 = **15 candidates** |
| | 02.30 P.M. | 00044222, 00020879, 00033721, 00112700, 00089142, 00062724, 00094926, 00026707, 00018066, 00111914 = **10 candidates** |
| 29.03.2022 | 10.30 A.M. | 00112685, 00096837,00091473, 00094074, 00055550, 00094681, 00097560, 00061412, 00112511, 00112578, 00112626, 00112412, 00108863, 00085636, 00072184, 00112327, 00095074, 00095647 = **18 candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below:-

1. **Hard Copy of the online application form.**
2. Three passport size photographs.
3. Duly filled in & attested "**Attestation form**" and duly filled in "**Bio-data form**" (to be downloaded from the website of the Commission).
4. **H.S.C.** or equivalent certificate in support of declaration of age issued by the concerned Board/ Council.
5. **Bachelor's Degree** marksheet.
6. **B.Ed Degree** marksheet.
7. **Master's Degree** marksheet.
8. **M. Phil** marksheet.
9. **NET/JRF/SET/SLET** qualified certificate.
10. **Ph.D. Degree** certificate.
11. **Conversion Certificate** from the concerned University indicating the actual equivalent percentage of marks.
12. **Odia Test pass** certificate.
13. **Caste Certificate** wherever applicable.
14. **Identity Card** issued by the Director of Sports, Odisha in case of Sports person.
15. **Permanent Disability Certificate** (indicating permanent disability of 40% or more).
16. One set Xerox copy of **published Research papers.**
17. **Teaching/Post-Doctoral** experience certificate.
18. **Awards.**
19. **No Objection Certificate** from the competent authority in case of Govt. Servants.
20. Any Proof of Identity.

Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0292/2122 **Sd./- Secretary**


# ଖେଳ ଶେଷ ହୋଇନାହିଁ: ମମତା

### ରାଷ୍ଟ୍ରପତି ନିର୍ବାଚନକୁ ନେଇ ଭାଜପାକୁ ଟାର୍ଗେଟ




**କୋଲକାତା, ୧୬।୩:** ଭାଜପା ୪ ରାଜ୍ୟ ବିଧାନସଭା ନିର୍ବାଚନ ଜିତିଯାଇଥିଲେ ମଧ୍ୟ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ଜିତିବା ଏହି ଦଳ ପାଇଁ ସହଜ ହୋଇ ନ ପାରେ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କହିଛନ୍ତି। ଏବେ ବି ଦେଶର ମୋଟ ବିଧାୟକଙ୍କ ଅଧା ସଂଖ୍ୟା ଭାଜପା ପାଖରେ ନାହିଁ। ବିରୋଧୀ ଦଳଗୁଡ଼ିକର ମୋଟ ବିଧାୟକଙ୍କ ସଂଖ୍ୟା ଭାଜପାଠାରୁ ଅଧିକ। ତେଣୁ ଖେଳ ଶେଷ ହୋଇନାହିଁ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ହାରିଥିଲେ ମଧ୍ୟ ଏହାର ବିଧାୟକ ସଂଖ୍ୟା ବୃଦ୍ଧି ପାଇଛି। ନିର୍ବାଚିତ ପାର୍ଲାମେଣ୍ଟ ସଦସ୍ୟ ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ସଦସ୍ୟଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜ ଦ୍ୱାରା ରାଷ୍ଟ୍ରପତି ପରୋକ୍ଷ ନିର୍ବାଚିତ ହୋଇଥାନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ମମତା ବିରୋଧୀ ଦଳଗୁଡ଼ିକର ମେଣ୍ଟ ଗଠନ କରିବାକୁ ଉଦ୍ୟମ ଚଳାଇଛନ୍ତି।

# ଗୁଳିମାଡ଼ରେ ଯୁବକ ଗୁରୁତର

### ନିର୍ବାଚନୀ ପରବର୍ତ୍ତୀ ହିଂସା

ନୂଆପଡ଼ା ଅଫିସ୍, ୧୬।୩

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ଥାନା ଅଧୀନସ୍ଥ କୁରୁମପୁରି ପଞ୍ଚାୟତ ଲିମଡିହି ଗାଁରେ ନିର୍ବାଚନୀ ହିଂସାକୁ ନେଇ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବଲାଙ୍ଗୀର ଜିଲା ଚିତ୍ରାମୁଣ୍ଡା ଗାଁର ରୂପେଶ ସାହୁ (୩୦)। ରୂପେଶ ନିଜ ଭିଣୋଇ ଈଶ୍ୱର ସାହୁଙ୍କ ଘରକୁ କୁଣିଆ ଆସିଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଲିମଡିହି ଗାଁ ୧୦ନମ୍ବର ୱାର୍ଡରେ ୱାର୍ଡମେମ୍ବର ପ୍ରାର୍ଥୀ ଭାବରେ ଈଶ୍ୱର ସାହୁଙ୍କ ବାପା ମୋହନ ଛିଡ଼ା ହୋଇଥିଲେ। ବିପକ୍ଷରେ ରାମଗୁଲାଲ ଶବର ଛିଡା ହୋଇଥିଲେ। ରାମଗୁଲାଲ ଶବର ବିଜୟୀ ହୋଇଥିଲେ। ହେଲେ ବିଜୟୀ ପ୍ରାର୍ଥୀ ରାମଗୁଲାଲଙ୍କ ୩ଜଣ ଝିଅପୁଅ ରହିଥିବା ଅଭିଯୋଗ କରି ହାରିଥିବା ୱାର୍ଡ ମେମ୍ବର ପ୍ରାର୍ଥୀ ମୋହନ ଆର୍‌ଟିଆଇରେ ତଥ୍ୟ ମାଗିଥିଲେ। ଏଥିରେ କ୍ଷୁବ୍ଧ ହୋଇ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକମାନେ ମଙ୍ଗଳବାର ବିଳମ୍ବିତ ରାତିରେ ମୋହନଙ୍କ ଘର ମୁହଁ ଗ୍ରୀଲ ପାଖକୁ ଯାଇଥିଲେ। ୪ଜଣ ମୁଖାପିନ୍ଧା ଯୁବକ ଯାଇ ଗାଲିଗୁଲଜ କରିବା ସହିତ ଦମ ଅଛି ତ ବାହାରକୁ ବାହାର ବୋଲି ପାଟି କରିଥିଲେ। ମୋହନ, ତାଙ୍କ ସ୍ତ୍ରୀ ଓ ରୂପେଶ ଗ୍ରୀଲ ପାଖକୁ ଆସିବାରୁ ଗ୍ରୀଲ ଫାଙ୍କରେ ଗୁଳି କରିଥିଲେ। ଗୁଳି ସିଧାସଳଖ ରୂପେଶଙ୍କ ଦେହରେ ନ ବାଜି କାନ୍ଥରେ ବାଜି ଫେରି ଆସି ରୂପେଶଙ୍କ ମୁଣ୍ଡ ଓ ମୁହଁରେ ବାଜିଛି। ପରିବାର ଲୋକେ ଚିତ୍କାର କରିବାରୁ ପଡ଼ୋଶୀ ଲୋକ ଧାଇଁ ଆସିଥିଲେ। ଫଳରେ ଦୁର୍ବୃତ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଓ ଗ୍ରାମବାସୀ ଯୁବକଙ୍କୁ ଉଦ୍ଧାର କରି ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଲଖନା ଥାନା ପୋଲିସ ଓ ନୂଆପଡା ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି।


ଗୁଳିମାଡ଼ ଖାଇଥିବା ରୂପେଶ ସାହୁ

# ଇସ୍ତଫା ଦେଲେ ସିଦ୍ଧୁ

ଅମୃତସର, ୧୬।୩

ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ପଦରୁ ନବଜ୍ୟୋତ ସିଂ ସିଦ୍ଧୁ ବୁଧବାର ଇସ୍ତଫା ଦେଇଛନ୍ତି। ୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ସମ୍ପୃକ୍ତ ପିସିସି ସଭାପତିମାନଙ୍କୁ ପଦ ଛାଡ଼ିବା ଲାଗି ଦଳର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷାଙ୍କ ଇଚ୍ଛା ଅନୁଯାୟୀ ଇସ୍ତଫାପତ୍ର ପଠାଇ ଦେଇଛି ବୋଲି ସିଦ୍ଧୁ ଟୁଇଟରରେ ଲେଖିଛନ୍ତି। ରାଜ୍ୟ କଂଗ୍ରେସ ସଂଗଠନଗୁଡ଼ିକର ପୁନର୍ଗଠନ ଲାଗି ସଭାପତିମାନେ ଇସ୍ତଫା ଦେବା ଆବଶ୍ୟକ ବୋଲି କଂଗ୍ରେସ ମୁଖପାତ୍ର ରଣବୀର ସୁର୍ଜେୱାଲା କହିଥିଲେ।

# ତାରାଙ୍କ ବିରୋଧରେ ଫେରାଦ ହେଲା ବିଜେଡି


ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଦାବିପତ୍ର ଦେଇ ଫେରିବା ପରେ ବିଜେଡି ନେତୃବୃନ୍ଦ।

### ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ପୌର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ବିଜେଡିର ଏକ ପ୍ରତିନିଧି ଦଳ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଦାବିପତ୍ର ଦେଇଛି। ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ ବାହିନୀପତି କୋରାପୁଟ ମ୍ୟୁନିସିପାଲିଟିରେ ସରକାରୀ କର୍ମଚାରୀମାନଙ୍କୁ ଧମକଚମକ ଦେଉଛନ୍ତି। ଦୁଇଦିନ ପରେ ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ଭାଙ୍ଗି ଦେବାକୁ ମଧ୍ୟ ଧମକ ଦେଇଛନ୍ତି। ତାରାଙ୍କର ଏହି ଧମକ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ବିଜେଡି ମୁଖପାତ୍ର ଲେଲିନ ମହାନ୍ତି, ସୁଲତା ଦେଓ, ଲୋରା ମହାପାତ୍ର, ଇପ୍ସିତା ସାହୁ, ପ୍ରିୟବ୍ରତ ମାଝି ପ୍ରମୁଖ ଯୋଗ ଦେଇଥିଲେ।

# ଭାଜପାରୁ ନିଲମ୍ବିତ ହେଲେ ୩ କର୍ମକର୍ତ୍ତା

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦ ଭାଜପା ମଣ୍ଡଳ ସଭାପତି ରମାକାନ୍ତ ସାହୁ, ସକ୍ରିୟ ସଦସ୍ୟ ମନୋଜ କୁମାର ସାହାଣୀ ଏବଂ ସକ୍ରିୟ ସଦସ୍ୟ ଟି. କାମେଶ୍ୱର ପାତ୍ରଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଜିଲା ସଭାପତିଙ୍କ ସୁପାରିସ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ନେତାମାନଙ୍କୁ ନିଲମ୍ବିତ କରାଯାଇଥିବା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦିଆଯାଇଛି।

# ଆଠମଲ୍ଲିକ ଏନ୍‌ଏସିର ନୀହାର ହୋତା ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସିର ନୀହାର ହୋତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି। ଏନେଇ ବୁଧବାର ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏହା ପୂର୍ବରୁ କେନ୍ଦୁଝର ଜିଲା ବିଜେଡି ଉପସଭାପତି ରବୀନ୍ଦ୍ର କୁମାର ଦାସ, ଅନୁଗୋଳର କ୍ଷୀରୋଦ ବଘାର, ସୁନ୍ଦରଗଡ଼ ଜିଲା ବିଜେଡି ସାଧାରଣ ସମ୍ପାଦକ ଅଶୋକ ସାଇଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ କରାଯାଇଛି।


## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା

### ୧୦୫ତମ ବାର୍ଷିକ ସାଧାରଣ ସଭା ନୋଟିସ୍

ନୋଟିସ୍ ନଂ. ୫୬୮୨ ତା୧୬।୦୩।୨୦୨୨ରିଖ

ଏତଦ୍ଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର ୧୦୫ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୨୯।୦୩।୨୦୨୨ରିଖ ବୁଧବାର ପୂର୍ବାହ୍ନ ୧୨.୩୦ ଘଟିକା ସମୟରେ ଖୋର୍ଦ୍ଧାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହେବ।
ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

ଜିଲ୍ଲାପାଳ ତଥା ପ୍ରଶାସକ
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ କ୍ରମେ
ସ୍ୱା./– ଅନନ୍ତ କୁମାର ସାମଲ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**କାର୍ଯ୍ୟସୂଚୀ:**

୧. ତା୨୪।୦୩।୨୦୨୧ରିଖରେ ଅନୁଷ୍ଠିତ ହୋଇଥିବା ୧୦୪ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ୨୦୨୦–୨୧ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ଗତ ୨୦୨୦–୨୧ ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ।
୪. ୨୦୨୦–୨୧ ବର୍ଷର ନିଟ୍ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ।
୫. ବ୍ୟାଙ୍କର ଆଗାମୀ ୨୦୨୨–୨୩ ବର୍ଷର ଆୟ ବ୍ୟୟ ଅଟକଳ (ବଜେଟ୍) ଅନୁମୋଦନ।
୬. ଆଗାମୀ ୨୦୨୨–୨୩ ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା ପଠନ ଓ ଦୃଢ଼ୀକରଣ। (ଡି.ଏ.ପି.)
୭. ଅନ୍ୟାନ୍ୟ (ଜିଲ୍ଲାପାଳ ତଥା ପ୍ରଶାସକଙ୍କ ଅନୁମତି କ୍ରମେ)।



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-3196

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

**Tender Call Notice No. BBSR/ELECT/E-4059/19-20/562 Date: 11.03.22**

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work** :- Advance lightning protection, induced lightning and surge protection systems for Dormitory, staff quarter and canteen at Paradeep Plastic Park, Paradeep.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-34/ 21-22 | 23.03.2022 at 17.00 hrs. | 08.04.2022 at 12.00 hrs. |

Further details can be seen from the e-Procurement Portal **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect.)**
**IDCO, Bhubaneswar**

**OIPR-14003/11/0196/2122**



OHPC

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, E-mail: sgmel_uihep@ohpcltd.com
**ODISHA HYDRO POWER CORPORATION LTD.** (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhuabaneswar-751022,
Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com/md@ohpcltd.com.
WEB: www.ohpcltd.com, CIN: U40101OR1995SGC003963

### NOTICE INVITING TENDER NO. UIHEP-47/2021-22 DATED: 16.03.2022

**No. CAD-3193 :-** Selaed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers / authorized dealers/channel partners/reputed suppliers for supply of the materials as mentioned below.

| Description of work | Cost of tender paper (Non-refundable) in Rs. | EMD / Bid Security in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| **Supply of Electrical consumable materials for UIHEP, Mukhiguda** | 2,360/- (Inclusive of GST) | Declaration Form is to be submitted as per Annexure-6 & Clause No. 1.5 | From 22.03.2022 to 04.04.2022 upto 13.00 Hrs. | 04.04.2022 (upto 13.30 Hrs) | 04.04.2022 at 16.30 Hrs. |

For details of the tender documents, terms and conditions please visit our website **www.ohpcltd.com**

**OIPR-32136/11/0045/2122** **Sd./- Unit Head, UIHEP, Mukhiguda**



CES, Odisha | Govt. of Odisha

## ଶକ୍ତି କ୍ଲବ (Energy Club) ସ୍କୁଲର ଛାତ୍ର-ଛାତ୍ରୀ ଓ ଶିକ୍ଷକ-ଶିକ୍ଷୟତ୍ରୀମାନେ ଧ୍ୟାନ ଦିଅନ୍ତୁ

DSPL-426

ଶକ୍ତି ସଂରକ୍ଷଣ ସଚେତନତା ଉପଲକ୍ଷେ ରାଜ୍ୟସ୍ତରୀୟ ବିଭିନ୍ନ ଅନଲାଇନ୍ ପ୍ରତିଯୋଗିତାରେ ଶକ୍ତି କ୍ଲବ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ର-ଛାତ୍ରୀମାନଙ୍କୁ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ କରାଯାଉଅଛି ।
(ଅନଲାଇନ୍ ପ୍ରତିଯୋଗିତାର ଅବଧି-୨୧ରୁ ୨୭ ମାର୍ଚ୍ଚ ୨୦୨୨)

**୧) ଶକ୍ତି କ୍ଲବର ଛାତ୍ର-ଛାତ୍ରୀମାନଙ୍କ ପାଇଁ ରାଜ୍ୟସ୍ତରୀୟ ପ୍ରତିଯୋଗିତା**

| ପ୍ରତିଯୋଗିତାର ପ୍ରକାର | ବିଷୟ |
|---|---|
| ଚିତ୍ରାଙ୍କନ (Drawing & Painting) | ଶକ୍ତି ସଂରକ୍ଷଣ (Energy Conservation) |
| ପ୍ରବନ୍ଧ (Essay) | ଉନ୍ନତ ଭବିଷ୍ୟତ ପାଇଁ ସବୁଜ ଶକ୍ତି (Green Energy for Better Future) |
| ସ୍ଲୋଗାନ (Slogan) | ଶକ୍ତି ସଂରକ୍ଷଣ (Energy Conservation) |
| କବିତା (Poem) | ଶକ୍ତି ବଞ୍ଚାଅ, ପରିବେଶ ବଞ୍ଚାଅ (Save Energy, Save Environment) |

**୨) ଶକ୍ତି କ୍ଲବର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ପାଇଁ ରାଜ୍ୟସ୍ତରୀୟ ପ୍ରତିଯୋଗିତା**

ଶକ୍ତି କ୍ଲବ କାର୍ଯ୍ୟକଳାପର ସଫଳତାର କାହାଣୀ Success Story of Activity of Energy Club

- ଏହି ଅନ୍‌ଲାଇନ ପ୍ରତିଯୋଗିତା www.ecoclubcompetitions.org ପ୍ଲାଟଫର୍ମରେ ଉପଲବ୍ଧ । ପ୍ରତିଯୋଗିତା ଗୁଡିକ ୨୧ରୁ ୨୭ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଚାଲୁରହିବ । ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ।
- କେବଳଓଡ଼ିଶାର ଶକ୍ତି କ୍ଲବ ବିଦ୍ୟାଳୟର ଛାତ୍ର-ଛାତ୍ରୀ ଓ ଶିକ୍ଷକ-ଶିକ୍ଷୟତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ । ବିଚାରକମଣ୍ଡଳୀ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଚୁଡ଼ାନ୍ତ ଅଟେ ।

ଅଧିକ ଜାଣିବା ପାଇଁ ଦେଖନ୍ତୁ: www.ecoclubcompetitions.org
ଫୋନ: ୭୯୭୮୧୧୪୯୩୭, ହ୍ୱାଟସଆପ୍: ୭୯୭୮୭୬୧୨୨୧, ଇମେଲ୍: cescompetition@gmail.com

ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ୍ ଷ୍ଟଡିଜ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା

OIPR-08135/13/0001/2122

"କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ– ଅମଙ୍ଗଳ ମଧ୍ୟରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ– ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା– ଏହା ହିଁ ଯଥାର୍ଥ ଧର୍ମ ଓ ନୀତି। –ଶ୍ରୀଅରବିନ୍ଦ



# ରୁଷିଆର ଉଗ୍ରବାଦ



ଆନାଷ୍ଟାସିଆ ରାଡିନା

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଜାରି ରଖିଛି। ଏହାଯୋଗୁ ସେଠାରେ ଏକ ମାନବୀୟ ବିପର୍ଯ୍ୟୟ ଦେଖାଯାଇଛି। ସାରା ବିଶ୍ୱ ଏହାର ପ୍ରତ୍ୟକ୍ଷଦର୍ଶୀ ସାଜିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ୟୁକ୍ରେନ୍ ନାଗରିକଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ରୁଷୀୟ ସେନା ମାରିଉପୋଲରେ ଶିଶୁ ଓ ପ୍ରସୂତି ହସ୍ପିଟାଲରେ ଲଗାତର ବୋମା ବର୍ଷଣ କରୁଛି । ଏହା ହିଁ ବିଧ୍ୱଂସକାରୀ ତଥା ଅମାନବୀୟ କାର୍ଯ୍ୟକଳାପର ଏକ ଦୃଷ୍ଟାନ୍ତ। ୟୁକ୍ରେନରେ ଗଣହତ୍ୟା ଚାଲିଛି ବୋଲି ଯାହା ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହୁଛନ୍ତି ତାହାର ଏହା ଏକ ପ୍ରମାଣ। ଆକ୍ରମଣ ପରଠାରୁ କେବଳ ମାରିଉପୋଲରେ ୨,୧୦୦ ଲୋକଙ୍କର ମୃତ୍ୟୁ ଘଟିଛି। ୟୁକ୍ରେନର ବିଭିନ୍ନ ଅଞ୍ଚଳରେ ହଜାର ହଜାର ଲୋକଙ୍କୁ ପଣବନ୍ଦୀ କରି ରଖାଯାଇଛି ଓ ସହରଛାଡ଼ି ଯିବାକୁ ଦିଆଯାଉନାହିଁ। ଅନ୍ୟପକ୍ଷରେ ବିନା ସତର୍କ ସୂଚନାରେ ସେମାନଙ୍କ ଉପରେ ଆଖିବୁଜା ଗୁଳିଗୋଳା ବର୍ଷଣ କରାଯାଉଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ୨.୮ ମିଲିୟନ ଲୋକ ୟୁକ୍ରେନ୍ ଛାଡ଼ିଛନ୍ତି ଏବଂ ଲକ୍ଷାଧିକ ଲୋକ ଅନ୍ୟ ଦେଶରେ ଶରଣାର୍ଥୀ ଭାବେ ରହିବା ପାଇଁ ଘର ଛାଡ଼ିବାରେ ଲାଗିଛନ୍ତି। ଅନେକ ସୀମାରେ ଧାଡ଼ିବାନ୍ଧି ଛିଡ଼ା ହୋଇଛନ୍ତ। ଅନେକେ ପଡୋଶୀ କିମ୍ବା ଅଜଣା ବ୍ୟକ୍ତିଙ୍କ ଘରେ ରହିଛନ୍ତି। ହଜାର ହଜାର ଗାଁରେ ଜାଳେଣି, ବିଦ୍ୟୁତ୍ କିମ୍ବା ପାଣି ନାହିଁ। ଲୋକମାନେ ଗାଡ଼ିଆ ପୋଖରୀ ପାଣି ପିଉଛନ୍ତି ଓ ପିଲାମାନେ ଡିହାଇଡ୍ରେଶନ ଯୋଗୁ ମୃତ୍ୟୁମୁଖରେ ପଡୁଛନ୍ତି।

ପୁଟିନ୍‌ଙ୍କ ୨୨ ବର୍ଷ ଶାସନ କାଳରେ ରୁଷିଆ ବାରମ୍ବାର ଅନ୍ୟାୟ କାର୍ଯ୍ୟ କରିଛି। ଆଣବିକ ଆକ୍ରମଣର ଧମକ ଦେଇ ବିଶ୍ୱକୁ ଭୟଭୀତ କରି ବ୍ଲାକମେଲିଂ କରୁଛି। ଚେଚେନ୍ୟା ଏବଂ ଜର୍ଜଆରେ ରୁଷିଆର ବିଧ୍ୱଂସକ ଆକ୍ରମଣକୁ ସାରା ବିଶ୍ୱ ଦେଖିଛି ଏବଂ ଠିକ୍ ସମାନ ଢଙ୍ଗରେ ଏବେ ୟୁକ୍ରେନ୍‌କୁ ଆକ୍ରମଣ ଆରମ୍ଭ କରୁଛି। ରୁଷିଆ ଅନ୍ୟାୟରେ କ୍ରିମିଆ ଦଖଲ କରିଛି ଏବଂ ବିଶ୍ୱରେ ଅନ୍ୟ ଦେଶ ବିରୋଧରେ ଛାୟା ଯୁଦ୍ଧ ଚଳାଇଛି। ରୁଷିଆ ସମର୍ଥିତ ସିରିଆର ଅବସ୍ଥା ନ କହିବା ଭଲ। ସେଠାରେ ମୋଟ ଜନସଂଖ୍ୟାର ୯୦% ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଏଭଳି ସ୍ଥିତିରେ ସିରିଆର ୧୭.୫ ମିଲିୟନ ଲୋକଙ୍କ ମଧ୍ୟରୁ ୧୪.୬ ମିଲିୟନ ମାନବୀୟ ସହାୟତା ଆବଶ୍ୟକ କରନ୍ତି ବୋଲି ଜାତିସଂଘ ରିପୋର୍ଟରୁ ଜଣାପଡ଼ିଛି। ସାମ୍ପ୍ରତିକ ସ୍ଥିତିରେ ଅନ୍ତର୍ଜାତୀୟ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଏବଂ ମାନବୀୟ ଆଇନଗୁଡ଼ିକର ବାରମ୍ବାର ଉଲ୍ଲଂଘନ ହେଉଥିବାବେଳେ ୟୁକ୍ରେନ୍ ଏବେ ତା' ଆକାଶ ସୀମାକୁ ସୁରକ୍ଷିତ ରଖିବା ପାଇଁ ଅସ୍ତ୍ରଶସ୍ତ୍ର ଓ ମିଶାଇଲ ଆବଶ୍ୟକ କରୁଛି। ମିଲିଟାରୀ, ଆର୍ଥିକ ଏବଂ ମାନବୀୟ ସହାୟତା ଯୋଗାଇ ଦେଲେ ପର୍ଯ୍ୟାପ୍ତ ହେବ ନାହିଁ। ବରଂ ଆହୁରି ଅଧିକ ବୈଧ ପଦକ୍ଷେପ ନେଇ ପୁଟିନଙ୍କୁ ବିଶ୍ୱରେ ଏକଘରିଆ କରିବାର ଆବଶ୍ୟକତା ରହିଛି। ଏହା ହିଁ ୟୁକ୍ରେନ୍ ପାଇଁ ଆବଶ୍ୟକ । ଏଥିପାଇଁ ଆଣ୍ଟି କରପଶନ ପଲିସି ବା ଦୁର୍ନୀତି ବିରୋଧୀ ନୀତି ଉପରେ ଗଠିତ ୟୁକ୍ରେନ୍ ପାର୍ଲାମେଣ୍ଟ କମିଟି ସ୍ୱର ଉଠାଇଛି। ବିଦେଶ ବ୍ୟାଙ୍କରେ କଳାଟଙ୍କା ଜମା ରଖିବା ପ୍ରକ୍ରିୟା(ମନି ଲଣ୍ଡରିଂ)ରୁ ରୁଷିଆକୁ ବହିଷ୍କାର କରିବା ସହ ବିପଦ ସୃଷ୍ଟିକାରୀ ଦେଶ ଭାବେ କଳାତାଲିକାଭୁକ୍ତ କରିବାକୁ ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍) ନିକଟରେ ଏହି କମିଟି ଦାବି କରିଛି। ତେବେ କଳାଟଙ୍କା ଜମା ରଖିବା ଓ ଉଗ୍ରବାଦକୁ ପାଣ୍ଠି ଯୋଗାଣ ବିରୋଧରେ ଲଢ଼େଇ କରୁଥିବା ଏହି ଅନ୍ତର୍ଜାତୀୟ ସଂସ୍ଥା ରୁଷିଆ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅସମ୍ଭବ । ଏପରିକି ଯୁଦ୍ଧରେ ମରିଉପୋଲ ଭଳି ଯେଉଁ ସବୁ ଅପରାଧ ଘଟାଇଛି, ତା'ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ଏଫ୍‌ଏଟିଏଫ୍ ବିଫଳ ହୋଇଛି। ବିଶ୍ୱ ଆର୍ଥିକ ବ୍ୟବସ୍ଥାରେ ବିପଦ ସୃଷ୍ଟି କରୁଥିବା କଳାଟଙ୍କା ଜମା କରିବା ଏବଂ ଉଗ୍ରବାଦକୁ ପାଣ୍ଠି ଯୋଗାଇବା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ୧୯୮୯ରେ ଜି୭ ଦ୍ୱାରା ଏଫ୍‌ଏଟିଏଫ୍ ଗଠନ କରାଯାଇଥିଲା। ଏଥିରେ ରୁଷିଆ ସମେତ ୩୯ ସଦସ୍ୟ ରହିଛନ୍ତି। ଏହା ବାଦ୍ ବିଭିନ୍ନ ଦେଶର ବିଭିନ୍ନ କ୍ଷେତ୍ରରୁ ୨୦୦ ସଦସ୍ୟ ମଧ୍ୟ ରହିଛନ୍ତି। ଯେଉଁ ଦେଶ ମନି ଲଣ୍ଡରିଂ ଏବଂ ଉଗ୍ରବାଦକୁ ପାଣ୍ଠି ଯୋଗାଣ ବିରୋଧରେ ଦୁର୍ବଳ ଆଇନ ଲାଗୁ କରି ଅନ୍ତର୍ଜାତୀୟ ଅର୍ଥବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରେ, ସେହି ଦେଶକୁ ଠାବ କରି ତାହାକୁ ବିପଜ୍ଜନକ ଦେଶ ଭାବେ ତାଲିକାଭୁକ୍ତ କରିବା ଦାୟିତ୍ୱ ମଧ୍ୟ ଏଫ୍‌ଏଟିଏଫ୍‌ର। ଏହି କ୍ରମରେ ମନିଲଣ୍ଡରିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଯୋଗୁ ୨୦୦୦ରେ ରୁଷିଆ କଳା ତାଲିକାଭୁକ୍ତ ହୋଇଥିଲା, କିନ୍ତୁ ତାହାକୁ ୨୦୦୨ରେ ହଟାଇ ନିଆଗଲା।

ରୁଷିଆର ୟୁକ୍ରେନ୍ ଆକ୍ରମଣ ଏକ ପ୍ରକାର ଉଗ୍ରବାଦ ବୋଲି କହିବା ଭୁଲ ହେବ ନାହିଁ। ରୁଷିଆର ପ୍ରତ୍ୟକ୍ଷ ନେତୃତ୍ୱରେ ଡୋନେସ୍କ ଏବଂ ଲୁହାନସ୍କ ଆଜକୁ ୮ ବର୍ଷ ହେଲା ଉଗ୍ରବାଦ କାର୍ଯ୍ୟକଳାପ ଜାରି ରଖିଛି। ଫେବୃୟାରୀ ୨୪ରୁ ଜୋରଦାର ଯୁଦ୍ଧ ହେବା ପରଠାରୁ ରୁଷିଆ ଜନବସତି, ହସ୍ପିଟାଲ, ପାଗଳଖାନା, ବାଲ୍‌ବିହାର ଉପରେ ଆକ୍ରମଣ କରିଛି। ଏପରି କି ଚେର୍ନୋବିଲ ଏବଂ ଜାପୋରିଝ୍ୟାର ଆଣବିକ ଶକ୍ତି କେନ୍ଦ୍ର ଓ କିଭ ଜଳଭଣ୍ଡାର ମଧ୍ୟ ଆକ୍ରମଣରୁ ବାଦ ପଡ଼ିନାହିଁ। ଏହି ସବୁ କାର୍ଯ୍ୟକଳାପ ଉଗ୍ରବାଦକୁ ପ୍ରତିପାଦିତ କରୁଛି।

ଏହି ସବୁ କାର୍ଯ୍ୟ ଉଗ୍ରବାଦକୁ ପାଣ୍ଠି ଯୋଗାଣ ଧାରା ବନ୍ଦ କରିବା ଲାଗି ଜାତିସଂଘ ଦ୍ୱାରା ୧୯୯୯ରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀ ଏବଂ ଆଣବିକ ଉଗ୍ରବାଦ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲଗାଇବା ଲାଗି ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀ (୨୦୦୫)ର ବୁଝାମଣାର ଉଲ୍ଲଂଘନ କରିଛି। ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବ ୧୩୭୩ (୨୦୦୧) ଅନୁଯାୟୀ ପ୍ରତ୍ୟେକ ରାଷ୍ଟ୍ର ଉଗ୍ରବାଦ କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଇବା ବନ୍ଦ କରିବା ଦରକାର, ହେଲେ ରୁଷିଆ ଲୁହାନସ୍କ ଓ ଡୋନେସ୍କରେ ଏହା ଖୋଲାଖୋଲି ଭାବେ କରିଆସୁଛି। ଏଭଳି ସ୍ଥିତିରେ ମଧ୍ୟ ରୁଷିଆ ଏଫ୍‌ଏଟିଏଫ୍‌ର ସଦସ୍ୟ ରହିଆସିଛି, ଯାହା ଅନ୍ତର୍ଜାତୀୟ ନିୟମର ଆଉ ଏକ ଅବମାନନା। ଏଫ୍‌ଏଟିଏଫର ଅଧ୍ୟକ୍ଷ ମାରୁସ୍ ପ୍ଲିୟର ଏବଂ ଜି୭ ଦେଶ ସମୂହ ରୁଷିଆକୁ ଏଥିରୁ ବହିଷ୍କାର କରିବା ଲାଗି ପଦକ୍ଷେପ ନେବା ଦରକାର। ମନି ଲଣ୍ଡରିଂ ଏବଂ ଉଗ୍ରବାଦୀ କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଣ ବନ୍ଦ ଲାଗି ଦୃଢ଼ ରଣନୀତି ଗ୍ରହଣ କରୁନଥିବା ଦେଶଗଡ଼ିକୁ ଯେଭଳି ବିପଜ୍ଜନକ ଦେଶ ଭାବେ ଚିହ୍ନିତ କରାଯାଉଛି ସେହିଭଳି ରୁଷିଆକୁ କରାଯିବା ଉଚିତ।

ଏଫ୍‌ଏଟିଏଫ୍ ଏଯାବତ୍ ୟୁକ୍ରେନ୍ ସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକଟ କରିଛି ଏବଂ ଏହାର ସାଂଗଠନିକ ପରିସରରେ ରୁଷିଆ ଭୂମିକାକୁ ସମୀକ୍ଷା କରୁଛି ବୋଲି ସୂଚନା ଦେଇଛି। ତେବେ ଏହା ଜୁନ୍ ଭିତରେ ପୁନର୍ବାର ବୈଠକ ହୋଇପାରିବେ ନାହିଁ । ଏଫ୍‌ଏଟିଏଫ୍ ସେହି କାର୍ଯ୍ୟସୂଚୀ ବଦଳାଇବ ନାହିଁ ବୋଲି ଜଣାପଡୁଛି। ଏଭଳି ନିଷ୍କ୍ରିୟତା ପୁଟିନଙ୍କ ସପକ୍ଷରେ ଯାଉଛି ବୋଲି ବୁଝିବାକୁ ହେବ। ଅନ୍ତର୍ଜାତୀୟ ବୁଝମଣାଗୁଡ଼ିକୁ ଠିକ୍ ସମୟରେ ଯଦି ଠିକ୍ ଭାବେ ପାଳନ ନ ହୁଏ ଓ ଲାଗୁ କରା ନ ଯାଏ, ତେବେ ସେଗୁଡ଼ିକର କୌଣସି ଗୁରୁତ୍ୱ ରହିବ ନାହିଁ। ସତ୍ୟ ସାମ୍ନାକୁ ଆସିଛି, ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ନ ହେଲେ ଆଗାମୀ ଦିନରେ ରୁଷିଆକୁ ରୋକିବା କେବେ ବି ସମ୍ଭବ ହେବ ନାହିଁ। ନାଗରିକମାନଙ୍କୁ ଲଗାତର ଆକ୍ରମଣ କରାଯାଉଥିବାରୁ ପାଶ୍ଚତ୍ୟ ଦେଶଗୁଡ଼ିକ ମାନବୀୟ ବିପର୍ଯ୍ୟୟର କାରଣ ଦର୍ଶାଇ ପୁଟିନଙ୍କୁ ନିୟନ୍ତ୍ରଣ କରିପାରିବେ। କିନ୍ତୁ ପ୍ରଥମେ ଏଫ୍‌ଏଟିଏଫ ଏକ ନିର୍ଣ୍ଣାୟକ ପଦକ୍ଷେପ ନେବା ହିଁ ସବୁଠୁ ଭଲ ହେବ।

ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗି ଲାଭ୍‌ରୋଭ ମାରିଉପୋଲ ହସ୍ପିଟାଲ ବମିଂକୁ 'ଦୁଃଖଦାୟକ' କହି ଠିକ୍ କରିଛନ୍ତି। ହେଲେ ଆଗକୁ ଆଉ ଏଭଳି କେବେ ହେବ ନାହିଁ ବୋଲି ନିଶ୍ଚିତ କରିବା ପାଇଁ ପାଶ୍ଚାତ୍ୟ ପଦକ୍ଷେପ ନେବା ଆବଶ୍ୟକ।

**ଆଣ୍ଟି କରପ୍‌ଶନ ପଲିସି କମିଟି (ୟୁକ୍ରେନ ପାର୍ଲାମେଣ୍ଟ)ର ମୁଖ୍ୟ**

# ସାମ୍ପ୍ରତିକ ସମୟବୋଧ



ଡ. ମନୋରଞ୍ଜନ ବିଷୋୟୀ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱସନୀୟ ପରିବର୍ତ୍ତନ। ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର। ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱ ପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି। ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ, ଯାହାର ଜ୍ୱଳନ୍ତ ଉଦାହରଣ ସମ୍ପ୍ରତି ଦେଖାଦେଇଥିବା ପରିସ୍ଥିତି।

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି। ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ। ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ। ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି। ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି। ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି। ସମ୍ପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର। ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି। ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି। ଦେଶଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି।

ଏ ପରିପ୍ରେକ୍ଷୀରେ କହିରଖେ, ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ। ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା। ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର। ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବସିତ। ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି। ଦିନେ ଉପନିଷଦୀୟ ଅଭିବ୍ୟକ୍ତିର ମଣିଷ ଥିଲା ଅମୃତର ସନ୍ତାନ। ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟି ଲାଭ କରିଥିବା ବିଶ୍ୱାସ କରାଯାଏ। ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା। କିନ୍ତୁ ଆଜିର ଏହି ସଙ୍କଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ।

ଏଠାରେ କହିରଖେ, ଭାରତୀୟ ଅନୁଭୂତିରେ ଜୀବନ–ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ। ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ। ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହେଉଛି ଏକମାତ୍ର ପନ୍ଥା। ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା। କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ। ଆପଣାର ସ୍ୱାର୍ଥ ସିଦ୍ଧି ପାଇଁ ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି। ପରିଣତି ସ୍ୱରୂପ ନା ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା, ନା ସମୂହରେ ପାଇଛି ସ୍ୱୀକୃତି। କହିବାକୁ ଗଲେ ସାମ୍ପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ। ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି।

ପରିଶେଷରେ କେବଳ ଏତିକି କହିବି– ସାମ୍ପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି। କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା ବ୍ୟକ୍ତିତ୍ୱର ପରାଜୟ ନୁହେଁ। ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ। ସେହି ଧାରାରେ ସମାଜର ପୁନର୍ଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି।

**ସ୍ନାତକୋତ୍ତର ଓଡ଼ିଆ ବିଭାଗ**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର**
**ମୋ: ୮୮୯୫୧୪୧୭୨୭**

## ଏଇ ଭାରତରେ

ଶିକ୍ଷାଦାନରେ ସୀମିତ ରହିନାହାନ୍ତି କେରଳର ମୁରିକାଶ୍ଶୁକୁଡ଼ିସ୍ଥ ସରକାରୀ ଆଦିବାସୀ ଉଚ୍ଚମାଧ୍ୟମିକ ସ୍କୁଲର ଦୃଷ୍ଟିବାଧିତ ଶିକ୍ଷୟିତ୍ରୀ ଲିନ୍ସି ଜର୍ଜ । ଇଡୁକ୍କି ଜିଲାର ଉକ୍ତ ସ୍କୁଲରେ ପଢୁଥିବା ଅନେକ ଗରିବ ଆଦିବାସୀ ପିଲାମାନେ କିଭଳି ଭଲ ଖାଇବେ ଓ ଭଲ ଘରେ ରହି ପଢିବେ ସେଥିପାଇଁ ସେ ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏବେ ସୁଦ୍ଧା ସେ ପିଲାମାନଙ୍କ ପାଇଁ ୬ଟି ଘର ନିର୍ମାଣ କରିସାରିଲେଣି। ଲୋକମାନଙ୍କଠାରୁ ପାଖାପାଖି ୫ ଲକ୍ଷ ଟଙ୍କା ଦାନ ଆକାରରେ ଯୋଗାଡ଼ କରି ଏହି ଘରଗୁଡ଼ିକ ନିର୍ମାଣ କରିଛନ୍ତ ଓ ଏଥିରେ ରହୁଥିବା ଗରିବ ପିଲାମାନଙ୍କର ସବୁ ଖର୍ଚ୍ଚ ମଧ୍ୟ ସେ ବହନ କରୁଛନ୍ତି। ୨୦୦୭ରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ଜଣେ ଅଭାବୀ ପରିବାରର ଛାତ୍ରୀ ଭୋକରେ ଥିବା ଓ ତା'ପୂର୍ବ ରାତିରୁ ଖାଇ ନ ଥିବା ଲିନ୍ସିଙ୍କୁ କହିବା ପରେ ସେ ପିଲାଟିକୁ ଖାଇବାକୁ ଦେଇଥିଲେ। ଏହା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା ଓ ପରେ ତାଙ୍କ ସ୍କୁଲରେ ପଢୁଥିବା ଏଭଳି ଅନେକ ପିଲାଙ୍କୁ ରହିବାକୁ ଘର ଓ ଖାଦ୍ୟ ଯୋଗାଇବା ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ । କେବଳ ଏତିକି ନୁହେଁ ଲକ୍‌ଡାଉନ ସମୟରେ ଅନ୍‌ଲାଇନ କ୍ଲାସ୍ ଲାଗି ସେ କେତେଜଣ ପିଲାଙ୍କୁ ମୋବାଇଲ ଓ ୧୦୦ ଗରିବ ପରିବାରକୁ ରାଶନ ଯୋଗାଇ ଦେଇଛନ୍ତି । ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରୁଛନ୍ତି ତାଙ୍କ ସ୍ୱାମୀ ସେବାଷ୍ଟିନା, ଯିଏ ଏକ ଘରୋଇ କଲେଜରେ ଜଣେ ଅଫିସ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ମାର୍ଚ୍ଚ ୧୯୯୭**

- ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଶେଖ୍ ମକ୍ତୁମ ବିନ୍ ରଶିଦ୍ ଅଲ ମାକ୍ତୁମଙ୍କ ଇସ୍ତଫା ପ୍ରଦାନ।
- ଦିଲ୍ଲୀ ପରିବହନ ନିଗମର ଏକ ବସ୍ ଉତ୍ତର ପ୍ରଦେଶର ଅଲିଗଡ଼ସ୍ଥିତ ଅପରଗଙ୍ଗା କେନାଲକୁ ଖସିପଡ଼ିବା ଫଳରେ ୧୬ ମୃତ।
- ଦୂରଦର୍ଶନରେ ପ୍ରସାରିତ 'ଆଖୋଁ ଦେଖି' ଓ 'କଶ୍ମୀର ଫାଇଲ' କାର୍ଯ୍ୟକ୍ରମର ଶ୍ରୀନଗରସ୍ଥିତ ସାମ୍ବାଦିକ ସାଇଦାନ ଶାଫିଙ୍କୁ ଉଗ୍ରପନ୍ଥୀମାନେ ନରସିଂହାରଠାରେ ଗୁଳିକରି ହତ୍ୟା କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 1 | 4 |
| | | | | | | | | 8 |
| | | 4 | | 7 | 5 | | | |
| | | | 5 | 1 | | 7 | | |
| | | | | 4 | | 2 | | |
| | | | | 2 | | | 8 | 9 |
| | 3 | | | | | | | |
| 6 | | | 4 | 8 | 2 | | | |
| | | 7 | | | 9 | 4 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 8 | 1 | 5 | 3 | 7 | 9 |
| 5 | 1 | 9 | 4 | 7 | 3 | 8 | 2 | 6 |
| 7 | 8 | 3 | 2 | 9 | 6 | 4 | 5 | 1 |
| 9 | 7 | 5 | 1 | 3 | 8 | 2 | 6 | 4 |
| 2 | 6 | 8 | 9 | 5 | 4 | 1 | 3 | 7 |
| 4 | 3 | 1 | 7 | 6 | 2 | 9 | 8 | 5 |
| 1 | 9 | 6 | 3 | 2 | 7 | 5 | 4 | 8 |
| 3 | 5 | 4 | 6 | 8 | 1 | 7 | 9 | 2 |
| 8 | 2 | 7 | 5 | 4 | 9 | 6 | 1 | 3 |

ଗତକାଲିର ଉତ୍ତର

# ସାଂସ୍କୃତିକ ପୃଷ୍ଠଭୂମିରେ ଓଳକଣା ମେଳଣ



ଶୁଭେନ୍ଦୁ କୁମାର ଭୂୟାଁ

ବସନ୍ତର ଆଗମନ ସହିତ ପ୍ରକୃତି ଓ ପରିବେଶ ଭିତରେ ଏବେ ଦେଖାଦେଇଛି ଏକ ଅପୂର୍ବ ପରିବର୍ତ୍ତନର ଦୃଶ୍ୟପଟ। ଏଇ ସୁନ୍ଦର ସୁଶୋଭିତ ଏବଂ ରମଣୀୟ ପରିବେଶ ସହିତ ଓହ୍ଲାଇ ଆସିଛି ଦୋଳଯାତ୍ରାର ସାଂସ୍କୃତିକ ପରିଚୟ। ପୁରାତନ ଉତ୍କଳର ଧର୍ମ, ସଂସ୍କୃତି, ଐତିହ୍ୟର ଚେତନା ଭିତରେ ଦୋଳପର୍ବର ଆବାହନ ଓ ପାଳନ ଆମ ସାମାଜିକ ଜୀବନରେ ଏକ ସ୍ମରଣୀୟ ଅଧ୍ୟାୟ। ପ୍ରେମମୟ ପୁରୁଷୋତ୍ତମ ଶ୍ରୀକୃଷ୍ଣ ଓ ପ୍ରେମର ରାଣୀ ଶ୍ରୀରାଧାଙ୍କ ମିଳନ ହେଉଛି ଏହି ଦୋଳୋତ୍ସବର ମୁଖ୍ୟ ଆଧାର।

ପୁରୀ ଶ୍ରୀକ୍ଷେତ୍ରରେ ପାଳିତ ଦୋଳମିଳନ, ଯାଜପୁର ଜିଲା ଧର୍ମଶାଳାରେ ଅନୁଷ୍ଠିତ ପୁରାତନ ମୁନ୍‌ସୀ ମେଳଣ, ନେମାଳପୀଠର ଦୋଳଯାତ୍ରା, ବ୍ରହ୍ମଗିରିରେ ହରିହର ଭେଟ, ଏରଞ୍ଚ ନୃସିଂହନାଥଙ୍କ ଦୋଳପର୍ବ, ବୟାଳିଶ ମୌଜାର ଗୋପୀନାଥ ଦୋଳ ଭଳି ଅବିଭକ୍ତ କଟକ ଜିଲାର ଓଳକଣା ଦୋଳ ମେଳଣ ପୌରାଣିକ ପୃଷ୍ଠଭୂମିର ଦୋଳମିଳନ ଭାବରେ ସର୍ବଜନବିଦିତ। ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଦୋଳ ମେଳଣ ଯାତ୍ରାଠାରୁ ଓଳକଣା ମେଳଣ ଅନ୍ୟ କେତୋଟି ଦୃଷ୍ଟିକୋଣରୁ ବେଶ୍ ନିଆରା। ସ୍ୱାଭାବିକ ଭାବରେ ମେଳଣ ଯାତ୍ରାରେ ଆସୁଥିବା ଠାକୁରବାଡ଼ିଗୁଡ଼ିକର ବିମାନଙ୍କୁ ଆନୁଷ୍ଠାନିକ ଭାବରେ ନିମନ୍ତ୍ରଣ କରାଯିବା ସହିତ ଯଥାବିଧି ବିଦାକି ସମ୍ମାନ ଦେବାର ପରମ୍ପରା ଥାଏ। କିନ୍ତୁ ଓଳକଣା ଯାତ୍ରାରେ ଅଂଶଗ୍ରହଣ କରୁଥିବା ପ୍ରାୟ ଦେଢ଼ଶହ ବିମାନଙ୍କୁ ଆମନ୍ତ୍ରଣ କରାଯାଇ ନ ଥାଏ। ବହୁ ପ୍ରାଚୀନ କାଳରୁ ଆୟୋଜିତ ଏହି ଦୋଳ ଯାତ୍ରାରେ ଠାକୁରମାନେ ଆପଣାଛାଏଁ ଆସିଥାନ୍ତି। ଠାକୁରମାନଙ୍କୁ ମଧ୍ୟ ବିଦାକି ଦିଆଯାଇ ନ ଥାଏ। ଥାଟବାଟ, ରଙ୍ଗରୋଶଣୀର ଭିଡ଼ରେ ମହାଆଡ଼ମ୍ବରରେ ଆସୁଥିବା ବିମାନଗୁଡ଼ିକୁ କିନ୍ତୁ ସୁନ୍ଦର ଭାବରେ ପରିଚର୍ଯ୍ୟା କରାଯାଇଥାଏ। ମେଳଣ ପରେ ଦେବସଭା ଭଙ୍ଗପରେ ଠାକୁରମାନେ ବ୍ରାହ୍ମମୁହୂର୍ତ୍ତରେ ବିଦାୟ ନେଲାବେଳେ ସେମାନଙ୍କ ବିମାନ ସାମ୍ନାରେ ବିଛା ହୋଇଥିବା ନବବସ୍ତ୍ର ବିପୁଳ ନୈବେଦ୍ୟଭାରରେ ଭରିଯାଇଥାଏ।

ସର୍ବତ୍ର ଦେଖାଯାଏ, ଦୋଳମିଳନ ଶ୍ରୀରାଧା–କୃଷ୍ଣଙ୍କ ଚେତନାର ପ୍ରତୀକ। କିନ୍ତୁ ଓଳକଣା ମେଳଣର ପୃଷ୍ଠଭୂମି ସୃଷ୍ଟିକର୍ତ୍ତା ଶ୍ରୀହରି ଓ ସଂହାର କର୍ତ୍ତା ହରହର ମହାଦେବଙ୍କ ମିଳନର ବାର୍ତ୍ତା ପ୍ରଚାର କରିଥାଏ। କାରଣ ଓଳକଣା ମେଳଣର ଉତ୍ପତ୍ତି 'ହରି–ହର ଦର୍ଶନ' ମୂଳଭିତ୍ତି ଉପରେ ହିଁ ପ୍ରତିଷ୍ଠିତ। ପରମଭକ୍ତ ମହାତ୍ମା ବିଦୂରଙ୍କ ଭକ୍ତି ଓ ସମର୍ପଣ ଭାବରେ ସନ୍ତୁଷ୍ଟ ହୋଇ ଭକ୍ତର ମନୋବାଞ୍ଛା ପରିପୂରଣ ପାଇଁ ଶ୍ରୀକୃଷ୍ଣ ତାଙ୍କୁ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହର ରୂପରେ ଦର୍ଶନ ଦେବାକୁ ସମ୍ମତି ପ୍ରଦାନ କରିଥିଲେ। ଓଳକଣା ମେଳଣର ଅନ୍ତିମ ତିଥିରେ ସୂକ୍ଷ୍ମରୂପୀ ବିଦୂରଙ୍କ ସମେତ ସମାଗମ ସହସ୍ରାଧିକ ଭକ୍ତଜନ ଏହି ଦେବଦୁର୍ଲଭ ରୂପ ଦର୍ଶନ କରିଥାନ୍ତି। ଏହି ମେଳଣକୁ ବିଜେ ହୋଇଥିବା ଶତାଧିକ ବିମାନଗୁଡ଼ିକରେ ରାଧାକୃଷ୍ଣଙ୍କର ବିଗ୍ରହ ଆସିଥିଲା ବେଳେ ଏକମାତ୍ର ଭଦ୍ରେଶ୍ୱରଙ୍କ ବିମାନରେ ରାଧାକୃଷ୍ଣଙ୍କ ସହିତ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ପ୍ରତୀକ 'ହର' ହିଁ ଓଳକଣା ମେଳଣକୁ ଆସିଥାନ୍ତି। ମାହାଙ୍ଗାର ଭଦ୍ରେଶ୍ୱର ଗ୍ରାମରୁ ଆସୁଥିବା ଶ୍ରୀ ବୀରଭଦ୍ରେଶ୍ୱର ବିମାନ ମେଳଣର ଅନ୍ୟତମ ଆକର୍ଷଣ। କାରଣ ସେ ହେଉଛନ୍ତି ମେଳଣପଡ଼ିଆର ଅଧିପତି। ଭଦ୍ରେଶ୍ୱର ବିମାନରେ ଠାକୁର 'ରାଧାକୃଷ୍ଣ'ଙ୍କ ବିଗ୍ରହ ସହିତ ଶିବଶକ୍ତିର ପ୍ରତୀକ 'ଚୂଳମାଳ' ଆସିଥାଏ। ମେଳଣକୁ ଆସିବା ଦିନ ଭଦ୍ରେଶ୍ୱର ଶୈବମନ୍ଦିରରେ ବଡ଼ପଣ୍ଡା ଚୂଳମାଳ ଚଢ଼ାଇବା ସହିତ ପହଡ଼ ପକାଇଥାନ୍ତି। ଇତିମଧ୍ୟରେ ବିମାନରେ ରାଧାକୃଷ୍ଣ ବିଗ୍ରହ ଗ୍ରାମରୁ ଭୋଗ ଖାଇ ଆସିବା ପରେ ଅନ୍ନପ୍ରସାଦ ଅର୍ପଣ କରାଯାଇଥାଏ। ଏହାପରେ ବୀରଭଦ୍ରେଶ୍ୱରଙ୍କ ପାଖରୁ ଭଗବତୀଙ୍କୁ ଅବିର ଦିଆଯାଇଥାଏ। ରାଧାକୃଷ୍ଣଙ୍କ ବିଗ୍ରହ ସହ ଯାତ୍ରା ପାଇଁ 'ହର'ଙ୍କର ପ୍ରତୀକ ଭାବରେ ଅର୍ପଣ କରାଯାଇଥିବା ଚୂଳମାଳ ଭଦ୍ରେଶ୍ୱରଙ୍କଠାରୁ ଛାଏଁ ଖସିଥାଏ। ଏହା ଖସିଲେ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ଆଦେଶ ବୋଲି ଗ୍ରହଣ କରାଯାଏ। ଏହାପରେ ଚୂଳମାଳକୁ ନେଇ ରାଧାକୃଷ୍ଣ ବସିଥିବା ପୁଷ୍ପକ ବିମାନରେ ସ୍ଥାପନ କରାଯାଇଥାଏ। ଏହି ଚୂଳମାଳକୁ ଜଗିବା ପାଇଁ ଦୁଇଟି ତମ୍ବାନିର୍ମିତ ନାଗବିଗ୍ରହ ଦ୍ୱାରପାଳ ରୂପରେ ବିମାନରେ ସ୍ଥାପିତ ହୋଇଥାନ୍ତି। ପୁଷ୍ପକବିମାନ ମେଳଣକୁ ଯାତ୍ରାରମ୍ଭ କରିବା ପୂର୍ବରୁ ତାଙ୍କୁ ମଙ୍ଗଳ ଆରତି କରାଯାଇଥାଏ। ଏହାକୁ 'ବିଜେ ଆଳତି' ବା 'ବିଜୟୀ ଆଳତି' ମଧ୍ୟ କୁହାଯାଏ। ରାଜସ୍ୱ ଗ୍ରାମ ଗୋବିନ୍ଦପୁରର ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କୁ ଅବିର ପ୍ରଦାନ କରି ସେଠାରୁ ଆଜ୍ଞାମାଳ ଆସିବା ପରେ ହିଁ ବିଜୟୀ ଆରତି କରାଯାଇଥାଏ। ପୁଷ୍ପକବିମାନ ଭଦ୍ରେଶ୍ୱରଙ୍କ ମନ୍ଦିର ପରିକ୍ରମା କରିବା ପରେ ଯାଇ ଠାକୁରଙ୍କୁ ଚୂଳମାଳ ବିମାନରେ ବିଜେ ହୋଇଥାନ୍ତି।

ଆଳି ରାଜାଙ୍କ ବିମାନକୁ ମଧ୍ୟ ମେଳଣରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଏହି ସୁପ୍ରସିଦ୍ଧ ଦୋଳ ମେଳଣ, ପୂର୍ବରୁ ମୋଗଲବନ୍ଦୀ ଓ ରାଜଯୋଡ଼ା ଅଞ୍ଚଳର ସୀମା କ୍ଷେତ୍ରରେ ଆୟୋଜିତ ହେଉଥିବାରୁ ଆଳିର ସୂର୍ଯ୍ୟବଂଶୀ ରାଜା ଏହି ଦୁଇ ଶାସନାଧୀନ ଅଞ୍ଚଳରେ ସଂହତି ରକ୍ଷା ପାଇଁ ଏହି ଓଳକଣା ମେଳଣକୁ ପୃଷ୍ଠପୋଷକତା କରିଆସୁଥିଲେ। ପୂର୍ବରୁ ଓଳକଣା ମୋଗଲବନ୍ଦୀ ଓ ନିକଟସ୍ଥ ଅରାଖଣ୍ଡ ରାଜବନ୍ଦୀ ଅଞ୍ଚଳରେ ଥିଲା। ଡେରାବିଶର ରାଜନଗରଠାରେ ଆଳି ରାଜାଙ୍କର ଦ୍ୱିତୀୟ ରାଜଧାନୀ ଥିଲା। ସେଠାରୁ ଆସୁଥିବା ବିମାନ ହିଁ ପ୍ରଥମେ ଓଳକଣା ପଡ଼ିଆକୁ ପ୍ରବେଶ କରିବା ପରେ ଅନ୍ୟ ସମସ୍ତ ବିମାନ ପ୍ରବେଶ କରିଥାନ୍ତି। ସେହିପରି ଏକମାତ୍ର ଆଳି ରାଜାଙ୍କ ବିମାନ ଉପରେ ଚନ୍ଦ୍ରାତାପ ଟଙ୍ଗା ଯାଇଥାଏ। ରାଜାଙ୍କ ବିମାନ ସହିତ ଡେରାବିଶରୁ ରାଣୀଙ୍କ ବିମାନରେ ଲକ୍ଷ୍ମୀଠାକୁରାଣୀ ମଧ୍ୟ ଏହି ମେଳଣକୁ ବିଜେ କରିଥାନ୍ତି। ମେଳଣ ପଡ଼ିଆରେ ପ୍ରବେଶ ପାଇଁ ତିନି ଦିଗରେ ତିନୋଟି ପ୍ରବେଶ ଫାଟକ ରହିଛି। ପ୍ରତ୍ୟେକ ଫାଟକରେ ଥିବା ସ୍ତମ୍ଭ ଦୁଇଟିରେ ବୃଷଭ ଓ ଗରୁଡ଼ଙ୍କର ବିଗ୍ରହ ରହିଥିବା ପ୍ରକାଶ। ହରି ଓ ହରଙ୍କ ବାହନ ଭାବରେ ଏହି ପ୍ରତୀକ ବିଗ୍ରହ ସ୍ଥାନ ପାଇବା ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ।

ଏହି ମେଳଣ ମଧ୍ୟରାତ୍ରରୁ ଆରମ୍ଭ ହୋଇ ପ୍ରାତଃକାଳରେ ହିଁ ଶେଷ ହୋଇଥାଏ। କିନ୍ତୁ ଅପରାହ୍ନରୁ ଓଳକଣା ମେଳଣପଡ଼ିଆରେ ହାଟବଜାର ଖୋଲିଂଯାଏ। ଭଦ୍ରେଶ୍ୱରଙ୍କ ବିମାନ ସହିତ ୧୦୮ଟି ଘଣ୍ଟ ଓ ଦୁଇଟିମଶାଲ ମଧ୍ୟ ଆସିଥାଏ। ଏହି ୧୦୮ଜଣ ଘଣ୍ଟପାଟିଆ ମେଳଣର ଅନ୍ୟତମ ଆକର୍ଷଣ। ଭଦ୍ରେଶ୍ୱରଙ୍କ ୧୦୮ଜଣ ଘଣ୍ଟବାଦକ ସହିତ ପବିତ୍ର 'ଚୂଳମାଳ' ମେଳଣ ପଡ଼ିଆର ଉତ୍ତର ଦିଗରେ ଥିବା ବିଦୂର ମନ୍ଦିର ନିକଟକୁ ଯାତ୍ରାରମ୍ଭ କରିଥାଏ। ବିଦୂରଙ୍କ ବିଗ୍ରହର ନିକଟରେ ପୂଜାର୍ଚ୍ଚନା ପରେ ମୁଖ୍ୟ ପୂଜକ ମଙ୍ଗଳ ଆରତି ପ୍ରଦର୍ଶନ କରିଥାନ୍ତି। ଏହି ସମୟରେ ମେଳଣ ପଡ଼ିଆରେ ଥିବା ଭଦ୍ରେଶ୍ୱରଙ୍କ ବିମାନ ସମ୍ମୁଖରେ ଆରତି କରାଯାଇଥାଏ। ଏହି ଉଭୟ ଆରତିର ମହାମିଳନ ଘଟିବା ସହିତ ପୁରାଣ ପ୍ରସିଦ୍ଧ ଓଳକଣା ମେଳଣର ଅନ୍ତିମ ମୁହୂର୍ତ୍ତ ଉପଗତ ହୋଇଥାଏ। ମେଳଣର ଅଧିପତି ଭଦ୍ରେଶ୍ୱର ବିମାନ ଦେବସଭା ଭଙ୍ଗ କରି ପ୍ରଥମେ ଆସ୍ଥାନରୁ ଉଠିବା ପରେ ଅନ୍ୟ ବିମାନଗୁଡ଼ିକ ମଧ୍ୟ ନିଜ ନିଜ ଆସନରୁ ବିଦାୟ ନିଅନ୍ତି। ଅବିଭକ୍ତ କଟକ ଜିଲାର ସୀମାନ୍ତ କ୍ଷେତ୍ର ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଜିଲା ଠାକୁରବାଡ଼ିରୁ ବିମାନଗୁଡ଼ିକ ପ୍ରତିବର୍ଷ ଓଳକଣା ମେଳଣ ପଡ଼ିଆକୁ ଆସିଥାନ୍ତି। ଆଇନ ଶୃଙ୍ଖଳା ଓ ପ୍ରଶାସନିକ ବ୍ୟବସ୍ଥା ତଦାରଖ ପାଇଁ ଉଭୟ କଟକ ଓ କେନ୍ଦ୍ରାପଡ଼ା ଜିଲାର ପ୍ରଶାସନିକ ଅଧିକାରୀ, ପୋଲିସ ଅଧିକାରୀ, ସ୍ଥାନୀୟ ଲୋକପ୍ରତିନିଧି ଓ ଠାକୁରବାଡ଼ିର ପ୍ରତିନିଧିମାନେ ଏକାଠି ଏହି ମେଳାର ସୁପରିଚାଳନା କରିଥାନ୍ତି।

**ପଲାଇ (ବାଲିଚନ୍ଦ୍ରପୁର), ଯାଜପୁର**
**ମୋ : ୯୪୩୭୨୨୬୭୯୭**

## ପାଠକ ଶ୍ରେଷ୍ଠ ବିଚାରକ

### ଅନୁଦାନ ଅବଦାନ

ମହାଶୟ,

ଏଥର ରାଜ୍ୟବ୍ୟାପୀ ପଞ୍ଚାୟତ ନିର୍ବାଚନ ଯେଭଳି ଭାବେ ସମାପନ ହେଲା ତଥା ଅଧିକାଂଶ ପ୍ରାର୍ଥୀ ଯେଭଳି ଭାବେ ଟକ୍କର ଦେଇ ଜିତାପଟ ନେଲେ ତାହାକୁ ତ ସମସ୍ତେ ଦେଖିଲେ। ହେଲେ ବର୍ତ୍ତମାନ ଚିନ୍ତାର ବିଷୟ ହେଉଛି ପଞ୍ଚାୟତକୁ ଆସୁଥିବା ବିପୁଳ ଅନୁଦାନର ଶତ ପ୍ରତିଶତ ସଦ୍‌ବିନିଯୋଗ କଥା। କାରଣ ଅଧିକାଂଶ ପ୍ରାର୍ଥୀ ବିଶେଷତଃ ସରପଞ୍ଚ ପ୍ରାର୍ଥୀମାନେ ଗାଦି ହାସଲ ଲୋଭରେ ପାଣି ଭଳି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କଲେ ତାହା ବହୁଗୁଣା ଉଠାଇବା ପାଇଁ ସର୍ବଦା ଚେଷ୍ଟାକରିବା ନିଶ୍ଚିତ। ଏଣେ ଅଧିକାଂଶ ଭୋଟର ଭୋଟ୍ ବିକ୍ରି କରିସାରିଥିବା ତଥା ଅଧିକାଂଶ ୱାର୍ଡମେମ୍ବର ଏପରି କି ସମିତି ସଭ୍ୟ ବିଜିତ ସରପଞ୍ଚଙ୍କ ଆନୁଗତ୍ୟ ସ୍ୱୀକାର କରିବା ଦେଖାଯାଉ ଥିବାରୁ ଏମାନେ ଜାଣିଶୁଣି ଅନ୍ଧ, ମୂକ, ବଧିର ପାଲଟିବା ସ୍ୱାଭାବିକ। ଏପରିସ୍ଥଳେ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ସହଜେ ଅନୁମେୟ। ଯଦି ବିପୁଳ ଅନୁଦାନର ସଦ୍‌ବିନିଯୋଗ ହୋଇ ନ ପାରିଲା ତେବେ ଏହାର କିଛି ମୂଲ୍ୟ ଅଛି କି? ଅପରପକ୍ଷେ ବିପୁଳ ଅନୁଦାନ ହିଁ ସମସ୍ତ ନିର୍ବାଚନୀ ହିଂସାକାଣ୍ଡ ଓ ଭୋଟ ଖରିଦ ପ୍ରତିଯୋଗିତାର ମୂଳ କାରଣ ବୋଲି ବୁଦ୍ଧିଜୀବୀଙ୍କ ଦୃଢ଼ୋକ୍ତି । ସର୍ବୋପରି ଚଳିତବର୍ଷ ପଞ୍ଚାୟତ ନିର୍ବାଚନ ଆଗାମୀ ପିଢ଼ିଙ୍କୁ ଏ ଶିକ୍ଷା ପ୍ରଦାନ କଲା ଯେ ନିର୍ବାଚନରେ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିପାରୁଥିବା ପ୍ରାର୍ଥୀମାନେ ହିଁ ନିର୍ବାଚନ ଲଢ଼ିବା ପାଇଁ ଯୋଗ୍ୟ ; ଅର୍ଥହୀନ ସୁଯୋଗ୍ୟ ପ୍ରାର୍ଥୀ ନୁହେଁ। ମୋଟାମୋଟି ବିପୁଳ ଅନୁଦାନ ହିଁ ପଞ୍ଚାୟତ ନିର୍ବାଚନର ରଙ୍ଗଢଙ୍ଗ ସମ୍ପୂର୍ଣ୍ଣ ବଦଳାଇ ଦେଇଛି।

**–ରାଜ କୁମାର ସାମଲ, ଅରେଇ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିସ୍ୱନ ନିଶୀଥ କୋଳେ
ଏକାକୀ ଏ ତରୁତଳେ
ଆସ ପ୍ରିୟେ, ଭୁଲିଯିବା ଆଜି ଏ ସଂସାର,
ସଂଶୟ ତରକ ଆଦି
କୁଟିଳ ଭ୍ରୂକୁଟୀ ବ୍ୟାଧି
ନାହିଁ ଗତି ଯହିଁକି ଗୋ ମାନବ ଭାଷାର।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଗୁଳି ବିନିମୟ: ୨ ହାର୍ଡକୋର ମହିଳା ମାଓବାଦୀ ନିହତ

**ମାଲକାନଗିରି, ୧୬।୩(ଡି.ଏନ୍.ଏ.):** ମାଲକାନଗିରି ଜିଲା ଛତିଶଗଡ଼ ସୀମାନ୍ତ ସୁକ୍‌ମା ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ଜଣ ମହିଳା ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ମୁଲା ଓ ମୁଚାକି ଗାଙ୍ଗୀ। ମୁଲାଙ୍କ ନାମରେ ଛତିଶଗଡ଼ ସରକାର ୫ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିବା ବେଳେ ମୁଚାକିଙ୍କ ନାମରେ ୧ଲକ୍ଷ ଟଙ୍କା ଘୋଷଣା କରିଥିଲେ। ଗରେଲି ମୁଠେଲି ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ନେଇ ଗୋଇନ୍ଦା ସୂଚନାକୁ ଭିତ୍ତିକରି ସୁକ୍‌ମା ଓ ଦାନ୍ତେୱାଡାର ଡିଆର୍‌ଜି ବାହିନୀ ମିଳିତ ଅପରେଶନ ଆରମ୍ଭ କରିଥିଲେ। ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିବାରୁ ପୋଲିସ ପାଲଟା ଜବାବ ଦେଇଥିଲା। ତଲାସୀ ବେଳେ ୨ ଦୁଇ ଟପ୍ ହାର୍ଡକୋର ମହିଳା ମାଓବାଦୀଙ୍କ ମୃତଦେହ ମିଳିଥିବା ଦାନ୍ତେୱାଡା ଏସ୍‌ପି ସିଦ୍ଧାର୍ଥ ତିୱାରି କହିଛନ୍ତି।

# ମଥୁରା ଷ୍ଟେଶନରୁ ଠାବ ହେଲେ ରମାଦେବୀର ୨ ଦୃଷ୍ଟିହୀନ ଛାତ୍ରୀ

- ଅପହରଣ ନୁହେଁ, ସ୍ୱଇଚ୍ଛାରେ ଯାଇଥିଲେ : ପୋଲିସ
- ୟୁପି ଗଲା ଓଡ଼ିଶା ପୋଲିସର ୨ ଜଣିଆ ଟିମ୍

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୨ ଦୃଷ୍ଟିହୀନ ଛାତ୍ରୀଙ୍କୁ ଉତ୍ତର ପ୍ରଦେଶର ମଥୁରା ରେଳ ଷ୍ଟେଶନରୁ ଠାବ କରାଯାଇଛି। ଏଥିସହ ସେମାନଙ୍କୁ ଅପହରଣ କରାଯିବା ନେଇ ହେଉଥିବା ଚର୍ଚ୍ଚା ଉପରୁ ପରଦା ହଟିଛି। ଛାତ୍ରୀ ଦ୍ୱୟଙ୍କୁ କେହି ଅପହରଣ କରି ନ ଥିଲେ। ସେମାନେ ସ୍ୱଇଚ୍ଛାରେ ମଥୁରାସ୍ଥିତ ପ୍ରଭୁ କୃଷ୍ଣଙ୍କ ଆଶ୍ରମକୁ ଯାଉଥିଲେ ବୋଲି ପୋଲିସ କହିଛି। ଏବେ ଛାତ୍ରୀ ଦ୍ୱୟଙ୍କୁ ମଥୁରା ରେଲ୍‌ୱେ ପୋଲିସ ନିଜ ହେପାଜତକୁ ନେଇ ପଚରାଉଚରା କରିବା ପରେ ଓଡ଼ିଶା ପୋଲିସକୁ ଜଣାଇଛି। ତେବେ ସେମାନଙ୍କୁ ଓଡ଼ିଶା ଆଣିବାକୁ ଶହୀଦନଗର ଥାନା ପୋଲିସର ୨ ଜଣିଆ ଟିମ୍ ବୁଧବାର ଅପରାହ୍ନରେ ଉତ୍ତରପ୍ରଦେଶ ଅଭିମୁଖେ ଯାଇଛି। ସେମାନଙ୍କୁ ଓଡ଼ିଶା ଅଣାଯିବା ପରେ ଅଧିକ କିଛି ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

ଅନ୍ୟପକ୍ଷରେ ଜଣେ ଛାତ୍ରୀ ନିଜ ଘରେ ୫ପୃଷ୍ଠାର ହାତଲେଖା ଚିଠି ଛାଡ଼ି ଯାଇଥିବା ବେଳେ ଅନ୍ୟଜଣେ ଛାତ୍ରୀ ହଷ୍ଟେଲ ରୁମ୍‌ରେ ଅଡିଓ କ୍ଲିପ୍ ଛାଡ଼ି ଯାଇଥିଲେ। ପୋଲିସ ସେସବୁକୁ ଜବତ କରିଛି। ଗୋଟିଏ ଚିଠିରେ ଲେଖା ଅଛି, ଏଥିପାଇଁ କେହି ଲୋକ ଦାୟୀ ନୁହନ୍ତି। କେହି ପରସ୍ପର ମଧ୍ୟରେ ଦୋଷାରୋପ କରିବେ ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ମୋ ସ୍ୱାମୀଙ୍କ ଇଚ୍ଛାନୁକୃତ ଭାବେ ସଂଗଠିତ। ସେହିପରି ଅନ୍ୟ ଜଣେ ଛାତ୍ରୀ ଅଡ଼ିଓ କ୍ଲିପ୍‌ରେ କହିଛନ୍ତି, ପ୍ରଭୁଙ୍କ ଶ୍ରୀଚରଣରେ ପୂର୍ଣ୍ଣ ଭାବରେ ମନପ୍ରାଣ ରଖି ଯାଉଛୁ। ଅନ୍ୟ କିଛି ନ ଭାବିବାକୁ ସେ ପରିବାର ଲୋକଙ୍କୁ ଅନୁରୋଧ କରିଛନ୍ତି। ଛାତ୍ରୀ ଦ୍ୱୟ ସ୍ୱଇଚ୍ଛାରେ ଯାଇଥିବାବେଳେ କିଛି ଗଣମାଧ୍ୟମରେ ସେମାନଙ୍କୁ ଅପହରଣ କରାଯାଇଥିବା ଖବର ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଜଣେ ଛାତ୍ରୀ ରାଜଧାନୀ ଉପକଣ୍ଠର ଏକ ଗାଁରେ ରହି କଲେଜ ଯାଆନ୍ତି ଓ ଅନ୍ୟଜଣେ ଛାତ୍ରୀ କଲେଜ ହଷ୍ଟେଲରେ ରୁହନ୍ତି। ସୋମବାର ଜଣେ ଛାତ୍ରୀ କଲେଜ ଆସି ଗାଁକୁ ଫେରି ନ ଥିଲେ। ପରିବାର ଲୋକେ ମଙ୍ଗଳବାର ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଅନ୍ୟଜଣେ ଛାତ୍ରୀ କ୍ଲାସ୍ କରିବାକୁ ଆସି ହଷ୍ଟେଲ ନ ଯିବାରୁ କଲେଜ କର୍ତ୍ତୃପକ୍ଷ ସ୍ଥାନୀୟ ଅଭିଭାବକଙ୍କୁ ଜଣାଇଥିଲେ। ସେମାନଙ୍କ ଅଭିଯୋଗ ପରେ ପୋଲିସ ୨ ପୃଥକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। ଛାତ୍ରୀ ଦ୍ୱୟ ପୁରୀରୁ ଆନନ୍ଦପୁର ଯାଉଥିବା ନନ୍ଦନକାନନ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଚଢ଼ିଥିଲେ। ମୋବାଇଲ ଟ୍ରାକିଂରୁ ସେମାନେ ମଥୁରା ଷ୍ଟେଶନରେ ଥିବା ଜଣାପଡ଼ିଥିଲା।




ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍ ସରକାରୀ ହାଇସ୍କୁଲ୍‌ରେ ଜଣେ ଛାତ୍ରୀ ଟିକା ନେଉଛନ୍ତି।

# ୧୨ ରୁ ୧୪ ବର୍ଷ ପିଲାଙ୍କ ଟିକାକରଣ ଆରମ୍ଭ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

- ପ୍ରିକସନ ଡୋଜ୍ ନେଲେ ୬୦ବର୍ଷରୁ ଊର୍ଦ୍ଧ୍ୱ
- ପ୍ରଥମ ଦିନରେ ଟିକାନେଲେ ୫,୦୨୪ ପିଲା

ଓଡ଼ିଶା ସମେତ ସାରା ଦେଶରେ ବୁଧବାରଠାରୁ ୧୨ ରୁ ୧୪ ବର୍ଷ ପିଲାଙ୍କ କୋଭିଡ୍ ଟିକାକରଣ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୫୪ଟି କେନ୍ଦ୍ରରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାବେଳେ ପ୍ରଥମ ଦିନରେ ୫,୦୨୪ଜଣ ପିଲା ଟିକା ନେଇଛନ୍ତି। ହାଇଦ୍ରାବାଦ କମ୍ପାନୀ ବାୟୋଲୋଜିକାଲ ଇ-ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ କୋର୍ବେଭାକ୍ସ ଟିକା ଦିଆଯାଉଛି। ଓଡ଼ିଶାରେ ଏହି ବର୍ଗର ମୋଟ ୧୫ଲକ୍ଷ ୨୧ହଜାର ଜଣ ପିଲା ରହିଛନ୍ତି। ୨୦୧୦ ମାର୍ଚ୍ଚ ୧୫ ପୂର୍ବରୁ ଜନ୍ମ ହୋଇଥିବା ପିଲା ଏହି ଟିକାକରଣରେ ସାମିଲ ହୋଇପାରିବେ। ଟିକା ନେବା ପାଇଁ ଜନ୍ମ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ ଅର୍ଥାତ୍ ଜନ୍ମତାରିଖ ଆଧାରରେ ଟିକା ପ୍ରଦାନ କରାଯିବ। ଏଥିପାଇଁ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ୨୮ ଦିନର ବ୍ୟବଧାନରେ ଦୁଇ ଡୋଜ୍ ଟିକା ଦିଆଯିବ। ଆଧାର କାର୍ଡ ନ ଥିଲେ ପିଲାଙ୍କ ସ୍କୁଲ ଆଇକାର୍ଡରେ ମଧ୍ୟ ପଞ୍ଜୀକରଣ କରିହେବ। ଚାରିଜଣିଆ ସଦସ୍ୟ ବିଶିଷ୍ଟ ପରିବାର ଗୋଟିଏ ମୋବାଇଲ ନମ୍ବରରେ ପଞ୍ଜୀକରଣ କରିପାରିବେ।

ସେହିଭଳି ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କ ପାଇଁ ବୁଧବାରଠାରୁ ପ୍ରିକସନ ଡୋଜ୍ ଟିକାକରଣ ଆରମ୍ଭ ହୋଇଛି। ପୂର୍ବରୁ କେବଳ ବହୁବିଧ ରୋଗୀଙ୍କୁ ଏହି ପ୍ରିକସନ ଡୋଜ୍ ଦିଆଯାଉଥିଲା। କିନ୍ତୁ ଏବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ପ୍ରିକସନ ଡୋଜ୍ ଟିକା ନେଇପାରିବେ। ସେହିଭଳି ନିୟମିତ କୋଭିଡ୍ ଟିକାକରଣ ସହ ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୧୫ରୁ ୧୭ ବର୍ଷ ପିଲାଙ୍କ ଟିକାକରଣ ପୂର୍ବଭଳି ଜାରି ରହିଛି। ସୂଚନାଯୋଗ୍ୟ, ଜାନୁୟାରୀ ୩ରୁ ରାଜ୍ୟ ସରକାର ୧୫ରୁ ୧୭ବର୍ଷ ବୟସର ସମସ୍ତ ପିଲାଙ୍କ କୋଭିଡ୍ ଟିକାକରଣ ଆରମ୍ଭ କରିଛନ୍ତି। ବୁଧବାର ରାଜ୍ୟର ୨୩୨୬ କେନ୍ଦ୍ରରେ ମୋଟ ୭୨ହଜାର ୨୩୨ ଡୋଜ୍ ଟିକାକରଣ ହୋଇଛି।

# କେମିକାଲ ସ୍ପ୍ରେ କରି ସୁନା ଅଳଙ୍କାର ଲୁଟ୍

## ଗାଡ଼ି ଛାଡ଼ି ଫେରାର ହେଲେ ୨ ଦୁର୍ବୃତ୍ତ




**ଭୁବନେଶ୍ୱର,(ବ୍ୟୁରୋ)/ଝାଁଳା, ୧୬।୩ (ଡି.ଏନ୍.ଏ.)**

ରାଜଧାନୀରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ଅସହ୍ୟ ହେବାରେ ଲାଗିଛି। କେତେବେଳେ ଘରେ ପଶି ଲୁଟ୍ କରୁଛନ୍ତି ତ ପୁଣି କେତେବେଳେ ରାସ୍ତାଘାଟରେ ଦିନଦ୍ୱିପ୍ରହରରେ ସାଧାରଣ ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ବୁଧବାର ଭୁବନେଶ୍ୱର ଉପକଣ୍ଠ ଇଣ୍ଫୋସିଟି ଥାନା ଅଧୀନ ଝାଁଳା ବଜାରରେ ଥିବା ସାଗରିକା ଜୁଏଲର୍ସରୁ ଦୁଇ ଦୁର୍ବୃତ୍ତ ଦିନଦ୍ୱିପ୍ରହରରେ ଲୁଟ୍ କରି ଫେରାର ହୋଇଯାଇଛନ୍ତି। କଳାପଲ୍‌ସରରେ ୨ଜଣ ଆସି ବନ୍ଧୁକ ଦେଖାଇ ଦୋକାନୀଙ୍କ ମୁହଁକୁ କେମିକାଲ ସ୍ପ୍ରେ କରି ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଚେନ୍, ହାର ନେଇ ଚମ୍ପଟ ମାରିଛନ୍ତି। ଲୁଟର ଶିକାର ହୋଇଥିବା ମାଲିକ ହେଲେ ଝାଁଳା ବଜାରରେ ରହୁଥିବା କବିରାଜ ସୁବୁଦ୍ଧି। ଏନେଇ ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ଇଣ୍ଫୋସିଟି ଥାନା ତଥା ଝାଁଳା ଫାଣ୍ଡି ପୋଲିସ, ସ୍ପେଶାଲ ସ୍କ୍ୱାଡ୍,ଏସିପି ପହଞ୍ଚି ଛାନ୍‌ଭିନ୍ କରିବା ସହ ସିସିଟିଭି ଆଧାରରେ ଦୁର୍ବୃତ୍ତଙ୍କୁ ଧରିବା ଲାଗି ତଦନ୍ତ ଜାରି ରଖିଛନ୍ତି। ୨ ଦୁର୍ବୃତ୍ତ ଆସିଥିବା ଗାଡ଼ି ଷ୍ଟାର୍ଟ ନ ହେବାରୁ ସେମାନେ ଏହାକୁ ଛାଡ଼ି ପଳାଇଛନ୍ତି। ପୋଲିସ ଉକ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଲୁଟ କରି ଫେରାର ହେଉଥିବା ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିବାରୁ ଅଭିଯୁକ୍ତଙ୍କୁ ଧରିବାରେ ଏହା ସହାୟକ ହେବ ବୋଲି ପୋଲିସ କହିଛି।

### ମୁହଁକୁ କେମିକାଲ ସ୍ପ୍ରେ ମାରି ଲୁଟିଲେ

ଲୁଟ କରିବା ସମୟରେ ଅଭିଯୁକ୍ତମାନେ ହିଂସାତ୍ମକ ହୋଇ ଉଠୁଛନ୍ତି। କେହି ଏହାକୁ ପ୍ରତିବାଦ କରିବାକୁ ଚେଷ୍ଟା କଲେ ସେମାନେ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଝାଁଳା ବଜାରସ୍ଥିତ ସାଗରିକା ଜୁଏଲର୍ସରେ ବୁଧବାର ଲୁଟ କରିବାକୁ ଆସିଥିବା ୨ ଦୁର୍ବୃତ୍ତ ଦୋକାନୀଙ୍କୁ ପ୍ରଥମେ ବନ୍ଧୁକ ଦେଖାଇ ଧମକାଇ ଥିଲେ। ହେଲେ ଏଥିରେ ସେମାନେ ବିଫଳ ହେବାରୁ ଦୋକାନୀ କବିରାଜଙ୍କ ମୁହଁକୁ କେମିକାଲ ସ୍ପ୍ରେ କରିଥିଲେ। ଫଳରେ କବିରାଜ କିଛି ସମୟପାଇଁ କିଛି ଦେଖିପାରି ନ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତଦ୍ୱୟ ସୁନା ଗହଣା ଲୁଟ୍ କରି ଫେରାର ହେବାରେ ସଫଳ ହୋଇଯାଇଥିଲେ।

### ଦୁର୍ବୃତ୍ତଙ୍କୁ ସାହସିକତାର ସହ ସାମ୍ନା କଲେ ମାଲିକ

ଦିନ ପ୍ରାୟ ୧୨ ଘଟିକା ସମୟରେ ଦୋକାନ ମଧ୍ୟରେ ମାଲିକ କବିରାଜ ଓ ଜଣେ ପିଲା ବସିଥିଲେ। ଏହି ସମୟରେ ଦୁଇ ଦୁର୍ବୃତ୍ତ ଏକ କଳାପଲ୍‌ସରରେ ଆସି ବନ୍ଧୁକ ଦେଖାଇ ସୁନା ଦେବାକୁ କହିଥିଲେ। ଏହି ସମୟରେ କବିରାଜ ବିରୋଧ କରିବାରୁ ତାଙ୍କ ମୁହଁକୁ କେମିକାଲ ସ୍ପ୍ରେ ମାରି ସୁନାଚେନ ସହ ହାର ନେଇ ଯାଇଥିଲେ। ଆଖିକୁ କିଛି ନ ଦିଶିବାରୁ ଗୋଡ଼ ପାଖରେ ଥିବା ସାଇରନ ବେଲ୍‌କୁ ଦବାଇ ଦେଇଥିଲେ। ଫଳରେ ଆଖପାଖ ଲୋକ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଦ୍ୱୟଙ୍କୁ ଧରିବା ଲାଗି ଉଦ୍ୟମ କରିଥିଲେ। ହେଲେ ଦୁର୍ବୃତ୍ତଦ୍ୱୟ ସେମାନଙ୍କୁ ବନ୍ଧୁକ ଦେଖାଇ ଡରାଇବାରୁ ସେମାନେ ମଧ୍ୟ ଭୟଭୀତ ହୋଇ ଘଟଣାସ୍ଥଳରୁ ଦୌଡ଼ି ପଳାଇଗଲେ।

### ଗୁଳି ଫୁଟାଇ ୧୫ ମିନିଟ ଆତଙ୍କ ଖେଳାଇଲେ

ପୋଲିସକୁ ପୁଣି ଖୋଲା ଚ୍ୟାଲେଞ୍ଜ। ଦିନ ଦ୍ୱିପ୍ରହରରେ ଗୁଳି ଫୁଟାଇ ସୁନା ଦୋକାନରୁ ଗହଣା ନେଇ ଫେରାର ହୋଇଯାଇଛନ୍ତି ୨ ଦୁର୍ବୃତ୍ତ। ଫେରାର ସମୟରେ କବିରାଜ ଏକ ବାଉଁଶରେ ଅଭିଯୁକ୍ତଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେମାନେ ତାଙ୍କ ଉପରକୁ ଏକ ରାଉଣ୍ଡ ଗୁଳି ଚଳାଇଥିଲେ। ହେଲେ ଏହା କବିରାଜଙ୍କ ଦେହରେ ନ ବାଜିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଘଟଣାସ୍ଥଳକୁ ଆସି ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ବନ୍ଧୁକ ଦେଖାଇ ଆକ୍ରମଣ ଧମକାଇବା ସହ ଫାଙ୍କା ଗୁଳି ଚଳାଇଥିଲେ।

### ଫେରାର ବେଳେ ଧୋକା ଦେଲା ଗାଡ଼ି

ବନ୍ଧୁକ ଦେଖାଇ ଦୋକାନରୁ ଗହଣା ନେଇ ଫେରାର ବେଳେ ୨ ଦୁର୍ବୃତ୍ତ ବହୁ ହଟହଟା ହୋଇଛନ୍ତି। ଲୁଟ ବେଳେ ସାଙ୍ଗରେ ଆଣିଥିବା ଗାଡ଼ି ଷ୍ଟାର୍ଟ ହୋଇ ନ ଥିଲା। ଫଳରେ ଗାଡ଼ିକୁ କିଛି ବାଟ ଗଡ଼ାଇ ଗଡ଼ାଇ ନେଇଥିଲେ। ତଥାପି ଷ୍ଟାର୍ଟ ନହେବାରୁ ଏହାକୁ ଛାଡ଼ି ଦେଇ ସେହିବାଟରେ ଯାଉଥିବା ଜଣେ ଡେଲିଭର ବୟଙ୍କୁ ବନ୍ଧୁକ ଦେଖାଇ ତାଙ୍କଠାରୁ ଗାଡ଼ି ଛଡ଼ାଇ ନେଇଥିଲେ।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 57 of 2019**

**CANARA BANK (E-Syndicate Bank), Shyampur Branch, Bhubaneswar.** ...Applicant
AND
**Deepak Ranjan Mohanty and others** ...Defendant

To
1. **Deepak Ranjan Mohanty,** S/o: Sibash Chandra Mohanty, Plot No.: 136, Phase-1, BDA Colony, Pokhariput, Bhubaneswar, Dist.: Khurda-751020.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 57 of 2019** in the Court of Debts Recovery Tribunal at Cuttack for a recovery of **Rs.13,91,077.78** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **25th day of 04, 2022 at 10.30 A.M** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **11th day of March. 2022.**

Sd/- (M.K. Patnaik)
Registrar
Debts Recovery Tribunal

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, Sector-7, CDA, Cuttack, Odisha**
**O.A. No.: 105 of 2019**

**Utkal Grameen Bank, SAR Branch, Sambalpur** ...Applicant
-Versus-
**Fakir Mohan Sahu & Others** ...Defendant(s)

To,
**Defendant No. 3: Nabin Patel,** S/o- Ratha Patel, At: Kumbharuni Posi, P.O.: Gundurchuan, P.S.: Kuchinda, Dist.: Sambalpur, PIN-768107

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEFS PRAYED SHOULD NOT BE GRANTED**

Take notice that the Applicant has instituted an **O.A. No.: 105/2019** in the court of the Debts of Recovery Tribunal, Cuttack for recovery of **Rs.15,69,637/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **02.05.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **10th day of March, 2022**

Sd/- (M.K. Patnaik)
Registrar

# ହିନ୍ଦୁ ଧର୍ମ ଗ୍ରହଣ କଲେ ମୁସଲମାନ ଯୁବତୀ

**ବଲାଙ୍ଗୀର ଅଫିସ, ୧୬।୩**

ବଲାଙ୍ଗୀର ଆର୍ଯ୍ୟ ସମାଜ ମନ୍ଦିରଠାରେ ବୁଧବାର ଭାରତୀୟ ସଂସ୍କୃତି ଓ ପରମ୍ପରାର ଗୌରବ ଅନୁଭବ କରି ହିନ୍ଦୁଧର୍ମକୁ ଆପଣାଇଛନ୍ତି ଜଣେ ମୁସଲମାନ ଯୁବତୀ। ସେ ହେଲେ ବରଗଡ଼ ଜିଲା ପାଇକମାଲ ଅଞ୍ଚଳର ସାଇନା ବାନୋ(୨୪)। ସ୍ୱଇଚ୍ଛାରେ ସେ ଯଜ୍ଞପୂଜା ବିଧି ତଥା ବୈଦିକ ପରମ୍ପରା ଏବଂ ସଂସ୍କାର ମାଧ୍ୟମରେ ହିନ୍ଦୁଧର୍ମକୁ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି। ହିନ୍ଦୁ ଧର୍ମ ଗ୍ରହଣ କରିବା ପରେ ସାଇନା ବାନୋରୁ ସୋନମ୍ ଆର୍ଯ୍ୟ ପଣ୍ଡା ଭାବେ ତାଙ୍କ ନାମକରଣ କରାଯାଇଥିବା ଆର୍ଯ୍ୟ ସମାଜର ହିତେଶ କୁମାର ସାହୁ କହିଛନ୍ତି। ସୁବ୍ରତ ବହିଦାରଙ୍କ ସଭାପତିତ୍ୱ ଓ ହିତେଶ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆନନ୍ଦ ଶାସ୍ତ୍ରୀ, କୁଷ୍ଟଦେବ ଶାସ୍ତ୍ରୀ, ସତ୍ୟବ୍ରତ ଶାସ୍ତ୍ରୀ, ରାମଚନ୍ଦ୍ର ବିଶ୍ୱାଳ, ଭାଗୀରଥି ଆର୍ଯ୍ୟ, ସ୍ୱାମୀ ସମ୍ବେଶ୍ୱ, ସୁମନ୍ତ ଆର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ହିନ୍ଦୁ ଜାଗରଣ ମଞ୍ଚ ରାଜ୍ୟ ସଙ୍ଗଠନ ମନ୍ତ୍ରୀ ତନ୍ମୟ କୁମାର ଦାଶ, ସମ୍ମାନିତ ଅତିଥି ତୁଷାର ମହାପାତ୍ର, ରଞ୍ଜନ ପ୍ରଧାନ ଏବଂ ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶପିଂ ମଲ୍‌ରେ ଲାଗିଲା ନିଆଁ



ନିଆଁ ଲାଗିଥିବା ଶପିଂ ମଲ୍।

**ଜୁନାଗଡ଼, ୧୬।୩(ଡି.ଏନ.ଏ.)**

 କଳାହାଣ୍ଡି ଜିଲା ଜୁନାଗଡ଼ ସହର କଲମପୁର ଛକ ନିକଟ ଏ ଟୁ ଜେଡ୍ ଶପିଂ ମଲ୍‌ରେ ବୁଧବାର ରାତି ପ୍ରାୟ ୧୦ଟାରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ଘଟଣାସ୍ଥଳରେ ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, କଲମପୁର, କୋକସରା ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ନିଆଁ ଲିଭିବା ପରେ କ୍ଷୟକ୍ଷତି ସମ୍ପର୍କରେ ଜଣାପଡିବ। ବର୍ତ୍ତମାନ ସୁଦ୍ଧା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନିଆଁରେ ପୋଡ଼ି ନଷ୍ଟ ହୋଇଥିବା ଆଶଙ୍କା

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ଆଶଙ୍କା

କରାଯାଉଛି। ଜୁନାଗଡ଼-କଲମପୁର ମୁଖ୍ୟରାସ୍ତା କଡ଼ରେ ଏହି ଶପିଂ ମଲ୍ ରହିଥିବାରୁ ନିଆଁ ଲାଗିବା ପରେ ସ୍ଥାନୀୟ ଜନସାଧାରଣଙ୍କ ଭିଡ଼ ଦେଖିବାକୁ ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭିଡ଼କୁ ଆୟତ୍ତ କରୁଛି। କେଉଁ କାରଣରୁ ମଲ୍‌ରେ ନିଆଁ ଲାଗିଲା, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଜଣାପଡିନାହିଁ। ଖବର ଲେଖାଯିବା ପର୍ଯ୍ୟନ୍ତ ନିଆଁ ଲିଭା ଚାଲିଛି।

**ରିକଭରୀ ଅଫିସରଙ୍କ ଅଦାଲତ**
**ଋଣ ଅସୁଲି ପ୍ରାଧିକରଣ, କଟକ**
ପ୍ଲଟ୍ ନଂ. ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡ଼ିଶା
**ସମ୍ପତ୍ତି ନିଲାମ ବିଜ୍ଞପ୍ତି**
ଆର୍.ପି. ନଂ. : ୧୧୩/୨୦୧୫/କଟକ
(୨୦୧୨ର ଓଏ ନଂ. ୩୪୨ ରୁ ଉଦ୍ଧୃତ)

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବିଏମ୍‌ସି କ୍ୟାମ୍ପସ୍, କଳ୍ପନା ସ୍କୋୟାର, ଭୁବନେଶ୍ୱର, ଖୋର୍ଦ୍ଧା .......ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ
ବନାମ
ମେସର୍ସ ସ୍ଥାପତି ଇଣ୍ଟେରିଅର୍ସ ପ୍ରା. ଲିଃ. ଏବଂ ଅନ୍ୟମାନେ .......ସାର୍ଟିଫିକେଟ୍ ଋଣଗ୍ରହୀତା

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **''ଯେଉଁଠାରେ ଯେପରି ଅଛି''** ଭିତ୍ତିରେ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଉମୁଦଦିଆ ଲଫାପାରେ/ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି ତା.୧୮.୦୪.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି।

**ସମ୍ପତ୍ତିର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ମୂଲ୍ୟ |
|---|---|---|---|
| **ବନ୍ଧକପ୍ରାପ୍ତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ:** ଜିଲ୍ଲା/ଏସ୍‌ଆର୍‌ଓ/ତହସିଲ: ପୁରୀ, ଥାନା: ପୁରୀ ସଦର, ନଂ. ୭୮, ମୌଜା: ସିପସୁରୁବାଲି, ଖାତା ନଂ.: ୧୭, ପ୍ଲଟ୍ ନଂ.: ୩୫୭(ଅଂଶ) ଏବଂ ୩୫୮(ଅଂଶ), ବସ୍ତି ପ୍ଲଟ୍ ନଂ.: ୧୯୨, ସବ୍-ବସ୍ତି ପ୍ଲଟ୍ ନଂ.: ଏ ଏବଂ ବି, କ୍ଷେତ୍ର: ଏକର୦୦୭.୫୭୦ଡିସିମିଲି + ଏକର୦.୦୦.୩୮୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୭.୯୫୦ (୩୪୫୬.୯୧ ବର୍ଗଫୁଟ), ଏହାର ଚଉହଦୀ- ଉତ୍ତର: ତୁଳସୀ ରାଣୀ ଦେବୀ, ଦକ୍ଷିଣ: ମେରାଇନ ଡ୍ରାଇଭ ରୋଡ୍, ବେ ଅଫ୍ ବେଙ୍ଗଲ, ପୂର୍ବ: ଶ୍ରୀଧର ମୁଖର୍ଜୀ ଏବଂ ପଶ୍ଚିମ: ବସ୍ତି ରାସ୍ତା | ଟ.୧,୫୨,୦୦,୦୦୦/- (ଏକ କୋଟି ବାଉନ ଲକ୍ଷ ଟଙ୍କା ମାତ୍ର) / ଟ.୭,୬୦,୦୦୦/- (ସାତ ଲକ୍ଷ ଷାଠିଏ ହଜାର ଟଙ୍କା ମାତ୍ର) | ୧୮.୦୪.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧) ୨୦.୦୪.୨୦୨୨ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫ ମିନିଟ୍ ବର୍ଦ୍ଧିତ ସମୟ ସହିତ ୨) ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |
| **ସମ୍ପତ୍ତିର ସାରଣୀ:** ଜିଲ୍ଲା: ଖୋର୍ଦ୍ଧା, ମୌଜା: ବାସୁଆଘାଇ, ଥାନା: ବଡ଼ଗଡ଼, ଖାତା ନଂ.: ୨୮୯, ପ୍ଲଟ୍ ନଂ.: ୨୩୮, ସବ୍ ପ୍ଲଟ୍ ନଂ.: ୧୧ ଏବଂ ସବ୍ ପ୍ଲଟ୍ ନଂ. ୩, ୪, ୫, ୬ ଏବଂ ୭, କ୍ଷେତ୍ର: ଏକର୦.୨୯୨ଡିସିମିଲି + ଏକର୦.୧୫୦ଡିସିମିଲି + ଏକର୦.୨୪୨ଡିସିମିଲି (୧୦୫୪୧ ବର୍ଗଫୁଟ), **ପ୍ଲଟ୍ ନଂ. ୨୩୮, ସବ୍ ପ୍ଲଟ୍ ନଂ. ୧୧ର ଚଉହଦୀ-** ଉତ୍ତର: ରେଭିନ୍ୟୁ ରାସ୍ତା ଏବଂ ପ୍ଲଟ୍ ନଂ. ୨୩୮(ଅଂଶ), ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୯ ଏବଂ ୧୦, ପୂର୍ବ: ସରକାରୀ ଜମି ଏବଂ ପଶ୍ଚିମ: ବିକ୍ରେତା ପ୍ରଦୀପ ମହାନ୍ତିଙ୍କ ଦ୍ୱାରା ଛଡାଯାଇଥିବା ରାସ୍ତା, **ପ୍ଲଟ୍ ନଂ. ୩, ୪, ୫, ୬ ଏବଂ ୭ର ଚଉହଦୀ-** ଉତ୍ତର: ପ୍ଲଟ୍ ନଂ. ୨୩୮ର ଅଂଶ ଏବଂ ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସରକାରୀ ଜମି, ପୂର୍ବ: ପ୍ରସ୍ତାବିତ ରାସ୍ତା ଏବଂ ସବ୍ ପ୍ଲଟ୍ ନଂ. ୮, ପଶ୍ଚିମ: ମୌଜା ବାସୁଆଘାଇର ସୀମା | ଟ.୧,୫୮,୦୦,୦୦୦/- (ଏକ କୋଟି ଅଠାବନ ଲକ୍ଷ ଟଙ୍କା ମାତ୍ର) / ଟ.୭,୯୦,୦୦୦/- (ସାତ ଲକ୍ଷ ନବେ ହଜାର ଟଙ୍କା ମାତ୍ର) | ୧୮.୦୪.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧) ୨୦.୦୪.୨୦୨୨ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫ ମିନିଟ୍ ବର୍ଦ୍ଧିତ ସମୟ ସହିତ ୨) ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ/ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ **M/s. E-Procurement Technologies Limited (M/s. Auction Tiger), Address: Registered Office at Ahmedabad, Gujurat, Website: www.auctiontiger.com** କିମ୍ବା ତା୧୮.୦୪.୨୦୨୨ରିଖ ପର୍ଯ୍ୟନ୍ତ ଶାଖା ପ୍ରବନ୍ଧକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବିଏମ୍‌ସି, କଳ୍ପନା ସ୍କୋୟାର ଶାଖା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ଠାରେ ଯେ କୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **"THE RECOVERY OFFICER, Debts Recovery Tribunal, Cuttack"**ଙ୍କ ନାମରେ ଓ କଟକଠାରେ ପଇଠ ହୋଇଥିବା ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା "The Recovery Officer, DRT, Cuttack ଙ୍କ ସପକ୍ଷରେ RP No.: **113/2015/CTC**" ଆକାଉଣ୍ଟ ନଂ.: ୧୦୮୬୧୨୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059 ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ ତା୧୮.୦୪.୨୦୨୨ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ କରିପାରିବେ।

ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: **ro2drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ତା୧୮.୦୪.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ପୂର୍ବରୁ ଦାଖଲ କରିବା ଉଚିତ୍: (କ) ସଠିକ୍ ଭାବେ ପୂରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୂରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ।

ସଂରକ୍ଷିତ ମୂଲ୍ୟରୁ କମ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଡାଉନଲୋଡ୍ କରିବାକୁ ଅନୁରୋଧ।

ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ ତା.୧୧.୦୨.୨୦୨୨ରିଖରେ ଆଦିଷ୍ଟ।

ସ୍ୱା/-(ଏସ୍. କେ. ବିଶ୍ୱାଳ)
ରିକଭରୀ ଅଫିସର

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 794 of 2019**

**CANARA BANK (E-Syndicate Bank), B.K.Road Branch, B.K.Road, Dist: Cuttack** ...Applicant
AND
**Smt. Lilima Moharana and others** ...Defendants

To
1. **Smt. Lilima Moharana,** W/o.: Late Sarat Kumar Moharana, At.: Plot No.: 83, F/613, Sector-08, CDA, PO/PS.: Markat Nagar, Dist: Cuttack-753014.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 794 of 2019** in the Court of the Debts Recovery Tribunal at Cuttack for a recovery of **Rs.10,71,039.39** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **02 day of 05, 2022 at 10.30 A.M** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **04th day of March 2022.**

Sd/- Registrar
Debts Recovery Tribunal

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 48 of 2019**

**CANARA BANK (E-Syndicate Bank), Paradeep Port Branch, Paradeep, Dist: Jagatsinghpur** ...Applicant
AND
**Chakradhar Nayak and others** ...Defendants

To
1. **Mr. Chakradhar Nayak,** S/o.: Late Raghunath Nayak, At.: Chunabelari, PO.: Paradeepgarh, PS.: Paradeep, Dist.: Jagatsinghpur, PIN-754141.
2. **Smt. Kishori Nayak,** W/o.: Chakradhar Nayak, At.: Chunabelari, PO.: Paradeepgarh, PS.: Paradeep, Dist.: Jagatsinghpur, PIN-754141.
3. **Mr. Subash Ray,** S/o.: Late Paban Ray, At.: Nimidhi, PO.: Paradeepgarh, PS.: Paradeep, Dist.: Jagatsinghpur, PIN-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 48 of 2019** in the Court of Debts Recovery Tribunal at Cuttack for a recovery of **Rs.46,64,415.54** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **02 day of 05, 2022 at 10.30 A.M** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **04th day of March 2022.**

Sd/- (M.K. Patnaik)
REGISTRAR
Debts Recovery Tribunal

## କମିଲା ସୁନା ଦର

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ବଜାରରେ ବୁଧବାର ବହୁମୂଲ୍ୟ ଧାତୁ ସୁନା ଏବଂ ରୂପା ଦରରେ ପରିବର୍ତ୍ତନ ଆସିଥିବା ଦେଖିବାକୁ ମିଳିଛି। ସୁନାଦର ୨୧୬ଟଙ୍କା ହ୍ରାସ ଘଟିଥିବା ବେଳେ ରୂପା ଦାମ୍ ୨୦୦ଟଙ୍କା ବୃଦ୍ଧି ହୋଇଛି। ପୂର୍ବରୁ ସୁନା ୧୦ଗ୍ରାମ ପିଛା ୫୧,୪୯୫ଟଙ୍କା ଥିବା ବେଳେ, ବର୍ତ୍ତମାନ ହ୍ରାସ ଘଟି ୫୧,୨୭୯ ଟଙ୍କାରେ ପହଞ୍ଚିଛି। ସେହିପରି ରୂପା ଦର ବୃଦ୍ଧି ଘଟି ପୂର୍ବରୁ ୬୭,୬୨୭ଟଙ୍କା ଥିବାବେଳେ ବର୍ତ୍ତମାନ ୬୭,୮୨୭ଟଙ୍କା ହୋଇଛି।

**ସଂକ୍ଷେପରେ**

## ସେନ୍‌ସେକ୍ସ ୧୦୦୦ ପଏଣ୍ଟ ବୃଦ୍ଧି

**ମୁମ୍ବାଇ, ୧୬।୩:** ମଙ୍ଗଳବାର ନିମ୍ନଗତି କରିଥିବା ଶେୟାର ବଜାର ପରଦିନ ଅର୍ଥାତ୍ ବୁଧବାର ନିବେଶକଙ୍କ ମନରେ ଉତ୍ସାହ ଆଣି ଦେଇଥିଲା। ସପ୍ତାହର ତୃତୀୟ ବ୍ୟବସାୟ ଦିନରେ ସେନ୍‌ସେକ୍ସ ୧,୦୩୯.୮୦ ଅଙ୍କ ଅର୍ଥାତ୍୧.୮୬% ବୃଦ୍ଧି ଘଟି ୫୬,୮୧୬.୬୫ରେ ବନ୍ଦ ହୋଇଥିବା ବେଳେ ନିଫ୍ଟିରେ ୩୧୨.୩୫ ଅଙ୍କ ଅର୍ଥାତ୍ ୧.୮୭% ବୃଦ୍ଧି ଘଟି ୧୬,୯୭୫.୩୫ରେ ବନ୍ଦ ହୋଇଛି। ବୁଧବାର ନିଫ୍ଟିର ଟପ୍ ଗେନର୍ସଙ୍କ ମଧ୍ୟରେ ଅଲ୍‌ଟ୍ରା ଟେକ୍ ସିମେଣ୍ଟ, ଆକ୍ସିସ୍ ବ୍ୟାଙ୍କ୍, ଶ୍ରୀ ସିମେଣ୍ଟସ୍, ଇଣ୍ଡସ୍‌ଲାଣ୍ଡ୍ ବ୍ୟାଙ୍କ୍ ଏବଂ ବଜାଜ୍ ଅଟୋ ରହିଥିବା ବେଳେ ଟପ୍ ଲୁଜର୍ସଙ୍କ ମଧ୍ୟରେ ସିପ୍‌ଲା, ସନ୍ ଫାର୍ମା, ଟାଟା କଞ୍ଜୁମର ପ୍ରଡକ୍ଟସ୍ ଏବଂ ପାୱାର ଗ୍ରୀଡ୍ କର୍ପୋରେଶନ ଆଦି ରହିଛନ୍ତି। ଏହାଛଡ଼ା ଦିନରେ ୨,୨୪୧ ଶେୟାରରେ କାରବାର ହୋଇଥିବା ବେଳେ ୧,୧୦୫ ଶେୟାରରେ ବିକ୍ରି ଦେଖିବାକୁ ମିଳିଥିଲା। ୯୬ଟି ଶେୟାରରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳି ନ ଥିଲା।

## ବିମାନ ଭଡ଼ା ବୃଦ୍ଧି ସମ୍ଭାବନା

**ନୂଆଦିଲ୍ଲୀ, ୧୬।୩:** ଇନ୍ଧନ ଦର ବୃଦ୍ଧିର ଭରଣା କରିବା ଉଦ୍ଦେଶ୍ୟରେ ଏୟାରଲାଇନଗୁଡ଼ିକ ପୁଣି ଥରେ ବିମାନ ଭଡ଼ା ବୃଦ୍ଧି କରିବା ସମ୍ଭାବନା ରହିଥିବା ବୁଧବାର ଏକ ଘରୋଇ ଏୟାରଲାଇନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟର ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ବିମାନ ଚଳାଚଳ ଟର୍ବାଇନ୍ ଇନ୍ଧନ ମୂଲ୍ୟରେ ୧୮% ବୃଦ୍ଧି କରି କିଲୋମିଟର ପିଛା ୧.୧୦ ଲକ୍ଷ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିମାନ ସେବା ଖର୍ଚ୍ଚର ୪୦% ଇନ୍ଧନ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଥାଏ। ତେଣୁ ବର୍ତ୍ତମାନର ବର୍ଦ୍ଧିତ ଇନ୍ଧନ ତୈଳ ଦର ବିମାନ ସେବାର ସାମଗ୍ରିକ ଖର୍ଚ୍ଚରେ ୭ରୁ ୮% ବୃଦ୍ଧି ହେବ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ହେଉଛି ତୈଳ ଦର ବୃଦ୍ଧିର ପ୍ରମୁଖ କାରଣ। ବୈଶ୍ୱିକ ଅଶୋଧିତ ତୈଳ ବଜାରକୁ ୧୧-୧୨% ତୈଳ ରୁଷିଆ ରପ୍ତାନି କରିଥାଏ। ତେଣୁ ବର୍ତ୍ତମାନ ବହୁ ଦେଶ ରୁଷିଆ ଉପରେ କଟକଣା ଲଗାଇଥିବାରୁ ବ୍ୟବସାୟ ସମ୍ଭବପର ହେଉନାହିଁ ଏବଂ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି।

# ରାଜ୍ୟରେ ଡିସିବି ବ୍ୟାଙ୍କର ନେଟ୍‌ୱର୍କ ସମ୍ପ୍ରସାରଣ




ଭୁବନେଶ୍ୱର, ୧୬।୩

ଦେଶର ପ୍ରମୁଖ ଘରୋଇ ଆର୍ଥିକ ସଂସ୍ଥା ଡିସିବି ବ୍ୟାଙ୍କ ପକ୍ଷରୁ ବୁଧବାର ଓଡ଼ିଶାରେ ୪ଟି ଶାଖା ସହ ରାଜ୍ୟରେ ତା'ର ୫୦ତମ ଶାଖାର ଶୁଭାରମ୍ଭ କରିଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ବ୍ୟାଙ୍କର ୫୦ତମ ଶାଖାକୁ ଲହାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଏ ସମ୍ପର୍କରେ ଡିସିବି ବ୍ୟାଙ୍କର ଏଗ୍ରି ଓ ଇନ୍‌କ୍ଲୁସିଭ୍ ବ୍ୟାଙ୍କିଙ୍ଗ୍ ମୁଖ୍ୟ ନରେନ୍ଦ୍ର ନାଥ ମିଶ୍ର କହିଛନ୍ତି, ରାଜ୍ୟରେ ବ୍ୟାଙ୍କ ତା'ର ୫୦ତମ ଶାଖା ଖୋଲି ଉତ୍ସାହିତ ରହିଛି। ଏହା କେବଳ ବ୍ୟାଙ୍କ ପାଇଁ ନୁହେଁ ବରଂ ରାଜ୍ୟ ଲାଗି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଓଡିଶାର ଅର୍ଥନୈତିକ ବିକାଶ ସାଙ୍ଗକୁ ଗ୍ରାହକମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସହିତ ଡିସିବି ବ୍ୟାଙ୍କ ନିବିଡ଼ ଭାବେ ଜଡ଼ିତ ରହିଛି। ଭୁବନେଶ୍ୱର ଠାରେ ଖୋଲିଥିବା ବ୍ୟାଙ୍କର ୫୦ତମ ଶାଖା ସହରବାସୀଙ୍କ ସମେତ କ୍ଷୁଦ୍ର ଓ ମଧ୍ୟମ ବର୍ଗର ଏଗ୍ରି ଓ ଖୁଚରା ବ୍ୟବସାୟକୁ ସେବା ପ୍ରଦାନ କରିବା ସହିତ ସେମାନଙ୍କୁ ବଢ଼ିବା ଓ ସମୃଦ୍ଧ କରାଇବାରେ ବ୍ୟାଙ୍କ ସହାୟକ ମଧ୍ୟ ହେବ। ଡିସିବି ବ୍ୟାଙ୍କ ସାରା ରାଜ୍ୟରେ ଏହାର ନେଟ୍‌ୱର୍କକୁ ସମ୍ପ୍ରସାରଣ କରିବା ଏବଂ ଏକ ବିବିଧ ଗ୍ରାହକ ସଂଖ୍ୟାକୁ ଏହାର ସେବା ଯୋଗାଇଦେବାକୁ ଚାହିଁରହିଛି।

### ଓଡ଼ିଶାରେ ବ୍ୟାଙ୍କର ୫୦ତମ ଶାଖା ଉଦ୍‌ଘାଟିତ

ଅପରପକ୍ଷରେ ଓଡ଼ିଶାରେ ଡିସିବି ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଓ ଆଗାମୀ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ଏକ ଖରବଦାତା ସମ୍ମିଳନୀର ଆୟୋଜନ ମଧ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଆଭିମୁଖ୍ୟ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ମତବ୍ୟକ୍ତ କରିଛନ୍ତି। ସେହିପରି ବ୍ୟାଙ୍କ ଚାଷୀ, କୃଷି, ଅଣୁ ଓ କ୍ଷୁଦ୍ର ବ୍ୟବସାୟୀ, ପଟ୍ଟଚିତ୍ର କାରିଗରଙ୍କ ଭଳି ସ୍ଥାନୀୟ କାରିଗର, କ୍ଷୁଦ୍ର ସଡ଼କ ପରିବହନ ଅପରେଟର (ଏସ୍‌ଆର୍‌ଟିଓ) ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ପ୍ରକାର ଋଣ ପ୍ରଦାନ କରିବ। ଏହି ଶାଖା ସୁନା ଋଣ ଏବଂ ଏମ୍‌ଏସ୍‌ଏମ୍‌ଇକୁ ଋଣ ଦେବା ବ୍ୟତୀତ ଟ୍ରାକ୍ଟର, ହାଇ-ଟେକ୍ ଚାଷ, ଶିକ୍ଷାନୁଷ୍ଠାନକୁ ଋଣ, ଖୁଚୁରା ମାଇକ୍ରୋ ଫାଇନାନ୍ସ ଋଣ ଓ ଚାଷୀଙ୍କୁ କିଷାନ୍ କ୍ରେଡିଟ୍ କାର୍ଡ ଆଦି ପ୍ରଦାନ କରିବ। ସେହିଭଳି ସୁଲଭ ବାସଗୃହ ପ୍ରତି ଧ୍ୟାନ ଦେଉଥିବା ନିର୍ମାଣ ପ୍ରକଳ୍ପଗୁଡ଼ିକୁ ମଧ୍ୟ ବ୍ୟାଙ୍କ ଫାଇନାନ୍ସ ପ୍ରଦାନ କରିବ। ଡିସିବି ବ୍ୟାଙ୍କ ଲାଗି ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ବୋଲି ବିବେଚନା କରାଯାଉଛି। ରାଜ୍ୟର ସାମାଜିକ, ଅର୍ଥନୈତିକ ବିକାଶ ପ୍ରତି ବ୍ୟାଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଏବଂ ସମାଜର ନିମ୍ନ ଆୟ ଓ ଆର୍ଥିକ ଦୁର୍ବଳ ସଦସ୍ୟଙ୍କ ମଧ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇଛି। ୨୦୧୨ରେ ରାଜ୍ୟର ପ୍ରଥମ ଶାଖାକୁ ବରଗଡ଼ରେ ଖୋଲିବା ପରଠାରୁ ବ୍ୟାଙ୍କ ଗ୍ରାହକମାନଙ୍କୁ ସୁନା ଓ ଟ୍ରାକ୍ଟର ଋଣ, ବାଣିଜ୍ୟିକ ଯାନ ଋଣ ଓ ଲଘୁ ବ୍ୟବସାୟ ଋଣ ପ୍ରଦାନ କରିଛି। ରାଜ୍ୟରେ ଏହା ପୂର୍ବରୁ ୪୬ ଶାଖା ଜରିଆରେ ବ୍ୟାଙ୍କ ୧,୦୦,୦୦୦ରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରିଆସୁଛି। ଚଳିତ ମାସ ୧୬ ତାରିଖରେ ବ୍ୟାଙ୍କ ଏକ ସଙ୍ଗେ କଳାହାଣ୍ଡି ଜିଲାର ଜୁନାଗଡ଼, ନୂଆପଡ଼ା ଜିଲାର ଖରିଆର ଓ ବରଗଡ଼ ଜିଲାର ପଦମପୁରଠାରେ ନୂତନ ଶାଖାର ଶୁଭାରମ୍ଭ କରିଛି।

## ସ୍କୋଡା ପକ୍ଷରୁ 'ମନର ଶାନ୍ତି' ଅଭିଯାନ

ନୂଆଦିଲ୍ଲୀ, ୧୬।୩

ସ୍କୋଡା ଅଟୋ ଇଣ୍ଡିଆର ସମ୍ପୂର୍ଣ୍ଣ ନୂତନ ସ୍କୋଡା ସ୍ଲାଭିଆ ସେଡାନ ପାଇଁ କିଲୋମିଟର ପିଛା ୪୬ ପଇସାରୁ ଆରମ୍ଭ ହୋଇଥିବା ସେବା ମୂଲ୍ୟ ଘୋଷଣା କରିଛି। ଏହି ମୂଲ୍ୟ ୫ବର୍ଷ ଅବା ୭୫,୦୦୦ କିଲୋମିଟର ଅବଧିରେ ଗଣନା କରାଯାଏ। ସେହିଭଳି ସ୍ଲାଭିଆ ସେଡାନ ୪ବର୍ଷ କିମ୍ବା ୧,୦୦,୦୦୦ କିଲୋମିଟର ୱାରେଣ୍ଟି ପ୍ରଦାନ କରୁଛି। ଏହାର ମାନକ ରୂପରେ ୧,୫୦,୦୦୦ କିଲୋମିଟର ସହ ୫ କିମ୍ବା ୬ବର୍ଷକୁ ବଢ଼ାଇବାକୁ ଏକ ବିକଳ୍ପ ପ୍ରଦାନ କରାଯାଉଛି। ଅପରପକ୍ଷରେ ୱାରେଣ୍ଟି ସହ ଗ୍ରାହକମାନେ ୨୪,୪୯୯ ଟଙ୍କାଠାରୁ ଆରମ୍ଭକରି ସ୍କୋଡା ସୁପର କେୟର ପ୍ରି-ପେଡ୍ ପ୍ୟାକେଜ ଅଧୀନରେ ସାମଗ୍ରିକ ଖର୍ଚ୍ଚ କମ୍ କରିପାରିବେ। ସ୍କୋଡା ଅଟୋ ଇଣ୍ଡିଆର 'ମନର ଶାନ୍ତି' ଅଭିଯାନ ଅଧୀନରେ ହେଉଛି ମାନକ ଏବଂ ବୈକଳ୍ପିକ ଅତିରିକ୍ତ ସ୍ଲାଭିଆ ମାଲିକାନା ଅଭିଜ୍ଞତାକୁ ଆହୁରି ଯୋଡ଼ିଥାଏ । ସେଥିମଧ୍ୟରୁ କେତେକର କମ୍ପାକ୍ଟ ୱାର୍କଶପ ଅନ୍ତର୍ଭୁକ୍ତ ହୋଇଛି, ଯାହା କି କିଲୋମିଟର ପ୍ରତି ସେବା ମୂଲ୍ୟରେ ୨୧% ହ୍ରାସକରି ବିକ୍ରୟ ଶାଖା ଥିବା ସମସ୍ତ ଗ୍ରାମାଞ୍ଚଳରେ ବିକ୍ରୟ ପରବର୍ତ୍ତୀ ସୁବିଧାକୁ ସୁଲଭ କରିଥାଏ । 'ମନର ଶାନ୍ତି' ଗ୍ରାହକଙ୍କୁ ଏକ ସେବା ମୂଲ୍ୟ କାଲକୁଲେଟର ସହିତ ମ୍ୟାଇ ସ୍କୋଡା ଆପ୍ ମାଧ୍ୟମରେ ଗ୍ରାହକଙ୍କ ଫୋନ୍‌ରେ ଏକୀକୃତ ହୋଇଥିବା ଗାଡ଼ିର ସମସ୍ତ ସେବାକୁ ଅନୁମତି ଦେଇଥାଏ ।

## 'ଲାଇଫ୍ କେୟାର ମେଡି ପଏଣ୍ଟ' ଉଦ୍‌ଘାଟିତ



ଭୁବନେଶ୍ୱର, ୧୬।୩

ସହରବାସୀଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ 'ଲାଇଫ୍ କେୟାର ମେଡି ପଏଣ୍ଟ'ର ଶୁଭାରମ୍ଭ ହୋଇଛି। ବୁଧବାର ସ୍ଥାନୀୟ ଶୈଳଶ୍ରୀବିହାରଠାରେ ସଂସ୍ଥାର ଏହି ଏକ୍ସକ୍ଲୁସିଭ ହେଲ୍‌ଥ ଷ୍ଟୋରକୁ କିଟ୍ ଟେକ୍ନୋଲୋଜିର ବିଜ୍‌ନେସ୍ ଇନ୍‌କ୍ୟୁବେଟର ଡିଜିଟାଲ ହେଲ୍‌ଥ ମୁଖ୍ୟ ଡ. ସୌରେନ ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଠାରେ ରୋଗୀଙ୍କୁ ଏକା ଥରକେ ୩ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। ଫଳରେ ରୋଗୀ ଅଯଥା ସମୟ ଅପଚୟରୁ ରକ୍ଷା ପାଇବା ସହ ରୋଗରୁ ଶୀଘ୍ର ଆରୋଗ୍ୟ ଲାଭ କରିପାରିବେ। ସେହିପରି ୧୦୭୦ ବର୍ଗ ଫୁଟ ପରିମିତ ଷ୍ଟୋରରେ ରହିଛି ଏକ ଔଷଧ ଭଣ୍ଡାର, ଯେଉଁଠାରେ ଉନ୍ନତମାନର ଔଷଧ ରିହାତି ଦରରେ ଉପଲବ୍ଧ ସାଙ୍ଗକୁ ଘରେ ବସି ଅର୍ଡର କଲେ ଔଷଧର ଫ୍ରି ହୋମ୍ ଡେଲିଭରି ଭଳି ବ୍ୟବସ୍ଥା ମଧ୍ୟ ରହିଛି । ଏ ସମ୍ପର୍କରେ ଲାଇଫ୍ କେୟାର ମେଡି ପଏଣ୍ଟର ପରିଚାଳକ ସମ୍ବିତ କୁମାର ବଡ଼ପଣ୍ଡା କହିଛନ୍ତି, ସ୍ୱାସ୍ଥ୍ୟ କ୍ଷେତ୍ରରେ ସମୟ ବଡ଼ ଅମୂଲ୍ୟ । ଯଥା ସମୟରେ ରୋଗ ନିରୂପଣ ରୋଗୀକୁ ଏକ ନୂଆ ଜୀବନ ଦେଇଥାଏ । ତେଣୁ ଆମେ ରୋଗୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଗୋଟିଏ ସ୍ଥାନରେ ଡାକ୍ତରୀ ପରାମର୍ଶ, ରୋଗ ପରୀକ୍ଷା ସହ ସୁଲଭ ମୂଲ୍ୟର ଉନ୍ନତମାନର ଔଷଧ ଉପଲବ୍ଧ କରାଇବାକୁ ଚେଷ୍ଟା କରିଛୁ । ଲୋକଙ୍କ ସ୍ୱାସ୍ଥ୍ୟ ଆମ ପାଇଁ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ରାୟଗଡ଼ାରେ ଭୋଲ୍ଟାସ୍‌ର ପ୍ରଥମ ବ୍ରାଣ୍ଡ ଶପ୍

ଭୁବନେଶ୍ୱର, ୧୬।୩



ଦେଶର ଅଗ୍ରଣୀ ଏୟାର କଣ୍ଡିସନର କମ୍ପାନୀ ଟାଟା ଗ୍ରୁପ୍‌ର 'ଭୋଲ୍ଟାସ୍' ପକ୍ଷରୁ ରାୟଗଡ଼ାଠାରେ ଏହାର ପ୍ରଥମ ବ୍ରାଣ୍ଡ ଶପ୍‌ର ଶୁଭାରମ୍ଭ କରାଯାଇଛି। କମ୍ପାନୀର ସ୍ୱୀକୃତି ପ୍ରାପ୍ତ ଡିଲର ଜଗତଜନନୀ ହୋମ୍ ଆପ୍ଲିଆନ୍ସେସ୍ ଜରିଆରେ ରାୟଗଡ଼ାର ଜେକେ ରୋଡ୍‌ଠାରେ ବୁଧବାର ଏହାର ଉଦଘାଟନ ହୋଇଯାଇଛି। କମ୍ପାନୀର ଏହା ୯ମ ଭୋଲ୍ଟାସ୍ ବ୍ରାଣ୍ଡ ଶପ୍ ଭାବେ ଓଡିଶାରେ ଆରମ୍ଭ ହୋଇଛି। ଏଠାରେ ଭୋଲ୍ଟାସ୍ ବ୍ରାଣ୍ଡର କମ୍ପ୍ରାଇଜିଂ ଏୟାରକଣ୍ଡିନର, ଏୟାର ପ୍ୟୁରିଫାୟର, ଏୟାର କୁଲର, କମର୍ସିଆଲ ରେଫ୍ରିଜରେଟର୍ସ, ୱାଟର ଡିସ୍ପେନର, ୱାଟର କୁଲର, ସାଧାରଣ ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋ ୱେଭ୍ ଏବଂ ଡିଶ୍ ୱାଶର ଭଳି ସାମଗ୍ରୀ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଭୋଲ୍ଟାସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପ୍ରଦୀପ ବକ୍ସି କହିଛନ୍ତି, ରାୟଗଡ଼ାରେ ପ୍ରଥମ ବ୍ରାଣ୍ଡ ଶପ୍ ଆରମ୍ଭ କରିଥିବାରୁ ଆମେ ଅତ୍ୟନ୍ତ ଖୁସି। ଏହା ଛଡ଼ା ଗ୍ରାହକ ଗୋଟିଏ ଷ୍ଟୋରରୁ ଭୋଲ୍ଟାସ୍ ଏବଂ ଭୋଲ୍ଟାସ୍ ପ୍ରଡକ୍ଟ କ୍ରୟ କରିବାର ସୁବିଧା ପାଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ ସାରା ଦେଶରେ ଭୋଲ୍ଟାସ୍‌ର ୧୮୦ଟି ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ (ଇବିଓ) ରହିଛି।

## ଏଫ୍‌ସିଇଭିର ଶୁଭାରମ୍ଭ କଲେ ଗଡକରୀ

ନୂଆଦିଲ୍ଲୀ, ୧୬।୩

ଗ୍ରୀନ୍ ହାଇଡ୍ରୋଜେନ୍ ଶକ୍ତିରେ ଚାଲୁଥିବା ଫୁଏଲ୍ ସେଲ୍ ଇଲେକ୍ଟ୍ରିକ୍ ଭେହିକିଲ୍(ଏଫ୍‌ସିଇଭି) ଦ୍ୱାରା ପରିଚାଳିତ ଦେଶର ପ୍ରଥମ କାର୍ 'ଟୋୟୋଟା ମିରାଇ'କୁ ବୁଧବାର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଟୋୟୋଟା ଏବଂ କିର୍ଲୋସ୍କରର ମିଳିତ ଉଦ୍ୟମରେ ଏହି କାର୍ ନିର୍ମିତ ହୋଇଛି। ଉକ୍ତ କାର୍‌ରେ ୩ଟି ହାଇଡ୍ରୋଜେନ୍ ସିଲିଣ୍ଡର ସଂଯୋଗ ରହିଛି। ତେବେ ସିଲିଣ୍ଡର ଥିବା ସତ୍ତ୍ୱେ କାର୍‌ରେ ନିରାପତ୍ତା କ୍ଷେତ୍ରରେ ଯେଭଳି କୌଣସି ସମସ୍ୟା ନ ଆସେ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଛି।

**ଫୁରସତ୍**

# ରାତିରେ ମହିଳାଙ୍କୁ ଫ୍ରି ସର୍ଭିସ



**ଚେନ୍ନାଇ:** ପୁରୁଷ ପ୍ରଧାନ ସମାଜରେ ମହିଳାମାନଙ୍କୁ ସାଧାରଣତଃ ବାହାର କାମ ବାରଣ କରାଯାଇଥାଏ। ଏହାସତ୍ତ୍ୱେ ପରିସ୍ଥିତିରେ ପଡ଼ି କେତେଜଣ ମହିଳା ପୁରୁଷଙ୍କ କାର୍ଯ୍ୟକୁ ଆପଣାଇଥାନ୍ତି। ତାମିଲନାଡୁର ରାଜି ଅଶୋକ ପ୍ଲସ୍ ଥ୍ରୀ ପାଠପଢ଼ି ଅଟୋ ଚଳାଉଛନ୍ତି। ରାତି ୧୦ଟା ପରେ ସେ ଅସହାୟ ମହିଳାମାନଙ୍କୁ ମାଗଣାରେ ନିଜ ଅଟୋରେ ନେବା ଆଣିବା କରନ୍ତି। ଅଟୋ ଚଳାଇବା କେବଳ ପୁରୁଷଙ୍କ କାମ ନୁହେଁ ବୋଲି ସେ ପ୍ରମାଣିତ କରିଛନ୍ତି। ରାଜି ଅଶୋକ କୁହନ୍ତି, ଦୁନିଆରେ କୌଣସି ଜିନିଷ ଅସମ୍ଭବ ନୁହେଁ। ପ୍ରତ୍ୟେକ କାମ ବିଷୟରେ ମହିଳା ସମ୍ୟକ୍ ଜ୍ଞାନ ରଖିବା ଆବଶ୍ୟକ। ପ୍ଲସ୍ ଥ୍ରୀ ପଢ଼ିଥିବା ରାଜି ପରିବାର ପୋଷିବା ପାଇଁ ଅଟୋ ଚଳାଉଛନ୍ତି। ଅଟୋଚାଳନାକୁ ଦୀର୍ଘ ୨୩ ବର୍ଷ ଧରି ନିଜର ପେସା ବନେଇଛନ୍ତି । ଅଟୋ ଚଲାଇ ଟଙ୍କା ରୋଜଗାର ସାଙ୍ଗକୁ ମହିଳାଙ୍କୁ ଫ୍ରି ସର୍ଭିସ୍ ଯୋଗାଉଛନ୍ତି ସେ। ୫୦ ବର୍ଷୀୟା ରାଜି ରାତି ୧୦ଟା ପରେ ବୟସ୍କା ମହିଳା, ଛାତ୍ରୀମାନଙ୍କୁ ମାଗଣା ସେବା ଯୋଗାଉଛନ୍ତି। ଡାକ୍ତରଖାନା ସମ୍ବନ୍ଧୀୟ କାର୍ଯ୍ୟରେ ଯଦି କୌଣସି ମହିଳା ସାହାଯ୍ୟ ଆବଶ୍ୟକ କରନ୍ତି, ତେବେ ରାଜି ବିନା ଦ୍ୱିଧାରେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି। ରାଜିଙ୍କ ଜୀବନ କାହାଣୀ ଅତି ସଂଘର୍ଷମୟ। ଭାବିଥିଲେ ପ୍ଲସ୍ ଥ୍ରୀ ପାସ୍ କରିଛି, ଚାକିରି ତ ସହଜରେ ମିଳିଯିବ। କିନ୍ତୁ ତାଙ୍କର ଏ ଭାବନା ବାସ୍ତବରେ ପରିଣତ ହୋଇପାରିଲାନାହିଁ। ଚାକିରି ସନ୍ଧାନରେ ସାର୍ଟିଫିକେଟ୍ ଧରି ଏଣେତେଣେ ବୁଲିବା ପରେ ବି ସେ ଖଣ୍ଡିଏ ଚାକିରି ପାଇ ନ ଥିଲେ; ଯାହାଫଳରେ ସେ ଅଟୋ ଚାଳନାକୁ ନିଜ ବୃତ୍ତି କରିବା ପାଇଁ ନିଷ୍ପତ୍ତି ନେଲେ। ଟଙ୍କା ରୋଜଗାର ଆଶାରେ ଦୁହେଁ ରାଜି ଓ ତାଙ୍କ ସ୍ୱାମୀ କେରଳରୁ ଚେନ୍ନାଇ ଆସିଥିଲେ। ରାଜିଙ୍କ ସ୍ୱାମୀ ମଧ୍ୟ ପେସାରେ ଜଣେ ଅଟୋ ଡ୍ରାଇଭର। ଅଟୋ ଚାଳନାରୁ ମାସକୁ ୧୫ରୁ ୨୦ ହଜାର ରୋଜଗାର ହେଉଥିବାବେଳେ ରାଜିଙ୍କ ପରିବାର ସୁରୁଖୁରୁରେ ଚଳିଯାଉଥିବା ସେ କହିଛନ୍ତି।

### ପ୍ଲସ୍ ଥ୍ରୀ ପଢ଼ିଛନ୍ତି ରାଜି

## ଓଟିଟିରେ ବେବୋ



କରୀନା କପୁର ଖାନ୍

**ମୁମ୍ବାଇ:** ଇଣ୍ଟରନେଟ୍ ଯୁଗରେ ଓଟିଟି (ଓଭର୍ ଦି ଟପ୍) ପ୍ଲାଟଫର୍ମର ଚାହିଦା ବଢ଼ିବାରେ ଲାଗିଛି। ଯେଉଁଥିପାଇଁ ବଲିଉଡ୍‌ର ବହୁ ନାୟକ ଓ ନାୟିକା ଓଟିଟିରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ବର୍ତ୍ତମାନ ଏହି କଳାକାରଙ୍କ ସୂଚୀରେ ବେବୋ ଅର୍ଥାତ୍ କରୀନା କପୁର ଖାନ୍ ସାମିଲ ହୋଇଛନ୍ତି। ଓଟିଟିରେ ନିଜ ଡେବ୍ୟୁ କରିବାକୁ ଯାଉଛନ୍ତି ବେବୋ; ବୁଧବାର ନେଟଫ୍ଲିକ୍ସଚ ଏହି ସୂଚନା ଦେଇଛି। ଓଟିଟିରେ କାମ କରିବାକୁ ନେଇ ବେବୋ ବେଶ୍ ଖୁସି ଥିବା ଜଣାପଡିଛି। ବଲିଉଡ୍‌ରେ ଥ୍ରିଲର ଫିଲ୍ମ ତିଆରି କରି ଲୋକଲୋଚନକୁ ଆସିଥିବା ସୁଜୟ ଘୋଷଙ୍କ ସହିତ କାମ କରିବେ ବେବୋ। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଜୟଦୀପ, ଅହଲୱାଟ୍ଟୁ ଏବଂ ବିଜୟ ବର୍ମା। ମଡର ମିଷ୍ଟ୍ରିକୁ ନେଇ ଏହି ପ୍ରୋଜେକ୍ଟ ତିଆରି ହୋଇଥିବାବେଳେ ଏପର୍ଯ୍ୟନ୍ତ ପ୍ରୋଜେକ୍ଟର ନାମ ସ୍ଥିର କରାଯାଇନାହିଁ। ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ବେବୋ ନିଜ ଫ୍ୟାନ୍ସଙ୍କୁ ଏ ଖୁସି ଖବର ଜଣାଇଛନ୍ତି।

## ଥାଇଲାଣ୍ଡରେ ବିଚିତ୍ର ସାପ



**ବ୍ୟାଙ୍କକ୍:** ଥାଇଲାଣ୍ଡରେ ଦେଖିବାକୁ ମିଳିଛି ଏକ ବିଚିତ୍ର ସାପ। ସାପଟି ଦେଖିବାକୁ ଶୈବାଳ ପରି। ଦେହର ରଙ୍ଗ ସବୁଜ। ଥାଇଲାଣ୍ଡର ସାଖୋନ୍ ନାଖୋନ ଅଞ୍ଚଳରୁ ଏହି ବିଚିତ୍ର ସାପକୁ ଉଦ୍ଧାର କରାଯାଇଛି। ଟୁ' ନାମକ ଜଣେ ୪୯ ବର୍ଷୀୟ ବ୍ୟକ୍ତି ପ୍ରଥମେ ଏହି ସାପଟିକୁ ଏକ ସମ୍ପରେ ବୁଲୁଥିବାର ଦେଖିଥିଲେ; ଯାହାପରେ ଟୁ' ଏହି ସାପଟିକୁ ଏକ ଜାର୍‌ରେ ଭର୍ତ୍ତି କରି ଘରକୁ ନେଇଆସିଥିଲେ। ଏହି ସାପର ଲମ୍ବ ୨ ଫୁଟ ହୋଇଥିବାବେଳେ ଏହି ସାପ ଛୋଟ ମାଛକୁ ଆହାର ଭାବେ ଗ୍ରହଣ କରୁଛି। ସାପଟି ପଫ୍-ଫେସ୍‌ଡ ୱାଟର ସ୍ନେକ୍ ହୋଇଥିବା ଥାଇଲାଣ୍ଡର ସ୍ପେସିସ୍ କୋର୍ଡିନେଟର ସମ ଛାଟଫିଲ୍ଡ କହିଛନ୍ତି।

## ସେବାର ନାହିଁ ଜାତି କି ଧର୍ମ

ଚେନ୍ନାଇ




ସେବାର କୌଣସି ଜାତି କି ଧର୍ମ ନ ଥାଏ। ଜଣେ ହୃଦୟବାନ୍ ବ୍ୟକ୍ତି ହିଁ ସେବାର ପ୍ରକୃତ ପରିଭାଷା ଜାଣିଥାଏ। ତାମିଲନାଡୁର ଜଣେ ମୁସଲମାନ ବ୍ୟକ୍ତି ସେବା ଦ୍ୱାରା ଲୋକଙ୍କ ହୃଦୟ ଜିଣିଛନ୍ତି। ତାମିଲନାଡୁରେ ଚାଲିଛି ମାସି ପାଙ୍ଗୁନି ପର୍ବ। ଯେଉଁଥିରେ ଭକ୍ତମାନେ କ୍ଷୀର କଳସ ମୁଣ୍ଡେଇ ମୀନାକ୍ଷୀପୁରମ ମୁଥୁମାରୀ ଅମ୍ମନ ମନ୍ଦିରକୁ ଯାଉଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଏ ପର୍ବ ପାଳିବାକୁ ଆସୁଛନ୍ତି। ତେବେ ଖାଲି ପାଦରେ କଳସ ମୁଣ୍ଡେଇ ଯାଉଥିବା ଭକ୍ତଙ୍କ କଷ୍ଟକୁ କିଛିମାତ୍ରାରେ ଲାଘବ କରିବା ପାଇଁ ବଜାର ସମଜିଦ୍ ତରଫରୁ ଜଣେ ବ୍ୟକ୍ତି ପାଣି ପାଇପ୍ ଜରିଆରେ ପାଣି ଛିଞ୍ଚି ରାସ୍ତାକୁ ଶୀତଳ କରୁଛନ୍ତି; ଯଦ୍ୱାରା ଭକ୍ତ ବିନା ବାଧାରେ ଭଲରେ ମନ୍ଦିରରେ ପହଞ୍ଚିପାରିବେ। ଏଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାବେଳେ ବ୍ୟକ୍ତି ଜଣଙ୍କୁ ଲୋକେ ପ୍ରଶଂସା କରିବାରେ ଲାଗିଛନ୍ତି। ସେହିପରି ତ୍ରିଚି ଜିଲାରେ ବରଶିଥୀ ଗଣେଶ ମନ୍ଦିରରୁ ରାଜା ରାଜେଶ୍ୱରୀ ଆମ୍ମନ ମନ୍ଦିର ଆସୁଥିବା ଲୋକଙ୍କୁ କେତେଜଣ ମୁସଲମାନ ଯୁବକ ବଟର ମିଲ୍କ ବାଣ୍ଟୁଥିବା ଦେଖିବାକୁ ମିଳିଛି।

## ୧୪.୩୨ ସେକେଣ୍ଡରେ ରୁବିକ୍ସ କ୍ୟୁବ୍ ସମାଧାନ



**ଚେନ୍ନାଇ:** ଲୋକଙ୍କ ମଧ୍ୟରେ ଭିନ୍ନ ପ୍ରତିଭା ରହିଛି। ସେଥିପାଇଁ ପ୍ରତିଭାର ଶ୍ରେୟ ମଧ୍ୟ ତାଙ୍କୁ ମିଳିଛି। ତେବେ ନିକଟରେ ତାମିଲନାଡୁର ଜୟଧରଶନ ଭେଙ୍କଟେସନ ନାମକ ବାଳକ ୧୪.୩୨ ସେକେଣ୍ଡରେ ସାଇକେଲ ଚଲାଉଥିବା ସମୟରେ ରୁବିକ୍ସ କ୍ୟୁବ ସମାଧାନ କରି ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏଥିପାଇଁ ସେ ୨ ବର୍ଷ ହେଲାଣି ଅଭ୍ୟାସ ଜାରି ରଖିଛନ୍ତି। ତେବେ ପୂର୍ବରୁ ୧୪.୬୭ ସେକେଣ୍ଡରେ କ୍ୟୁବ ସମାଧାନ କରି ଆମେରିକାର ବାଳକ ଟମି ଚେରି ନିଜ ଅତୀତର ରେକର୍ଡକୁ ଭାଙ୍ଗିଛନ୍ତି। ତେବେ ଜୟଧରଶନଙ୍କ ଭିଡିଓ ଗିନିଜ୍ ୱାର୍ଲ୍ଡ ରେକର୍ଡର ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଥିବାବେଳେ ଭିଡିଓଟି ୬୬ ହଜାରରୁ ଅଧିକ ଲୋକେ ଦେଖିସାରିଲେଣି।

# ଜାପାନରେ ବଡ଼ ଭୂକମ୍ପ



**ଟୋକିଓ, ୧୬।୩**

■ସୁନାମି ସତର୍କ ସୂଚନା ଜାରି
■୨୦ ଲକ୍ଷ ପରିବାର ଅନ୍ଧାରରେ

ପୂର୍ବ ଜାପାନରେ ବୁଧବାର ରାତିରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ବୋଲି ଜଣାପଡ଼ିଛି। ଫଳରେ ଉତ୍ତରପୂର୍ବ ଉପକୂଳରେ ୧ ମିଟର ଉଚ୍ଚର ସୁନାମୀ ଆସିବା ନେଇ ସତର୍କସୂଚନା ଜାରିହୋଇଥିବା ଜାପାନ ପାଣିପାଗ ସଂସ୍ଥା ପକ୍ଷରୁ କୁହାଯାଇଛି। ଫୁକୁସୀମା ଅଞ୍ଚଳ ଉପକୂଳରେ ୬୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ରହିଛି। ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ତେବେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯିବାରୁ ଟୋକିଓର ୭ ଲକ୍ଷ ସମେତ ମୋଟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଅନ୍ଧକାରରେ ରହିଛନ୍ତି।

ସୂଚନାଯୋଗ୍ୟ, ୨୦୧୧ ମାର୍ଚ୍ଚ ୧୧ରେ ଜାପାନ ପୂର୍ବ ଉପକୂଳରେ ୯.୦ ତୀବ୍ରତାର ଭୂକମ୍ପ ସାଙ୍ଗକୁ ସୁନାମି ଆସିବା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିରେ ୧୮ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଫୁକୁସୀମା ଆଣବିକ ପ୍ଲାଣ୍ଟ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଏହାର କାର୍ଯ୍ୟକାରିତାକୁ ଯାଞ୍ଚ କରାଯିବ ବୋଲି ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଟିଇପିସିଓ କହିଛି। ପ୍ରଶାନ୍ତ ମହାସାଗର ତୀବ୍ର ଭୂକମ୍ପପ୍ରବଣ ଅଞ୍ଚଳରେ ଜାପାନ ରହିଥିବାରୁ ଏଠାରେ ଅଧିକାଂଶ ସମୟରେ ଭୂମିକମ୍ପ ଅନୁଭୂତ ହୋଇଥାଏ।

# କଂଗ୍ରେସକୁ ସାମଗ୍ରିକ ନେତୃତ୍ୱ ଲୋଡ଼ା

**ନୂଆଦିଲ୍ଲୀ, ୧୬।୩**

## ଜି-୨୩ ନେତାଙ୍କ ବୈଠକରେ ମତ



ବୈଠକ ଅବସରରେ ଗୁଲାମ ନବୀ ଆଜାଦଙ୍କ ସହ ଶଶୀ ଥରୁର।

କଂଗ୍ରେସକୁ ଆଗକୁ ବଢ଼ିବାକୁ ହେଲେ ଏକ ସାମଗ୍ରିକ ଓ ସାମୂହିକ ନେତୃତ୍ୱର ମଡେଲ ଆପଣାଇବାକୁ ପଡ଼ିବ ବୋଲି ବୁଧବାର ଜି-୨୩ ନେତାମାନେ ମତ ପ୍ରକାଶ କରିଛନ୍ତି।

ଜି-୨୩ ନାମରେ ପରିଚିତ କଂଗ୍ରେସର ଅସନ୍ତୁଷ୍ଟ ନେତାଙ୍କ ବୈଠକ ବୁଧବାର ବସିଛି। ଦଳର ବରିଷ୍ଠ ନେତା ଗୁଲାମନବୀ ଆଜାଦଙ୍କ ନୂଆଦିଲ୍ଲୀ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ନେତାମାନେ କଶ୍ମୀରୀ ଖାଦ୍ୟ ଖାଇବା ପରେ ଗାନ୍ଧୀ ପରିବାର ଆଗରେ ନିଜ ଆଭିମୁଖ୍ୟ ରଖିବା ଲାଗି ରଣନୀତି ସ୍ଥିର କରିଥିବା ଜଣାପଡ଼ିଛି। ବୈଠକ ପରେ ଗ୍ରୁପ୍-୨୩ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, କଂଗ୍ରେସକୁ ଆଗକୁ ବଢ଼ିବାକୁ ହେଲେ ସାମଗ୍ରିକ ଓ ସାମୂହିକ ନେତୃତ୍ୱର ମଡେଲ ଆପଣାଇବାକୁ ପଡ଼ିବ, ଯାହାକି ସବୁ ସ୍ତରରେ ନିଷ୍ପତ୍ତି ନେଇପାରୁଥିବ। ଭାଜପାକୁ ବିରୋଧ କରିବା ପାଇଁ କଂଗ୍ରେସ ପାର୍ଟିକୁ ମଜଭୁତ କରିବାକୁ ପଡ଼ିବ। କଂଗ୍ରେସ ୨୦୨୪ରେ ଏକ ବିଶ୍ୱସନୀୟ ବିକଳ୍ପର ପ୍ଲାଟଫର୍ମ ପ୍ରତିଷ୍ଠା ପାଇଁ ପଥ ପରିଷ୍କାର କରିବା ଲାଗି ସମଭାବାପନ୍ନ ଶକ୍ତିଗୁଡ଼ିକ ସହ ଆଲୋଚନା ଆରମ୍ଭ କରୁ ବୋଲି ଅସନ୍ତୁଷ୍ଟ ଗୋଷ୍ଠୀ ଦାବି କରିଛନ୍ତି। ଏଥିରେ କପିଲ ସିବଲ, ଆନନ୍ଦ ଶର୍ମା, ଭୂପିନ୍ଦର ସିଂ ହୁଡା, ପୃଥ୍ୱୀରାଜ ଚଭନ, ମନୀଷ ତିୱାରୀ, ଶଶୀ ଥରୁର, ବିବେକ ଟନ୍‌ଖା, ଅଖିଳେଶ ପ୍ରସାଦ ସିଂ ପ୍ରମୁଖ ଜି-୨୩ ନେତାଙ୍କ ସମେତ ଅନ୍ୟ କେତେଜଣ ନୂଆ ମୁହଁଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ମଣିଶଙ୍କର ଆୟାର, ପଟିଆଲା ଏମ୍‌ପି ତଥା ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସ୍ତ୍ରୀ ପ୍ରେନିତ୍ କୌର, ବରିଷ୍ଠ ନେତା ଜେ.ପି. କୁରିଏନ୍, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜିନ୍ଦର କୌର ଭଟ୍ଟଲ, ରାଜ ବବ୍ବର, କୁଲଦୀପ ଶର୍ମା। ବୈଠକରେ ଶଙ୍କର ସିଂ ବାଘେଲା ଓ ସନ୍ଦୀପ ଦୀକ୍ଷିତଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ରବିବାର ଅନୁଷ୍ଠିତ କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲ୍ୟୁସି) ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଉକ୍ତ ବୈଠକରେ ନେତାମାନଙ୍କୁ ଅବଗତ କରାଯାଇଥିଲା।

# ୪୯ ବିଲିୟନ ଡଲାର ବଢ଼ିଛି ଆଦାନୀଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ, ୧୬।୩**



ଗୌତମ ଆଦାନୀ

ଭାରତ ତଥା ଏସିଆର ଦ୍ୱିତୀୟ ସର୍ବାଧିକ ଧନୀ ବ୍ୟକ୍ତି ଭାବେ ପରିଚିତ ଗୌତମ ଆଦାନୀଙ୍କ ସମ୍ପତ୍ତି ଗତବର୍ଷ ୪୯ ବିଲିୟନ ଡଲାର (୩,୭୩,୨୬୨ କୋଟି ଟଙ୍କା) ବୃଦ୍ଧି ପାଇଛି। ଏହା ବିଶ୍ୱର ୩ ଶ୍ରେଷ୍ଠ ଧନୀ ଟେସ୍‌ଲା କମ୍ପାନୀ ମାଲିକ ଏଲନ୍ ମସ୍କ, ଆମାଜନ ମୁଖ୍ୟ ଜେଫ୍ ବେଜୋସ ଏବଂ ଫ୍ରାନ୍ସର ବିଶିଷ୍ଟ ବ୍ୟବସାୟୀ ବର୍ନାର୍ଡ ଅର୍ନଲ୍ଟଙ୍କ ମୋଟ ବର୍ଦ୍ଧିତ ସମ୍ପତ୍ତିଠାରୁ ଅଧିକ। ୨୦୨୨ ଏମ୍‌୩ଏମ୍ ହୁରୁନ ଗ୍ଲୋବାଲ ରିଚ୍ ଲିଷ୍ଟରୁ ଏହା ଜଣାପଡ଼ିଛି। ଭାରତର ଶ୍ରେଷ୍ଠ ଧନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣ ୧୦୩ ବିଲିୟନ ଡଲାର। ଗତ ୧୦ ବର୍ଷରେ ଅମ୍ବାନୀଙ୍କ ସମ୍ପତ୍ତି ୪୦୦% ବଢ଼ିଥିବାବେଳେ ଆଦାନୀଙ୍କର ୧,୮୩୦% ବଢ଼ିଥିବା ଉକ୍ତ ତାଲିକାରେ କୁହାଯାଇଛି। ଦେଶର ତୃତୀୟ ଧନୀ ଏଚ୍‌ସିଏଲ୍ ମୁଖ୍ୟ ଶିବ ନାଦରଙ୍କ ସମ୍ପତ୍ତି ୨୮ ବିଲିୟନ ଡଲାର ହୋଇଥିବାବେଳେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସାଇରସ୍ ପୁନାୱାଲାଙ୍କ ସମ୍ପତ୍ତି ୨୬ ବିଲିୟନ ଡଲାର।

ଆଦାନୀଙ୍କ କମ୍ପାନୀ ସହ ପୁନଃନବୀକରଣ ଶକ୍ତି କମ୍ପାନୀ ଆଦାନୀ ଗ୍ରୀନ୍ ତାଲିକାରେ ସାମିଲ ହେବା ପରେ ୨୦୨୦ରେ ତାଙ୍କ ସମ୍ପତ୍ତି ୧୭ ବିଲିୟନ ଥିବାବେଳେ ଏହା ପାଖାପାଖି ୫ ଗୁଣ ବୃଦ୍ଧି ପାଇ ୮୧ ବିଲିୟନ ଡଲାର ହୋଇଛି। ଗତବର୍ଷ ଅମ୍ବାନୀଙ୍କ ସମ୍ପତ୍ତି ୨୦ ବିଲିୟନ ଡଲାର ବଢ଼ିଛି। ୨୦୨୨ ଏମ୍‌୩ଏମ୍ ହୁରୁନ ଗ୍ଲୋବାଲ ରିଚ୍ ଲିଷ୍ଟରେ ୬୯ ଦେଶର ୨,୫୫୭ କମ୍ପାନୀର ୩,୩୮୧ ବିଲିୟନେୟାରଙ୍କ ର୍‌ୟାଙ୍କ ପ୍ରସ୍ତୁତ କରାଯାଇଛି। ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଭାରତରେ ରହିଥିବାବେଳେ ୮% ଅରବପତି ରହିଛନ୍ତି। ଭାରତରେ ୨୧୫ ବିଲିୟନାୟାର ଥିବାବେଳେ ଚାଇନାରେ ୧,୧୩୩ ଏବଂ ଆମେରିକାରେ ୭,୧୬ ଜଣ ଅଛନ୍ତି।

# ହିଜାବ ରାୟ ପ୍ରତିବାଦରେ ଆଜି କର୍ଣ୍ଣାଟକ ବନ୍ଦ

**ନୂଆଦିଲ୍ଲୀ, ୧୬।୩**

କର୍ଣ୍ଣାଟକର ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜ୍ୟ ସରକାରଙ୍କ ଡ୍ରେସ୍ କୋଡ୍‌କୁ ହାଇକୋର୍ଟ ବଳବତ୍ତର ରଖି ହିଜାବ କଟକଣା ଜାରି ରହିବ ବୋଲି ମଙ୍ଗଳବାର ସ୍ପଷ୍ଟ କରିବା ପରେ ମୁସଲମାନ ସଙ୍ଗଠନଗୁଡ଼ିକ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ଅମୀର-ଇ-ଶରିଆତ୍ କର୍ଣ୍ଣାଟକ ମୌଲାନା ସାଗିର ଅହମ୍ମଦ ଖାନ୍ ରଶାଦି ହାଇକୋର୍ଟଙ୍କ ରାୟକୁ ନୈରାଶ୍ୟଜନକ କହି ଗୁରୁବାର ରାଜ୍ୟବ୍ୟାପୀ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ କ୍ଷୋଭବ୍ୟକ୍ତ କରିବାକୁ ସେ ମୁସଲମାନ ସମୁଦାୟକୁ ଅନୁରୋଧ କରିଛନ୍ତି। ବନ୍ଦ ପାଳନକୁ କେତେକ ଦଳିତ ସଙ୍ଗଠନ ସମର୍ଥନ କରିଛନ୍ତି।



ହାଇଦ୍ରାବାଦରେ ଜଣେ ସ୍ୱାସ୍ଥ୍ୟକର୍ମୀ ୧୨ରୁ ୧୪ ବର୍ଷ ବୟସର ପିଲାଙ୍କୁ କୋଭିଡ୍ ଟିକା ଦେଉଛନ୍ତି। ଦେଶରେ ପ୍ରଥମ ଦିନରେ ୨.୬ ଲକ୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ କୋର୍ବେଭାକ୍ସ ଡୋଜ୍ ଦିଆଯାଇଛି।

# କେନ୍ଦ୍ରର ଓଆର୍‌ଓପି ନୀତି ସୁପ୍ରିମକୋର୍ଟରେ କାଏମ

**ନୂଆଦିଲ୍ଲୀ, ୧୬।୩ (ପି.ଟି.):** କେନ୍ଦ୍ର ସରକାର ଗ୍ରହଣ କରିଥିବା ୱାନ୍ ର୍‌ୟାଙ୍କ୍ ୱାନ୍ ପେନ୍‌ସନ (ଓଆର୍‌ଓପି) ନୀତିକୁ ସୁପ୍ରିମକୋର୍ଟ ବୁଧବାର କାଏମ ରଖିଛନ୍ତି। ୨୦୧୫ରେ କେନ୍ଦ୍ର ସରକାର ୩ ବାହିନୀ ମୁଖ୍ୟଙ୍କୁ ଇସ୍ୟୁ କରିଥିବା ଓଆର୍‌ଓପି ନୀତିରେ ସାମ୍ବିଧାନିକ ଦୁର୍ବଳତା କିମ୍ବା ସ୍ୱେଚ୍ଛାଚାରିତା ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଓଆର୍‌ଓପି ଉପରେ ଭଗତ ସିଂ କୋଶୟାରୀ କମିଟି ରିପୋର୍ଟ ରାଜ୍ୟସଭାରେ ଦାଖଲ କରାଯାଇଥିଲା। ଏହାକୁ ସରକାରୀ ନୀତିର ଏକ ବିବୃତି ଭାବେ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ସମାନ ପାହ୍ୟାର ପେନ୍‌ସନଭୋଗୀ ସମାନ ପେନ୍‌ସନ ନିଶ୍ଚୟ ପାଇବେ ଏଭଳି କୌଣସି ଆଇନଗତ ନିର୍ଦ୍ଦେଶନାମା ନାହିଁ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ସୂର୍ଯ୍ୟକାନ୍ତ ଏବଂ ବିକ୍ରମ ନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

# ୨୧.୯୫ କୋଟିର ଗଛ କଟା

**ମୁମ୍ବାଇ, ୧୬।୩:** ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ବର୍ତ୍ତମାନ ସୁଦ୍ଧା ୨,୮୪, ୧୭୧ ଗଛ କଟା ହୋଇଥିବାବେଳେ ଏ ନେଇ ମୋଟ ୪୮ ହଜାର ମାମଲା ଦାଏର ହୋଇଛି। ବୁଧବାର ରାଜ୍ୟ ବିଧାନ ପରିଷଦରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏହା କହିଛନ୍ତି। ତଥ୍ୟ ଅନୁସାରେ ଗତ ୪ ବର୍ଷ ମଧ୍ୟରେ ୨୧.୯୫ କୋଟି ମୂଲ୍ୟର ଗଛ କଟା ଯାଇଛି। ବେଆଇନ ଗଛ କଟାକୁ ନେଇ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୮,୮୯୩ ମାମଲା ରୁଜୁ ହୋଇଥିବାବେଳେ ସେଥିମଧ୍ୟରୁ ୧,୪୩୫ ସଙ୍ଗିନ ମାମଲା ରହିଛି। ଏଥିରୁ କିଛି ଅଭିଯୋଗ ବୁଝାମଣା ଜରିଆରେ ସମାଧାନ ହୋଇସାରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ବେଆଇନ କାରବାରରେ ୧୯୯ରୁ ଅଧିକ ଗାଡ଼ି ବ୍ୟବହାର ହୋଇଥିବା ଠାକରେ କହିଛନ୍ତି। ୨୦୧୯-୨୧ ମଧ୍ୟରେ ମୁମ୍ବାଇର ସୁବୁରବାନ ଜିଲାରେ ୧.୦୮ ବର୍ଗ କିଲୋମିଟର ଜଙ୍ଗଲ ନଷ୍ଟ ହୋଇଥିବାବେଳେ ରାଜ୍ୟର ୧,୯୧୧.୩୩ ହେକ୍ଟର ପରିମିତ ସ୍ଥାନରେ ରାଜ୍ୟ ସରକାର ବନୀକରଣ କରିଥିବା ରିପୋର୍ଟରେ କୁହାଯାଇଛି। ୨୦୨୧ରେ ଶିବସେନା ବିଧାୟକ ସଞ୍ଜୟ ରାଠୋଡ ଇସ୍ତଫା ଦେବା ପରେ ଉଦ୍ଧବ ଜଙ୍ଗଲ ବିଭାଗ ଦାୟିତ୍ୱ ନେଇଥିଲେ।

# ପୂର୍ବତନ ପ୍ରତିରକ୍ଷା ସଚିବଙ୍କ ବିରୋଧରେ ଚାର୍ଜଶିଟ୍

## ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ଦୁର୍ନୀତି

**ନୂଆଦିଲ୍ଲୀ, ୧୬।୩:** ବହୁଚର୍ଚ୍ଚିତ ୩,୭୦୦ କୋଟି ଟଙ୍କାର ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତିର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତକାରୀ ଟିମ୍ (ସିବିଆଇ) ବୁଧବାର ପୂର୍ବତନ ପ୍ରତିରକ୍ଷା ସଚିବ ତଥା ପୂର୍ବତନ ସିଏଜି ଶଶୀକାନ୍ତ ଶର୍ମା ଏବଂ ଭାରତୀୟ ବାୟୁସେନାର କେତେଜଣ ଅବସରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ହେଲିକପ୍ଟର କିଣା ଚୁକ୍ତିନାମାରେ ଲାଞ୍ଚ କାରବାର ସହ ସମ୍ପୃକ୍ତ ଶର୍ମାଙ୍କ ବିରୋଧରେ ମୋକଦ୍ଦମା ଚଳାଇବାକୁ ସିବିଆଇ ସରକାରଙ୍କୁ ଅନୁମତି ମାଗିଥିଲା। ଅନୁମତି ମିଳିବା ପରେ ତାଙ୍କ ବିରୋଧରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ ହୋଇଛି। ଶର୍ମା ୨୦୧୧ରୁ ୨୦୧୩ ମଧ୍ୟରେ ପ୍ରତିରକ୍ଷା ସଚିବ ରହିଥିଲେ। ଏହା ପରେ ୨୦୧୩ରୁ ୨୦୧୭ ତାଙ୍କୁ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ନିଯୁକ୍ତ କରାଯାଇଥିଲା। ଶର୍ମାଙ୍କ ବ୍ୟତୀତ ଚାର୍ଜଶିଟ୍‌ରେ ତତ୍କାଳୀନ ଏୟାର ଭାଇସ୍ ମାର୍ଶାଲ ଯଶବୀର ସିଂ ପାନେସାର, ଉପମୁଖ୍ୟ ଟେଷ୍ଟ ପାଇଲଟ୍ ଏସ୍.ଏ. କୁନ୍ତେ, ତତ୍କାଳୀନ ୱିଙ୍ଗ୍ କମାଣ୍ଡର ଥୋମା ମାଥ୍ୟୁ ଏବଂ ଗ୍ରୁପ୍ କ୍ୟାପ୍ଟେନ୍ ଏନ୍. ସନ୍ତୋଷଙ୍କ ନାଁ ରହିଛି। କୁନ୍ତେ ଏବଂ ସନ୍ତୋଷ ଏୟାର କମୋଡର ଭାବେ ଅବସର ଗ୍ରହଣ କରିଥିଲେ।



ଶଶୀକାନ୍ତ ଶର୍ମା

ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ କମ୍ପାନୀରୁ ୧୨ଟି ଭିଭିଆଇପି ହେଲିକପ୍ଟର କ୍ରୟ ନିମନ୍ତେ ଡିଲ୍ ଚୂଡ଼ାନ୍ତ କରିବା ଲାଗି ବ୍ୟାପକ ଲାଞ୍ଚ କାରବାର ଅଭିଯୋଗ ହୋଇଥିଲା। ଏଥିରେ ପୂର୍ବତନ ପ୍ରତିରକ୍ଷା ସଚିବ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ୨୦୨୦ରେ ସିବିଆଇ ତଦନ୍ତ ଆଗେଇବା ନେଇ ସମ୍ପୃକ୍ତ ମନ୍ତ୍ରଣାଳୟର ଅନୁମତି ଚାହିଁଥିଲା। ୨୦୧୬ରେ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଏହି ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱ ନେବା ପରେ ୨୦୧୭ ସେପ୍ଟେମ୍ବର ୧ରେ ପୂର୍ବତନ ଏୟାର ଚିଫ୍ ମାର୍ଶାଲ ଏସ୍.ପି. ତ୍ୟାଗୀ ଓ ଅନ୍ୟ ୧୧ ଜଣଙ୍କ ବିରୋଧରେ ପ୍ରଥମ ଚାର୍ଜଶିଟ୍ ଦାଖଲ କରିଥିଲା।

# ଇମ୍ରାନ୍ ସରକାର ଟଳମଳ

**ଇସ୍‌ଲାମାବାଦ, ୧୬।୩**

## ବିରୋଧୀଙ୍କ ସପକ୍ଷରେ ସହଯୋଗୀ ଦଳ

ଗତ ସପ୍ତାହରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବା ପରେ ତାଙ୍କ ସମସ୍ୟା ବଢ଼ିଛି। ଶାସକ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସହ ମେଣ୍ଟ କରିଥିବା ଦଳଗୁଡ଼ିକ ଶତପ୍ରତିଶତ ବିରୋଧୀଙ୍କ ଆଡ଼କୁ ଢଳିବା ଖବର ଇମ୍ରାନଙ୍କୁ ଚିନ୍ତାରେ ପକାଇଛି। ମେଣ୍ଟର ଦଳଗୁଡ଼ିକ ବିରୋଧୀଙ୍କୁ ସମର୍ଥନ କରୁଥିବା ଏକ ସହଯୋଗୀ ଦଳର ମୁଖ୍ୟ ପରଭେଜ୍ ଇଲାହୀ କହିବା ପରେ ପିଟିଆଇ ଶାସନରୁ ବିଦା ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିର ଆସନ ସଂଖ୍ୟା ୩୪୨। ସଂଖ୍ୟା ଗରିଷ୍ଠତା ପାଇଁ ୧୭୨ ଆସନ ଆବଶ୍ୟକ। ଇମ୍ରାନଙ୍କ ଦଳ ୧୫୫ ସିଟ୍ ଦଖଲ କରିଛି। ସହଯୋଗୀ ଦଳ ସମର୍ଥନ ପ୍ରତ୍ୟାହାର କଲେ ଇମ୍ରାନ୍ ସରକାର ସଂଖ୍ୟାଲଘୁରେ ପରିଣତ ହେବେ। ଶାସନ, ଅର୍ଥନୀତି, ବୈଦେଶିକ ନୀତି ଆଦି ପରିଚାଳନାରେ ଇମ୍ରାନ ବିଫଳ ହୋଇଥିବା ଅଭିଯୋଗରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ଆସନ୍ତା ୨୮ରୁ ୩୦ ତାରିଖ ମଧ୍ୟରେ ଇମ୍ରାନ ଆସ୍ଥାଭୋଟର ସମ୍ମୁଖୀନ ହୋଇପାରନ୍ତି। ପ୍ରକାଶ ଯେ, ଇମ୍ରାନ ସବୁକଥାରେ ନିର୍ଭରଶୀଳ ଥିବାରୁ ତାଙ୍କୁ ପାକିସ୍ତାନରେ ଜଣେ ଦୁର୍ବଳ ପ୍ରଧାନମନ୍ତ୍ରୀ ଭାବେ ବିବେଚନା କରାଯାଉଛି। ଦେଶର କୌଣସି ପ୍ରଧାନମନ୍ତ୍ରୀ ୫ ବର୍ଷ ଶାସନ କରିବାରେ ସକ୍ଷମ ହୋଇନାହାନ୍ତି।

# ଗୋଲ୍ଡେନ୍ ବାବା ନିଖୋଜ



ମନୋଜ ସେଙ୍ଗର

**କାନପୁର, ୧୬।୩:** କାନପୁରର ଗୋଲ୍ଡେନ୍ ବାବା ଭାବେ ଜଣାଶୁଣା ମନୋଜ ସେଙ୍ଗର ମଙ୍ଗଳବାର ନିଖୋଜ ହୋଇଯାଇଛନ୍ତି। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଗୋଲ୍ଡେନ୍ ବାବାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଯାଞ୍ଚବେଳେ ମଙ୍ଗଳବାର ବାହାରକୁ ଯିବା ସମୟରେ ସେ ସୁନା ଗହଣା ପିନ୍ଧି ନ ଥିବା ପୋଲିସ କହିଛି। ଗତବର୍ଷ କୋଭିଡ୍ ମାହାମାରୀ ସମୟରେ ସୁନାର ମାସ୍କ ପିନ୍ଧି ଗୋଲ୍ଡେନ୍ ବାବା ଲୋକଲୋଚନକୁ ଆସିଥିଲେ। ମାସ୍କଟି ସମ୍ପୂର୍ଣ୍ଣ ସୁନାରେ ତିଆରି ହୋଇଥିବାବେଳେ ଏହାର ମୂଲ୍ୟ ଥିଲା ୫ ଲକ୍ଷ ଟଙ୍କା। ୪ ବର୍ଷ ପୂର୍ବେ ଗୋଲ୍ଡେନ ବାବାଙ୍କୁ କିଛି ଦୁର୍ବୃତ୍ତ ଅପହରଣ ଉଦ୍ୟମ କରିଥିଲେ ହେଁ ଏଥିରେ ସେମାନେ ସଫଳ ହୋଇ ନ ଥିବା ତାଙ୍କ ଘର ଲୋକ କହିଛନ୍ତି।





**OFFICE OF THE SPECIAL PLANNING AUTHORITY, TALASARI**

No.01/SPA, Talsari — Dated the 16th March, 2022

**QUOTATION CALL NOTICE**

**No.F-335:** Sealed Quotations in plain paper are invited from the eligible intending Bidders having past experience for "Operation & Management of Parking Place and Toilet Block at Udaypur" for a period of twelve months starting from dtd. 01/04/2022 to dtd. 31/03/2023. The eligible organization/individual having no criminal records interested to operate the Parking place & Toilet block may submit their quotations latest by 2 P.M. of dtd. 25/03/2022 to the Office of the Tourist Officer, Balasore-cum-Secretary, SPA, Police Line,Balasore,Pin-756001 which will be taken up for evaluation on dtd. 28/03/2022 at 11.00 A.M. in presence of the quotationers /bidders or their authorized representatives. The upset price for the period has been fixed at Rs.4,50,000/- (Rupees Four Lakh Fifty Thousand) only. The successful bidder shall have to deposit the bid price in full in shape of Bank Draft in favour of the Collector,Balasore & Chairman, Special Planning Authority, Talasari at any Nationalized Bank before issue of Work Order. He /She shall have to execute agreement prior to issue of the Work Order as per the terms & conditions. If the successful bidder fails to accept the award in his/her favour, his/her EMD shall be forfeited.

The tender document may be obtained from the office of the Tourist Officer, Balasore cum Secretary, SPA, Police Line,Balasore,Pin-756001 from 16.03.2022(11AM) to 25.03.2022 (11AM) on payment of Rs.500/- (Non-refundable) in favour of Collector, Balasore & Chairman, Special Planning Authority, Talasari in shape of Bank Draft, payable at Balasore. Applications received after due date & time will not be entertained for any reason. The authority reserves the right to reject any or all the quotations without assigning any reason thereof.

**Sd./- Collector, Balasore & Chairman**
**Special Planning Authority, Talasari**
OIPR-24260/11/0001/2122

**OFFICE OF THE SUPERINTENDING ENGINEER PADAMPUR INVESTIGATION DIVISION, PADAMPUR - 768036 (BARGARH)**
GOVERNMENT OF ODISHA
**DEPARTMENT OF WATER RESOURCES**
e-Mail: seinvestigationwrpadampur@gmail.com

**Quotation Call Notice No. PID-05/2021-22 Dt.16.03.2022**

No. A-891: Sealed quotations/tenders are invited from interested reputed travel agencies/tour operators or private individual for providing 02 (Two) nos. of AC Diesel driven Vehicles (TUV300/Scorpio/Bolero/Sumo Gold/Ertiga etc.) having sitting capacity of minimum seven but not more than ten including driver, which shall confirm to the terms and conditions (Annexure-I) on monthly rent basis. The details of 02 (Two) nos. vehicles are details given below in the table.

| | | |
|---|---|---|
| 1. | For official use of the Superintending Engineer of Padampur Investigation Division, Padampur | 01 (One) No. |
| 2. | For official use of Assistant Executive Engineer of Padampur Investigation Sub-Division No. IV, Padampur | 01 (One) No. |

1. The vehicle must be in road worthy condition, shall **not be more than 3 years old as on 31.03.2023** from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up-to-date tax payment etc. which are mandatory for plying of vehicle. **If new vehicle within 03 years is not available then the Vehicles within 05 years old as on 31.03.2023 to be considered for the use of Assistant Executive Engineer of Padampur Investigation Sub-Division No. IV, Padampur.**
2. The Driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of **Rs.5000.00 (Rupees five thousand)** only shall be deposited by the intending bidders in shape of N.S.C./K.V.P./Deposit Receipt of Nationalized Schedule Bank within Odisha duly pledged in favour of the Superintending Engineer, Padampur Investigation Division, Padampur and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of minimum **12 kms per litre**.
7. The details of the make and year of manufacture of the vehicle, Registration No., mileage (kms covered per litre) and name of the Driver with Driving Lincence No. and period of validity should be specifically provided in the general bid information to be furnished with the Quotation/Tender **(Annexure - II)**.
8. The quotation completed in all respect should reach the office of the undersigned on or before **30.03.2022 by Regd. Post/Speed Post** and shall be opened on **Date: 31.03.2022 at 11.00 A.M.** in presence of the bidders or thier authorized representatives.
9. The application form of quotation & Terms and Conditions for Hiring of Vehicles etc. will be available within the Office of the Superintending Engineer, Padampur Investigation Division, Padampur during the office hours **upto 29.03.2022**.
10. The Prescribed form along with other documents are obtainable from the Office of the **Superintending Engineer, Padampur Investigation Division, Padampur** on payment of **Rs.100.00 (Rupees one hundred) only** towards **cost of tender paper** during office hours. Tender must be submitted in sealed covers. The name of the work being noted on the cover.

**Sd./- Superintending Engineer**
OIPR-32086/11/0005/2122 — **Padampur Investigation Division, Padampur**

GOVERNMENT OF ODISHA — No. O-1856
**OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR**
No.1045 / Date: 15.03.2022

**"e" PROCUREMENT NOTICE FOR BRIDGE WORKS UNDER BIJU SETU YOJANA FOR THE YEAR 2021-22**

| | | | |
|---|---|---|---|
| 1. | Name of the Work | : | Bridge Work under Biju Setu Yojana |
| 2. | Total No. of Packages | : | 02 Nos. of Bridge Works |
| 3. | Estimated Cost of the Package | : | Varies from Rs.571.37 lakhs to Rs.758.96 lakhs |
| 4. | Class of Contractors | : | |
| | a) Estimated cost more than Rs.40.00 lakhs upto Rs.300.00 lakhs | : | B Class & A Class (of Odisha PWD) or relevant Class of other licensing authorities |
| | b) Estimated cost more than Rs.300.00 lakhs upto Rs.600.00 lakhs | : | A Class & Special Class (Of Odisha PWD) or relevant Class of other licensing authorities |
| | c) Estimated cost more than Rs.600.00 lakhs upto Rs.1500.00 lakhs | : | Special Class & Super Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.-06 of 2022 | 28.03.2022 at 11.00 A.M. | 12.04.2022 upto 5.00 P.M. | 13.04.2022 upto 11.00 A.M. | To be intimated later on |

Further details can be seen from the website: **www.tendersorissa.gov.in**.

**Sd./- Chief Construction Engineer,**
OIPR-25082/11/0060/2122 — **Central Works Rural Circle, Bhubaneswar**

**PANCHAYAT RAJ & DRINKING WATER DEPARTMENT**
GOVERNMENT OF ODISHA
**OFFICE OF THE SUPERINTENDING ENGINEER, RWS&S DIVISION, NABARANGPUR**
Tel. (06858) 222643, E-mail: eerwss_ngp@rediffmail.com / eerwssngp@gmail.com

**INVITATION FOR BIDS**
**No. RWSS_NGP_ONLINE_19 / 2021-22 Dated: 07.03.2022**

No. O-1849: The Superintending Engineer, RWS&S Division, Nabarangpur on behalf of Additional Chief Engineer, RWSS Circle, Koraput invites percentage rate bid through E-Procurement in Double Cover System according to norm of e-procurement system in Online mode.

1. Name of works : As mentioned in Table "A" which includes construction of different capacity ESR/OGR laying of pipeline, FHTC and its ancilary work in commissioned Pipe Water supply scheme of different Block in the Nabarangpur district (Clubbed up projects)
2. No. of works : 04 (Four) Nos. (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : As mentioned in Table "A"
5. Class of Contractor : As mentioned in Table "A"
6. Period of Completion : 365 days
7. Critical dates : 
   * Further details can be seen in the bidding documents, which is available in the e-procurement portal **https://www.tendersodisha.gov.in**.
   * Subsequent corrigendum if required shall be appeared in the website.
   * Authority reserves the right to reject any or all tenders without assigngning any reason thereof.

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Last date of receipt of confirmation letter & other documents | Date of opening of Bid |
|---|---|---|---|---|---|---|
| | | From | To | | | |
| Superintending Engineer, RWSS Division, Nabarangpur | RWSS_NGP_ONLINE_19 of 2021-22 | 30.03.2022 at 11.00 A.M. | 12.04.2022 at 05.00 P.M. | 11.04.2022 upto 5.30 P.M. | 12.04.2022 upto 05.30 P.M. | 13.04.2022 at 11.00 A.M. |

OIPR-25028/11/0018/2122 — **Superintending Engineer, RWS&S Division, Nabarangpur**

# ବସ୍ତି ଭୋଟରଙ୍କ ଉପରେ ଫୋକସ୍

## ମାରାଥନ ପ୍ରଚାରରେ ବିଜେଡି ମେୟର ପ୍ରାର୍ଥିନୀ



ବିଜେଡି ମେୟର ପ୍ରାର୍ଥିନୀ ସୁଲୋଚନା ଦାସ ୬ ନଂ. ୱାର୍ଡରେ ଦଳୀୟ କର୍ପୋରେଟର ପ୍ରାର୍ଥୀଙ୍କ ସହ ପ୍ରଚାର କରୁଛନ୍ତି।

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନ ପାଇଁ ଏବେ ଲଢେଇ ଜୋର୍‌ଦାର ହେବା ଆରମ୍ଭ ହୋଇଯାଇଛି। ପ୍ରଥମ ଥର ମେୟର ନିର୍ବାଚନ ପାଇଁ ସିଧାସଳଖ ଭୋଟ୍ ହେଉଥିବାରୁ ଏହାକୁ ଦଖଲ କରିବା ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ କସରତ ଆରମ୍ଭ କରିଦେଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଭୁବନେଶ୍ୱର ଅନ୍ତର୍ଗତ ୩ ବିଧାନସଭା ଆସନ ହାତେଇଥିବାବେଳେ ଭାଜପା ଏମ୍‌ପି ଆସନ ହାତେଇଛି। ତେଣୁ ଏବେ ମେୟର ପଦ ପାଇଁ ସିଧାସଳଖ ନିର୍ବାଚନ ହେଉଥିବାବେଳେ ଉଭୟ ବିଜେଡି ବିଧାୟକ ଏବଂ ଭାଜପା ଏମ୍‌ପି ସେମାନଙ୍କ ସମ୍ମାନର ପ୍ରସଙ୍ଗ ପାଲଟିଛି। ଭୁବନେଶ୍ୱର ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଉତ୍ତର ବିଧାୟକ ସୁଶାନ୍ତ ରାଉତ ବିଜେଡି ମେୟର ପ୍ରାର୍ଥିନୀ ସୁଲୋଚନା ଦାସଙ୍କ ପାଇଁ ପ୍ରଚାର ଜାରି ରଖିଛନ୍ତି।

### ବିଏମ୍‌ସିକୁ ନମ୍ବର ୱାନ ସ୍ମାର୍ଟସିଟିରେ ପରିଣତ କରିବାକୁ ଲକ୍ଷ୍ୟ

ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ସୁଲୋଚନା କହିଛନ୍ତି, ଦଳର ସଭାପତି ବହୁ ଜଣଙ୍କ ମଧ୍ୟରୁ ତାଙ୍କୁ ପ୍ରାର୍ଥୀ କରିଛନ୍ତି। ତେଣୁ ବିଏମ୍‌ସି ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେବା ତାଙ୍କର ପ୍ରାଥମିକତା ରହିବ। ଭୁବନେଶ୍ୱରକୁ ନମ୍ବର ୱାନ ସ୍ମାର୍ଟସିଟିରେ ପରିଣତ କରିବାକୁ କାର୍ଯ୍ୟ ଜାରି ରଖିବେ। ମେୟର ପ୍ରାର୍ଥୀ ହିସାବରେ ସମସ୍ତ ଭୁବନେଶ୍ୱରବାସୀ ତାଙ୍କ ପରିବାର ତେଣୁ ଏଠାରେ ବାସ କରୁଥିବା ସମସ୍ତଙ୍କ ସମସ୍ୟା ବୁଝି ସେମାନଙ୍କ କଥାକୁ ପ୍ରାଥମିକତା ଦେବି। ବିଭିନ୍ନ ୱାର୍ଡରେ ଯେଉଁ ସବୁ ସମସ୍ୟା ରହିଛି, ତାକୁ ସମାଧାନ କରିବି। ଲୋକଙ୍କ ପାଇଁ ୨୪ ଘଣ୍ଟା କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି ଏବଂ ରହିବି ମଧ୍ୟ। ୨୦୧୯ ଲୋକ ସଭା ନିର୍ବାଚନ ଫଳାଫଳ ଭଳି ଏଥର ହେବନାହିଁ। ଲୋକଙ୍କ ପାଖରେ ବହୁତ ଭଲ ପାଇବା ମିଳୁଛି ସେଥିରୁ ହିଁ ବିଜେଡି ପ୍ରତି ଲୋକଙ୍କ ଥିବା ସମର୍ଥନ ଥିବା ଜଣାପଡୁଛି। ଦଳରୁ ଯେଉଁମାନେ ଟିକେଟ ନ ପାଇ ଅସନ୍ତୁଷ୍ଟ ହୋଇଛନ୍ତି ସେମାନଙ୍କ ଯୋଗୁ ମେୟର ଭୋଟ୍‌ରେ କିଛି ପ୍ରଭାବ ପଡ଼ିବନି। ଦଳ ତରଫରୁ ସର୍ଭେ କରାଯାଇ ରିପୋର୍ଟ ଆସି ସାରିଛି। ସମସ୍ତେ ଶଙ୍ଖ ଚିହ୍ନ ଏବଂ ବିଜେଡିକୁ ଭଲ ପାଆନ୍ତି ସେଭଳି କିଛି ଖରାପ ପ୍ରଭାବ ଭୋଟ୍ ଉପରେ ଅସନ୍ତୁଷ୍ଟ ପ୍ରାର୍ଥୀ ପକାଇବେ ନାହିଁ ବୋଲି ସେ କହିଛନ୍ତି। ବିଏମ୍‌ସି ଅଞ୍ଚଳରେ ବସ୍ତି ସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱ ରହିଛି। ଜନସଂଖ୍ୟା କେତେ ତାହା ଜଣା ନାହିଁ। ବସ୍ତିବାସିନ୍ଦାଙ୍କ ମନରେ ମୁଖ୍ୟତଃ ଉଚ୍ଛେଦ ନେଇ ଭୟ ରହିଥିବା ପ୍ରଚାର ବେଳେ ଜାଣିବାକୁ ମିଳୁଛି। ହେଲେ ଏଥିରେ ଭୟ କରିବାର କିଛି ନାହିଁ। କାରଣ ବସ୍ତି ଉଚ୍ଛେଦ ହେଲେ ତାହା ବିଜୁ ଆଦର୍ଶ କଲୋନୀକୁ ରୂପାନ୍ତର ହେବ। ଏପରି କି ଯାହାର ଜମି ନାହିଁ ସେମାନଙ୍କୁ ପଟ୍ଟା ଏବଂ ଟଙ୍କା ମିଳିବ ବୋଲି ବୁଝାଉଛୁ। ସେହିପରି ଭୁବନେଶ୍ୱରରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟା ସମାଧାନ ପାଇଁ ବିଏମ୍‌ସି ପକ୍ଷରୁ ୭୦ଟି ସ୍ଥାନ ଚିହ୍ନଟ କରାଯାଇଛି। ୪୦ଟିରେ କାମ ଆରମ୍ଭ ହୋଇଥିବାବେଳେ ୩୦ଟିରେ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ। ଟାର୍ଗେଟ ପ୍ରସ୍ତୁତ କରି ଏହି କାମକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବେ ବୋଲି ସୁଲୋଚନା କହିଛନ୍ତି।

### ୬, ୭ନଂ. ୱାର୍ଡରେ ପ୍ରଚାର ଜୋର୍‌ଦାର କଲା ବିଜେଡି

ମେୟର ପ୍ରାର୍ଥିନୀ ସୁଲୋଚନା ବୁଧବାର ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ୬ ନମ୍ବର ଏବଂ ୭ ନମ୍ବର ୱାର୍ଡର ପ୍ରଚାର କରିଥିଲେ। ମେୟର ପ୍ରାର୍ଥୀଙ୍କ ସହ ପ୍ରଚାରରେ ସ୍ଥାନୀୟ ବିଧାୟକ ରାଉତ, ୬ ନମ୍ବର କର୍ପୋରେଟର ପ୍ରାର୍ଥୀ ପ୍ରୀତିନନ୍ଦା ରାଉତରାୟ, ବିଧାୟକ ପ୍ରଣବ ବଳବନ୍ତରାୟ ଏବଂ ୭ ନମ୍ବର କର୍ପୋରେଟର ପ୍ରାର୍ଥୀ ମାନସ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ପ୍ରଚାର ସମୟରେ ଦୁଇଟି ଯାକ ୱାର୍ଡର ବସ୍ତି ଭୋଟ୍ ଉପରେ ବିଜେଡି ନେତାଙ୍କ ସମ୍ପୂର୍ଣ୍ଣ ଫୋକସ୍ ରହିଥିବା ଦେଖିବାକୁ ମିଳିଛି। ୬ନମ୍ବର ୱାର୍ଡ ଅନ୍ତର୍ଗତ ନୀଳପଡିଆ ବସ୍ତିରେ ପହଞ୍ଚି ସ୍ତିବାସିନ୍ଦାଙ୍କୁ ଭୋଟ୍ ଭିକ୍ଷା କରିବା ସହ ବିକାଶର ପକ୍ଷଭୁକ୍ତ ହେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟ ବିଧାୟକ ମଧ୍ୟ ସେଠାରେ ସମାନଭାବେ ଭୋଟ୍ ଦେଇ ବିଜେଡିକୁ ଶକ୍ତିଶାଳୀ କରିବା ପାଇଁ ଅନୁରୋଧ କରିଥିଲେ। ସେଠାରୁ ରାଲି ବାହାରି ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ସୁଲୋଚନା ସମସ୍ତଙ୍କୁ ଏଥର ମେୟର ଭୋଟ୍ ପାଇଁ ସିଧାସଳଖ ନିର୍ବାଚନ ହେଉଥିବା କଥା ବୁଝାଇଥିଲେ। ପରେ ବିଜେଡି ପ୍ରଚାର ୭ନମ୍ବର ୱାର୍ଡ ଅନ୍ତର୍ଗତ ସୋନାଲି ଆପାର୍ଟମେଣ୍ଟ ନିକଟରୁ ବାହାରି ଶ୍ରୀକୃଷ୍ଣ ନଗର ବସ୍ତିରେ ପହଞ୍ଚିଥିଲା। ସେଠାରୁ ମହାବୀର ବସ୍ତି, ସରସ୍ୱତୀ ବସ୍ତି, ପାୱାର୍ ଗ୍ରୀଡ୍ ପାଖ ଟ୍ରାଞ୍ଜିଟ୍ ହଲ୍ ବସ୍ତିରେ ପହଞ୍ଚି ସୁଲୋଚନା ଭୋଟ୍ ଭିକ୍ଷା କରିଥିଲେ। ଏହାପରେ ଜି.ଏ କୈଳାସ ବିହାର, ବିବେକାନନ୍ଦ ସ୍କୁଲ ନିକଟସ୍ଥ ଜି.ଏ ଆସୋସିଏଶନ, ମା' ତାରେଣୀ ମନ୍ଦିର ନିକଟସ୍ଥ ଫେଜ-୨ ଛକ, ନିଳକଣ୍ଠେଶ୍ୱର ମନ୍ଦିର ଛକ ଠାରୁ ରାଲି ଯାଇ ଲକ୍ଷ୍ମୀ ମଣ୍ଡପ ପଡିଆଠାରେ ପହଞ୍ଚିଥିଲା।

# ପରାଜୟ ଭୟରେ ୩ବର୍ଷ ନିର୍ବାଚନ କଲେନି

**କଟକ ଅଫିସ,୧୬।୩**

### ସିଏମ୍‌ସି କଂଗ୍ରେସ ମେୟର ପ୍ରାର୍ଥିନୀ ଗିରିବାଳା



କଟକ ମହାନଗର ନିଗମ(ସିଏମ୍‌ସି) ପାଇଁ କଂଗ୍ରେସ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ମେୟର ପ୍ରାର୍ଥିନୀ ଭାବେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ପ୍ରଚାରକୁ ଆଉ ମାତ୍ର ସପ୍ତାହରୁ କମ୍ ସମୟ ଥିବାରୁ ଗିରିବାଳା ନିଜ ଦଳର କର୍ପୋରେଟର ପ୍ରାର୍ଥୀଙ୍କ ସହ ବିଭିନ୍ନ ୱାର୍ଡ ବୁଲି ଭୋଟ ଭିକ୍ଷା କରୁଛନ୍ତି। ବୁଧବାର ଗିରିବାଳା ୪୩ ଓ ୫୪ ନଂ. ୱାର୍ଡରେ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହ ପ୍ରଚାର କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ବାଇକ ରାଲିରେ ଯାଇ ୱାର୍ଡବାସୀଙ୍କୁ ଭେଟି ତାଙ୍କ ସମସ୍ୟା ବୁଝିଥିଲେ। ଏହି ଅବସରରେ ଧରିତ୍ରୀ ପକ୍ଷରୁ ତାଙ୍କୁ ସାକ୍ଷାତ କରାଯାଇଥିଲା। ସେ କହିଥିଲେ ସହରର ୫୯ ୱାର୍ଡର ୪ଲକ୍ଷ ୫୦ ହଜାର ୭୫୯ ଲୋକ ଏବେ ମହାନଗର ନିଗମର ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଜାଇକା ଏବେ ଏକ ବଡ଼ ସମସ୍ୟା ପାଲଟିଛି। ଜାଇକା ଯେଉଁଭଳି ରାସ୍ତାଘାଟ ଖୋଳିଛି, ଏଥିରେ ଅଧିକାଂଶ ସମୟରେ ଲୋକଙ୍କ ଠାରୁ ଆରମ୍ଭ କରି ଗୋରୁ, ବୁଲା କୁକୁର ଆଦି ପଡୁଛନ୍ତି। ରାସ୍ତାଘାଟ ସମସ୍ୟା ସହ ମଶା ଉପଦ୍ରବରେ ଲୋକେ ଅତିଷ୍ଠ ହେଲେଣି। ଭଡ଼ା ଯୋଜନା ହେଉ କିମ୍ବା ବସ୍ତି ବାସିନ୍ଦାଙ୍କୁ ଫ୍ଲାଟ ଯୋଗାଇବାରେ ସିଏମ୍‌ସି ବିଫଳ ହେବାସହ ଫ୍ଲାଟ ଦୁର୍ନୀତିରେ ଶାସକ ଦଳ ନେତା ସମ୍ପୃକ୍ତ ରହିଛନ୍ତି। ସିଏମ୍‌ସିରେ ନାନା ସରକାରୀ ଯୋଜନା ବାଟମାରଣା ହେଉଛି। ସିଏମ୍‌ସି ଅଧୀନରେ ଥିବା ୨୬୨ରୁ ଊର୍ଦ୍ଧ୍ୱ ବସ୍ତି ରହିଛି। କର୍ପୋରେଟର ଥିବା ସମୟରେ ମୋ ୱାର୍ଡରେ ଥିବା ବସ୍ତିବାସିନ୍ଦାଙ୍କୁ ସମସ୍ତ ସରକାରୀ ଯୋଜନା ପହଞ୍ଚାଇଥିଲି। ତେବେ ସରକାର ହାରିବା ଭୟରେ ୩ବର୍ଷ କାଳ ପୌର ନିର୍ବାଚନ କଲେ ନାହିଁ। ଏବେ ମୁଁ ୧ ରୁ ୫୯ ୱାର୍ଡ ଗସ୍ତ କରିଛି। ଚୌଦ୍ୱାର ଓ ସଦର ଲୋକଙ୍କ ଆଶାତୀତ ଜନ ସମର୍ଥନ ପାଉଛି। ତେବେ ଏଥର ଶାସକ ଦଳ ପ୍ରଶାସନିକ ଅଧିକାରୀଙ୍କୁ ଧରି ଚକ୍ରାନ୍ତ କରି ପ୍ରାୟ ୱାର୍ଡର ଭୋଟରଙ୍କ ନାମ ଏପଟ ସେପଟ କରିଛନ୍ତି। ଗୋଟିଏ ୱାର୍ଡର ଭୋଟରଙ୍କ ନାମ ଅନ୍ୟ ୱାର୍ଡର ଭୋଟର ତାଲିକାରେ ଦେଖିବାକୁ ମିଳୁଛି। ବହୁ ମାତ୍ରାରେ ଏପରି ଭୋଟରଙ୍କୁ ବିଭ୍ରାନ୍ତ କରାଯାଇଛି। ଶାସକ ଦଳ ନିର୍ବାଚନ ପରାଜୟ ଭୟରେ ଏପରି କରିଥାଇ ପାରେ ବୋଲି ମୋତେ ହୃଦ୍‌ବୋଧ ହେଉଛି। ତେବେ ଯଦି ମୁଁ ଏଇ ନିର୍ବାଚନରେ ଜିତେ ତେବେ ଏ ସମସ୍ତ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ନେଇ ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବି।

# ଫୋକସରେ ପୂର୍ବତନ ଡେପୁଟି ମେୟରଙ୍କ ୱାର୍ଡ

**ସିଏମ୍‌ସି ୱାର୍ଡ ନଂ- ୩୬**

**କଟକ ଅଫିସ,୧୬।୩**

ପୌର ନିର୍ବାଚନ ପାଖେଇ ଆସୁଥିବାରୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ବିଭିନ୍ନ ପ୍ରସଙ୍ଗକୁ ନେଇ ଲୋକଙ୍କ ନିକଟତର ହେଉଛନ୍ତି। ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଏହି କ୍ରମରେ ୩୬ ନଂ ୱାର୍ଡ ବିଶେଷ ଚର୍ଚ୍ଚାରେ ରହିଛି। ଗତ ଥର ଏହି ୱାର୍ଡ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଥିବାବେଳେ ସିଏମ୍‌ସି ଡେପୁଟି ମେୟର ଅଜୟ କୁମାର ବାରିକ ତାଙ୍କ ନିକଟତମ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ସ୍ମୃତି ରାଉତଙ୍କ ଠାରୁ ୪୦୦ ଭୋଟରେ ବିଜୟୀ ହୋଇଥିଲେ। ଏହି ୱାର୍ଡ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ। ହେଲେ ଏହା ସହରର ମଝିଆମଝି ଅଞ୍ଚଳରେ ହୋଇଥିବାରୁ ଏଠାରେ ବାରବାଟୀ-କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ମଧ୍ୟ ବେଶ୍ ପ୍ରଭାବ ରହିଛି। ଚଳିତ ଥର ଏହି ୱାର୍ଡ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ବିଜେଡିରୁ ମଧୁସ୍ମିତା ବାରିକ, ଭାଜପାରୁ ସୁଚିତ୍ରା ରାୟ, କଂଗ୍ରେସରୁ ଦେବଶ୍ରୀ ରାଉତରାୟ ପ୍ରମୁଖ କର୍ପୋରେଟର ପ୍ରାର୍ଥିନୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

**ୱାର୍ଡ ପରିସର**

ଛତ୍ରବଜାର ବଳଭଦ୍ରପୁର, ମହତାବ ରୋଡ ଅଞ୍ଚଳର କିଛି ଅଂଶ, ନିୟୁ କଲୋନି, ଦୋଳ ମୁଣ୍ଡାଇ ଅଞ୍ଚଳର କିଛି ଅଂଶ, ରକ୍ସି ଲେନ୍(ଆଳି କଲୋନି), ଓଲ୍ଡ ଏଲ୍‌ଆଇସି କଲୋନି, କମଳପୁର, ମଙ୍ଗଳାଲେନ୍।

**ପ୍ରମୁଖ ପ୍ରସଙ୍ଗ**

ନାଳ ନର୍ଦ୍ଦମା ଠିକ ଭାବରେ ପରିଷ୍କାର ହେଉ ନ ଥିବାବେଳେ ବିଭିନ୍ନ ଗଳିଗୁଡ଼ିକରେ ଷ୍ଟ୍ରିଟ ଲାଇଟ ନାହିଁ। ଯେଉଁଠି ଅଛି ତାହା ଠିକ୍ ଭାବରେ ଜଳୁ ନାହିଁ। ସେହିପରି ମଶା ଉପଦ୍ରବ ଓ ପରିମଳର ଅବ୍ୟବସ୍ଥା ରହିଛି। ୱାର୍ଡର ବିଭିନ୍ନ ସ୍ଥାନରେ ଦିନ ଦିନ ଧରି ଆବର୍ଜନା ପଡ଼ି ରହୁଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

## କର୍ପୋରେଟର ପ୍ରାର୍ଥିନୀ, ଭୋଟରଙ୍କ ମତ



"ମୋ ସ୍ୱାମୀ ପୂର୍ବରୁ ଏଠାରେ କର୍ପୋରେଟର ରହିଥିଲେ। ସେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଇଛନ୍ତି। ନିଉ କଲୋନି ଓ ରକ୍ସିଲେନ୍‌ରେ ଜାଇକା ପାଇଁ କିଛି ରାସ୍ତା କାମ ବାକି ରହିଛି। ୱାର୍ଡବାସୀ ମୋତେ ନିର୍ବାଚିତ କଲେ ଅଧୁରା ରହିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସହ ୱାର୍ଡରେ ଆହୁରି ଉନ୍ନୟନମୂଳକ କାର୍ଯ୍ୟ କରାଇବାକୁ ପ୍ରୟାସ କରିବି।

**- ମଧୁସ୍ମିତା ବାରିକ, ବିଜେଡି ପ୍ରାର୍ଥିନୀ**



"ଏହି ୱାର୍ଡରେ ପ୍ରାୟ ୩୦୦ ବସ୍ତି ବାସିନ୍ଦା ରହିଛନ୍ତି। ସେମାନେ ମହାନଗର ନିଗମର ମୌଳିକ ସୁବିଧା ଯଥା ବିଜୁଳି ଆଲୁଅ, ଲେବର କାର୍ଡ, ରାଶନ କାର୍ଡ ଆଦି ଠିକ୍ ଭାବେ ପାଇପାରି ନାହାନ୍ତି। ୱାର୍ଡରେ ୧୦ ରୁ ୧୨ ଦିନରେ ଥରେ ଆବର୍ଜନା ଉଠାଯାଉଛି। ଏପରିକି ୱାର୍ଡରେ ଆବର୍ଜନା ପକାଇବା ପାଇଁ ଡଷ୍ଟବିନଟିଏ ମଧ୍ୟ ନାହିଁ। ଏହିସବୁ ସମସ୍ୟା ସମାଧାନ ଉପରେ ଚେଷ୍ଟା କରିବି।

**- ସୁଚିତ୍ରା ରାୟ, ଭାଜପା ପ୍ରାର୍ଥିନୀ**



"ୱାର୍ଡବାସୀ ନାଳ ନର୍ଦ୍ଦମା, ମଶା ଉପଦ୍ରବ ଓ ପରିମଳ ଅବ୍ୟବସ୍ଥାକୁ ନେଇ ଘାଣ୍ଟି ହେଉଛନ୍ତି। ୱାର୍ଡର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ ଲାଇଟ ଠିକ ଭାବରେ ଜଳୁନାହିଁ। ଲୋକଙ୍କ ଘରୁ ବାହାରୁଥିବା ଅଳିଆ ଆବର୍ଜନା ଦିନ ଦିନ ପଡ଼ି ରହିବା ସହ ସିଏମ୍‌ସି ପକ୍ଷରୁ ୱାର୍ଡରେ ଡଷ୍ଟବିନ୍ ଯୋଗାଇ ଦିଆଯାଇ ନ ଥିବାରୁ ଲୋକେ ବାଧ ହୋଇ ଅଳିଆ ରାସ୍ତାରେ ପକାଉଛନ୍ତି। ଏହି ସବୁ ସମସ୍ର ଦୀର୍ଘଦିନ ଧରି ଲାଗି ରହିଥିବାବେଳେ ଏହାକୁ ସମାଧାନ କରିବାକୁ ଆମର ପ୍ରାଥମିକତା ରହିବ।

**- ଦେବଶ୍ରୀ ରାଉତରାୟ, କଂଗ୍ରେସ ପ୍ରାର୍ଥିନୀ**



"ବର୍ଷା ଦିନରେ ଜଳବନ୍ଦୀ ସମସ୍ୟା ଅଧିକ କଷ୍ଟ ଦେଉଛି। ନାଳ ନର୍ଦ୍ଦମା ଠିକ୍ ଭାବରେ ସଫା କରାଯାଉ ନାହିଁ। ମଶା ମାଛିଙ୍କ ଉପଦ୍ରବ ଅସ୍ତବ୍ୟସ୍ତ କରୁଛି। ଆବର୍ଜନା ଠିକ୍ ସମୟରେ ଉଠାଯାଉ ନାହିଁ। ଏଥିସହ ଆମ ଏଇ ରକ୍ସି ଲେନ୍‌ରେ ଡଷ୍ଟବିନ୍‌ର କୌଣସି ସ୍ଥାନରେ ବ୍ୟବସ୍ଥା ନାହିଁ।

**- ଇନ୍ଦିରା ସେଠୀ, ସ୍ଥାନୀୟ ବାସିନ୍ଦା**



"ମୁଁ ଏଠାରେ ଭଡ଼ାରେ ରହୁଛି ଓ ମୁଁ ଏହି ୱାର୍ଡର ଭୋଟର। ରକ୍ସିଲେନରେ ୪ ବର୍ଷ ହେଲା ଡାଲି ଚାଉଳ ଦୋକାନ କରିଛି। ତେବେ ଏହି ଲେନ୍‌ରେ ଥିବା ରାସ୍ତା ଘାଟର ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇଥିବାବେଳେ ଅନ୍ୟ ସମସ୍ୟାଗୁଡ଼ିକ ଖୁବ୍ ଶୀଘ୍ର ସମସ୍ୟା ହୋଇଯିବ ବୋଲି ଆଶା କରୁଛୁ।

**-ମାଧବାନନ୍ଦ ସାହୁ, ସ୍ଥାନୀୟ ବାସିନ୍ଦା**

# ଆପ୍ ପ୍ରାର୍ଥୀଙ୍କ ପ୍ରଚାରରେ ପଞ୍ଜାବ ସଫଳତା

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୧୨ଜଣ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମେୟର ଏବଂ ୧୧ ଜଣ କର୍ପୋରେଟର ପ୍ରାର୍ଥୀ ରହିଛନ୍ତି। ନିକଟରେ ପଞ୍ଜାବରେ ଆପ୍ ଉଲ୍ଲେଖନୀୟ ସଫଳତା ପାଇଛି। ଏହାର ଅନୁରୂପ ପ୍ରଭାବ ବିଏମ୍‌ସି ନିର୍ବାଚନରେ ମଧ୍ୟ ଦେଖିବାକୁ ମିଳିବ ବୋଲି ଦଳୀୟ ପ୍ରାର୍ଥୀମାନେ ପ୍ରଚାର ସମୟରେ ଭୋଟରଙ୍କୁ ବୁଝାଉଛନ୍ତି। ରାଜ୍ୟରେ ଚଳିତ ପଞ୍ଚାୟତ ନିର୍ବାଚନରେ ଆପ୍ କେତେଗୁଡିଏ ଆସନରେ ଜିଲା ପରିଷଦ ପ୍ରାର୍ଥୀ ଦେଇଥିଲା। ବିନା ପ୍ରଚାରରେ ପାଇଥିବା ଭୋଟ ପ୍ରତିଶତକୁ ଲକ୍ଷ୍ୟ କଲେ ଦଳକୁ ରାଜ୍ୟବାସୀଙ୍କ ସମର୍ଥନ ବଢୁଛି ବୋଲି ପ୍ରାର୍ଥୀମାନେ କହୁଛନ୍ତି।

ପୌର ନିର୍ବାଚନ ପୂର୍ବରୁ ସମସ୍ତ ଆସନରେ ପ୍ରାର୍ଥୀ ଦିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ଏଥିଲାଗି ଯେକୌଣସି ବ୍ୟକ୍ତି ସ୍ୱତଃ ଆଗ୍ରହ କରି ଦଳକୁ ଜଣାଇପାରିବେ ବୋଲି ସୂଚନା ଜାରି କରାଯାଇଥିଲା। ତଥାପି ଆପ୍ ୧୧ଟି କର୍ପୋରେଟର ଆସନରେ ପ୍ରାର୍ଥିତ୍ୱ ଚୂଡାନ୍ତ କରିପାରିଲା। ମେୟର ପ୍ରାର୍ଥିନୀ ଭାବେ ସରୋଜିନୀ ଖୁଣ୍ଟିଆ ମୈଦାନକୁ ଓହ୍ଲାଇଛନ୍ତି। ବୁଧବାର ସରୋଜିନୀ ୱାର୍ଡ ନଂ ୫୧ , ୫୫ ଓ ୧ ନଂ ମାର୍କେଟ ଅଞ୍ଚଳରେ ପ୍ରଚାର କରିଥିବା ବେଳେ ଅନୁରୂପଭାବେ ୱାର୍ଡ ନଂ ୨୮ରୁ ପୁଷ୍ପଲତା ସାହୁ, ୫୯ରୁ ନଗେନ୍ଦ୍ର ନାଥ ମିଶ୍ର, ୬୬ରୁ ବବିତା ନାଥଶର୍ମା ପ୍ରଚାରକୁ ଜୋରଦାର କରିଛନ୍ତି। ମହାନଗର ନିଗମ ଅଧିନସ୍ଥ ସ୍କୁଲ ଏବଂ ଡାକ୍ତରଖାନା ସଂଖ୍ୟା ବଢାଇବା ସହିତ ଦିଲ୍ଲୀ ଢାଞ୍ଚାରେ ଅତ୍ୟାଧୁନିକୀକରଣ ଓ ପ୍ରଭାବୀ କରିବା ନେଇ ଆପ୍ ପକ୍ଷରୁ ପ୍ରଚାର କରାଯାଉଛି।

ଏନେଇ ମେୟର ପ୍ରାର୍ଥିନୀ ସରୋଜିନୀ କହିଛନ୍ତି, ବିଏମ୍‌ସିର ପ୍ରାୟ ସବୁଠାରେ ଲୋକମାନେ ବହୁ ସମସ୍ୟା ଭିତରେ ରହିଛନ୍ତି। ୨୨ ବର୍ଷ ବିଜେଡି ଶାସନ ମଧ୍ୟରେ ସହର ଉନ୍ନତୀକରଣ ନାଁରେ ମୁଖ୍ୟ ରାସ୍ତାଗୁଡିକୁ ଚକ୍‌ଚକ କରାଯାଉଛି। ହେଲେ ଲୋକଙ୍କୁ ଯେଉଁ ମୌଳିକ ସୁବିଧା ମିଳିବା କଥା ମିଳିପାରୁ ନାହିଁ। ସରକାରୀ ସ୍କୁଲକୁ ଲୋକେ ନିଜ ପିଲାଙ୍କୁ ପଢାଇବାକୁ ଛାଡୁ ନାହାନ୍ତି। ବସ୍ତିରେ କୌଣସି ଉନ୍ନତି ହୋଇନାହିଁ। ଭୁବନେଶ୍ୱର ସହର ବାହାରକୁ ଚିକ୍କଣ ହେଲେ ଭିତରୁ ଫମ୍ପା ନୀତିରେ ସହର ରହିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ପଛରେ ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଠିକ୍ ଭାବେ କାର୍ଯ୍ୟ ଛୋଟ ରୋଗ ପାଇଁ ଲୋକେ ବଡ ଡାକ୍ତରଖାନାକୁ ଦୌଡୁଛନ୍ତି। ଏହି ସବୁ ସମସ୍ୟାର ସମାଧାନ ପାଇଁ ଲୋକେ ଆପ୍‌କୁ ଚାହୁଁଛନ୍ତି ବୋଲି ପ୍ରାର୍ଥିନୀ କହିଛନ୍ତି।

ଦଳର ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର କହିଛନ୍ତି, ଗ୍ରାମାଞ୍ଚଳରେ ଆପ୍ ପ୍ରତି ଲୋକଙ୍କ ସଚେତନତା କମ୍ ଥାଇ ପଞ୍ଚାୟତ ନିର୍ବାଚନରେ ଭଲ ଭୋଟ ପାଇଛନ୍ତି। ସେହିପରି ଭୁବନେଶ୍ୱରର ଶିକ୍ଷିତ ଭୋଟର ଆପକୁ ଜାଣନ୍ତି। ଦେଶବାସୀ ଦିଲ୍ଲୀରେ ଆପ୍‌ର କାର୍ଯ୍ୟ ପନ୍ଥାକୁ ଦେଖୁଛନ୍ତି। ନିକଟରେ ପଞ୍ଜାବବାସୀ ଆପ୍‌କୁ ସମର୍ଥନ ଜଣାଇଛନ୍ତି। ରାଜ୍ୟବାସୀ ମଧ୍ୟ ବିକଳ୍ପ ଭାବେ ଅନୁଭବ କରିଛନ୍ତି। ଯେତିକି ବି ପ୍ରାର୍ଥୀ ଦିଆ ହୋଇଛି ଉତ୍ତମ ପ୍ରାର୍ଥୀ, ଜନ ସମର୍ଥନ ପାଇଁ କଠିନ ପରିଶ୍ରମ ଜାରି ରଖିଛନ୍ତି। ଆପ୍ ରାଜ୍ୟର ଭବିଷ୍ୟତର ଶାସକ ଦଳ ହେବ ବୋଲି ନିଶିକାନ୍ତ ଯୁକ୍ତି ବାଢିଛନ୍ତି।

### ମୌଳିକ ସୁବିଧାଠାରୁ ବହୁ ଦୂରରେ ବିଏମ୍‌ସି ବାସିନ୍ଦା




ଆପ୍ ପ୍ରାର୍ଥୀମାନେ ବିଭିନ୍ନ ୱାର୍ଡ ବୁଲି ଭୋଟ ଭିକ୍ଷା କରୁଛନ୍ତି।

# ବିଜେଡି-ଭାଜପା ମଧ୍ୟରେ ଟକ୍କର

**ବିଏମ୍‌ସି ୱାର୍ଡ ନଂ. ୪୫**

## ପ୍ରାର୍ଥୀ ଦେଇପାରିଲାନି କଂଗ୍ରେସ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳର ୪୫ ନମ୍ବର ୱାର୍ଡରେ ଏଥର ଦ୍ୱିମୁଖୀ ଲଢେଇ ଦେଖିବାକୁ ମିଳିବ। ଏହି ୱାର୍ଡରେ କେବଳ ବିଜେଡି ଏବଂ ଭାଜପା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ଅମରେଶ ଜେନା ଏବଂ ଭାଜପାରୁ ଜ୍ୟୋତିରେଖା ନାୟକ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଏଠାରେ କଂଗ୍ରେସ ପ୍ରାର୍ଥୀ ଦେଇପାରି ନ ଥିବାବେଳେ ସ୍ୱାଧୀନରୁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀ ଲଢ଼େଇରୁ ଓହରି ଯାଇଛନ୍ତି। ଏଠାରୁ ଜ୍ୟୋତିରେଖାଙ୍କ ସ୍ୱାମୀ ସ୍ୱାଧୀନ ଭାବେ ନାମାଙ୍କନ କରିଥିବା ବେଳେ ପରବର୍ତ୍ତୀ ସମୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ତେଣୁ ଏଠାରେ ବିଜେଡି ଏବଂ ଭାଜପା ମଧ୍ୟରେ ଲଢେଇ ଜୋରଦାର ହେବ ବୋଲି ଆଶା କରାଯାଉଛି। ଏହି ୱାର୍ଡରେ ଏଥର ମୋଟ ୯,୪୪୮ ଜଣଙ୍କ ନାମ ଭୋଟର ତାଲିକାରେ ରହିଛି। ପୂର୍ବ ଅପେକ୍ଷା ପ୍ରାୟ ୨,୫୦୦ଜଣଙ୍କ ନାମ ଭୋଟର ତାଲିକାରୁ କଟି ଯାଇଥିବା ଜଣାପଡ଼ିଛି। ଏଠାରେ ମୋଟ ୫ଟି ବସ୍ତି ଚମ୍ପା ପୋଖରୀ, ଆଖଣ୍ଡଳମଣିଶ୍ୱର, କଳ୍ପନା ଫ୍ଲାଟ, ଶବର ସାହି, କେଳା ବସ୍ତି ରହିଛି। ସବୁଠାରୁ ବଡ଼ ଚମ୍ପା ପୋଖରୀ ବସ୍ତିରେ ପ୍ରାୟ ୭୦୦ ଭୋଟର ରହିଛନ୍ତି। ବାକି ସବୁ ବସ୍ତିକୁ ମିଶାଇ ମୋଟ ୨୯୦ ଖଣ୍ଡ ଭୋଟର ଅଛନ୍ତି। ତେଣୁ ବସ୍ତିଗୁଡିକରେ ମୋଟ ୧୨୦୦ ପାଖାପାଖି ଭୋଟ୍ ରହିଛି। ବସ୍ତି ଭୋଟ ହାତେଇବାକୁ ଉଭୟ ବିଜେଡି, ଭାଜପା ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ସରକାରୀ ଦଳ ସପକ୍ଷରେ ଭୋଟ୍ ଦେଲେ ଭବିଷ୍ୟତରେ ସେମାନଙ୍କ ରହିବା ଲାଗି ସ୍ଥାୟୀ ବନ୍ଦୋବସ୍ତ କରାଯାଇପାରେ ବୋଲି କେତେଜଣ ବସ୍ତି ଭୋଟର ପ୍ରକାଶ କରିଛନ୍ତି।

**ୱାର୍ଡର ପ୍ରମୁଖ ସମସ୍ୟା**

ଡ୍ରେନେଜ, ପିଇବା ପାଣି, କମ୍ ସମୟ ଲାଗି ସରକାରୀ ପାଣି ଆସିବା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଅଭାବ

**ୱାର୍ଡ ପରିସର**

ଚିନ୍ତାମଣିଶ୍ୱର ମନ୍ଦିରଠାରୁ ଆରମ୍ଭ ହୋଇ ବଡ଼ଗଡ଼ ହାଟ ପର୍ଯ୍ୟନ୍ତ, ଶବର ସାହି, ଜଳାରାମ ଛକରୁ କଳ୍ପନା ଛକ।

## କର୍ପୋରେଟର ପ୍ରାର୍ଥୀ ଏବଂ ଭୋଟରଙ୍କ ମତ



"ଏହି ୱାର୍ଡରୁ ଲଗାତାର ଦୁଇଥର କର୍ପୋରେଟର ରହି ଆସିଛି। ଲୋକଙ୍କ ଆଗ୍ରହ ରହିଛି। ଭାଜପା ଉପରେ ଲୋକଙ୍କ ଭରସା ନାହିଁ। ଗତ ସାଧାରଣ ନିର୍ବାଚନରେ ଅପରାଜିତା ଷଡଙ୍ଗୀ ଏମ୍‌ପି ଭାବେ ବିଜୟୀ ହେବାପରେ ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ରଖି ପାରିନାହାନ୍ତି। ଲୋକଙ୍କ ସହ ସବୁବେଳେ ରହିଛି ଏବଂ ରହିବି ମଧ୍ୟ। ଦୈନନ୍ଦିନ ଜୀବନରେ ଯାହାସବୁ ସମସ୍ୟା ରହିଛି, ସବୁବେଳେ ସମାଧାନ କରିବାକୁ ଲକ୍ଷ୍ୟ ରଖି କାମ କରୁଛି। ଯିଏ ଲୋକଙ୍କ ସହ ଅଛି ଭୋଟର ତାଙ୍କୁ ବାଛିବେ। ଯଦି ନିର୍ବାଚିତ ହୁଏ ତେବେ ପ୍ରଥମେ ୱାର୍ଡରେ ହସ୍ପିଟାଲ, ନିଶା କାରବାର ରୋକିବା ସହ ଯେଉଁ ଯୁବଗୋଷ୍ଠୀ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି ସେମାନଙ୍କୁ ଠିକ୍ ମାର୍ଗକୁ ଆଣିବାକୁ ଚେଷ୍ଟା କରିବି। ଯେଉଁ ସ୍କୁଲଗୁଡିକ ଭାଙ୍ଗିଛି ତାର ନିର୍ମାଣ ଏବଂ ପିଇବା ପାଣି ସମସ୍ୟା ଦୂର କରିବାକୁ ଚେଷ୍ଟା କରିବି। ୱାର୍ଡରେ ଏକ ୱାଟର ରିଜର୍ଭ ପ୍ରତିଷ୍ଠା ଲାଗି ଲୋକଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛି।

**- ଅମରେଶ ଜେନା, ବିଜେଡି ପ୍ରାର୍ଥୀ**



"ଲୋକମାନେ ଏଥର ମନ ପରିବର୍ତ୍ତନ କରିଛନ୍ତି। ଭାଜପା ସପକ୍ଷରେ ଏକ ଭିତିରିଆ ସମର୍ଥନ ଲୋକଙ୍କ ପାଖରେ ରହିଥିବା ଦେଖିବାକୁ ମିଳୁଛି। ଅରାଜକତା ଓ ଦାଦାଗିରିରେ ଲୋକମାନେ ଏକ ପ୍ରକାର ଅତିଷ୍ଠ ହୋଇପଡ଼ିଛନ୍ତି। ଶାସକ ଦଳ ଏଠାରେ ଧମକ, ଚମକ ଦେଇ ଭୋଟ୍ ହାତେଇବାକୁ ଚେଷ୍ଟା କରୁଛି। ଡ୍ରେନେଜ, ଜାଲିଗଳି, ଶବର ସାହି ସ୍କୁଲ ମରାମତି, ଚିନ୍ତାମଣିଶ୍ୱର ବଡ଼ ପୋଖରୀ ପୁନରୁଦ୍ଧାର, ରାସ୍ତାଘାଟ ମରାମତି ସମସ୍ୟା ଦୂର କରିବୁ। ଏଥର ଭୋଟର ମନ ବଦଳାଇଛନ୍ତି। ହାରିବାର ଭୟ ନାହିଁ କି ଜିତିବାର ଲୋଭ ନାହିଁ।

**- ଜ୍ୟୋତିରେଖା ନାୟକ, ଭାଜପା ପ୍ରାର୍ଥିନୀ**



"୪୫ନମ୍ବର ୱାର୍ଡରେ ଡ୍ରେନେଜ, ପିଇବା ପାଣି ଠିକ୍ ସମୟରେ ନ ମିଳିବା ଭଳି ବହୁ ସମସ୍ୟା ରହିଛି। ଆମେ ଏଥର ପ୍ରାର୍ଥୀ ଦେଖି ଭୋଟ ଦେବୁ। ଯିଏ ଆମ ସହ ସବୁ ସମୟରେ ଠିଆ ହୋଇ ସମସ୍ୟାର ସମାଧାନ କରିପାରିବ ସେହି ପ୍ରାର୍ଥୀଙ୍କୁ ଭୋଟ ଦେବୁ।

**- ଲକ୍ଷ୍ମୀଧର ବେହେରା, ଭୋଟର**

# ନକଲି ଡାକ୍ତରଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ସମ୍ପତ୍ତି ଲୁଟିବା ସହ ଏକାଧିକ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ବୁଧବାର ଲାଏ ଡିଟେକ୍ସନ୍ କରାଯାଇଛି। ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନ୍‌ସିକ୍ ଲାବରେଟୋରିରେ ୫ ଘଣ୍ଟା ଧରି ତାଙ୍କର ଏହି ଟେଷ୍ଟ କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ମହିଳା ଥାନା ପୋଲିସ ରମେଶଙ୍କୁ କଡ଼ା ସୁରକ୍ଷାରେ ଝାରପଡ଼ା ଜେଲରୁ ଫରେନ୍‌ସିକ୍ ଲାବ୍‌କୁ ନେଇଥିଲା। ସେଠାରେ ତାଙ୍କ ଟେଷ୍ଟ କରାଯିବା ପରେ ଅପରାହ୍ନ ୪ଟାରେ ପୁଣି ତାଙ୍କୁ ଜେଲରେ ଛାଡ଼ି ଦିଆଯାଇଛି। ତେବେ ରମେଶଙ୍କୁ ବିଭିନ୍ନ ଘଟଣା ସଂକ୍ରାନ୍ତ ୧୦୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ ପଚରାଯାଇଥିବା ମହିଳା ଥାନାଧିକାରିଣୀ ସନ୍ତୋଷିନୀ ବେହେରା କହିଛନ୍ତି। ପ୍ରକୃତରେ କେତେଜଣଙ୍କୁ ବିବାହ କରିଛନ୍ତି, ଏକାଧିକ ବିବାହର ରହସ୍ୟ କ'ଣ, କେତେ ଜଣଙ୍କୁ ଚାକିରି ଆଳରେ ଠକେଇ କରିଛନ୍ତି, ଠକେଇ ଟଙ୍କା କେଉଁଠି ନିବେଶ କରିଛନ୍ତି, ଏଭଳି କରିବାକୁ କେଉଁମାନେ ସହଯୋଗ କରୁଥିଲେ, ପ୍ରଥମ ସ୍ତ୍ରୀ ଶାନ୍ତିଲତାଙ୍କ ଭୂମିକା କ'ଣ, କାହା ନାଁରେ କେତେ ସମ୍ପତ୍ତି କରିଛନ୍ତି, କେତୋଟି ରାଜ୍ୟକୁ ଠକେଇର ଚେର ଲମ୍ବିଛି, ଭାଇ ଓ ଭିଣୋଇଙ୍କ ଭୂମିକା କ'ଣ, ଏଥିରେ ପ୍ରଥମ ସ୍ତ୍ରୀଙ୍କ ହାତ ରହିଛି କି, କିପରି ମହିଳାଙ୍କୁ ଜାଲରେ ଫସାଉଥିଲେ ଏଭଳି ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା। ସେ କହୁଥିବା କଥା ସତ ନା ମିଛ, ତାହା ଜାଣିବା ପାଇଁ ପୂର୍ବରୁ ପଚରାଯାଇଥିବା ଅଧିକାଂଶ ପ୍ରଶ୍ନ ସମାନ ଥିବା ସୂଚନା ମିଳିଛି। ତେବେ ରିପୋର୍ଟ ଆସିବା ପରେ ରମେଶ କେତେ ସତ ଓ ମିଛ କହିଛନ୍ତି, ତାହା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ରମେଶ ଭିନ୍ନ ଭିନ୍ନ ସମୟରେ ୩ ପର୍ଯ୍ୟାୟରେ ୧୩ଦିନ ପାଇଁ ରିମାଣ୍ଡରେ ଆସିଥିଲେ ମଧ୍ୟ ପୋଲିସ ତାଙ୍କଠାରୁ ଅନେକ ତଥ୍ୟ ହାସଲ କରିପାରି ନ ଥିଲା। ପଚରାଉଚରା ସମୟରେ ରମେଶ ପୋଲିସକୁ ଭ୍ରମାତ୍ମକ କଥା କହି ଅନେକ ଘଟଣାକୁ ଗୋପନ ରଖିଥିବା ପୋଲିସ ସନ୍ଦେହ କରିଥିଲା। ତେଣୁ ପୋଲିସ ରମେଶଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ କୋର୍ଟଙ୍କଠୁ ଅନୁମତି ଲୋଡିଥିଲା। ସୂଚନାଯୋଗ୍ୟ, ରମେଶ ନିଜକୁ ଡାକ୍ତର କହି ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରିବା ପରେ ସମ୍ପତ୍ତି ଲୁଟୁଥିଲେ। ଏପରିକି କେତେଜଣ ସ୍ତ୍ରୀଙ୍କୁ ଠକେଇ ଓ ପ୍ରତାରଣା କରିବା ପରେ ଦୂରେଇ ଯାଇଥିବାବେଳେ ଆଉ କେତେଜଣଙ୍କ ସହ ସମ୍ପର୍କରେ ଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ତାଙ୍କ କଳାକାରନାମା ପଦାକୁ ଆସିଥିଲା। ଏହାପରେ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା।


ଅଭିଯୁକ୍ତ ରମେଶ ସ୍ୱାଇଁ।

**୫ ଘଣ୍ଟାରେ ପଚରାଗଲା ୧୦୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ**

## ସଂକ୍ଷେପରେ

### ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନରେ ବାପା ନାମ ପରିବର୍ତ୍ତନ ପ୍ରସଙ୍ଗ ଥାନାରେ ଏତଲା ଦେଲେ ଭାଜପା ପ୍ରାର୍ଥୀ

ଭୁବନେଶ୍ୱର,୧୬।୩(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପାଇଁ ୪୫ ନଂ. ୱାର୍ଡରୁ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଅମରେଶ ଜେନା ତାଙ୍କ ନାମାଙ୍କନପତ୍ରରେ ବାପାଙ୍କ ନାମ ପରିବର୍ତ୍ତନ କରିଥିବା ପ୍ରତିପକ୍ଷ ଭାଜପା ପ୍ରାର୍ଥିନୀ ଜ୍ୟୋତିରେଖା ନାୟକ ଅଭିଯୋଗ କରି ଆସୁଛନ୍ତି। ଏନେଇ ସେ ବୁଧବାର ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଛନ୍ତି। ଏଥିସହ ଅଭିଯୋଗ ଫର୍ଦ୍ଦର ନକଲ କମିଶନର ଓ ଡିସିପିଙ୍କୁ ପ୍ରଦାନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

ଜ୍ୟୋତିରେଖାଙ୍କ ଅଭିଯୋଗ ଅନୁଯାୟୀ, ଅମରେଶଙ୍କ ନାମରେ ୨୦ରୁ ଅଧିକ ମାମଲା ରହିଛି। ଏନେଇ ପୋଲିସ ଦାୟର କରିଥିବା ଚାର୍ଜଶିଟ୍‌ରେ ଅମରେଶଙ୍କ ବାପାଙ୍କ ନାମ ହେମନ୍ତ କୁମାର ଜେନା ବୋଲି ଉଲ୍ଲେଖ ରହିଛି। ଅମରେଶ ଦାଖଲ କରିଥିବା ନାମାଙ୍କନପତ୍ରରେ ତାଙ୍କ ବାପାଙ୍କ ନାମ ଉଲ୍ଲାସ ଜେନା ବୋଲି ଉଲ୍ଲେଖ କରିଛନ୍ତି। ଏନେଇ ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି, ଏଭଳି ପ୍ରସଙ୍ଗରେ ପୋଲିସର କୌଣସି ଭୂମିକା ନାହିଁ। ଏହା ନିର୍ବାଚନୀ ପ୍ରସଙ୍ଗ ହୋଇଥିବାରୁ ରାଜ୍ୟ ନିର୍ବାଚନ ଆୟୋଗ ନିକଟରେ ଫେରାଦ ହେଲେ ଏହାର ସମାଧାନ ହୋଇପାରିବ। ଏଣୁ ଏହିପରି ଅଭିଯୋଗ ପ୍ରଦାନ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହେବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଯାଁଳା,୧୬।୩(ଡି.ଏନ୍.ଏ.)- ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମରେ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଦେବଗଡ଼ ଜିଲା ପାଲଲହଡା ଥାନା ଅନ୍ତର୍ଗତ ଗୁଳାବନ୍ଧ ଗ୍ରାମର ଅକ୍ଷୟ ନାୟକ(୩୦)। ସେ କିଛିମାସ ହେବ ମୁଣ୍ଡମୁହାଣର ରଘୁନାଥ ସାହିରେ ଭଡ଼ାଘରେ ରହୁଥିଲେ। ଖବର ଅନୁଯାୟୀ, ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମରେ ଅକ୍ଷୟ ପରିବାର ସହ ରହୁଥିଲେ। ବୁଧବାର ସକାଳ ୧୦ଟାରେ କୌଣସି କାରଣରୁ ପରିବାର ସହ ଝଗଡ଼ା ହୋଇଥିଲା। ଏଥିରେ ଅକ୍ଷୟ ରାଗିଯାଇ ଏକ ଘର ଭିତରେ ପଶି ଭିତରୁ କବାଟ ବନ୍ଦ କରି ଦେଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅକ୍ଷୟ ଉକ୍ତ ଘରୁ ନ ବାହାରିବାରୁ ତାଙ୍କ ସ୍ତ୍ରୀ ସନ୍ଦେହ କରି ପଡ଼ୋଶୀଙ୍କୁ ଡାକିଥିଲେ। ସେମାନେ ଆସି ଦେଖିବା ବେଳେ ଅକ୍ଷୟ ଏକ ଲୁଗା ଦ୍ୱାରା ବେକରେ ବାନ୍ଧି ହୋଇ ଝୁଲୁଥିଲେ। ଖବରପାଇ ଘଟଣାସ୍ଥଳରେ ଯାଁଳା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ଭୁବନେଶ୍ୱର ଏକ ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି।

### 'କୋଭିଡ-୧୯, ଯାହା ଜାଣିବା ଆବଶ୍ୟକ' ଉନ୍ମୋଚିତ

ଭୁବନେଶ୍ୱର,୧୬।୩(ବ୍ୟୁରୋ) - ଲେଖକ ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ମାନସିଂହଙ୍କ ପୁସ୍ତକ 'କୋଭିଡ୍-୧୯, ଯାହା ଜାଣିବା ଆବଶ୍ୟକ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ରାଜଭବନରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ଏହା ସାଧାରଣ ଲୋକଙ୍କ ପାଇଁ ଉପଯୋଗୀ ବୋଲି ରାଜ୍ୟପାଳ କହିଛନ୍ତି। ଡ. ଉପେନ୍ଦ୍ର ପ୍ରସାଦ ନାୟକ ଓ ଯୁବାଦ୍ୟୋଗୀ ରୂପେଶ କୁମାର ମହାନ୍ତି ଉପସ୍ଥିତ ଥିଲେ।

### କେନାଲରୁ ଜବତ ମୃତ ବୃଦ୍ଧଙ୍କ ପରିଚୟ ମିଳିଲା

ବାରଙ୍ଗ,୧୬।୩(ଡି.ଏନ୍.ଏ.)

ନନ୍ଦନକାନନ ଥାନା ଅଧୀନ କୁଞ୍ଜବିହାରୀ ମହାବିଦ୍ୟାଳୟ ପଛପାର୍ଶ୍ୱ ବାରଙ୍ଗ-ପୁରୀ ମୁଖ୍ୟ କେନାଲରୁ ମଙ୍ଗଳବାର ଜବତ ହୋଇଥିବା ଜଣେ ଅଚିହ୍ନା ବୃଦ୍ଧଙ୍କ ପରିଚୟ ବୁଧବାର ମିଳିଛି। ବୃଦ୍ଧ ହେଲେ ଇନ୍‌ଫୋସିଟ୍ ଥାନା ଅଧୀନ ଜଳିମୁଣ୍ଡା ସାହିର ବିପୁର ହେମ୍ବ୍ରମ (୬୦)। ସେ ମଙ୍ଗଳବାର କୌଣସି ଏକ କାର୍ଯ୍ୟ ପାଇଁ ଗାଁ ଲୋକଙ୍କ ସହ କେନାଲକୁ ଯାଇଥିଲେ। ହେଲେ ସେଠାରୁ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ପରିବାର ଲୋକେ ବୁଧବାର ଖବରକାଗଜରୁ ସ୍ଥାନୀୟ କେନାଲରୁ ମୃତଦେହ ଜବତ ଖବର ପଢ଼ି ନନ୍ଦନକାନନ ଥାନାରେ ପହଞ୍ଚିଥିଲେ। ପୋଲିସ ବୃଦ୍ଧଙ୍କ ମୃତଦେହ ଦେଖାଇବାରୁ ସେମାନେ ତାଙ୍କୁ ଚିହ୍ନି ପାରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି।

## ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ୫ ନିଲମ୍ବିତ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜୁ ଜନତା ଦଳ (ବିଜେଡି)ରୁ ୫ଜଣଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ଭୁବନେଶ୍ୱର ସାଂଗଠନିକ ଜିଲାର ୱାର୍ଡ ନଂ. ୩୬ ବିଜେଡି ଉପସଭାପତି ନରେନ ସାହୁ, ୱାର୍ଡ ନଂ. ୪୨ର ଉପସଭାପତି କିଶୋର ମହାନ୍ତି, ୱାର୍ଡ ନଂ. ୪୧ର ସମ୍ପାଦକ ଗୁରୁ ଚରଣ ସାହୁ, ୱାର୍ଡ ନଂ. ୩୭ର ସମ୍ପାଦକ ଅର୍ଜ୍ଜୁନ ବେହେରା ଓ ୱାର୍ଡ ନଂ. ୩୧ର ସମ୍ପାଦକ କୁନୁମୁନୀ ପାତ୍ର। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ବୁଧବାର ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ବିଧାୟକ ସୁଶାନ୍ତ କୁମାର ରାଉତ ସୂଚନା ଦେଇଛନ୍ତି। ଦଳ ପ୍ରତି ଅବହେଳିତ ମନୋଭାବ ପୋଷଣ କରୁଥିବା କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ଅଭିଯୋଗ ଆସିଲେ ଏହିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ତାଲିମ ନେଉଛନ୍ତି ମହାରାଷ୍ଟ୍ର ଅଧିକାରୀ


ଶିବିରରେ ଯୋଗ ଦେଇଥିବା ମହାରାଷ୍ଟ୍ରର ଅଧିକାରୀମାନେ।

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଓଡ଼ିଶା ସବୁବେଳେ ବିପର୍ଯ୍ୟୟକୁ ସାମ୍ନା କରି ଆସୁଛି। ଏଥିସହ ଏହାକୁ ସଫଳ ଭାବେ ପରିଚାଳନା କରି ପ୍ରଶଂସା ମଧ୍ୟ ସାଉଣ୍ଟିଛି। ଏ ସଂକ୍ରାନ୍ତ ତାଲିମ ନେବା ପାଇଁ ମହାରାଷ୍ଟ୍ର ରାୟଗଡ଼ ଜିଲାର ବରିଷ୍ଠ ଅଧିକାରୀମାନେ ଓଡ଼ିଶା ଆସିଛନ୍ତି। ସେମାନଙ୍କ ପାଇଁ ମଙ୍ଗଳବାରଠାରୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା)ଙ୍କ ପକ୍ଷରୁ ତିନିଦିନିଆ ବିପର୍ଯ୍ୟୟ ପରିଚାଳନା ଶିବିର ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀ ପରିସରରେ ଆରମ୍ଭ ହୋଇଛି। ଏଥିରେ ମହାରାଷ୍ଟ୍ର କ୍ୟାଡରର ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ସମେତ ୫୧ଜଣ ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଓ ପରାମର୍ଶଦାତା ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏହାକୁ ଉଦ୍‌ଘାଟନ କରି ଓଡ଼ିଶା, ମହାରାଷ୍ଟ୍ର ପରି ସମୁଦ୍ର ତଟବର୍ତ୍ତୀ ରାଜ୍ୟଗୁଡ଼ିକରେ ନିରନ୍ତର ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବନା ଓ ତାହାର ସଫଳ ମୁକାବିଲା ସକାଶେ ଆବଶ୍ୟକ ବୈଷୟିକ ଓ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ବିଗତ କିଛିବର୍ଷର ସଙ୍ଗଠିତ ପ୍ରଚେଷ୍ଟା ବଳରେ ଓଡ଼ିଶା କିପରି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶ୍ୱର ଏକ ନମ୍ବର ମଡେଲ ରାଜ୍ୟରେ ପରିଣତ ହୋଇଛି, ତାହାର ଏକ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ। ଏକାଡେମୀ ନିର୍ଦ୍ଦେଶକ ନୀହାର ରଞ୍ଜନ ସ୍ୱାଇଁ କହିଲେ, ଆବଶ୍ୟକତା ହିଁ ଉଦ୍ଭାବନାର ଜନନୀ। ଉପଯୁକ୍ତ ତାଲିମ ବଳରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି କିପରି ବ୍ୟାପକ ଓ ପେସାଦାର ଦକ୍ଷତା ସମ୍ପନ୍ନ ହୋଇପାରିଛି ତାହା ଉପରେ କହିଥିଲେ। ଓସ୍‌ଡମାର ମୁଖ୍ୟ ପ୍ରବନ୍ଧକ ସୁସ୍ମିତା ବେହେରା କହିଲେ, ମହାରାଷ୍ଟ୍ର ଏବଂ ଓଡ଼ିଶା ଭିତରେ ଥିବା ଉପକୂଳବର୍ତ୍ତୀ ସମସ୍ୟା ଓ ଏହାର ନିରାକରଣ ପାଇଁ ସାମଗ୍ରିକ ପ୍ରଚେଷ୍ଟା ଏବଂ ନିରନ୍ତର ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଓସ୍‌ଡମାର ମୁଖ୍ୟ ପରିଚାଳକ ମେଘନାଦ ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଗୁରୁବାର ଶେଷ ହେବ। ମହାରାଷ୍ଟ୍ରର ଅଧିକାରୀମାନେ ଉପକୂଳବର୍ତ୍ତୀ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ବୁଲି ଦେଖିବା ସହ ବିଭିନ୍ନ ଉଦ୍ଧାର, ଥଇଥାନ କାର୍ଯ୍ୟକ୍ରମର ସକ୍ରିୟ ତାଲିମ ଗ୍ରହଣ କରିବେ।

# ଅଧିକାରୀଙ୍କୁ ଅଡୁଆରେ ପକାଇଲା ବିରୋଧୀ ଦଳର ପ୍ରାର୍ଥୀଙ୍କ ପ୍ରଶ୍ନ

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ପୌର ନିର୍ବାଚନ ପାଇଁ ଆସନ୍ତା ୨୪ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ଏଥିଲାଗି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳର ୬୭ ୱାର୍ଡର ପ୍ରାର୍ଥୀଙ୍କୁ ନେଇ ଖୋର୍ଦ୍ଧା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଓୟୁଏଟି ସେଣ୍ଟ୍ରାଲ ହଲ୍‌ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟତଃ ନିର୍ବାଚନ ଆଦର୍ଶ ଆଚରଣବିଧି କିପରି ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ପୋଷ୍ଟର ଫଟୋ କିଭଳି ଲଗାଇବେ, ପ୍ରଚାର ପାଇଁ କ'ଣ କଟକଣା ରହିଛି, ପୋଲିସ ନିକଟରେ କେଉଁସବୁ ବିଷୟରେ ଅଭିଯୋଗ କରିବେ ସେସବୁ କଥା ଜିଲାପାଳ ବୁଝାଇଥିଲେ। ହେଲେ ବୈଠକ ଶେଷ ଆଡ଼କୁ ବିରୋଧୀ ଦଳର ପ୍ରାର୍ଥୀମାନଙ୍କ ପ୍ରଶ୍ନ ଉପସ୍ଥିତ ଅଧିକାରୀଙ୍କୁ ଅଡୁଆରେ ପକାଇଥିବା ଜାଣିବାକୁ ମିଳିଛି। ବୈଠକରେ ଯୋଗଦେଇଥିବା ଗଣେଶ ଦାଶ ପ୍ରଶ୍ନ କରିଥିଲେ ଯେ, ପୋଲିସଙ୍କୁ ଲଗାଯାଇ ସ୍ୱାଧୀନରେ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କୁ ଧମକ୍ ଦିଆଗଲା। କେତେଜଣଙ୍କୁ ପୋଲିସ ଉଠାଇନେଇ ଥାନାରେ ରଖିଲା। ଏପରି କି କେତେକଙ୍କ ସ୍ତ୍ରୀ ନାମାଙ୍କନ ଦାଖଲ କରିଥିବାବେଳେ ସ୍ୱାମୀଙ୍କୁ ନେଇ ଥାନାରେ ଅଟକ ରଖାଗଲା। ଯଦି ନାମାଙ୍କନ ପ୍ରତ୍ୟାହାର ନ କରନ୍ତି ତେବେ ସ୍ୱାମୀଙ୍କୁ ବିଭିନ୍ନ ମାମଲାରେ ଭିତରେ ପୂରାଇଦେବାର ଧମକ ମଧ୍ୟ ଦିଆଯାଇଛି। କଂଗ୍ରେସର ପ୍ରତାପ ରାଉତଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ମଧ୍ୟ ଧମକ୍ ଦିଆଯାଇଥିଲା। ଏ ବାବଦରେ ପ୍ରଶାସନ କ'ଣ ପଦକ୍ଷେପ ନେବ, ସେନେଇ ଉତ୍ତର ରଖିବାକୁ ଗଣେଶ ଦାବି କରିଥିଲେ। ଏହାସହ ନାମାଙ୍କନ ଦାଖଲ କରିବାକୁ ଯାଇଥିବା କେତେଜଣ ଭାଜପା, ସ୍ୱାଧୀନ ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ଫଟୋ ପୋଲିସ ଉଠାଇଥିବା ଗଣେଶ ଅଭିଯୋଗ କରିଛନ୍ତି। ଯଦି ଏଭଳି କରିବାର ଅଛି ତେବେ ୬୭ ୱାର୍ଡରେ କେବଳ ବିଜେଡି ପ୍ରାର୍ଥୀ ଦେଇ କାହିଁକି ଜିତାଇ ଦେଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ବୈଠକରେ ଉପସ୍ଥିତ ଜଣେ ଭାଜପା ପ୍ରାର୍ଥୀ ମଧ୍ୟ ବିଜେଡିର ଅରାଜକତା କଥା କହି ବର୍ଷିଥିବା ଜଣାପଡ଼ିଛି। ପ୍ରାର୍ଥୀଙ୍କ ଏଭଳି ପ୍ରଶ୍ନ ପରେ ବୈଠକକୁ କରି ବନ୍ଦ କରିଦିଆ ଯାଇଥିଲା ବୋଲି ଜଣେ ପ୍ରାର୍ଥୀ ସୂଚନା ଦେଇଛନ୍ତି। ବିରୋଧୀ ଦଳର ପ୍ରାର୍ଥୀମାନେ ପ୍ରଶ୍ନ କରିବା କ୍ଷଣି ବହୁ ବିଜେଡି ପ୍ରାର୍ଥୀ ବୈଠକ ଛାଡି ପଳାଇଥିବା ମଧ୍ୟ ବିଶେଷ ସତ୍ରରୁ ଜଣାପଡ଼ିଛି।


ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, ସଂସ୍କୃତି ମନ୍ତ୍ରଣାଳୟ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ରେଲ ଅଡିଟୋରିୟମଠାରେ ଚାଲିଥିବା ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବରେ ବୁଧବାର କଳାକାରମାନେ କଥକ ନୃତ୍ୟ ପରିବେଷଣ କରୁଛନ୍ତି।

# ପାରମ୍ପରିକ ନୃତ୍ୟ, ସଙ୍ଗୀତ ସହ ପାଳନ ହେବ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଆସନ୍ତା ଏପ୍ରିଲ ୧ରେ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ସହ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯିବ। ଏନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା, ଉପଖଣ୍ଡ ଓ ରାଜ୍ୟସ୍ତରରେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଭାରତର ବରପୁତ୍ରଙ୍କ ଦ୍ୱାରା ରଚିତ କେତେକ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଶୀ, ସମ୍ବଲପୁରୀ, ଗୋଟିପୁଅ ଭଳି ନୃତ୍ୟ ପରିବେଷଣ କରାଯିବ। ଉତ୍ସବ ପରିପ୍ରେକ୍ଷୀରେ ସମସ୍ତ ସରକାରୀ, ବେସରକାରୀ କୋଠାକୁ ଆଲୋକସଜ୍ଜା ନିମନ୍ତେ ଯୋଗାଯୋଗ କରିବାକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମର ସିଧାପ୍ରସାରଣ ନିମନ୍ତେ ସମସ୍ତ ଟିଭି ଚ୍ୟାନେଲକୁ ଅନୁମତି ପ୍ରଦାନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ଚିକିତ୍ସା ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଜ୍ୟସ୍ତରର ୧୦ଜଣ ଡାକ୍ତର ଓ ପାରାମେଡିକ୍‌ଙ୍କୁ ସମ୍ମାନିତ କରାଯିବା ସହ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁ ସେଠୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ରେଡ୍‌କ୍ରସ ତରଫରୁ ସୁଶ୍ରୀ ସି.ଟି.ଏମ୍. ସୁଗୁଣା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶାସ୍ତ୍ରୀୟ ଓଡ଼ିଶୀ, କୁଚିପୁଡ଼ି ନୃତ୍ୟରେ ଆଦିଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ନୃତ୍ୟାନୁଷ୍ଠାନ ଗୁରୁ ପଙ୍କଜ ଚରଣ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ରବୀନ୍ଦ୍ରମଣ୍ଡପଠାରେ ଚାଲିଥିବା ୨୮ତମ ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ପ୍ରଦାନ ସମାରୋହର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ଓଡ଼ିଶୀ ନୃତ୍ୟର ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟକୁ ସମଭାବରେ ବଳିଷ୍ଠ କରି ଏକ ଦୃଢ଼ ସ୍ଥିତି ସ୍ଥାପନ କରିଥିବା ଆଦିଗୁରୁ ପଙ୍କଜ ଚରଣ ଦାସଙ୍କୁ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଓ କୁଚିପୁଡ଼ିରେ ଶ୍ରଦ୍ଧାର୍ପଣ କରିଥିଲେ ଶିଳ୍ପୀ। ଦୂରଦର୍ଶନ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ନୀଳାଦ୍ରି ମୋହନ ଶତପଥୀ, ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶାରଦ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭରେ ନୃତ୍ୟଶିଳ୍ପୀ ନୀତିକା ମୈତ୍ରୀଙ୍କ ଶଙ୍କରା ଭରଣମ୍ ପଲ୍ଲବୀରେ ଅଭିନୟ କରିଥିଲେ ଲୀଳାନିଧି। ଏହାର ନୃତ୍ୟ ସଂଯୋଜନା ଗୁରୁ କେଳୁଚରଣ ମହାପାତ୍ର କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଭେଙ୍କଟେଶ୍। ପରେ ନୃତ୍ୟଶିଳ୍ପୀ କବିତା ଦାସ୍‌ଙ୍କ 'ତାର ଛାଇକି ଛବିକି ମାରରେ' ଦର୍ଶକଙ୍କ ହୃଦୟ ଜିଣିଥିଲା। ବେଙ୍ଗାଲୁରୁର କୁଚିପୁଡ଼ି ନୃତ୍ୟଶିଳ୍ପୀ ରେଖା ଶତିଷ୍ ଭାରତର ଅନ୍ୟ ଏକ ଶାସ୍ତ୍ରୀୟ ନୃତ୍ୟ 'କୁଚିପୁଡ଼ି'ରେ ଗଣେଶ ସ୍ତୁତି ଓ ମଣ୍ଡୋଇ ଶବ୍ଦଂ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ ଶ୍ୱାତୀ ଲିପ୍ସା ଦାସ ଶଙ୍କରା ଭରଣମ୍ ପଲ୍ଲବୀ ପରିବେଷଣ କରିଥିବାବେଳେ ନୃତ୍ୟଶିଳ୍ପୀ ସାଗର ଖୁଣ୍ଟିଆଙ୍କ ଗୀତଗୋବିନ୍ଦର 'ଲଳିତା ଲବଙ୍ଗ ଲତା' ଓ ମୋକ୍ଷ୍ୟରେ ଅଭିନୟ କରିଥିଲେ। ପ୍ରତିଷ୍ଠାନ ନିର୍ଦ୍ଦେଶକ ଗୁରୁ ଶରତ ଦାସ ସଂଯୋଜନା ଓ ସଭାପତି ବଟକୃଷ୍ଣ ତ୍ରିପାଠୀ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ।

## ସାମୟିକ କଳା, କ୍ରୀଡ଼ା ପ୍ରଶିକ୍ଷକଙ୍କୁ ପୂର୍ଣ୍ଣ ଶିକ୍ଷକତା ମିଳୁ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ସାମୟିକ କଳା ଓ କ୍ରୀଡା ପ୍ରଶିକ୍ଷକଙ୍କୁ ପୂର୍ଣ୍ଣ ଶିକ୍ଷକତା ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ସଚିବ ଓ ଅନ୍ୟ ପଦାଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରାଯାଉଛି। ହେଲେ କେବଳ ପ୍ରତିଶ୍ରୁତି ମିଳୁଛି। ଏଣିକି ମୁଖ୍ୟମନ୍ତ୍ରୀଙ୍କ ସମେତ ପୁଣିଥରେ ମନ୍ତ୍ରୀ ଓ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଦାବି ପୂରଣ ପାଇଁ ଅନୁରୋଧ କରାଯିବ। ରାଜ୍ୟ ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକ ସଂଘର ବୈଠକରେ ଏହି ନିଷ୍ପତ୍ତି ହୋଇଛି।ସଂଘର ମୁଖ୍ୟ ଉପଦେଷ୍ଟା ସଙ୍ଗୀତା ଦାସ, ଅମିୟ ଦାସ ଏବଂ ପ୍ରଫୁଲ୍ଲ ମହାରାଜଙ୍କ ପରାମର୍ଶ କ୍ରମେ ସଭାପତି, ସମ୍ପାଦକ ଓ ରାଜ୍ୟ କମିଟି ସଦସ୍ୟଙ୍କ ଉପସ୍ଥିତିରେ ବୁଧବାର ଏକ ଜରୁରିକାଳୀନ ବୈଠକ ବସିଥିଲା। ଯଦି ତୁରନ୍ତ ଦାବି ପୂରଣ କରା ନ ଯାଏ ତେବେ ସଂଘ ଦୃଢ଼ ପଦକ୍ଷେପ ନେବ ବୋଲି ସଭାପତି ହରିହର ବେହେରା ଚେତାବନୀ ଦେଇଛନ୍ତି।

# ପିତ୍ତଳ ତରଳାଇବ ଉନ୍ନତମାନର ଚୁଲା

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ସିଏସ୍‌ଆଇଆର୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍‌ସ ଆଣ୍ଡ୍ ମ୍ୟାଟେରିଆଲ୍ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ଭୁବନେଶ୍ୱର ପକ୍ଷରୁ ଶିଳ୍ପୀଙ୍କ ନିମନ୍ତେ ପିତ୍ତଳ ତରଳାଇବା ପାଇଁ ଉନ୍ନତମାନର ଚୁଲା ତିଆରି କରାଯାଇଛି। ଆଇଏମ୍‌ଏମ୍‌ଟିଠାରେ ଆୟୋଜିତ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମରେ ଏହାର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ସିଏସ୍‌ଆଇଆର୍-ନ୍ୟାଶନାଲ ମେଟାଲର୍ଜିକାଲ ଲାବୋରେଟୋରି (ଏନ୍‌ଏମ୍‌ଏଲ୍) ଜାମସେଦ୍‌ପୁରର ସହଯୋଗରେ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏମ୍‌ଏସ୍‌ଏମ୍‌ଇଡିଆଇର ନିର୍ଦ୍ଦେଶକ ପି.କେ. ଗୁପ୍ତା ଯୋଗଦେଇ ମେଟାଲକ୍ରାଫ୍ଟ କାରିଗରଙ୍କ ପାଇଁ ବୈଜ୍ଞାନିକ ହସ୍ତକ୍ଷେପର ଗୁରୁତ୍ୱ ଉପରେ ସୂଚନା ଦେଇଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଏବଂ ସିଏସ୍‌ଆଇଆର୍-ଏନ୍‌ଏମ୍‌ଏଲ୍ ମିଳିତ ଭାବରେ ଡିଜାଇନ୍ ସହ ଚୁଲାର ଉନ୍ନତି ଆଣିପାରିଲେ ପାରମ୍ପରିକ କାରିଗରଙ୍କ ପାଇଁ ଏହା ଲାଭଦାୟକ ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଆର୍‌ଏଚ୍‌ଏମ୍‌ଓ ଗ୍ରୁପ୍‌ର ମେଣ୍ଟର ପ୍ରଫେସର ଓ.ଏନ୍. ମହାନ୍ତି ଏବଂ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ଏସ୍. ବାସୁ ଯୋଗଦେଇ ଥିଲେ। ଏହି ଚୁଲା ଶକ୍ତିର ଦକ୍ଷତାକୁ ଉନ୍ନତ କରିଥାଏ ଓ ଧାତୁକ୍ଷୟକୁ ଯଥେଷ୍ଟ କମ୍ କରିଥାଏ ବୋଲି ସଂଯୋଜକ ଡ. ଚୌଉବେ କହିଥିଲେ।


ପିତ୍ତଳ ତରଳା ଚୁଲାକୁ ଉଦ୍‌ଘାଟନ କରାଯାଉଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ଏମ୍‌କେସିଜି ଅଡିଟୋରିୟମ ପରିସର, ଉତ୍କଳ ବିଶ୍ୱବିଦ୍ୟାଳୟ, ଅପରାହ୍ନ ୪ଟା।
- ଆଦି ଗୁରୁ ପଙ୍କଜ ଚରମ ଦାସଙ୍କ ୧୦୩ତମ ଜୟନ୍ତୀ ଅବସରରେ ୨୮ତମ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, କୋଲକାତା ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ସମାରୋହ, ପୂର୍ବତଟ ରେଳ ପ୍ରେକ୍ଷାଳୟ, ମଞ୍ଚେଶ୍ୱର, ସନ୍ଧ୍ୟା ୬ଟା ୩୦।

**କଟକ**

- ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବେଞ୍ଚ-ବାର୍ ଟି-୨୦ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍, ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୩ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବି ଡ. ପ୍ରସନ୍ନ କୁମାର ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# ଭିଜିଲାନ୍ସ ଜାଲରେ ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀ

- ୪ ସ୍ଥାନରେ ଚଢ଼ାଉ
- ଫ୍ରିଜ୍‌ରୁ ବାହାରିଲା ୭୫,୫୦୦
- ମିଳିଲା ୬.୧୭ ଲକ୍ଷ ଟଙ୍କା, ୧.୫ କେଜି ସୁନା ଅଳଙ୍କାର

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ଜିଲା ଗଣ୍ଡରପୁର ଡ୍ରେନେଜ୍ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କ ଘରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକ ମହାନଦୀ ବିହାରସ୍ଥିତ ଦୁଇତଳ ବିଶିଷ୍ଟ ବାସଭବନ, ନେମାଳୋସ୍ଥିତ ପୈତୃକ ଘର, ଭୁବନେଶ୍ୱର ପାହାଳ ଉତ୍କଳ ହାଇଟ୍ସରେ ଥିବା ଫ୍ଲାଟ୍, କଟକ ଗଣ୍ଡରପୁରସ୍ଥିତ ସରକାରୀ କାର୍ଯ୍ୟାଳୟରେ ଚଢାଉ କରାଯାଇଥିଲା। ଚଢ଼ଉ ବେଳେ ମନୋଜ ଓ ତାଙ୍କ ପରିବାର ଲୋକଙ୍କ ନାମରେ ବିପୁଳ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି।

ଭିଜିଲାନ୍ସ ପକ୍ଷରୁ ସୂଚନା ଅନୁଯାୟୀ, ମନୋଜଙ୍କ ଘରୁ ୧.୫୪୬ କେଜିର ସୁନା ଅଳଙ୍କାର, ମହାନଦୀ ବିହାରରେ ୨ ମହଲା କୋଠା, ପାହାଳ ଉତ୍କଳ ହାଇଟ୍ସରେ ଗୋଟିଏ ଫ୍ଲାଟ୍, ଚନ୍ଦ୍ରଶେଖରପୁରରେ ୪୪ ଲକ୍ଷ ଟଙ୍କାର ଫ୍ଲାଟ୍, ମହାନଦୀ ବିହାରରେ ୮.୬୪ ଲକ୍ଷ ଟଙ୍କାର ଫ୍ଲାଟ୍, ଭୁବନେଶ୍ୱର ଜାଗମରା ଅଞ୍ଚଳରେ ୨୦.୯୦ ଲକ୍ଷ ଟଙ୍କାର ୨ଟି ଫ୍ଲାଟ୍, ଅନନ୍ତପୁର-୮ ଅଞ୍ଚଳରେ ଗୋଟିଏ ଫ୍ଲାଟ୍, କଟକ ଭାଣପୁର ଅଞ୍ଚଳରେ ଗୋଟିଏ ଫ୍ଲାଟ୍ ଠାବ ହୋଇଛି। ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ ଏସବୁର ହିସାବ ଆକଳନ କରୁଛି। ୨ଟି ବ୍ୟାଙ୍କର ଲକର୍ ଏବଂ ଘରୁ ମୋଟ୍ ୬ ଲକ୍ଷ ୧୭ ହଜାର ୪୬୦ ଟଙ୍କା ଜବତ ହୋଇଛି। ତେବେ ମନୋଜଙ୍କ ଘରେ ଥିବା ଏକ ଫ୍ରିଜ୍ ଭିତରୁ ୭୫.୫୦୦ ଟଙ୍କା ମିଳିଛି। ଏଥିସହ ୩୧ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ୍, ବ୍ୟାଙ୍କ ଓ ଇନ୍‌ସୁରାନ୍ସ ଡିପୋଜିଟ୍, ଗୋଟିଏ ୪ ଚକିଆ ଗାଡି, ଗୋଟିଏ ବାଇକ, ୧୧.୩୭ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବ କରାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୪ଟି ଟିମ୍‌ରେ ୪ଜଣ ଡିଏସ୍‌ପି, ୮ ଇନ୍‌ସ୍ପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସମ୍ପତ୍ତିର ମୂଲ୍ୟ ୨ କୋଟିରୁ ଅଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ଏଯାବତ୍ ଚଢ଼ଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।





ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବେହେରା ଓ ତାଙ୍କ ସରକାରୀ ବାସଭବନ

## ରେଲ୍‌ୱେ ଚାକିରି ନାଁରେ ୧୩ ଲକ୍ଷ ଟଙ୍କା ଠକେଇ

### କୋଲକାତାରୁ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୬।୩(ବ୍ୟୁରୋ):** ରେଲ୍‌ୱେରେ ଚାକିରି କରାଇଦେବାକୁ କହି ୧୩ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଠକେଇ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କୋଲକାତାର ମହମ୍ମଦ ଆକ୍ରମ (୪୨)। ଠକେଇର ଶିକାର ହୋଇଥିବା ଯୁବକ ହେଲେ ବଲାଙ୍ଗୀର ବେଲପଡା ଅଞ୍ଚଳର ବୀରେନ୍ଦ୍ର କୁମାର ସିଂ। ସେ ୨୦୧୯ରେ ବାଣୀବିହାର ଅଞ୍ଚଳରେ ରହି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ଜଣେ ସାଙ୍ଗ ତାଙ୍କୁ ଅଭିଯୁକ୍ତ ମହମ୍ମଦ ଆକ୍ରମଙ୍କ ସହ ପରିଚିତ କରାଇଥିଲେ। ମହମ୍ମଦ ରେଲ୍‌ୱେରେ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ବୀରେନ୍ଦ୍ରଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି କହିଥିଲେ। ଫଳରେ ବୀରେନ୍ଦ୍ର ବିଭିନ୍ନ ସମୟରେ ଫୋନ ପେ ଓ ଗୁଗୁଲ ପେ ମାଧମରେ ମୋଟ ୧୩ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ପାଇବା ପରେ ଅଭିଯୁକ୍ତ ମହମ୍ମଦ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଟଙ୍କା ଫେରାସ୍ତ କରିବାକୁ କହିବା ସହ କୋଲକାତାରେ ରହୁଥିବା ଅଭିଯୁକ୍ତ ମହମ୍ମଦଙ୍କ ପାଖକୁ ଯାଇଥିଲେ। ହେଲେ ଟଙ୍କା ଫେରାଇବା ବଦଳରେ ଓଲଟା ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବୀରେନ୍ଦ୍ର ଗତ ୧୨ ତାରିଖ ଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୦୫।୨୨ ରୁଜୁ କରି ତଦନ୍ତ ଚଳାଇଥିଲା।



ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ବୁଧବାର ଷଷ୍ଠ ଓଡ଼ିଶା ଆର୍ଟ ଆଣ୍ଡ୍ ଲିଟରେଚର ଫେଷ୍ଟିଭାଲର ଉଦ୍‌ଘାଟନ ଅବସରରେ ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ବିପର୍ଯ୍ୟୟବେଳେ ସାହିତ୍ୟ ଶାନ୍ତିଦୂତ ଭଳି କାର୍ଯ୍ୟ କରେ

### ଓଡ଼ିଶା ଆର୍ଟ ଆଣ୍ଡ୍ ଲିଟରେଚର ଫେଷ୍ଟିଭାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ବିପର୍ଯ୍ୟୟ ସମୟରେ ସାହିତ୍ୟ ଶାନ୍ତିଦୂତ ଭଳି କାର୍ଯ୍ୟ କରିଥାଏ। ସାହିତ୍ୟ ସମାଜ ଉପରେ ଗଭୀର ପ୍ରଭାବ ପକାଇବା ସହ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରିଥାଏ। ବୁଧବାର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଷଷ୍ଠ ଓଡ଼ିଶା ଆର୍ଟ ଆଣ୍ଡ ଲିଟରେଚର ଫେଷ୍ଟିଭାଲ (ଓଏଏଲ୍‌ଏଫ୍ ୨୦୨୨)ର ଉଦ୍‌ଘାଟନ ଅବସରରେ ସାହିତ୍ୟିକ କୁନାଲ ବସୁ ଏହା କହିଛନ୍ତି। ଅବସରପ୍ରାପ୍ତ ପ୍ରଶାସକ ଓ ଲେଖକ ଡ. ସତ୍ୟ ମହାନ୍ତି, କବି ତଥା ସାହିତ୍ୟିକ ଡ. ହୃଷୀକେଶ ମଲ୍ଲିକ, ଲେଖିକା ଯଶୋଧାରା ମିଶ୍ର ଓ ମନୁ ଦାଶ ଅତିଥି ଭାବେ ଯୋଗଦେଇ କହିଲେ, ସାହିତ୍ୟ ଏକ ଅନବରତ ପ୍ରକ୍ରିୟା। କରୋନାରେ ସବୁ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ସାହିତ୍ୟର ଗତିବିଧି ହ୍ରାସ ପାଇ ନ ଥିଲା। ଭର୍ଚୁଆଲ ମୋଡରେ ସାହିତ୍ୟର ଜୟଯାତ୍ରା ଅବ୍ୟାହତ ରହିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଗାଳ୍ପିକ ଅଚ୍ୟୁତାନନ୍ଦ ପତି, ଅବସରପ୍ରାପ୍ତ ପ୍ରଶାସକ ଡ. ଅରୁଣ କୁମାର ରଥ ଓ ପୂର୍ବତନ ଆଇପିଏସ୍ ଅଫିସର ଲୋକନାଥ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସତ୍ୟ ମହାନ୍ତିଙ୍କ କବିତା ସଂକଳନ 'ମାଇଗ୍ରାଣ୍ଟ କ୍ରୋନିକଲ୍ସ ଆଣ୍ଡ୍ ପାଣ୍ଡେମିକ ମ୍ୟୁଜିଙ୍ଗସ୍' ଓ 'ଡ୍ୟାନ୍ସିଂ ଅନ୍ ଦି ଏଜ୍'ର ଦ୍ୱିତୀୟ ସଂସ୍କରଣ, ଗାୟତ୍ରୀବାଳା ପଣ୍ଡାଙ୍କ ଓଡ଼ିଆ କବିତା ପୁସ୍ତକର ଇଂଲିଶ ଅନୁବାଦ 'ଏ ସ୍ଲାଇସ ଅଫ୍ ନାଇଟ୍', ଅମନଦୀପ ସାନ୍ଧୁଙ୍କ ଇଂଲିଶ ଉପନ୍ୟାସ 'ସେପିଆ ଲିଭ୍‌ସ'ର ଓଡ଼ିଆ ଅନୁବାଦ 'ଅନ୍ଧାରର ରେଖାଚିତ୍ର', ଅନାମ କାବ୍ୟ ଆନ୍ଦୋଳନ ଉପରେ ଆଧାରିତ ମନୁ ଦାଶଙ୍କ ଦ୍ୱାରା ସଂକଳିତ ପ୍ରବନ୍ଧ ଏବଂ ସମାଲୋଚନା ଓ ଡ. ସତ୍ୟ ମହାନ୍ତିଙ୍କ 'ବ୍ରିଡ୍‌ଲେସ ଆଣ୍ଡ୍ ଅଦର ପ୍ଲେଜର' ପ୍ରଚ୍ଛଦ ଉନ୍ମୋଚିତ ହୋଇଥିଲା। 'କଥାରେ କଥାରେ' କଥାକାର କାର୍ଯ୍ୟକ୍ରମରେ ଗାଳ୍ପିକ ପରେଶ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ତରୁଣକାନ୍ତି ମିଶ୍ର, ଯଶୋଧାରା ମିଶ୍ର, ସତ୍ୟ ମିଶ୍ର ଓ ସରୋଜିନୀ ସାହୁ ଅଂଶଗ୍ରହଣ କରି ଗଳ୍ପ ସାହିତ୍ୟର ଗତି ଓ ପ୍ରଗତି ସହିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ଲତା ମଙ୍ଗେସକର ଓ ସନ୍ଧ୍ୟା ମୁଖାର୍ଜୀଙ୍କ ଓଡ଼ିଶା ସହ ସମ୍ପର୍କକୁ ନେଇ ଆଦ୍ୟାଶା ଦାସ, ସୁସ୍ମିତା ଦାସ, ଓଁମ୍ ପ୍ରକାଶ ମହାନ୍ତି, ଗୀତା ପଟ୍ଟନାୟକ ଓ ଡକ୍ଟର ମୃତ୍ୟୁଞ୍ଜୟ ରଥ ଏବଂ ଅପରାହ୍ନ ଅଧିବେଶନରେ 'ଅରଣ୍ୟରେ ଆହୁରି ନିଆଁ' ଆଲୋଚନାଚକ୍ରରେ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସହ ପବିତ୍ର ମୋହନ ଦାଶ ଆଲୋଚନା କରିଥିଲେ। ଏହି ମହୋତ୍ସବ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।

## ୨୦ରୁ କଳିଙ୍ଗ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ନାଟ୍ୟ ଅନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ଆସନ୍ତା ୨୦ ତାରିଖରୁ ରବୀନ୍ଦ୍ର ମଣ୍ଡପରେ ୨୪ତମ କଳିଙ୍ଗ ନାଟ୍ୟ ମହୋତ୍ସବ ଆରମ୍ଭ ହେବ। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ସ୍ତମ୍ଭକାର ଡ. ଗୌରହାରି ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନାଟକ ପାଇଁ ଓଡ଼ିଶାରେ ଭିତ୍ତିଭୂମିର ଅଭାବ ରହିଛି, ଯାହାକି ବର୍ତ୍ତମାନ ସବୁଠୁ ବଡ଼ ସମସ୍ୟା। ଏହି ନାଟକ ମହୋତ୍ସବ ୨୪ ତାରିଖ ଯାଏ ଚାଲିବ। ବିଭିନ୍ନ ଭାଷାଭାଷୀ ୫ ନାଟକ ପରିବେଷଣ କରାଯିବ। ସେଗୁଡ଼ିକ ହେଲା ସହସ୍ରଧାରା(ଓଡ଼ିଆ), ମିଷ୍ଟର ରାଇଟ୍ (ବଙ୍ଗଳା), ଫୁଲନୋଳ(ଓଡ଼ିଆ), ଉଲଗୁଲାନ୍(ହିନ୍ଦୀ) ଓ ଯାଞ୍ଚ ପଡ଼ତାଲ(ହିନ୍ଦୀ)। ଏଥିସହିତ ଓଡ଼ିଶାର ୮ଜଣ ନାଟ୍ୟ ପ୍ରତିଭା ଡ. ଗୌରାଙ୍ଗ ଚନ୍ଦ୍ର ରାଉତଙ୍କୁ 'ସୁମିତ୍ରା ସମ୍ମାନ', ଅଭିନେତା ବିଜୟ ପଟ୍ଟନାୟକଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ', ନିର୍ଦ୍ଦେଶକ କୈଳାସ ପାଣିଗ୍ରାହୀ, ଅଭିନେତା ପ୍ରକାଶ ମହାରଣା, ଶୀତେଶ ତ୍ରିପାଠୀ, ମନୋଜ ସ୍ୱାଇଁ ଓ ଗୁରୁ ଦେବବ୍ରତ ଦାସଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ' ଓ ଗୋକୁଳାନନ୍ଦ ସାହୁଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯିବ। ସେହିପରି ଖବରଦାତା ଅଜିତ କୁମାର ଦାଶ, ବନ୍ଦନା ସେଠୀ, ସସ୍ମିତା ମଲ୍ଲ ଓ ମନୋଜ କୁମାର ସ୍ୱାଇଁଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଧୀର ମଲ୍ଲିକ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଦର୍ପନାରାୟଣ ସେଠୀ ଓ ସାଂସ୍କୃତିକ ସମ୍ପାଦିକା ମୋନିଦୀପା ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କୈବଲ୍ୟ



@ ଅମ୍ବିକା



@ ବିଶ୍ୱ



@ ପପୁଲ



@ ମହେଶ୍ୱର



@ ପ୍ରବୀର

# ହତ୍ୟା ପଛରେ ଅନେକ ପ୍ରଶ୍ନ

### ସେବାୟତ କୃଷ୍ଣଚନ୍ଦ୍ରଙ୍କୁ ଗୁଳି

ପୁରୀ ଅଫିସ,୧୬।୩

ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ, ସୁଆର ମହାସୁଆର ନିଯୋଗର ସମ୍ପାଦକ ତଥା ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ବୁଧବାର ବାରବାଟୀ ଜାଗା ନିକଟରେ ଗୁଳି କରାଯାଇଛି। ଏହି ଗୁଳିକାଣ୍ଡ ପଛର ରହସ୍ୟ ଖୋଜିବାରେ ଲାଗିପଡ଼ିଛି ପୋଲିସ। କୃଷ୍ଣଚନ୍ଦ୍ରଙ୍କ ହତ୍ୟା ପଛରେ କାହାର ହାତ ରହିଛି ଓ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ପ୍ରଭୃତି ଅନେକ ପ୍ରଶ୍ନ ଉଠିଥିବାବେଳେ ଏ ନେଇ ସହରରେ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି।



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

### ଗୁନ ହତ୍ୟାର ପ୍ରତିଶୋଧ ସନ୍ଦେହ

୨୦୧୨ ମେ ୨୨ରେ ଶ୍ରୀମନ୍ଦିର ସେବାୟତ ଡଲୁଛ ଭଗବାନ ମହାପାତ୍ର ଓରଫ ଗୁନ ସିଂହାରୀଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ୮ଅଭିଯୁକ୍ତଙ୍କ ମଧ୍ୟରୁ କୃଷ୍ଣଚନ୍ଦ୍ର ଅନ୍ୟତମ ଥିଲେ। ତାଙ୍କୁ ରାଜ୍ୟ ବାହାରୁ ଗିରଫ କରାଯାଇଥିଲା। ଏହାପରେ ସେ ହାଇକୋର୍ଟରୁ ଜାମିନ ପାଇଥିଲେ। ତେବେ ଗତ ଜାନୁୟାରୀ ୧୯ରେ ପୁରୀ ଜିଲା ଅତିରିକ୍ତ ସେସନ୍ସ କୋର୍ଟ ସାକ୍ଷ୍ୟ ପ୍ରମାଣ ଅଭାବରୁ କୃଷ୍ଣଚନ୍ଦ୍ରଙ୍କ ସମେତ ୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। କୁହାଯାଉଛି ଯେ, ଗୁନଙ୍କ ସମର୍ଥକମାନେ ଏଭଳି ନିଷ୍ପତ୍ତିକୁ ନେଇ ଘୋର ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିଶୋଧ ପରାୟଣ ହୋଇଉଠିଥିଲେ। ସେମାନେ କୋର୍ଟରୁ ନିରାଶ ହେବା ପରେ ପ୍ରତିଶୋଧ ନେବା ପାଇଁ ଯୋଜନା ରଚିଥିଲେ। ସେହି ଯୋଜନା ମୁତାବକ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା କରି ପ୍ରତିଶୋଧ ନେଇଥିବା ଚର୍ଚ୍ଚା ହେଉଛି। ସେହିଭଳି ଏତଲାରେ କୃଷ୍ଣଚନ୍ଦ୍ରଙ୍କ ଭାଇ ନରସିଂହ ଲେଖିଛନ୍ତି, ଅଭିଯୁକ୍ତମାନେ ହତ୍ୟା କରି ଯିବାବେଳେ କାଳିଆ ସିଂହାରୀ ଓ ଦୋଳଗୋବିନ୍ଦଙ୍କ ଶପଥ ପୂରଣ ହେଲା ବୋଲି ଚିଲ୍ଲାଇ ଚିଲ୍ଲାଇ ଯାଉଥିଲେ। ତେଣୁ ପ୍ରତିଶୋଧ ପାଇଁ ହତ୍ୟା କରାଯାଇଛି ନା ଏହା ପଛରେ ଅନ୍ୟ କୌଣସି ରହସ୍ୟ ଅଛି ତାହା ସ୍ପଷ୍ଟ ହୋଇନାହିଁ। ଗୁନଙ୍କ ହତ୍ୟା ପରେ କୃଷ୍ଣଚନ୍ଦ୍ରଙ୍କ ପତିଆରା ବୃଦ୍ଧି ପାଇଥିଲା। ପୂର୍ବରୁ ସେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଥିଲେ। ସେବାୟତ ଯୁବଗୋଷ୍ଠୀ ମଧ୍ୟରେ ତାଙ୍କର ପ୍ରଭାବ ଥିଲା। ସୁଆର ମହାସୁଆର ନିଯୋଗର ସମ୍ପାଦକ ଦାୟିତ୍ୱ ତାଙ୍କୁ ଆହୁରି ପ୍ରଭାବଶାଳୀ କରିଥିଲା। ତେଣୁ ଏଥିରେ ଇର୍ଷାନ୍ୱିତ ହୋଇ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

### ରାଜନୈତିକ ମହତ୍ତ୍ୱାକାଂକ୍ଷା ହୋଇପାରେ କାରଣ

କୃଷ୍ଣଚନ୍ଦ୍ର ପୂର୍ବରୁ କାଉନସିଲର ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଏହା ପରଠାରୁ ପୁରୀ ସହରରେ ନିଜର ରାଜନୈତିକ ଦକ୍ଷତା ପ୍ରତିପାଦିତ କରିବାର କୌଣସି ସୁଯୋଗ ସେ ହାତ ଛଡ଼ା କରିନାହାନ୍ତି। ନିଜର ଅର୍ଥବଳ ଓ ଲୋକସମ୍ପର୍କକୁ ପାଥେୟ କରି ସେ ରାଜନୈତିକ ଶିଡି ଚଢ଼ିବା ଆରମ୍ଭ କରିଥିଲେ। ପୁରୀ ପୌର ନିର୍ବାଚନରେ ସେ ସେବାୟତ ବର୍ଗଙ୍କ ପ୍ରତିନିଧିତ୍ୱ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଥିବା ୱାର୍ଡଗୁଡ଼ିକରେ ପ୍ରାର୍ଥୀ ଦେବା ନେଇ ମଧ୍ୟ ପ୍ରସ୍ତୁତି ଚଳାଉଥିଲେ। ତାଙ୍କର ରାଜନୈତିତକ ମହତ୍ତ୍ୱାକାଂକ୍ଷାକୁ ବିରୋଧୀମାନେ ସହି ନ ପାରି ତାଙ୍କୁ ହତ୍ୟା କରିଥାଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

### କୁନୁମୁନିଙ୍କୁ ନେଇ ଚର୍ଚ୍ଚା

କୃଷ୍ଣଚନ୍ଦ୍ରଙ୍କ ହତ୍ୟା ପରେ ତାଙ୍କ ଭାଇ ନରସିଂହ ପ୍ରତିହାରୀ ଏତଲାରେ ଯେଉଁ କୁନୁମୁନିଙ୍କ ନାମ ଅଭିଯୁକ୍ତଙ୍କ ତାଲିକାରେ ଯୋଡ଼ିଛନ୍ତି ତାହାକୁ ନେଇ ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି। କୃଷ୍ଣଚନ୍ଦ୍ରଙ୍କ ସହ କୁନୁମୁନିଙ୍କର ଶତ୍ରୁତା ରହିଥିବା ଓ ଅନେକ ଥର ଝଗଡ଼ା ହୋଇଥିବା ସୂଚନା ରହିଛି। ଏହି ବିବାଦରୁ ପ୍ରତିଶୋଧ ପରାୟଣ ହୋଇ ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଚର୍ଚ୍ଚା ହେଉଛି।

### ପଦାରେ ପଡ଼ିଲା ପୋଲିସର ଅପାରଗତା

ସାତ ସାହି ଗଳି କନ୍ଦିରେ ଚାଲିବାକୁ ରାସ୍ତା ନାହିଁ। କେହି ଜଣେ ଦୌଡି ଯିବାକୁ ଚାହିଁଲେ ମଧ୍ୟ ଯିବା କଷ୍ଟକର। ଏଭଳି ରାସ୍ତାରେ କୃଷ୍ଣଚନ୍ଦ୍ରଙ୍କ ହତ୍ୟା ପରେ ପୋଲିସର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠୁଛି। ପୋଲିସର ଅପାରଗତା ଯୋଗୁ ଏଭଳି କାଣ୍ଡ ଘଟିଲା ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅପରାଧୀଙ୍କ ପ୍ରତି ପୋଲିସ କୋହଳ ମନୋଭାବ ପ୍ରଦର୍ଶନ କରୁନାହିଁ। ଏହି ହତ୍ୟା ଘଟଣାରେ ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଛି। ତଦନ୍ତ ନ ସରିବା ପର୍ଯ୍ୟନ୍ତ ଏସମ୍ପର୍କରେ କିଛି ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ।

## ୨୨ରୁ ଅଷ୍ଟାଦଶ ଧଉଳି-କଳିଙ୍ଗ ମହୋତ୍ସବ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ପର୍ଯ୍ୟଟନ ବିଭାଗ ଓ ଆର୍ଟ ଭିଜନ ପକ୍ଷରୁ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ ଅଷ୍ଟାଦଶ ଧଉଳି-କଳିଙ୍ଗ ମହୋତ୍ସବ। ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଏହା ୨୪ ତାରିଖ ଯାଏ ଚାଲିବ। ପ୍ରତି ବର୍ଷ ଫେବୃୟାରୀରେ ହେଉଥିବା ଏହି ମହୋତ୍ସବ ଏଥର କୋଭିଡ୍ ମହାମାରୀ ପାଇଁ ମାର୍ଚ୍ଚରେ ଆୟୋଜନ କରାଯାଇଛି। ଦେଶର ଯୁବ ସମାଜ ବିଶେଷ କରି ଛାତ୍ରୀଛାତ୍ରଙ୍କୁ ଭାରତୀୟ ସଂସ୍କୃତିର ମହାନ୍ ଗୌରବୋଜ୍ୱଳ ଐତିହ୍ୟ ଓ ପରମ୍ପରା ବିଷୟରେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ସଚେତନ କରାଇବା ଏହି ଉତ୍ସବର ପ୍ରମୁଖ ଲକ୍ଷ୍ୟ। ମହୋତ୍ସବରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେବେ। ୧୫ବର୍ଷ ଧରି ଓଡିଶା ଡ୍ୟାନ୍ସ ଏକାଡେମୀ ତରଫରୁ ଦିଆଯାଉଥିବା 'ବୁଦ୍ଧ ସମ୍ମାନ' ଚଳିତ ବର୍ଷ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ପୂର୍ବତନ କୁଳପତି ପ୍ରଫେସର ପ୍ରିୟମ୍ବଦା ମହାନ୍ତିଙ୍କୁ ଦିଆଯିବ। ସେହିପରି ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ସଂସ୍କୃତି ବିଶାରଦ, ତଥା ଆମେରିକାରେ ଓଡିଶୀର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇଥିବା ସୋମଦତ୍ତ ବେହୁରାଙ୍କୁ 'ଗୁରୁ ଗଙ୍ଗାଧର ସମ୍ମାନ' ଦିଆଯିବ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଆର୍ଟ ଭିଜନର ନିର୍ଦ୍ଦେଶକ ତଥା ପଦ୍ମଶ୍ରୀ ଇଲିଆନା ଚିତାରସ୍ତି, ଓଡ଼ିଶା ସଙ୍ଗୀତ ଏକାଡେମୀ ସଭାପତି ତଥା ପଦ୍ମଶ୍ରୀ ଅରୁଣା ମହାନ୍ତି, ପର୍ଯ୍ୟଟନ ବିଭାଗର ଯୁଗ୍ମ ସମ୍ପାଦକ ପୂଜା ମିଶ୍ର ଓ ଏଲୋରା ଭାରତୀ ଜେନା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଧଉଳି-କଳିଙ୍ଗ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ୨ ରେଲଲାଇନ ପାଇଁ ମାଗଣାରେ ଜମି ଯୋଗାଇବ ଓଡ଼ିଶା

■ ରେଳ ମନ୍ତ୍ରଣାଳୟ ସହ ରାଜ୍ୟ ସରକାରଙ୍କ ଏମ୍‌ଓୟୁ

ନୂଆଦିଲ୍ଲୀ,୧୬।୩: ଦୁଇଟି ନୂଆ ରେଲଲାଇନ ପାଇଁ ଓଡ଼ିଶା ସରକାର ମାଗଣାରେ ଜମି ଯୋଗାଇଦେବେ। ଏଥିପାଇଁ ରାଜ୍ୟ ସରକାର ଓ ରେଳ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ବୁଧବାର ଲୋକ ସଭାରେ ଭାଜପା ଏମ୍‌ପି ବସନ୍ତ ପଣ୍ଡାଙ୍କ ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨୮୯ କିଲୋମିଟର ବିଶିଷ୍ଟ ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂଆ ରେଲଲାଇନ ପାଇଁ ଓଡ଼ିଶା ସରକାର ମାଗଣା ଜମି ଯୋଗାଇଦେବେ। ଏହି ପ୍ରକଳ୍ପରେ ୩,୬୯୨ କୋଟି ଟଙ୍କା ବ୍ୟୟ ହେବ। ଖୋର୍ଦ୍ଧାରୋଡଠାରୁ ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ରାଜ୍ୟ ବହନ କରିବ। ଏଥିପାଇଁ ୬,୧୬୨ ଏକର ଜମି ଅଧିଗ୍ରହଣ କରାଯିବା ସହ ୧,୮୪୪ ଏକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯିବ। ସେଥିରୁ ୫,୩୩୩ ଏକର ଜମି ଅଧିଗ୍ରହଣ ସରିଥିବାବେଳେ ୧୭୦ ଏକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାଣି। ଜୟପୁର-ନବରଙ୍ଗପୁର ୩୮ କିଲୋମିଟର ରେଲଲାଇନ ୨୦୧୬-୧୭ ବଜେଟରେ ଘୋଷଣା କରାଯାଇଥିଲା। ଏଥିପାଇଁ ଓଡ଼ିଶା ସରକାର ମାଗଣା ଜମି ଦେବା ସହ ୫୦ ପ୍ରତିଶତ ନିର୍ମାଣ ଖର୍ଚ୍ଚ ବହନ କରିବେ। ଏହି ରେଲଲାଇନ ଲାଗି ୭୭୨.୧୯ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବାକୁ ଥିବାବେଳେ ୮୭.୭୭ ଏକର ସରକାରୀ ଜମି ଏବଂ ୯.୭୦ ଏକର ଜଙ୍ଗଲ ଜମି କିସମ ପରିବର୍ତ୍ତନ କାର୍ଯ୍ୟ ଜାରି ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୪୦ ଡିଗ୍ରୀ ଟପିଲା ୩ ସହର

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ପାରଦ ଉପରମୁହାଁ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ସମଗ୍ର ପରିବେଶ ଉତ୍ତପ୍ତ ହୋଇଛି। ତାପମାତ୍ରା ବୃଦ୍ଧି ସହିତ ପ୍ରବଳ ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ରାଜ୍ୟର ୩ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଏବଂ ୫ ସହର ୩୯ ଡିଗ୍ରୀକୁ ଟପିଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ବଲାଙ୍ଗୀରର ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ୪୦.୨ ଏବଂ ଅନୁଗୋଳରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠି ଯାଇଛି। ସେହିପରି ବାରିପଦାର ସର୍ବୋଚ୍ଚ ତାପମାତ୍ରା ୩୯.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୩୯.୬, ସମ୍ବଲପୁର ୩୯, ସୋନପୁର ୩୯, ବୌଦ୍ଧ ୩୯, ଭଦ୍ରକ ୩୮.୨, ଯାଜପୁର ୩୮.୨, ଭବାନୀପାଟଣା ୩୮.୫, ତାଳଚେର ୩୮, ହୀରାକୁଦ ୩୮.୧, ସୁନ୍ଦରଗଡ଼ ୩୮, କଟକ ୩୮ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୭.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨ ଦିନ ତାତି ଆହୁରି ଅସହ୍ୟ ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଗୁରୁବାର ସୋନପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ଝାଞ୍ଜିପବନ ସାଙ୍ଗକୁ ପ୍ରବଳ ଗରମ ଅନୁଭୂତ ହେବ। ସେହିପରି ୧୮ ତାରିଖରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୋଳ, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି।



### ତାତିଲା ସାରା ଓଡ଼ିଶା

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସୃଷ୍ଟି ଅଧିକ ଘନୀଭୂତ ହୋଇ ଆସନ୍ତା ୨୨ ତାରିଖ ବେଳକୁ ବାତ୍ୟାରେ ପରିଣତ ହେବା ସମ୍ଭାବନା ରହିଛି। ଏହା ଉତ୍ତର ପୂର୍ବ ଦିଗ ଦେଇ ବାଂଲାଦେଶ ଆଡ଼କୁ ମୁହାଁଇବା ଅନୁମାନ କରାଯାଉଛି। ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

# ଓଡ଼ିଶାର ମୂଳ ମାମଲା ଉପରେ ପ୍ରଥମେ ନିଷ୍ପତ୍ତି

### ସୁପ୍ରିମକୋର୍ଟରେ କୋଟିଆ ବିବାଦ

ନୂଆଦିଲ୍ଲୀ,୧୬।୩

କୋଟିଆ ସୀମା ବିବାଦକୁ ନେଇ ଆନ୍ଧ୍ରପ୍ରଦେଶ ସରକାରଙ୍କ ବିରୋଧରେ ଓଡ଼ିଶା ପକ୍ଷରୁ ଦାଏର ହୋଇଥିବା ମୂଳ ମାମଲା ଉପରେ ସୁପ୍ରିମକୋର୍ଟ ପ୍ରଥମେ ନିଷ୍ପତ୍ତି ନେବେ ବୋଲି ବୁଧବାର କହିଛନ୍ତି। ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇଥିଲେ ତାହା ଉଲ୍ଲେଖ କରିବାକୁ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଉଭୟ ରାଜ୍ୟଙ୍କୁ ଅନୁମତି ଦେଇଛନ୍ତି। ମୂଳ ମାମଲାର ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ଅଦାଲତ ଅବମାନନା ପିଟିଶନର ଶୁଣାଣି ସ୍ଥଗିତ ରହିବ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ ଓଡ଼ିଶା ତରଫରୁ ବରିଷ୍ଠ ଆଇନଜୀବୀ ବିକାଶ ସିଂ ଉପସ୍ଥିତ ରହି ବିବାଦୀୟ ଗ୍ରାମରେ ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ କରାଇଥିବା ସମ୍ପର୍କରେ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ମୂଳ ମାମଲା ସହ ଅବମାନନା ମାମଲାର ଏକତ୍ର ଶୁଣାଣି ପାଇଁ ସିଂ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ, ସୀମା ବିବାଦ ନେଇ ଜାନୁୟାରୀରେ ଓଡ଼ିଶା ସରକାର ସାନି ମାମଲା ଦାଏର କରିଥିଲେ। କୋଟିଆ ଗ୍ରାମପୁଞ୍ଜରେ ଓଡ଼ିଶାର ସମ୍ପୂର୍ଣ୍ଣ ପ୍ରଶାସନିକ ଅଧିକାର ସହ ଏହା ଓଡ଼ିଶାର ବୋଲି ସୁପ୍ରିମକୋର୍ଟ ଘୋଷଣା କରିବାକୁ ରାଜ୍ୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହା ପୂର୍ବରୁ ରାଜ୍ୟ ସରକାର ଅବମାନନା ପିଟିଶନରେ ଦର୍ଶାଇଥିଲେ, ଆନ୍ଧ୍ରପ୍ରଦେଶ ସରକାର ଜାଣିଶୁଣି ସୁପ୍ରିମକୋର୍ଟଙ୍କ ୧୯୬୮ ଡିସେମ୍ବର ୨ ରାୟ ଏବଂ ୨୦୦୬ ମାର୍ଚ୍ଚ ୩୦ ରାୟର ଉଲ୍ଲଂଘନ କରିଛନ୍ତି। ଉଭୟ ରାୟରେ ସର୍ବୋଚ୍ଚ ଅଦାଲତ ଦୁଇ ରାଜ୍ୟକୁ କୋଟିଆ ସୀମାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବଳାତ୍କାର ପୀଡ଼ିତାଙ୍କ ହାତ ଧରିଲେ ଅଭିଯୁକ୍ତ

### ଚୌଦ୍ୱାର ଜେଲରେ ବାହାଘର

ଚୌଦ୍ୱାର,୧୬।୩(ଡି.ଏନ୍.ଏ.)

ଚୌଦ୍ୱାର ସର୍କଲ ଜେଲ୍‌ରେ ବୁଧବାର ଏକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଜଣେ ବିଚାରାଧୀନ କଏଦୀଙ୍କ ହାତ ଧରିଛନ୍ତି ପୀଡ଼ିତା। ଏଥିପାଇଁ ଜେଲ୍ ପରିସର ସଜ୍ଜିତ କରାଯିବା ସହ ବେଦି ପ୍ରସ୍ତୁତ କରାଯାଇଥିଲା। କଟକ ଜିଲା ବାଦାମବାଡ଼ି ଥାନା ଅଧୀନ ଖାନ୍‌ନଗରର ଅଭିଯୁକ୍ତ ତାପସ କୁମାର ବେହେରା ସମ୍ପୃକ୍ତା ପୀଡ଼ିତାଙ୍କୁ ବିବାହ କରିଥିଲେ। ସେମାନଙ୍କୁ ନୂଆ ପୋଷାକ ପିନ୍ଧାଯାଇ ବେଦିକୁ ନିଆଯାଇଥିଲା। ପଣ୍ଡିତ ବିଶ୍ୱନାଥ ତ୍ରିପାଠୀ ଓ ରାଜକିଶୋର ତ୍ରିପାଠୀ ବିବାହ ସମ୍ପନ୍ନ କରିଥିଲେ। ଶିକ୍ଷାବିତ୍ ଅମିୟବାଳା ପରିଡ଼ା କନ୍ୟାଦାନ କରିଥିଲେ। ପରେ ଏକ ବିବାହ ଘୋଷଣା ଚୁକ୍ତିପତ୍ରରେ ଉଭୟ ବରକନ୍ୟା ଦସ୍ତଖତ କରିଥିଲେ। ବିବାହର ସ୍ମୃତି ରକ୍ଷା ପାଇଁ ନବଦମ୍ପତି ଜେଲ ପରିସରରେ ଏକ ଚାରା ରୋପଣ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେଶନ, ଚଣ୍ଡୀ ପ୍ରସାଦ ଫାଉଣ୍ଡେଶନ ଓ ଚୌଦ୍ୱାର ଜେଲ୍‌ର ମିଳିତ ଆୟୋଜନରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜେଲ ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା, ଜେଲର ବିଭେନ୍ଦୁ ଭୂୟାଁ, ରାମକୃଷ୍ଣ ଦାସ, ଉଦ୍ଧାର ଫାଉଣ୍ଡେଶନ୍‌ର ସଭାପତି ନରୋତ୍ତମ ଦାସ, ଉପ ସଭାପତି ଗୋଲାପ ସିଂ, ଦିଲୀପ ସାହୁଙ୍କ ସମେତ ଜେଲ୍‌ର ସମସ୍ତ କର୍ମକର୍ତ୍ତା, ବରକନ୍ୟାଙ୍କ ମାତାପିତା, ବନ୍ଧୁବାନ୍ଧବ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପୀଡିତା ଜଣକ ନାବାଳିକା ଥିବା ସମୟରେ ତାପସ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ତାପସଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଥିଲା। ତାପସ ଜେଲରେ ଥିବାବେଳେ ନିଜ କର୍ମ ପାଇଁ ଅନୁତାପ କରିଥିଲେ। ଇତିମଧ୍ୟରେ ପୀଡିତା ଜଣକ ସାବାଳିକା ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଜୀବନସାଥୀ କରିବା ପାଇଁ ଆଗ୍ରହ ପ୍ରକାଶ କରି ଜେଲ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ପରେ ଏ ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଯାଇଥିଲା। କୋର୍ଟ ଏ ସମ୍ପର୍କରେ ବିଚାର କରିବା ପରେ ଉଭୟଙ୍କ ବିବାହ ପାଇଁ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଜିଲାପାଳଙ୍କ ଆଲୋଚନା

### ବିଏମ୍‌ସି ନିର୍ବାଚନ

■ ୬୭ ୱାର୍ଡ ପାଇଁ ୭୦୫ ମତଦାନ କେନ୍ଦ୍ର

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ କରାଇବା ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଖୋର୍ଦ୍ଧା ଜିଲାପାଳ ବୁଧବାର ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଆଲୋଚନା କରିଛନ୍ତି। ଆସନ୍ତା ନିର୍ବାଚନରେ ବିଏମ୍‌ସିର ୬୭ଟି ୱାର୍ଡ ପାଇଁ ୭୦୫ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ସେଥିରୁ ୫ଟି ଗୋଲାପି ବୁଥ୍ ରହିଛି। ଗୋଲାପି ବୁଥ୍‌ରେ ପ୍ରିଜାଇଡିଂ ଅଫିସର ସମେତ ୫ ଜଣ ମହିଳା ପୋଲିଂ କର୍ମଚାରୀ ରହିବେ। ପ୍ରତି ବୁଥ୍‌ରେ ମେୟର ପ୍ରାର୍ଥୀ ପାଇଁ ଗୋଟିଏ ଏବଂ କର୍ପୋରେଟର ପ୍ରାର୍ଥୀଙ୍କ ପାଇଁ ଗୋଟିଏ ଲେଖାଏ ଇଭିଏମ୍ ବ୍ୟବହୃତ ହେବ। ଜରୁରୀ ସେବା ପାଇଁ ଉଦ୍ଦିଷ୍ଟ ୨୫ ପ୍ରତିଶତ ଭୋଟିଂ ମେଶିନକୁ ମିଶାଇ ମୋଟ ୭୦୫ଟି ମତଦାନ କେନ୍ଦ୍ର ପାଇଁ ଉଭୟ ମେୟର ଓ କର୍ପୋରେଟର ପ୍ରାର୍ଥୀଙ୍କ ନିମନ୍ତେ ୧୬୬୩ ବାଲଟ ୟୁନିଟ ଏବଂ ୧୬୬୩ କଣ୍ଟ୍ରୋଲ ୟୁନିଟ ବ୍ୟବହାର ହେବ। ଆସନ୍ତା ୨୪ ତାରିଖରେ ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ମତଦାନ ଚାଲିବ। ୨୬ରେ ଭୋଟ ଗଣତି ହେବ। ପ୍ରତି ଗ୍ରୁପ୍‌ରେ ମୋଟ ୫ ଜଣ ରହିବେ। ବିଜେବି ସ୍ୱୟଂଶାସିତ କଲେଜ ନୂଆ ଆର୍ଟସ ବ୍ଲକରୁ ପୋଲିଂ ଅଧିକାରୀମାନେ ମାର୍ଚ୍ଚ ୨୩ରେ ବିଏମ୍‌ସିର ବିଭିନ୍ନ ବୁଥ୍‌କୁ ମତଦାନ କାର୍ଯ୍ୟ ପରିଚାଳନା ପାଇଁ ଯିବେ। ଷ୍ଟ୍ରଙ୍ଗ୍‌ରୁମ ସୁରକ୍ଷାକୁ ବିଏମ୍‌ସି ଅଧିକାରୀମାନେ ତଦାରଖ କରୁଛନ୍ତି। ପ୍ରାର୍ଥୀମାନେ ସରକାରୀ ରାସ୍ତା, କୋଠା ଓ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରେ ପ୍ରଚାରପତ୍ର ଲଗାଇ ପାରିବେ ନାହିଁ। ଏପରି କି ଭୋଟ ଗ୍ରହଣ କେନ୍ଦ୍ରର ୧୦୦ ମିଟର ନିକଟରେ ପ୍ରଚାରପତ୍ର ଲଗାଇ ପାରିବେ ନାହିଁ। ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ମୋବାଇଲ ପୋଲିସ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ନିର୍ବାଚନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳ ଗସ୍ତ କରି ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କାର୍ଯ୍ୟ ତଦାରଖ କରିବେ। ୧୭ ତାରିଖରୁ ଷ୍ଟ୍ରଙ୍ଗ୍‌ରୁମ୍‌ର ପରିଚାଳନା କାର୍ଯ୍ୟ ଆରମ୍ଭ ହେବ। ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ତଦାରଖ କରିବା ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି।

# ୫୦% କାଠ ଚୋରି କମିଛି

### ଓଡ଼ିଶାର ଯୁଗ୍ମ ଜଙ୍ଗଲ ପରିଚାଳନା ମଡେଲ ଆଲୋଚନାଚକ୍ର

■ ବନ ସଂରକ୍ଷଣ ସମିତିକୁ ଶ୍ରେୟ ଦେଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ରାଜ୍ୟର ୩୦ଟି ଜିଲାରେ ୧୪,୨୨୨ଟି ବନ ସଂରକ୍ଷଣ ସମିତି ଓ ପରିବେଶ ଉନ୍ନୟନ କମିଟି ଗଠନ କରାଯାଇଛି। ଏହି ସମିତିଗୁଡ଼ିକ ପ୍ରାୟ ୧୨,୧୯୨ ବର୍ଗ କି.ମି. ଜଙ୍ଗଲର ରକ୍ଷଣାବେକ୍ଷଣରେ ସାମିଲ ଅଛନ୍ତି। ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁ ଜଙ୍ଗଲ ଉପରେ ବିଭିନ୍ନ କାରଣବଶତଃ ପଡୁଥିବା ଚାପରେ ୭୦% ହ୍ରାସ ଘଟିଛି। ବନାଗ୍ନି, କାଠ ଚୋରି, ଜଙ୍ଗଲରେ ଗୋରୁ ଚରାଇବା ଆଦି ଧ୍ୱଂସକାରୀ ପ୍ରଭାବ ୫୦% ହ୍ରାସ ପାଇଛି। ଏହା ଫଳରେ ପ୍ରାକୃତିକ ଉପାୟରେ ଗଜାରୁ ଗଛ ହେବା, ବୃକ୍ଷ ଅବାଧରେ ବଢ଼ିବା, ଅଧିକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ହେବା, ବନୀକରଣ ଓ ବନ ସୁରକ୍ଷା ଏବଂ ପ୍ରକୃତି ପର୍ଯ୍ୟଟନ ଆଦି କାର୍ଯ୍ୟ ମାଧ୍ୟମରେ ଲୋକମାନଙ୍କୁ ଅଧିକ ରୋଜଗାର ମିଳିବା ଆଦି ସମ୍ଭବ ହୋଇପାରିଛି। ଓଡ଼ିଶାର ଯୁଗ୍ମ ଜଙ୍ଗଲ ପରିଚାଳନା (ଜେଏଫ୍‌ଏମ୍) ମଡେଲ ବିଷୟରେ ବୁଧବାର ଏକଦିନିକିଆ ବୌଦ୍ଧିକ ଆଲୋଚନାଚକ୍ରରେ ପିସିସିଏଫ୍ ଶିଶିର କୁମାର ରଥୋ ସୂଚନା ଦେଇଛନ୍ତି। ଏହାକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ଜେଏଫ୍‌ଏମ୍ କୌଶଳ ଏକ ସଫଳ ମଡେଲ ଭାବେ ପ୍ରମାଣିତ ହୋଇଛି। ସରକାରଙ୍କ ପ୍ରଗତିଶୀଳ ଯୋଜନା ଏବଂ ସଚେତନତା କାର୍ଯ୍ୟକ୍ରମ ଲୋକମାନଙ୍କ ମନରେ ଜଙ୍ଗଲ ପ୍ରତି ଅଧିକ ଆବେଗ ଓ ଆକର୍ଷଣ ସୃଷ୍ଟି କରିଛି। ଏପରି କି ଅଭୟାରଣ୍ୟର ଆଭ୍ୟନ୍ତର ଅଞ୍ଚଳରେ ବାସ କରୁଥିବା ପରିବାରମାନେ ସ୍ୱେଚ୍ଛାକୃତ ଭାବେ ସରକାରଙ୍କ ଯୋଜନା ଗ୍ରହଣ କରି ଅଭୟାରଣ୍ୟ ବାହାରେ ଘର କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ବନୀକରଣକୁ ନୂଆ ଜୀବିକା ନିର୍ବାହ ଉତ୍ସ ଭାବେ ବିକଶିତ କରାଗଲେ ସ୍ଥାନୀୟ ଲୋକମାନଙ୍କର ଜଙ୍ଗଲ ପ୍ରତି ଥିବା ଆବେଗାତ୍ମକ ବନ୍ଧନ ବହୁଗୁଣିତ ହେବ। ସେମାନେ ନିଜେ ନିଜେ ଜଙ୍ଗଲ ସୁରକ୍ଷାର ସ୍ୱେଚ୍ଛାସେବୀ ସୈନିକ ଭାବେ କାର୍ଯ୍ୟ କରିବେ। ସ୍ଥାନୀୟ ବାସିନ୍ଦାଙ୍କର ଜୀବିକାକୁ ଭିତ୍ତିକରି ୫-ଟି ଆଧାରରେ ଜେଏଫ୍‌ଏମ୍‌ର ଅଧିକ ଜନକେନ୍ଦ୍ରିକ ଏବଂ ରୂପାନ୍ତରିତ ମଡେଲ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବନ ସଂରକ୍ଷଣ ସମିତି ଓ ଗ୍ରାମ ସମୁଦାୟ ସହ ନିୟମିତ ସିଧାସଳଖ ଆଲୋଚନା କରି ସେମାନଙ୍କର ସମସ୍ୟା ବିଷୟରେ ଜାଣି ତାହାର ଆଶୁ ସମାଧାନ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଛନ୍ତି ଯେ ଜେଏଫ୍‌ଏମ୍‌ରୁ ପ୍ରାପ୍ତ ଉତ୍ସାହଜନକ ଫଳାଫଳ ଭିତ୍ତିରେ ଜେଏଫ୍‌ଏମ୍ ପ୍ଲସ୍ ପ୍ଲସ୍ ପରିଚାଳନା ପଦ୍ଧତି ସ୍ଥିର କରାଯିବ। ଏଥିରେ ସ୍ଥାନୀୟ ବାସିନ୍ଦାଙ୍କର ସଶକ୍ତୀକରଣ ଓ ସହଭାଗିତା ଏବଂ ଜୀବିକା ନିର୍ବାହ ଆଦି ବିଷୟକୁ ଅଗ୍ରାଧିକାର ଦିଆଯିବ ବୋଲି ମଧ୍ୟ ଶର୍ମା କହିଛନ୍ତି। ବନ ପରିଚାଳନା ବିଶେଷଜ୍ଞ ସୁରେଶ ଚନ୍ଦ୍ର ମହାନ୍ତି, ଆଶୁତୋଷ ସାମନ୍ତସିଂହାର, ସିଦ୍ଧାନ୍ତ ଦାସ, ସୁଶୀଲ କୁମାର ପୋପିଲ୍, ମୀତା ବିଶ୍ୱାଳ, ସଞ୍ଜୀବ କୁମାର ଚଢ଼ା, ସନ୍ଦୀପ ତ୍ରିପାଠୀ, ପ୍ରଦୀପ ରାଜ କରାଟ୍, ରାଜୀବ କୁମାର, ମନୋଜ ମହାପାତ୍ର, ପ୍ରକାଶ ଚାନ୍ଦ ଏବଂ ଏସ୍. ଆନନ୍ଦ ପ୍ରମୁଖ ସହଭାଗିତାଭିତ୍ତିକ ପରିଚାଳନାର ବିଭିନ୍ନ ଦିଗ ଉପରେ ମତ ଉପସ୍ଥାପନ କରିଥିଲେ।

# ପଥରରେ ଛେଚି ମହିଳାଙ୍କୁ ହତ୍ୟା

ଖଲ୍ଲିକୋଟ,୧୬।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଡ଼ ଘାଟିରେ ବୁଧବାର ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମହିଳାଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ମୁଣ୍ଡରେ ପଥର ଛେଚି ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପ୍ରକାଶ ଯେ, ସକାଳେ ବଡ଼ଘାଟିରୁ ଖଲ୍ଲିକୋଟକୁ ସଂଯୋଗ କରୁଥିବା ରାସ୍ତା କଡ଼ରେ ସମ୍ପୃକ୍ତ ମହିଳାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ଖଲ୍ଲିକୋଟ ପୋଲିସ ନଂ. ୧୪୨/୨୨ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରିଛି।

# ସଡ଼କ ଦୁର୍ଘଟଣା ରୋକିବାକୁ ୭,୫୦୦ କୋଟିର ଯୋଜନା

ନୂଆଦିଲ୍ଲୀ,୧୬।୩ (ପି.ଟି.)

ଭାରତରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବିଶ୍ୱରେ ସର୍ବାଧିକ। ପ୍ରତିବର୍ଷ ୧.୫ ଲକ୍ଷ ଲୋକଙ୍କର ଦୁର୍ଘଟଣାରେ ଜୀବନ ଯାଉଛି। ସେଥିରୁ ୬୫ ପ୍ରତିଶତଙ୍କ ବୟସ ୧୮ରୁ ୪୫ ବର୍ଷ ମଧ୍ୟରେ। ଦୁର୍ଘଟଣା ରୋକିବା ଲାଗି କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ୭,୫୦୦ କୋଟି ଟଙ୍କାର ଏକ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ରାଜ୍ୟ ସଭାରେ ବୁଧବାର ପ୍ରଶ୍ନୋତ୍ତର କାଳରେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ଏହି ସୂଚନା ଦେଇଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକରେ ଦୁର୍ଘଟଣା ପ୍ରବଣ ଅଞ୍ଚଳ କମାଇବାକୁ ବିଶ୍ୱ ବ୍ୟାଙ୍କ ସହାୟତାରେ ଉକ୍ତ ଯୋଜନା କାର୍ଯ୍ୟକାରୀ କରାଯିବ। ଦୁର୍ଘଟଣା ହ୍ରାସ କରିବା ସହ ବହୁମୂଲ୍ୟ ଜୀବନ ରକ୍ଷା କରିବାରେ ଗଡକରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ତାମିଲନାଡୁରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଦୁର୍ଘଟଣା ଓ ତତ୍‌ଜନିତ ମୃତ୍ୟୁ ୫୦% ହ୍ରାସ ପାଇପାରିଛି। ବର୍ଷକୁ ଦେଢ଼ ଲକ୍ଷ ଲୋକଙ୍କ ଜୀବନ ସଡ଼କ ଦୁର୍ଘଟଣାରେ ଯିବା ଦୁର୍ଭାଗ୍ୟଜନକ। ଏହାକୁ ରୋକିବା ଦିଗରେ ଆମକୁ କାର୍ଯ୍ୟ କରିବାକୁ ହେବ ବୋଲି ଗଡକରୀ କହିଥିଲେ।

# ଜାତୀୟ ରେଳ ଯୋଜନା ଦର୍ଶନ-୨୦୩୦

■ ଲୋକସଭାରେ ରେଳମନ୍ତ୍ରୀଙ୍କ ସୂଚନା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଭାରତୀୟ ରେଲୱେ ଏକ ଜାତୀୟ ରେଳ ଯୋଜନା (ଏନ୍‌ଆର୍‌ପି) ପ୍ରସ୍ତୁତ କରିଛି। ତଦନୁଯାୟୀ ୨୦୩୦ ସୁଦ୍ଧା 'ଭବିଷ୍ୟତ ପ୍ରସ୍ତୁତ' କରାଯାଇଛି। ଏହି ଯୋଜନା ଅନୁଯାୟୀ ମାଲ ପରିବହନ କ୍ଷେତ୍ରରେ ରେଲୱେର ଅଂଶ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ମାଲପରିବହନ ଭଡ଼ା ୩୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇପାରେ। ରେଲୱେ ୨୦୩୦ ପର୍ଯ୍ୟନ୍ତ ମାଲ ପରିବହନ ଅଂଶ ୪୫ ପ୍ରତିଶତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ବୁଲେଟ୍ ଟ୍ରେନ୍ କରିଡର ପାଇଁ ପ୍ରସ୍ତାବ ରଖାଯାଇଛି। ଏଥିପାଇଁ ଅଧିକ ସଂଖ୍ୟାରେ ଯାତ୍ରୀ ରହୁଥିବା ମାର୍ଗକୁ ପ୍ରାଧାନ୍ୟ ଦିଆଯିବାକୁ ପ୍ରସ୍ତାବ ରହିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବୁଧବାର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଉଭୟ କାର୍ଯ୍ୟକ୍ଷମ କ୍ଷମତା ଏବଂ ବାଣିଜ୍ୟିକ ନୀତିଗତ ପଦକ୍ଷେପ ଉପରେ ଆଧାର କରି ରଣନୀତି ପ୍ରସ୍ତୁତ କରିବା ଏନ୍‌ଆର୍‌ପିର ଲକ୍ଷ୍ୟ । ମାଲବାହୀ ଟ୍ରେନର ହାରାହାରି ବେଗକୁ ଘଣ୍ଟା ପ୍ରତି ୫୦ କି.ମି.କୁ ବୃଦ୍ଧି କରି ମାଲ ପରିବହନର ଗମନାଗମନ ସମୟକୁ ହ୍ରାସ କରାଯିବ। ଜାତୀୟ ରେଳ ଯୋଜନାର ଏକ ଅଂଶ ଭାବେ ୨୦୨୪ ସୁଦ୍ଧା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ 'ଭିଜନ ୨୦୨୪' ଆରମ୍ଭ କରାଯାଇଛି। ୧୦୦% ବିଦ୍ୟୁତୀକରଣ, ଯାତାୟାତ ମାର୍ଗଗୁଡିକର ମଲ୍ଟି ଟ୍ରାକିଂ ସହିତ ଦିଲ୍ଲୀ-ହାଓଡା ଏବଂ ଦିଲ୍ଲୀ-ମୁମ୍ବାଇ ରୁଟ୍‌ରେ ୧୬୦ କିଲୋମିଟର ବେଗକୁ ନବୀକରଣ କରାଯିବ। ସମସ୍ତ ମାର୍ଗରେ ଲେଭଲ୍ କ୍ରସିଂଗୁଡିକର ଉଚ୍ଛେଦ କରାଯିବ।

ନୂତନ ଉତ୍ସର୍ଗୀକୃତ ମାଲ ପରିବହନ କରିଡରଗୁଡିକ ଚିହ୍ନଟ କରାଯିବ। ଯାତ୍ରୀଙ୍କ ଯାତାୟାତ ପାଇଁ ଗାଡ଼ି ଷ୍ଟକ୍ ସହିତ ମାଲ ପରିବହନ ପାଇଁ ୱାଗନ୍ ଆବଶ୍ୟକତାକୁ ଆକଳନ କରାଯିବ। ୧୦୦% ବିଦ୍ୟୁତିକରଣ (ସବୁଜ ଶକ୍ତି) ଏବଂ ମାଲ ପରିବହନ ମୋଡାଲ୍ ଅଂଶର ଯୌଥ ଉଦ୍ଦେଶ୍ୟ ପୂରଣ ପାଇଁ ଲୋକୋମୋଟିଭ୍ ଆବଶ୍ୟକତା ଆକଳନ ହେବ। ୩୭୨୪ କିଲୋମିଟର ଦୈର୍ଘ୍ୟ ୫୮ଟି ଅତି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ମୂଲ୍ୟ ୩୯,୬୬୩ କୋଟି ଏବଂ ୩୭୫୦ କିଲୋମିଟର ଦୈର୍ଘ୍ୟ ୬୮ଟି ଗୁରୁତ୍ୱପୂର୍ଣ ପ୍ରକଳ୍ପର ମୂଲ୍ୟ ୭୫୭୩୬ କୋଟି ଟଙ୍କା ବ୍ୟୟ କରାଯାଇ ୨୦୨୪ ସୁଦ୍ଧା ଶେଷ ହେବା ପାଇଁ ଚିହ୍ନଟ କରାଯାଇଛି ବୋଲି ବୈଷ୍ଣବ ସୂଚନା ଦେଇଛନ୍ତି।



ଫ୍ଲାଏଓଭରରୁ ଖସି ପଡ଼ିଥିବା ଟ୍ରକ୍।

# ଫ୍ଲାଏଓଭରରୁ ଖସିପଡ଼ିଲା ଟ୍ରକ୍, ୨ ଗୁରୁତର

ଚଣ୍ଡିଖୋଲ,୧୬।୩(ଡି.ଏନ.ଏ.)

ଯାଜପୁର ଜିଲା ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଏକ ଟ୍ରକ୍ ବୁଧବାର ଅପରାହ୍ନରେ ଚଣ୍ଡିଖୋଲଠାରେ ଫ୍ଲାଏ ଓଭରରୁ ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିଯୋଗୁ ୨ଜଣ ଗୁରୁତର ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଟ୍ରକ୍ ନଂ.(ଓଡି-୦୪-ଏଚ୍-୬୮୫୬) ପାରାଦୀପରେ ପଣ୍ୟ ଖାଲି କରି ଡୁବୁରୀ ଅଭିମୁଖେ ଯାଉଥିଲା। ଘଟଣାସ୍ଥଳରେ ଟ୍ରକ୍‌ର ଆଗଚକା ଫାଟିଯିବାରୁ ଏହା ଜନଗହଳିପୂର୍ଣ୍ଣ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଗଳି ପଡ଼ିଥିଲା। ଟ୍ରକ୍‌ଟି କଟକ ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି-୦୬-ଏଚ୍-୯୫୦୮) ସାମନାପଟେ ପଡ଼ିଯିବାରୁ ପିକ୍‌ଅପ୍ ଭ୍ୟାନ୍ କ୍ଷତିଗ୍ରସ୍ତ ହେବା ସହ ଏହାର ଚାଳକ ଗୁରୁତର ହୋଇଛନ୍ତି। ଟ୍ରକ୍ ଡ୍ରାଇଭର ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ମାଳପୁର ଗ୍ରାମର ଦୀପୁ ସେଠୀ ମଧ୍ୟ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଯୋଗୁ ୧୬ ନଂ. ଜାତୀୟ ରାଜପଥରେ ୧ ଘଣ୍ଟା ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଚଣ୍ଡିଖୋଲ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ୍‌କୁ ହଟାଇ ନେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଏହି ଦୁର୍ଘଟଣା ଅପରାହ୍ନରେ ହୋଇଥିବାରୁ ଓଭର ବ୍ରିଜ୍ ତଳେ ବିଶେଷ ଲୋକ ନ ଥିଲେ, ଯଦ୍ୱାରା ଏକ ବଡ଼ଧରଣର ବିପଦ ଟଳିଗଲା ବୋଲି ଲୋକେ କହିଛନ୍ତି।

## ସଂକ୍ଷେପରେ

### ଡ. ଚନ୍ଦ୍ରଭାନୁ ଶତପଥୀ ପାଇବେ ଜଗନ୍ନାଥ ରଥ ପ୍ରକାଶକ ସ୍ମୃତି, ସଂସ୍କୃତି, ସାହିତ୍ୟ ସମ୍ମାନ

**କଟକ ଅଫିସ, ୧୬।୩-** ଜଗନ୍ନାଥ ରଥ ପ୍ରକାଶକ ସ୍ମୃତି, ସଂସ୍କୃତି ଓ ସାହିତ୍ୟ ସମ୍ମାନ ପାଇବାକୁ ଡ. ଚନ୍ଦ୍ରଭାନୁ ଶତପଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜଗନ୍ନାଥ ରଥ ପ୍ରକାଶକ ସ୍ମୃତି, ସଂସ୍କୃତି ଓ ସାହିତ୍ୟ ସଂସଦ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯିବ। ଅନୁଷ୍ଠାନ ପକ୍ଷରୁ କଟକ କଳାବିକାଶ କେନ୍ଦ୍ରଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଡ. ଶତପଥୀ ୧୯୭୨ରେ ଭାରତୀୟ ପୋଲିସ ସେବାରେ ଯୋଗଦେଇଥିବାବେଳେ ୨୦୦୮ରେ ପୋଲିସ ମହାନିର୍ଦ୍ଦେଶକ ପଦବୀରୁ ଅବସର ନେଇଥିଲେ। ସେ ଶ୍ରୀଗୁରୁ ଭାଗବତ, ଗୋପ୍ୟରୁ ଅଗୋପ୍ୟ ପୁସ୍ତକ ଏବଂ ଏକ ଦଶକର ରମ୍ୟରଚନା ନାମକ ବ୍ୟଙ୍ଗ ପୁସ୍ତକ ରଚନା କରିଛନ୍ତି। ଶତପଥୀଙ୍କୁ ୫ଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୦ ତାରିଖରେ କଟକ କଳାବିକାଶ କେନ୍ଦ୍ରଠାରେ ଆୟୋଜିତ ହେବାକୁ ଥିବା ପ୍ରଥମ ଜାତୀୟସ୍ତରୀୟ ପୁରସ୍କାର ପ୍ରଦାନ ଉତ୍ସବରେ ଶତପଥୀଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଶୁଭେନ୍ଦୁ ଶେଖର ରଥ, ସମ୍ପାଦକ ଶୁଭାନ୍ୱେଷ ରଥ, ପୀତବାସ ରାଉତରାୟ, ବିଶ୍ୱରଞ୍ଜନ ନାୟକ, ବୈକୁଣ୍ଠନାଥ ଷଡ଼ଙ୍ଗୀ, ସରୋଜ ମହାନ୍ତି, ରାହୁଲ ମହାନ୍ତି, ସେକ୍ ଗୁଲାମ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।



### ଯୁବତୀଙ୍କୁ ଗଣ ବଳାତ୍କାର ଉଦ୍ୟମ

**ଆନନ୍ଦପୁର, ୧୬।୩(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ଘସିପୁରା ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ଗଣ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏକ ଅଷ୍ଟପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେବାକୁ ପରିବାରର ଲୋକେ ଯାଇଥିବା ବେଳେ ଯୁବତୀ ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗରେ ୪ଜଣ ଯୁବକ ଘରେ ପଶି ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଯିବାରୁ ୩ ଯୁବକ ଖସି ପଳାଇଥିଲେ। ଅନ୍ୟ ଜଣଙ୍କୁ ଧରି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ନେଇ ଅଟକ ରଖିଥିବା ଜଣାପଡ଼ିଛି।

# ୬ ଅଧିକାରୀ ଚାକିରିରୁ ବିଦା

**ଭୁବନେଶ୍ୱର, ୧୬।୩ (ବ୍ୟୁରୋ)**

ରାଜ୍ୟ ସରକାର ବୁଧବାର ଆଉ ୬ ଜଣ ଅପାରଗ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର, ଜଣେ ପୋଲିସ ଇନ୍ସପେକ୍ଟର, ଜଣେ ଅତିରିକ୍ତ ଯୋଗାଣ ଅଧିକାରୀ ଓ ଜଣେ ଜିଲା କଲ୍ୟାଣ ଅଧିକାରୀ ଅନ୍ତର୍ଭୁକ୍ତ । ଏହି ୬ ଜଣଙ୍କ ମଧ୍ୟରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ କ୍ୟାଡରର ୩ ଜଣ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ରହିଛନ୍ତି। ଏମାନଙ୍କ ମଧ୍ୟରୁ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ସରୋଜ କୁମାର ଦାସଙ୍କ କାର୍ଯ୍ୟଶୈଳୀ ଆଦୌ ସନ୍ତୋଷଜନକ ନ ଥିଲା ଏବଂ ତାଙ୍କ ଅତୀତର ରେକର୍ଡରୁ ଜଣାଯାଇଛି ଯେ କାର୍ଯ୍ୟ କ୍ଷେତ୍ରରେ ସେ ଅତ୍ୟନ୍ତ ଅପାରଗ ଥିଲେ। ତାଙ୍କ କାର୍ଯ୍ୟଶୈଳୀରେ ଅସଙ୍ଗତି, ନିଷ୍ଠାର ଅଭାବ ଏବଂ ଅପାରଗତା ଯୋଗୁ ସେ ଜଣେ ସରକାରୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ଜନସ୍ୱାର୍ଥର ପରିପନ୍ଥୀ । ତେଣୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ସେହିପରି ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଦୟାନିଧି ସାମଲଙ୍କ କାର୍ଯ୍ୟକଳାପ ମଧ୍ୟ ସନ୍ତୋଷଜନକ ନ ଥିଲା। ତାଙ୍କର କାର୍ଯ୍ୟକଳାପ ଜଣେ ଦାୟିତ୍ୱବାନ ସରକାରୀ କର୍ମଚାରୀଙ୍କ କାର୍ଯ୍ୟର ପରିପନ୍ଥୀ ଓ ଜନସ୍ୱାର୍ଥ ବିରୋଧୀ। ଏଥିସହିତ ଅପାରଗତା ଓ ଅସାଧୁତା ଆଦି କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଏକ୍ଜିକ୍ୟୁଟିଭ ଇଞ୍ଜିନିୟର କରୁଣାକର ଘଡ଼ାଇଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ଜଣେ ଯୋଗାଣକାରୀଙ୍କୁ ସେ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରିଥିଲେ। ତାଙ୍କର କାର୍ଯ୍ୟକଳାପ ସନ୍ତୋଷଜନକ ନ ଥିଲା। ତାଙ୍କ ବିରୋଧରେ ଅସାଧୁତାର ପ୍ରମାଣ ମଧ୍ୟ ରହିଛି । ତେଣୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ଅନୁଗୋଳ ଜିଲା ପୋଲିସ ଇନ୍ସପେକ୍ଟର ରତ୍ନାକର ମଲ୍ଲିକଙ୍କୁ ଅପାରଗତା କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ନୂଆପଡ଼ା ଜିଲାର ଅତିରିକ୍ତ ଯୋଗାଣ ଅଧିକାରୀ ରତ୍ନାକର ସେଠୀଙ୍କ ନାମରେ ଦୁଇଟି ଦୁର୍ନୀତି ମାମଲା ରହିଛି । ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କ ନିକଟରୁ ୬.୫ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରାଯାଇ ତାଙ୍କୁ ଜେଲକୁ ପଠାଯାଇଛି । ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ଅନୁଗୋଳ ଜିଲାର ପୂର୍ବତନ କଲ୍ୟାଣ ଅଧିକାରୀ ମିସ୍ ଚାରୁଲତା ମଲ୍ଲିକଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ରହିଛି। ଜିଲା କଲ୍ୟାଣ ଅଧିକାରୀ ଭାବରେ ସେ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡ଼ିଥିଲେ। ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏବେ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୫୮ ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି।

## ଅଭିଯୁକ୍ତ ପୁଅକୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର ଅଫିସ, ୧୬।୩**

ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ରାଜଶ୍ରୀ ମହାପାତ୍ର ୧୯୯୯ରେ ଖଲ୍ଲିକୋଟ ଥାନା ଅଞ୍ଚଳରେ ଘଟିଥିବା ମା, ଝିଅଙ୍କୁ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ପୁଅକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ଅଭିଯୁକ୍ତ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ହେବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଖଲ୍ଲିକୋଟ ଥାନା ମହେଶ୍ୱରପୁର ଗ୍ରାମର ରମେଶ ନାହାକ। ମହେଶ୍ୱରପୁର ଗ୍ରାମର କୁଳମଣି ନାହାକଙ୍କ ପ୍ରଥମ ସ୍ତ୍ରୀଙ୍କ ଦୁଇ ପୁଅ ହେଉଛନ୍ତି ରମେଶ ଓ ବିଜୟ। କୁଳମଣି ଗାଁଠାରୁ ୧ କି.ମି. ଦୂର କନ୍ହେଇପୁରର ସତ୍ୟା ନାହାକ ଓରଫ ଲକ୍ଷ୍ମୀଙ୍କୁ ସ୍ତ୍ରୀ ରୂପେ ରଖିଥିଲେ। ସମ୍ପତ୍ତି ଲୋଭରେ ରମେଶ ଓ ତାଙ୍କ ବଡ଼ଭାଇ ବିଜୟ ସବୁଦିନ ପାଇଁ ରାସ୍ତାରୁ ସାବତ ମା' ଲକ୍ଷ୍ମୀ ଓ ୩ ବର୍ଷୀୟା ଭଉଣୀ ଯମୁନାକୁ ହଟାଇବା ପାଇଁ ଯୋଜନା କରିଥିଲେ। ଦୁଇଭାଇ ୧୯୯୯ ଫେବୃୟାରୀ ୩ ତାରିଖ ବିଳମ୍ବିତ ରାତିରେ ପାଇକନ୍ହେଇପୁରକୁ ଯାଇ ସାବତ ମା' ରହୁଥିବା ଘର କବାଟ ଭାଙ୍ଗି ଭିତରେ ପଶିଥିଲେ। ସେମାନେ ଖଣ୍ଡା ଓ ଟାଙ୍ଗିଆରେ ସାବତ ମା' ଓ ଭଉଣୀକୁ ନିର୍ମମ ଭାବେ ହତ୍ୟା କରିଥିଲେ। ଅଭିଯୋଗ ପରେ ଖଲ୍ଲିକୋଟ ପୋଲିସ ମାମଲା ନଂ.୧୦/୯୯ରେ ଅଭିଯୁକ୍ତ ୨ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ବିନା ମାସ୍କରେ ମନ୍ଦିର ପ୍ରବେଶ ମନା



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଛତ୍ରପୁର, ୧୬।୩ (ଡି.ଏନ୍.ଏ.)**

**ତାରାତାରିଣୀଙ୍କ ଚୈତ୍ର ପର୍ବ ପ୍ରସ୍ତୁତି**
■ ଅସୁସ୍ଥ, ବୟସ୍କ ବ୍ୟକ୍ତିଙ୍କୁ ନ ଆସିବାକୁ ପରାମର୍ଶ

ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ପର୍ବ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି ଆସନ୍ତା ୨୨, ୨୯ ଏବଂ ଏପ୍ରିଲ ୫ ଓ ୧୨ ତାରିଖରେ ମା'ଙ୍କ ଚୈତ୍ର ପର୍ବ ପାଳନ ସକାଶେ ଅନୁମତି ଦେଇଛନ୍ତି। ଶ୍ରଦ୍ଧାଳୁମାନେ ଯେଭଳି ବିନା ଦ୍ୱିଧାରେ ମା'ଙ୍କର ଦର୍ଶନ କରିପାରିବେ ସେଥିସକାଶେ ସମସ୍ତ ଆୟୋଜନ କରିବାକୁ ଜଣାଇଥିଲେ।

କରୋନା କଟକଣା ଯୋଗୁ ଗତ ୨ବର୍ଷ ହେଲା ମା'ଙ୍କ ଯାତ୍ରାକୁ ଶ୍ରଦ୍ଧାଳୁମାନେ ଆସିପାରୁ ନ ଥିଲେ। ଚଳିତବର୍ଷ ଚୈତ୍ର ମଙ୍ଗଳବାରଗୁଡିକରେ ପୀଠରେ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ତେଣୁ ଭକ୍ତଙ୍କ ସୁବିଧା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ପାହାଚ ରାସ୍ତା, ରୋପ୍‌ୱେ ଏବଂ ଘାଟି ରାସ୍ତାରେ ବସ୍ ଯୋଗେ ମନ୍ଦିର ନିକଟକୁ ଯାଇହେବ। ଜିଲାରେ କରୋନା ସଂକ୍ରମଣ ସ୍ଥିତିରେ ସୁଧାର ଆସିଥିଲେ ମଧ୍ୟ ବିନା ମାସ୍କରେ କାହାକୁ ମନ୍ଦିରରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ଅସୁସ୍ଥ ଓ ବୟସ୍କ ବ୍ୟକ୍ତି କିମ୍ବା କୋଭିଡ୍ ଲକ୍ଷଣ ଥିବା ବ୍ୟକ୍ତି ମନ୍ଦିର ନ ଆସିବାକୁ ପରାମର୍ଶ ଦିଆଯାଇଛି। ମନ୍ଦିର ନିକଟରେ କୌଣସି ପୂଜା ସାମଗ୍ରୀ ବିକ୍ରି ନ ହୋଇ ପାହାଡ ପାଦଦେଶରେ ନିର୍ଦ୍ଧାରିତ ସ୍ଥାନରେ ବିକ୍ରି କରିବାକୁ ଅନୁମତି ମିଳିବ। ପାହାଡ଼ ପାଦଦେଶରେ ଏବଂ ମନ୍ଦିର ନିକଟରେ ସ୍ୱାସ୍ଥ୍ୟ ବିଭାଗ ଦଳ ଅସ୍ଥାୟୀ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇବେ। ପୋଲିସ ଟିମ୍ ଆଇନ ଶୃଙ୍ଖଳା ରକ୍ଷା କରିବେ। ମନ୍ଦିର ଉପରକୁ କୌଣସି ଯାନବାହନ ଯିବନାହିଁ। ଯାତ୍ରୀମାନେ ନିଜ ଯାନବାହନ ପାର୍କିଂ ସ୍ଥଳରେ ରଖି ପାହାଡ ତଳୁ ବସ୍‌ରେ ଟିକେଟ କାଟି ମନ୍ଦିର ନିକଟକୁ ଯାଇ ମା'ଙ୍କ ଦର୍ଶନ କରିବେ। ସେବାୟତଙ୍କ ଯାତାୟାତ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ପାହାଚ ରାସ୍ତା, ପାର୍କିଂସ୍ଥଳ ଏବଂ ରାସ୍ତାରେ ପାନୀୟଜଳ ବ୍ୟବସ୍ଥା ଓ ଆଲୋକୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଗାଁ ଛାଡ଼ିଲେ ଜୁଆଙ୍ଗ ପରିବାର



ଦୁଇ ପୁଅଙ୍କ ସହ ସୁଲତାନୀ ।

**କେନ୍ଦୁଝର, ୧୬।୩ (ସ୍ୱ.ପ୍ର.)**

**ଗୁଣି ଗାରେଡ଼ି ସନ୍ଦେହରେ ଆକ୍ରମଣ**

ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସରୁ ଜନଆକ୍ରୋଶର ଶିକାର ହୋଇ ଏକ ଜୁଆଙ୍ଗ ପରିବାର ଗାଁ ଛାଡ଼ିଛନ୍ତି। ଏଭଳି ସ୍ପର୍ଶକାତର ଘଟଣା ଘଟିଛି କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ବାୟାପଣ୍ଡାଧାର ଗ୍ରାମରେ। ସୁରକ୍ଷା ପାଇଁ ଉକ୍ତ ପରିବାର ଶୁଆକାଟି ଫାଣ୍ଡିରେ ଅଭିଯୋଗ କରିଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜଣେ ଆଇନଜୀବୀଙ୍କ ସହାୟତାରେ ନ୍ୟାୟ ପାଇଁ ଲଢ଼େଇ କରୁଛନ୍ତି। ସେମାନଙ୍କୁ ସହାୟତା କରୁଥିବା ଜିଲା କୋର୍ଟର ବରିଷ୍ଠ ଆଇନଜୀବୀ ସଞ୍ଜୟ ପାଇକରାୟ କହିଛନ୍ତି, ନିର୍ଯାତିତ ପରିବାରକୁ ସୁରକ୍ଷା ଦେବା ବଦଳରେ ପୋଲିସ ଗାଁ ଛାଡ଼ି ଚାଲିଯିବାକୁ କହିବା ପରିତାପର ବିଷୟ। ଅଭିଯୋଗ ଅନୁଯାୟୀ, ସ୍ୱାମୀ, ଦୁଇ ପୁଅ ବୋହୂ, ଝିଅଙ୍କ ସହିତ ସୁଲତାନୀ ଜୁଆଙ୍ଗ ଉକ୍ତ ଗ୍ରାମରେ ରହି ଆସୁଥିଲେ। ସେହି ଗ୍ରାମର ଜଣେ ଯୁବକ ରୋଗାକ୍ରାନ୍ତ ହେବାରୁ ତାଙ୍କ ପରିବାର ଲୋକ ସୁଲତାନୀଙ୍କ ପରିବାର ଗୁଣିଗାରେଡ଼ି କରି ଏପରି କରିଥିବା ସନ୍ଦେହ କରୁଥିଲେ। ଗତ ରବିବାର ଉକ୍ତ ଯୁବକଙ୍କ ମୃତ୍ୟୁ ହେବାପରେ ତାଙ୍କ ପରିବାର ଅଧିକ କ୍ରୋଧାନ୍ୱିତ ହୋଇ ସୁଲତାନୀଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଭୟଭୀତ ହୋଇ ସୁଲତାନୀ ତାଙ୍କ ପରିବାର ସହ ଗାଁ ଛାଡ଼ି ପଳାଇ ଆସିଥିଲେ। ଦୁଇପୁଅଙ୍କ ସହିତ ସୁଲତାନୀ ମଙ୍ଗଳବାର ଶୁଆକାଟି ଫାଣ୍ଡିକୁ ଯିବା ପରେ ଜଣେ ପୋଲିସ କର୍ମଚାରୀଙ୍କ ସହିତ ସେମାନଙ୍କୁ ଗାଁକୁ ପଠାଯାଇଥିଲା। ମାତ୍ର ସେମାନେ ଗାଁରେ ପହଞ୍ଚିବା କ୍ଷଣି ପୁଣି ଆକ୍ରମଣ ଆରମ୍ଭ ହୋଇଥିଲା। ତାଙ୍କ ଘରର ଜିନିଷ ପତ୍ର ନଷ୍ଟ କରାଯିବା ସହ ମାରଧର କରିବାରୁ ସେମାନେ ଭୟଭୀତ ହୋଇ ପାଖ ଜଙ୍ଗଲରେ ଆଶ୍ରୟ ନେଇଥିଲେ। ବୁଧବାର ଆଇନଜୀବୀ ପାଇକରାୟଙ୍କ ସହାୟତାରେ ନ୍ୟାୟ ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି। ଏନେଇ ଶୁଆକାଟି ଫାଣ୍ଡି ଅଧିକାରୀ ସରୋଜ ମୁଦୁଲି କୁହନ୍ତି, ସୁଲତାନୀଙ୍କ ଏତଲା କ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଗାଡ଼ି ପୋଡ଼ି ମାମଲାରେ ସବ୍ୟସାଚୀ ଖଲାସ

**ଭଞ୍ଜନଗର, ୧୬।୩ (ଡି.ଏନ.ଏ.)**

ଗଞ୍ଜାମ ଜିଲା ସୋରଡ଼ା ଥାନା ଅଞ୍ଚଳରେ ୨୦୧୬ରେ ଗାଡ଼ି ପୋଡ଼ି ଅଭିଯୋଗରେ ମାଓବାଦୀ ସବ୍ୟସାଚୀ ପଣ୍ଡାଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ବୁଧବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଡ. ଅରୁଣ ସାହୁ ୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଭଞ୍ଜନଗର କୋର୍ଟରେ ସବ୍ୟସାଚୀଙ୍କ ନାମରେ ଏକାଧିକ ମାମଲାର ବିଚାର ଚାଲିଛି। ସବ୍ୟସାଚୀଙ୍କୁ ବ୍ରହ୍ମପୁର ଜେଲରୁ କଡ଼ା ସୁରକ୍ଷା ମଧ୍ୟରେ ଭଞ୍ଜନଗର କୋର୍ଟକୁ ଅଣାଯାଇଥିଲା। ମାମଲାର ବିଚାର ସରିବା ପରେ ପୁଣି ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ସେହିପରି ବଡ଼ଗଡ଼ ଥାନା ଅଞ୍ଚଳରୁ ଟିଫିନ୍ ବୋମା ମିଳିବା ମାମଲାରେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏମ୍. ତାଜ୍ ଆଦେନୀ ମାମଲା ପରିଚାଳନା କରୁଛନ୍ତି।

**୬ଷ୍ଠ ଜନ୍ମଦିନର ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା**



**ଜଗା ମହାରଣା, ବଳିଆ ମହାରଣା**
(ଜଗାବଳିଆ ମହାରଣା, ଦୁଇ ଯାଆଳା ଭାଇ)
ଗ୍ରାମ/ପୋ- ବିଶ୍ୱକର୍ମାସାହି, କୋଳିମାଟି, ଆନନ୍ଦପୁର, ଜିଲା- କେନ୍ଦୁଝର
ତୁମର ଚିନ୍ତାଧାରା ସବୁବେଳେ ପରଉପକାର ପାଇଁ ରହିଥାଉ । ଭବିଷ୍ୟତରେ ଅସୁବିଧାରେ ପଡିଥିବା ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସର୍ବଦା ଆଗେଇ ଆସୁଥାଅ ଏବଂ ତୁମର ଭବିଷ୍ୟତରେ ସୁନ୍ଦର ଜ୍ଞାନରେ ପରିପୂର୍ଣ୍ଣ ହେଉଥାଉ ଏହା ସହିତ ପ୍ରତ୍ୟେକ ବର୍ଷ ତୁମ ଜନ୍ମଦିନଟିକୁ ଭଲରେ ପାଳନକର ବୋଲି ଘଟଗାଁ ମା' ତାରିଣୀଙ୍କ ନିକଟରେ ଭୂମିଷ୍ଠ ପ୍ରଣାମ ଜଣାଉଛୁ ।
ଶୁଭେଚ୍ଛା ସହ- ତୁମର ବାପା ଓ ମା', ବଡବାପା ଓ ବଡମା'- ରଞ୍ଜିତ ମହାରଣା ଓ ତୁଳସୀ ମହାରାଣା, ଦାଦା- ରାଜା, ଶିବ, ଅପା- କନ୍ହେଇ, ଜେଜେମା, ଜେଜେବାପା ଓ ପରିବାରବର୍ଗ ।
D-23428

**ଅଷ୍ଟମ ଜନ୍ମଦିନ ଉପଲକ୍ଷେ**



**ପ୍ରିୟାଂଶୁ ସ୍ୱାଇଁ**
ଆଜି ତୋର ଏହି ଶୁଭ ଜନ୍ମଦିନ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ କୃପାରୁ ତୋ ଚଳାପଥ କୁସୁମିତ ହେଉ ଓ ତତେ ଦୀର୍ଘାୟୁ କରନ୍ତୁ ।
ଶୁଭେଚ୍ଛା ସହ- ଜେଜେବାପା, ଜେଜେମା', ବାପା, ବୋଉ ଓ ପରିବାରବର୍ଗ ।
D-59889

# ଗଛରେ ପିଟିହେଲା ବସ୍: କଣ୍ଡକ୍ଟର ମୃତ

**ପଟ୍ଟାଙ୍ଗୀ, ୧୬।୩ (ଡି.ଏନ୍.ଏ.)**



କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ମାଳିପୁଟ ଗ୍ରାମ ନିକଟସ୍ଥ ମଶାଣିଠାରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବସ୍ କଣ୍ଡକ୍ଟରଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡ଼ିଛି ଦାମନଯୋଡ଼ିରୁ ଏହି ବସ୍ (ଏପି୩୧ଜେଡ୍ -୦୩୪୬) ବିଶାଖାପାଟଣା ଅଭିମୁଖେ ଯାଉଥିଲା। ମାଳିପୁଟ ଗ୍ରାମ ନିକଟସ୍ଥ ମଶାଣିଠାରେ ବସ୍‌ଟି ଏକ ମୋଟର ସାଇକେଲ (ଓଡି୧୦ କ୍ୟୁ-୪୩୩୩)କୁ ଧକ୍କାଦେଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ବସ୍ କଣ୍ଡକ୍ଟର ପ୍ରସାଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବସ୍‌ରେ ଥିବା ୧୫ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ପଟ୍ଟାଙ୍ଗୀ ପୋଲିସ ପହଞ୍ଚି ସମସ୍ତ ଆହତ ଯାତ୍ରୀଙ୍କୁ ଉଦ୍ଧାରକରି ନିକଟସ୍ଥ କୁନ୍ଦୁଲି ଏବଂ ପଟ୍ଟାଙ୍ଗୀ ଡାକ୍ତରଖାନାକୁ ପଠାଇଥିଲା। କୁନ୍ଦୁଲି ଡାକ୍ତରଖାନାରେ ବସ୍ ଡ୍ରାଇଭରଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଯାତ୍ରୀଙ୍କୁ ଉଦ୍ଧାର ବେଳେ ବସ୍‌ରୁ ୨ଟି ବ୍ୟାଗ୍‌ରେ ଥିବା ଦେଶୀ ମଦକୁ ପୋଲିସ ଜବତ କରିଛି।

**ମନେ ପଡ଼ନ୍ତି**

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ହରେକୃଷ୍ଣ ମହାନ୍ତି**
Qtrs No.IVR-PF-19, Unit-6, Bhubaneswar
ଆବିର୍ଭାବ: 14.04.1943
ତିରୋଧାନ: 07.03.2012
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୩୪୧୯

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧରଣୀଧର ସାହୁ**
ଆବିର୍ଭାବ - ତା. ୨୭.୦୩.୧୯୪୯
ତିରୋଧାନ - ତା. ୨୮.୦୨.୨୦୧୮
ଗ୍ରାମ- ରସିକନଗର, ଟାଙ୍ଗୀ, କଟକ
ଚାହୁଁ ଚାହୁଁ ଚାରି ବର୍ଷ ହେଲା ଆମ ମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ, ତୁମର ଆଶୀର୍ବାଦ ସଦାସର୍ବଦା ଆମ ମାନଙ୍କ ଉପରେ ବରଷୁ ଥାଉ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
!! ଶୋକସନ୍ତପ୍ତ !!
ସ୍ତ୍ରୀ- ସ୍ୱର୍ଣ୍ଣଲତା, ଭାଇମାନେ- ବୀରବର, ଭଗବାନ, ଗଣେଶ୍ୱର, ନାରାୟଣ, ପୁଅମାନେ- ଜତିନ୍ଦ୍ର, ମହେନ୍ଦ୍ର, ରାଜେନ୍ଦ୍ର, ଜବିନ୍ଦ୍ର, ବୋହୂମାନେ- ନମିତା, ପୁଷ୍ପିତା, କାନ୍ତି, ନାତିନାତୁଣୀମାନେ- ହର୍ଷିତା, ଆଦିତ୍ୟ, ପାୟଲ, ପ୍ରିନ୍ସ ଓ ଅଂଶୁ ।
D-71523

# ମିଳିଲା ୭୫.୮୮ଲକ୍ଷ ଟଙ୍କା, ୫୪.୩ ଗ୍ରାମ୍ ସୁନା

**ରାୟଗଡ଼ା ଅଫିସ, ୧୬।୩**

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଦାନହୁଣ୍ଡି ବୁଧବାର ଖୋଲାଯାଇଛି। ଦୀର୍ଘ ୬ମାସ ପରେ ପୁଣି ମନ୍ଦିର ହୁଣ୍ଡି ଖୋଲିଛି। କଡ଼ା ସୁରକ୍ଷା ମଧ୍ୟରେ ମନ୍ଦିରର ୮ ହୁଣ୍ଡି ଖୋଲାଯାଇଥିଲା। ସେଥିରୁ ୭୫, ୮୮, ୪୦୫ ଟଙ୍କା, ୩ଟି ପୁରୁଣା



ହୁଣ୍ଡିରୁ ବାହାରିଥିବା ଟଙ୍କା ଗଣତି ଚାଲିଛି।

**ଖୋଲିଲା ମଝିଘରିଆଣୀଙ୍କ ହୁଣ୍ଡି**

୧୦୦୦ ଟଙ୍କିଆ ନୋଟ୍, ୨ଟି ଡଲାର(୫୬ ହଜାର ଟଙ୍କା), ୨ଟି ଦିର୍‌ହାମ୍(୨୪ ଲକ୍ଷ ୬୧ ହଜାର ଟଙ୍କା), ୫୪.୩ ଗ୍ରାମ ସୁନା, ୨ କେଜି ୬୦୬ ଗ୍ରାମ ରୁପା ମିଳିଛି। ମନ୍ଦିର ଟ୍ରଷ୍ଟି ଅଧ୍ୟକ୍ଷ ରାଇସିଂ ବିଡିକା, ତହସିଲଦାର ତାପସ କୁମାର ରାଉତ ଉପସ୍ଥିତ ରହି ଗଣତି ପ୍ରକ୍ରିୟାର ଅନୁଧ୍ୟାନ କରିଛନ୍ତି। ଗଣତିରେ ୧୪୦ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୧୫ରେ ଶେଷଥର ମାଁଙ୍କ ଦାନହୁଣ୍ଡି ଖୋଲିଥିଲା। ସେତେବେଳେ ୬୯, ୯୦ , ୨୮୪ ଟଙ୍କା, ୫୪ ଗ୍ରାମ୍ ସୁନା ଓ ୫ କେଜି ରୁପା ସଂଗ୍ରହ ହୋଇଥିଲା। ମନ୍ଦିର ହୁଣ୍ଡିରୁ ସଂଗ୍ରହ ଦାନ ଟଙ୍କା ଓ ସୁନା, ରୁପା ରାୟଗଡ଼ା ଆନ୍ଧ୍ରବ୍ୟାଙ୍କ ମୁଖ୍ୟ ଶାଖାରେ ଜମା ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

**ନିରୁଦ୍ଦିଷ୍ଟ**



**ଶାନ୍ତିଲତା ମାଝୀ**
ବୟସ- ୫୨ ବର୍ଷ
ତାରିଖ- ୦୧।୦୨।୨୦୨୨
ସମୟ- ସକାଳ ୮ ଘଟିକା
ନିଖୋଜ ସ୍ଥାନ- ପାହାଳ, ଭୁବନେଶ୍ୱର,
ଫୋନ୍ ନଂ.- 9438689362, 9439393351
D-70269

# 'କାର୍ଯ୍ୟ ସମୟରେ ଅନୁପସ୍ଥିତ ରହିଲେ ନିଆଁ ଲଗାଇଦେବି'

**କୋରାପୁଟ, ୧୬।୩(ସ୍ୱ.ପ୍ର.)**

**ପଟ୍ଟା ସମସ୍ୟା ନେଇ ତାତିଲେ ତାରା**

କୋରାପୁଟ ପୌରପାଳିକାକୁ ବୁଧବାର ପଟ୍ଟା ପାଇଁ କେତେକ ହିତାଧିକାରୀ ଆସିଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଦାୟିତ୍ୱରେ ଥିବା ଅଧିକାରୀ ଆସି ନ ଥିଲେ। ଏହି ଖବର ପାଇ କୋରାପୁଟରେ ଥିବା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେତେବେଳକୁ ମଧ୍ୟ କାର୍ଯ୍ୟାଳୟରେ କୌଣସି ଅଧିକାରୀ ନ ଥିଲେ। ଦୀର୍ଘ ସମୟ ଜଗିବା ପରେ ପୌରପାଳିକା ଅଧିକାରୀ ଆସିଥିଲେ। ସେ ଆସିବା ପରେ ବାହିନୀପତି ପୌରପାଳିକା ଅଧିକାରୀଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଲୋକମାନଙ୍କ ପଟ୍ଟା ସମସ୍ୟାର ସମାଧାନ କର ନଚେତ ମୁଁ ଦୁଇ ଦିନ ପରେ ଆସିବି, ତୁମ ଅଫିସ ସବୁ ଭାଙ୍ଗି ଚୂରମାର କରିଦେବି ବୋଲି କହିଥିଲେ। ନବୀନବାବୁ ପଟ୍ଟା ଦେଉଛନ୍ତି ବୋଲି ସହରାଞ୍ଚଳରେ ବାହାବା ମାରୁଛନ୍ତି। ମାତ୍ର ବାସ୍ତବ ସ୍ଥିତି ଅଲଗା। କାର୍ଯ୍ୟାଳୟରେ ଲୋକଙ୍କୁ ପଟ୍ଟା ଦେଉଛନ୍ତି, ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ପୌର ଅଧିକାରୀ ଦେଇଥିବା ପଟ୍ଟା ହିତାଧିକାରୀଙ୍କଠାରୁ ଛଡ଼େଇ ନେଉଛନ୍ତି ବୋଲି ବାହିନୀପତି ଅଭିଯୋଗ କରିଥିଲେ। କୋରାପୁଟ ଜିଲାରେ ସମସ୍ତ ସରକାରୀ ଅଧିକାରୀ ସରକାରଙ୍କ ପାଇଁ ଦଳୀୟ ରାଜନୀତି କରୁଛନ୍ତି। ଜିଲାପାଳଙ୍କଠାରୁ ଆରମ୍ଭ କରି ସବୁ ବିଭାଗର ତଳସ୍ତରର କର୍ମଚାରୀଙ୍କ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ସିଟ୍ ଖାଲି ପଡୁଛି। କୋରାପୁଟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଯଦି କାର୍ଯ୍ୟାଳୟ ସମୟରେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ନିଜ ସିଟ୍‌ରେ ଅନୁପସ୍ଥିତ ରହିବେ ସମ୍ପୃକ୍ତ କାର୍ଯ୍ୟାଳୟକୁ ଭଙ୍ଗାଯିବା ସହ ନିଆଁ ଲଗାଯିବ ବୋଲି ବାହିନୀପତି ଧମକ ଦେଇ ଚାଲିଆସିଥିଲେ।

**CLASSIFIED DISPLAY**
**MORE SPACE • SAME PRICE**
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
9471160476
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆୟୁଷ୍ମାନଙ୍କ ପ୍ରଶଂସାରେ ରକୁଲ୍

ରକୁଲ୍ ପ୍ରୀତ୍ ସିଂ ଏବେ ଆୟୁଷ୍ମାନ ଖୁରାନାଙ୍କ ପ୍ରଶଂସାରେ ଶତମୁଖ। କାରଣ ଦୁହେଁ ବର୍ତ୍ତମାନ ପଛକୁ ପଛ ଦୁଇଟି ସିନେମାରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଏ ନେଇ ରକୁଲ୍ କହନ୍ତି, ''ଯେତେବେଳେ ଜାଣିଲି ଯେ, ମୁଁ ସାଇନ୍ କରିବାକୁ ଯାଉଥିବା ଫିଲ୍ମରେ ଆୟୁଷ୍ମାନ ଅଭିନୟ କରିବେ, ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ତାଙ୍କ ସହ ଆକ୍ଟିଂ କରିବାର ମଜା ନିଆରା। ପୁଣି ଏକାଥରେ ଦୁଇଟି ସିନେମାରେ ସେ ମୋ ନାୟକ ସାଜିବେ। ବଡ ପରଦା କଥା ଛାଡନ୍ତୁ, ବ୍ୟକ୍ତିଗତ ଜୀବନରେ ସେ ଜଣେ ଭଲ ମଣିଷ। ତାଙ୍କର ବ୍ୟକ୍ତିତ୍ୱ ମୋତେ ବହୁତ ପ୍ରଭାବିତ କରିଛି। ଆକ୍ଟିଂକୁ ନେଇ ତାଙ୍କଠାରୁ ଅନେକ କଥା ଶିଖିବାର ଅଛି। ମୁଁ ଏବେ ନିଜର ବଲିଉଡ୍ କ୍ୟାରିୟରକୁ ନେଇ ଅଧିକ ସିରିୟସ। କାରଣ ଏଣୁତେଣୁ ଗୁଡ଼ାଏ ଫିଲ୍ମ ସାଇନ୍ କରିବା ଚକ୍କରରେ ମୁଁ ନାହିଁ। ତେଣୁ ତା' ପୂର୍ବରୁ ମୁଁ ଭଲ ଭାବରେ ଚିନ୍ତା କରୁଛି।'' ତେବେ ଏହି ଫିଲ୍ମଦ୍ୱୟରେ ଆୟୁଷ୍ମାନ-ରକୁଲ୍ଙ୍କ ଯୋଡ଼ି କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।



# ତୋ ନା ର ମାନେ ହଁ

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି। ତାହା ହେଲା 'ତୋ ନା ର ମାନେ ହଁ'। ଜୋକର ପ୍ଲସ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ଶୁଟିଂ ଚାଲୁ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଅମୂଲ୍ୟ କୁମାର ଦାସ ଏବଂ ବୃନ୍ଦାବନ ଗୁରୁ। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସୁଜାତା ଦାସଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହେଉଛି। ଉକ୍ତ ସିନେମାର ନାୟକ ସାଜିଛନ୍ତି ସମ୍ବିତ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରିୟା ଏବଂ କାବ୍ୟା କିରଣ। ଏମାନଙ୍କ ବ୍ୟତୀତ ମହାଶ୍ୱେତା ରାୟ, ପ୍ରଦ୍ୟୁମ୍ନ ଲେଙ୍କା, ପିଣ୍ଟୁ ନନ୍ଦ, ଅସିତ ପତି, ସୋମା ଭୌମିକ, ଅମର ମହାପାତ୍ର, ଅନୁପ ସାହା, ଶିଳା ତ୍ରିପାଠୀ ଏବଂ ଜ୍ଞାନ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


ସମ୍ବିତ୍

# ରଙ୍ଗର ପର୍ବରେ 'ରଙ୍ଗିଲା'


ରିୟାନା

ଏଥର ହୋଲି ଅବସରରେ ଓଟିଟି ପ୍ଲାଟ୍‌ଫର୍ମ 'କଞ୍ଚାଲଙ୍କା'ରେ ନୂଆ ଶର୍ଟ ଫିଲ୍ମ ଷ୍ଟ୍ରିମିଂ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ରଙ୍ଗିଲା'। ଏକ ଆପାର୍ଟମେଣ୍ଟ ପରିସରରେ ଘଟିଥିବା ଘଟଣାକୁ ନେଇ କାହାଣୀ ଗତିଗୀଳ। ଏହାର ପ୍ରମୁଖ ନାରୀ ଚରିତ୍ର ମୀରା ଯାହାଙ୍କର ସ୍ୱାମୀ ବାହାରେ ରହନ୍ତି। ଏହି ଆପାର୍ଟମେଣ୍ଟର ସେକ୍ରେଟାରି ନାୟକ ବାବୁ ହୋଲି ଉତ୍ସବର ଆୟୋଜନ କରିଛନ୍ତି। ହୋଲି ଉତ୍ସବରେ ଆପାର୍ଟମେଣ୍ଟର ସବୁ ଲୋକ ମଉଜ ମଜ୍‌ଲିସ୍‌ରେ ମାତିଯାଉଛନ୍ତି। ତା' ଭିତରେ ରକସିତ୍ ବାବୁ, ରନି ଏବଂ ସନି ମଦ ଆସରରେ ବ୍ୟସ୍ତ ଅଛନ୍ତି। ଏହା ଭିତରେ ମୀରା ଆସି ସେଠାରେ ପହଞ୍ଚିଯାଉଛି। ତାକୁ ଦେଖି ସନି ଆଉ ରନି ତା' ପ୍ରତି ଆକୃଷ୍ଟ ହୋଇପଡ଼ିଛନ୍ତି ଆଉ ତା'ସହିତ ଜୋର ଜବରଦସ୍ତ କିଛି ଅଘଟଣ ଘଟେଇବାକୁ ଚେଷ୍ଟା କରୁଛନ୍ତ। ମୀରା କିନ୍ତୁ ତାଙ୍କ କବଳରୁ ନିଜକୁ ରକ୍ଷା କରି ନିଜ ଫ୍ଲାଟ୍‌କୁ ଫେରିଯାଉଛି। ତେବେ ଏହାର ପରବର୍ତ୍ତୀ ଘଟଣା କ'ଣ ହେଉଛି ତାହା ଉକ୍ତ ଶର୍ଟ ଫିଲ୍ମରେ ଦେଖିବାକୁ ମିଳିବ। 'ରଙ୍ଗିଲା'ର ମୁଖ୍ୟ କଳାକାର ଭାବେ ଅଭିନୟ କରୁଛନ୍ତି ରିୟାନା ଶୁକ୍ଳା, ଜୀବନ ପଣ୍ଡା, ପ୍ରିୟଦର୍ଶୀ, ଅଭିଷେକ, ମିଲି, ଅନ୍ନଦା ପ୍ରସାଦ, ଅର୍ପଣ ମିଶ୍ର, ଗୋଲ୍ଡି, ନିରଞ୍ଜନା ମଜୁମଦାର। ଏହି ଶର୍ଟ ଫିଲ୍ମର କାହାଣୀ ରଚନା କରିଛନ୍ତି ଶୁଦ୍ଧରାଜ ବାନାର୍ଜୀ ଏବଂ ସଂଳାପ ଲେଖିଛନ୍ତି ନିଶାନ୍ତ। ରମେଶ ରାଉତ ଏହାର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏହାର କ୍ରିଏଟିଭ୍ ମୁଖ୍ୟ ଅଛନ୍ତି ଭାଗ୍ୟଧର ପାଣି। ଉକ୍ତ ଶର୍ଟ ଫିଲ୍ମଟି ମାର୍ଚ୍ଚ ୧୮ରୁ ଓଟିଟି ପ୍ଲାଟ୍‌ଫର୍ମ କଞ୍ଚାଲଙ୍କାରେ ପ୍ରସାରିତ ହେବାକୁ ଯାଉଛି। ପ୍ରଥମରୁ କଞ୍ଚାଲଙ୍କାର ସମସ୍ତ କାର୍ଯ୍ୟକ୍ରମକୁ କେବଳ ଭାରତୀୟ ଦର୍ଶକ ଦେଖିପାରୁଥିଲେ। ହେଲେ ଏବେ ଏହାକୁ ଆମେରିକା, କାନାଡ଼ା, ସିଙ୍ଗାପୁର, ମାଲେସିଆ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା ଆଦି ଦେଶର ଦର୍ଶକ ଦେଖିପାରିବେ ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ଭାଗ୍ୟଧର ପାଣି।

ଅପେରା ହାଲ୍‌ଚାଲ୍

# ଦର୍ଶକ ମୋ ପାଇଁ ସବୁକିଛି

''ଲାଗିଲା ଲାଗିଲା ଲାଗିଲା, ଏଇଠି ଲାଗିଲା, ଏଇ ଛାତି ଭିତରେ ନିଆଁ ଲାଗିଲା, ତୁ ମରିବୁ ଶୁଭମ୍ ନାୟକ। ଷ୍ଟାଲିନ୍ ନାୟକ ଭାଇ ବୋଲି କହି ଦେଲୁନି ଯେ ତୁ ଏ ସବ୍-ଇନ୍ସପେକ୍ଟର ଛାତି ଭିତରେ ନିଆଁ ଲଗାଇ ଦେଲୁ। ମରିବୁ, ୟେସ୍, ତୁ ଡେଫିନାଇଟ୍‌ଲି ମରିବୁ।'' ଡ. ଦୀପକ ଜେନାଙ୍କ ରଚିତ ଏବଂ ଧଉଳି ଗଣନାଟ୍ୟ ପରିବେଷିତ 'ସେ ଦିନର କଥା ମନେ ଅଛି ନା'ର ଏହି ସଂଳାପ ତାଙ୍କୁ ରାତାରାତି ବେଶ୍ ମାଇଲେଜ ଦେଇଥିଲା। ହଁ, ସେ ହେଲେ ଜଲିଉଡ୍‌ର ନୂଆ ଖଳନାୟକ ସତ୍ୟ ସୁନ୍ଦର ପତି। ଗାଁ (ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ଦୁର୍ଗାଦେବୀ) ଡ୍ରାମାରେ ଖଳନାୟକ ସାଜିବା ପରେ ଉତ୍ତର ବାଲେଶ୍ୱର ଅନୁଷ୍ଠାନରେ କିଛିବର୍ଷ ନିଜର ଅଭିନୟ ଜାରି ରଖିଥିଲେ। ଫେସ୍‌ବୁକ୍‌ରୁ ଫଟୋ ଦେଖି ବିପିନ ବିହାରୀ ଦେଓ ତାଙ୍କୁ ଅପେରାରେ ଏଣ୍ଟ୍ରି କରିବାକୁ ଡାକିଥିଲେ। ଏ ନେଇ ସତ୍ୟ କହନ୍ତି, 'ଦୈତାରି ପଣ୍ଡାଙ୍କ ଅଭିନୟରେ ଅନୁପ୍ରାଣିତ ହୋଇ ନେଗେଟିଭ ଚରିତ୍ରକୁ ଆପଣେଇ ନେଇଛି। ଧଉଳି ପାଇଁ ସିଲେକ୍‌ଶନ ହେବା ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି। ପୂର୍ବରୁ ଜଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଗୌର ଦାସଙ୍କ ସହ ପରିଚୟ ମୋ ପାଇଁ ଆହୁରି ପ୍ରେରଣାଦାୟକ ହୋଇଥିଲା। ବର୍ତ୍ତମାନ ମୁଁ ଅପେରା ସୂର୍ଯ୍ୟମନ୍ଦିରରେ ଅଭିନୟ କରୁଛି। ଦର୍ଶକ ମୋ ପାଇଁ ସବୁକିଛି। ସେମାନଙ୍କ ହୃଦୟରେ ସବୁବେଳେ ଏମିତି ମୁଁ ରହିଥାଏ, ତାହା ହିଁ ମୋର ଇଚ୍ଛା।' ସତ୍ୟଙ୍କ ଅଭିନୀତ ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ରହିଛି 'କିଛି ଲୁହ ପିଇଯାଏ ଓଠ', 'କର୍ଣ୍ଣ ଖୋଜୁଛି ତା ନିଜ ଠିକଣା', 'ସେଦିନର କଥା ମନେ ଅଛି ନା' (ଧଉଳି), 'ଝରିଗଲା ଝରାଫୁଲ' ଏବଂ 'ମାୟାବିନୀ ମୌସୁମୀ' (ଅପେରା ସୂର୍ଯ୍ୟମନ୍ଦିର)।


ସତ୍ୟ

# କ'ଣ କରିବେ ସୋନାକ୍ଷୀ

'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନାଙ୍କୁ ନେଇ ଏବେ ଚର୍ଚ୍ଚା। ୟା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ନିଜ ଭୂମିକାକୁ ସେ କିପରି ଠିକ୍ ଭାବରେ ତୁଲାଇବେ ସେ ନେଇ ଦୋଛକିରେ ପଡ଼ିଯାଇଛନ୍ତି। ଅସଲ କଥା ହେଲା, ଏହି ଟାଇଟଲ ଫାଇନାଲ ହୋଇ ନ ଥିବା ଫିଲ୍ମରେ ସୋନାକ୍ଷୀଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ସେ କହନ୍ତି, 'ଜଣେ ନାରୀର ସଂଘର୍ଷମୟ ଜୀବନକୁ ନେଇ ଫିଲ୍ମଟିର କାହାଣୀ ଗତିଶୀଳ। ସମାଜରେ ବଢ଼ି ଚାଲିଥିବା ଅନ୍ୟାୟ, ଅତ୍ୟାଚାର ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଛି। ଏପରି କି ସେମାନଙ୍କର ହକ୍ ପାଇଁ ଫାଇଟ୍ କରିବାକୁ ପଛାଇ ନାହିଁ। ସେପଟେ ଏହି ଫିଲ୍ମରେ ଗୋଟିଏ ଗୀତ ଗାଇବାକୁ ମୁଁ ପ୍ରପୋଜ କରିଥିଲି, ଯେଉଁଥିରେ ପ୍ରଯୋଜକ ନିଜର ସମ୍ମତି ପ୍ରଦାନ କରିଛନ୍ତି। ସେଥିପାଇଁ ବର୍ତ୍ତମାନ ମୁଁ ଦୋଛକିରେ ପଡ଼ିଯାଇଛି। ହେଲେ ଏଥିରେ ନିଜ ଭୂମିକା ଏବଂ ଗୀତ ଗାଇବା ଭଳି ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇ ପାରିବି ବୋଲି ଆଶା ରହିଛି।' ଫିଲ୍ମଟିର ଶୁଟିଂ ଆସନ୍ତା ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



# ଲଙ୍ଗ୍ ଟ୍ରିପ୍ ଅନ୍ତରାଳେ..

ବାଣୀ କପୁର ଏବେ ଲଙ୍ଗ୍ ଭ୍ୟାକେଶନରେ ଅଛନ୍ତି। ମାଇଣ୍ଡ ଫ୍ରେଶ କରିବାକୁ ସେ ବର୍ତ୍ତମାନ ସୁଇଜରଲାଣ୍ଡରେ ଡେରା ପକାଇଛନ୍ତି। କଥା କ'ଣ କି ସେଠାରେ ସେ ବୁଲିବା ସହ କିଛି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ସେ କହନ୍ତି, 'ଏବେ ମୋତେ ଶୁଟିଂରୁ କିଛି ସପ୍ତାହ ଛୁଟି ମିଳିଛି। ତେଣୁ ଏହି ସମୟରେ ମାଇଣ୍ଡ ଫ୍ରେସ୍ କରିବାକୁ ମୁଁ ସୁଇଜରଲାଣ୍ଡରେ ଅଛି। ଏଠାକାର ମନଲୋଭା ସ୍ଥାନ ବୁଲି ଦେଖୁଛି। କେବଳ ସେତିକି ନୁହେଁ, ଏଠାରେ ୨-୩ଟି ମ୍ୟୁଜିକ ଭିଡିଓ ଶୁଟିଂ ହେବାର ଯୋଜନା ରହିଛି। ତେଣୁ ତା' ପାଇଁ ମୋତେ ସମୟ ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏଠାରେ ମୁଁ କିଛି ଫଟୋ ଶୁଟ୍ କରିଛି, ଯାହାକୁ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ସବୁଠାରୁ ବଡ଼କଥା ହେଲା, ଦର୍ଶକ ହେଉଛନ୍ତି ମୋ ପାଇଁ ସବୁକିଛି। ସେମାନଙ୍କ ପାଇଁ ମୁଁ ଇଣ୍ଡଷ୍ଟ୍ରିରେ ଟିକ୍ଷି ରହିଛି।'



## ଅତୀତରୁ

➔ଓଡ଼ିଆ ସିନେମା 'ଅନୁରାଧା'ର ପ୍ରଯୋଜନା କରିଥିଲେ ରଘୁନାଥ ମିଶ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବାସୁଦେବ ରଥ। ରୋଜାରମଣି, ହୃଦୟାନନ୍ଦ, ଜୟୀ, ନମ୍ରତା ଦାସ, ଜୟା ଏବଂ ପୀର ମିଶ୍ରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

➔ଜଟାଧାରୀ ମିଶ୍ରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚିତ୍ର 'ଜୟ ମା' ମଙ୍ଗଳା'। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ପ୍ରସନ୍ନ ମିଶ୍ର, ଅକ୍ଷୟ ମହାନ୍ତି (କାଶ୍ୟପ), ଜୟା ଏବଂ କାଶୀ ରଥ ପ୍ରମୁଖ କଳାକାର। ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)।

➔ଓଡ଼ିଆ ସିନେମା 'ତପସ୍ୟା'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି ଏବଂ ଦୀପା ସାହୁ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୭/୨୦୨୨ Bhubaneswar, Thursday, March 17/ 2022


# ଅମିତ, ଶୀଳାନନ୍ଦ ସାମିଲ

**ଭୁବନେଶ୍ୱର, ୧୬।୩ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ପୁରୁଷ ବିଭାଗ ହକି ମ୍ୟାଚ ଆସନ୍ତା ୧୯ ଓ ୨୦ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ଅମିତ ରୋହିଦାସ ଓ ଶୀଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ଓଡ଼ିଆ ଖେଳାଳି ଦୀପସାନ ତିର୍କୀ, ନିଲମ

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍
### ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ଘୋଷିତ

ସଞ୍ଜୀପ ଖେସ୍ ଓ ଆଶିଷ କୁମାର ଟପ୍ପୋ ଷ୍ଟାଣ୍ଡବାଇ ତାଲିକାରେ ଅଛନ୍ତି। ମନପ୍ରୀତ ସିଂ ଦଳର ନେତୃତ୍ୱ ନେବେ। ତାରକା ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ସିଂଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି।

ଆହତ ସମସ୍ୟାରୁ ମୁକୁଳିଥିବା ଷ୍ଟ୍ରାଇକର ଗୁରଜାନ୍ତ ସିଂ ଦଳକୁ ଫେରିଥିବାବେଳେ ମିଡ୍‌ଫିଲ୍ଡର ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ ନୂଆ ମୁହଁ ଭାବେ ସ୍ଥାନ ପାଇଛନ୍ତି। ଗତ ଜୁନିୟର ହକି ବିଶ୍ୱକପରେ ରବିଚନ୍ଦ୍ର ଭାରତୀୟ ଦଳର ସଦସ୍ୟ ଥିଲେ। ଗତ ସ୍ପେନ୍ ବିପକ୍ଷ ମ୍ୟାଚ ଖେଳିଥିବା ଗୋଲକିପର ସୂରଜ କରକେରାଙ୍କ ସ୍ଥାନରେ କ୍ରିଷ୍ଣନ ବାହାଦୁର ପାଠକଙ୍କୁ ସୁଯୋଗ ମିଳିଛି। ସେହିପରି ମନଦୀପ ମୋର ଓ ଦୀପସାନ ତିର୍କୀଙ୍କ ସ୍ଥାନରେ ଅମିତ ରୋହିଦାସ ଓ ଜୁଗରାଜ ସିଂଙ୍କୁ ଦଳରେ ନିଆଯାଇଛି। ମିଡ୍‌ଫିଲ୍ଡର ଜସକରଣ ସିଂ ଓ ଆକାଶଦୀପ ସିଂଙ୍କ ବଦଳରେ ସୁମିତ ଓ ରବିଚନ୍ଦ୍ରନଙ୍କୁ ସାମିଲ କରାଯାଇଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତକୁ ଏପର୍ଯ୍ୟନ୍ତ ମିଶ୍ରିତ ଫଳ ମିଳିଛି। ପୋଚ୍‌ଫେଷ୍ଟ୍ରୁମଠାରେ ଭାରତ ୫-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ସେଠାରେ ୧୦-୨ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚରେ ଦଳ ଫ୍ରାନ୍ସଠାରୁ ୨-୫ ଗୋଲରେ ହାରି ଯାଇଥିବାବେଳେ ୪ର୍ଥ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ପୁଣି ୧୦-୨ ଗୋଲରେ ହରାଇ ଦେଇଥିଲା। ନିଜର ୫ମ ମ୍ୟାଚରେ କଳିଙ୍ଗ ଷ୍ଟାଡିୟମରେ ଦଳ ସ୍ପେନ୍‌କୁ ୫-୪ ଗୋଲରେ ହରାଇଥିଲେ ହେଁ ୬ଷ୍ଠ ମ୍ୟାଚରେ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ୩-୫ ଗୋଲରେ ହାରି ଯାଇଥିଲା। ଜର୍ମାନୀ ଦଳର ଅଧିକାଂଶ ଖେଳାଳି କୋଭିଡ୍‌ରେ ସଂକ୍ରମିତ ହେବାରୁ କଳିଙ୍ଗ ଷ୍ଟାଡିୟମରେ ୧୨ ଓ ୧୩ ତାରିଖ ମ୍ୟାଚକୁ ସ୍ଥଗିତ ରଖାଯାଇଥିଲା। ଭାରତ ୬ ମ୍ୟାଚରୁ ୪ ବିଜୟ ଓ ୨ ପରାଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡ୍ସ ୬ ମ୍ୟାଚରୁ ୪ ବିଜୟ ଓ ୨ ଡ୍ର ସହ ୧୬ ପଏଣ୍ଟ ସହିତ ଶୀର୍ଷସ୍ଥାନ ଅଧିକାର କରିଛି।


ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ ପାଇଁ ମନୋନୀତ ଭାରତୀୟ ପୁରୁଷ ହକି ଦଳ।

**ଭାରତୀୟ ଦଳ**

**ଗୋଲକିପର:** ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ।
**ଡିଫେଣ୍ଡର:** ହରମନପ୍ରୀତ ସିଂ, ଜୁଗରାଜ ସିଂ, ସୁରେନ୍ଦର କୁମାର, ବରୁଣ କୁମାର, ଜରମନପ୍ରୀତ ସିଂ, ଅମିତ ରୋହିଦାସ।
**ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ (ଅଧିନାୟକ), ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ସୁମିତ, ସମସେର ସିଂ, ନୀଳକାନ୍ତ ଶର୍ମା, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ।
**ଫରୱାର୍ଡ:** ଗୁରଜାନ୍ତ ସିଂ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଶୀଳାନନ୍ଦ ଲାକ୍ରା, ସୁଖଜିତ ସିଂ, ଅଭିଷେକ, ଦିଲପ୍ରୀତ୍ ସିଂ।
**ଷ୍ଟାଣ୍ଡବାଇ:** ସୁରଜ କରକେରା, ମନଦୀପ ମୋର, ଦିପସାଦ ତିର୍କୀ, ନିଲମ ସଞ୍ଜୀପ ଖେସ୍, ଜସକରନ ସିଂ, ଆକାଶଦୀପ ସିଂ, ଆଶିଷ କୁମାର ଟପ୍ପୋ, ଗୁରସାହିବଜିତ ସିଂ, ମହମ୍ମଦ ରାହିଲ।

# ଫିଟ୍‌ନେସ୍ ଟେଷ୍ଟରେ ହାର୍ଦ୍ଦିକ ଉତ୍ତୀର୍ଣ୍ଣ

**ନୂଆଦିଲ୍ଲୀ, ୧୬।୩ (ପି.ଟି.):** ଟିମ୍ ଇଣ୍ଡିଆ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁଜରାଟ ଟାଇଟାନ୍ସ ଦଳର ନେତୃତ୍ୱ ନେବାକୁ କ୍ଲିୟରାନ୍ସ ପାଇଛନ୍ତି। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ସେ ୟୋ-ୟୋ ଫିଟ୍‌ନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନ୍‌ସିଏରେ ୨ ଦିନ ବିତାଇଥିବା ହାର୍ଦ୍ଦିକ ସଫଳତାର ସହ ଫିଟ୍‌ନେସ୍ ଟେଷ୍ଟ ଦେଇଥିଲେ। ଏନ୍‌ସିଏ ଟିମ୍ ହାର୍ଦ୍ଦିକଙ୍କୁ ବୋଲିଂ ପାଇଁ କହି ନ ଥିଲେ। ମାତ୍ର ଏହି ଅଲ୍‌ରାଉଣ୍ଡର ଦ୍ୱିତୀୟ ଦିବସରେ ୧୩୫ କିଲୋମିଟର ବେଗରେ ବୋଲିଂ କରି ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ଥିବା ସୂଚନା ଦେଇଛନ୍ତି। ତେବେ ଓପନର ପୃଥ୍ୱୀ ଶ' ୟୋ-ୟୋ ଟେଷ୍ଟରେ ବିଫଳ ହୋଇଛନ୍ତି। ୟୋ-ୟୋ ଟେଷ୍ଟ କ୍ୱାଲିଫିକେଶନ ପାଇଁ ୧୬.୫ ସ୍କୋରକୁ ମାନଦଣ୍ଡ ବିବେଚନା କରାଯାଉଥିବାବେଳେ ପୃଥ୍ୱୀ ୧୫ ତଳକୁ ସ୍କୋର କରିଥିଲେ। ହାର୍ଦ୍ଦିକ କିନ୍ତୁ ୧୭ ଉପରେ ନମ୍ବର ପାଇଥିଲେ।

# ଅଷ୍ଟ୍ରେଲିଆ-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ ଡ୍ର

**କରାଚୀ, ୧୬।୩:** ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଡ୍ର ରହିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସକୁ ୫୫୬/୯ରେ ଘୋଷଣା କରିଥିବାବେଳେ ପାକିସ୍ତାନ ପ୍ରଥମ ଇନିଂସରେ ମାତ୍ର ୧୪୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଫଲୋଅନ ନ ଡାକି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିଲା ଏବଂ ୯୭/୨ରେ ଇନିଂସ ଘୋଷଣା କରିଥିଲା। କଷ୍ଟସାଧ୍ୟ ୫୦୬ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ସାହସିକ ବ୍ୟାଟିଂ କରି ବୁଧବାର ୫ମ ତଥା ଅନ୍ତିମ ଦିବସ ଖେଳ ଶେଷ ବେଳକୁ ୭ ଉଇକେଟ ହରାଇ ୪୪୩ ରନ କରିଥିଲା। ଅଧିନାୟକ ବାବର ଆଜମ ୪୨୫ ବଲ୍‌ରୁ ୧୯୬ ରନର ମାରାଥନ ଇନିଂସ ଖେଳି ପାକିସ୍ତାନକୁ ପରାଜୟରୁ ରକ୍ଷା କରିଥିଲେ। ଶତକ ହାସଲକାରୀ ମହମ୍ମଦ ରିଜୱାନ ୧୦୪ ରନରେ ଅପରାଜିତ ରହିଥିବାବେଳେ ଅବଦୁଲା ଶାଫିକ୍ ୯୬ ରନ କରିଥିଲେ। ଅଷ୍ଟ୍ରେଲିଆ ସ୍ପିନର ନାଥାନ ଲିୟନ ଦିବସର ଶେଷ ଭାଗରେ ଆକର୍ଷଣୀୟ ବୋଲିଂ କରି ପାକିସ୍ତାନର ୩ ଉଇକେଟ ଅକ୍ତିଆର କରିବାରୁ ପାକିସ୍ତାନ ଏକଦା ୪୧୪ ରନରେ ୭ ଉଇକେଟ ହରାଇଥିଲା। ମାତ୍ର ରିଜୱାନଙ୍କ ସହ ନୌମନ ଅଲୀ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ମ୍ୟାଚ ଡ୍ର ରଖିଥିଲେ। ନୌମନ କୌଣସି ରନ କରି ନ ଥିଲେ ହେଁ ପାଖାପାଖି ୮ ଓଭର କ୍ରିଜରେ ରହି ୧୮ଟି ବଲ୍‌ର ସାମ୍ନା କରିଥିଲେ। ବାବର ଆଜମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ସେମିରେ ଜୁଭେନାଇଲ



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ସାଇଦୀପ ମହାପାତ୍ର (ବାମ)।

**ଭୁବନେଶ୍ୱର, ୧୬।୩ (କ୍ରୀଡ଼ା ପ୍ରତିନିଧି)**

ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଟୁଇନ୍ ସିଟି ୨୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ଜୁଭେନାଇଲ କ୍ରିକେଟ ଏକାଡେମୀ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଜୁଭେନାଇଲ ୧ ଉଇକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାମେଶ୍ୱର ୨୯.୪ ଓଭରରେ ୧୩୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ତନୟ କୁମାର ବିଶ୍ୱାଳ ସର୍ବାଧିକ ୪୬ ରନ କରିଥିଲେ। ବିପକ୍ଷ ଦଳର ସାଇଦୀପ ମହାପାତ୍ର ୩ଟି ଉଇକେଟ ନେଇଥିଲେ। ୧୩୫ ରନ ବିଜୟ ଲକ୍ଷ୍ୟକୁ ଜୁଭେନାଇଲ ୨୮.୫ ଓଭରରେ ୯ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଶାଶ୍ୱତ ମହାନ୍ତି ସର୍ବାଧିକ ୩୨ ରନ କରିଥିଲେ। ରାମେଶ୍ୱର ଦଳର ଶୁଭ୍ରକାନ୍ତ ପରିଡ଼ା ୩ଟି ଉଇକେଟ ନେଇଥିଲେ। ସାଇଦୀପ ମହାପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ରଣଜୀ ଖେଳାଳି ତଥା ବର୍ତ୍ତମାନ ରାଜ୍ୟ ସିନିୟର ଦଳର ବୋଲିଂ କୋଚ୍ ସଞ୍ଜୟ ଶତପଥୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସନ୍ତୋଷ ପଟ୍ଟନାୟକ ଓ ଦୀପକ ମଲିକ ଖେଳ ପରିଚାଳନା କରିଥିଲେ। ସୌରଭ ବିଶ୍ୱାସ ସ୍କୋରର ଥିଲେ।

# ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ



ପୂର୍ଣ୍ଣିମା କୁଜୁର ଓ ସୁଭଦ୍ରା ସାହୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୬।୩ (କ୍ରୀଡ଼ା ପ୍ରତିନିଧି)**

ସିଟି କ୍ଲବ ଏବଂ କିଟ୍‌ର ମିଳିତ ଆନୁକୂଲ୍ୟରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀତା ଫୁଟବଲ ଏକାଡେମୀ ବିଜୟୀ ହୋଇଥିବାବେଳେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଓ ବିଡ଼ାନାସୀ କ୍ଲବ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଦିବସର ପ୍ରଥମ ମ୍ୟାଚରେ ନୀତା ଏକାଡେମୀ ୩-୧ ଗୋଲରେ ଦେବଗଡ଼ର ମନୋରମା କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ବି. ଦାସ ୩୧, ଏଲ. ମଙ୍ଗରାଜ ୪୨ ଓ

## ନନ୍ଦ କିଶୋର ସ୍ମାରକୀ ମହିଳା ଫୁଟ୍‌ବଲ

ଟି. ଖାତୁନ ୬୪ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମନୋରମା କ୍ଲବର କେ. ମୁଣ୍ଡା ୨୧ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିଡ଼ାନାସୀ କ୍ଲବ ପକ୍ଷରୁ ଏ.କେ. କୁମାରୀ ୪୧ ଓ ୟୁନିଟ-୬ ପକ୍ଷରୁ କେ. କିସ୍‌ପୋଟା ୬୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମନୋରମା କ୍ଲବର ପୂର୍ଣ୍ଣିମା କୁଜୁର ଓ ୟୁନିଟ-୬ ଦଳର ଶୁଭଦ୍ରା ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜ୍ୟର ପ୍ରତିଷ୍ଠିତ ଦୁଇ ମହିଳା ଫୁଟବଲ ଖେଳାଳି ସୁଦୀପ୍ତା ଦାଶ ଓ ଗୀତାଞ୍ଜଳି ସାମନ୍ତରାୟ ଏବଂ ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବିଳାସ ରାଉତରାୟ ସ୍ମାରକୀ ଫୁଟ୍‌ବଲ ଆରମ୍ଭ

**ଭୁବନେଶ୍ୱର, ୧୬।୩ (କ୍ରୀଡ଼ା ପ୍ରତିନିଧି):** ପୋଖରୀପୁଟ ଖେଳ ପଡ଼ିଆରେ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୩ଟି ମ୍ୟାଚ ଯଦୁପୁର-ୟୁନିଟ ୯, ଶିବଶକ୍ତି-ନୟାପଲ୍ଲୀ ଏଫ୍‌ସି ଓ ଯଦୁପୁର-ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଛି। ପ୍ରଦର୍ଶନ ଭିତ୍ତିରେ ଶିବଶକ୍ତି ଓ ଯଦୁପୁର ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଧରମାନନ୍ଦ ଜେନା, ଚତୁର୍ଭୁଜ ଜେନା, ସୁଧୀର ସାମନ୍ତରାୟ, ସୁରେନ୍ଦ୍ର ଜେନା, ଚିତ୍ତରଞ୍ଜନ ବିଶ୍ୱାଳ, ମାନ ବିଶ୍ୱାଳ, ତୋଫାନ ସାମନ୍ତରାୟ, କୃଷ୍ଣ ସାମନ୍ତରାୟ, ବସନ୍ତ ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ଉତ୍ତର କୋରିଆ ସ୍ଥାନରେ ଚାଇନା

**କୁଆଲାଲମ୍ପୁର, ୧୬।୩ (ପି.ଟି.):** ଭାରତରେ ଆସନ୍ତା ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ଚାଇନା ଖେଳିବ। ଟୁର୍ନାମେଣ୍ଟରୁ ଉତ୍ତର କୋରିଆ ଓହରି ଯିବାରୁ ଚାଇନାକୁ ବଦଳ ଦଳଭାବେ ସାମିଲ କରାଯାଇଛି। ଗତବର୍ଷ ଅକ୍ଟୋବର ୧୪ରେ ଅନୁଷ୍ଠିତ ଏଏଫ୍‌ସିର ମହିଳା ଫୁଟବଲ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ ଫିଫା ପ୍ରତିଯୋଗିତାରୁ ଯଦି କୌଣସି ଦଳ ଓହରିଯିବ ତେବେ ସେହି ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରୁ ପରବର୍ତ୍ତୀ ଉଚ୍ଚର୍‌ୟାଙ୍କ୍‌ପ୍ରାପ୍ତ ଦଳକୁ ସୁଯୋଗ ପ୍ରଦାନ କରାଯିବ।

# ଆଇଏସ୍‌ଏଲ୍ ଫାଇନାଲରେ ହାଇଦ୍ରାବାଦ-କେରଳ

**ବୋମ୍ବାଲିମ୍, ୧୬।୩**

ହାଇଦ୍ରାବାଦ ଏଫ୍‌ସି ପ୍ରଥମଥର ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଏହି ଦଳ କେରଳ ବ୍ଲାଷ୍ଟର୍ସକୁ ୨୦ ତାରିଖରେ ଭେଟିବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଚରଣ ମ୍ୟାଚ୍‌ରେ ହାଇଦ୍ରାବାଦ ୦-୧ ଗୋଲରେ ଏଟିକେ ମୋହନବାଗାନଠାରୁ ହାରିଥିଲା। ତେବେ ପ୍ରଥମ ଚରଣରେ ୩-୧ ଗୋଲରେ ବିଜୟୀ ହୋଇଥିବାରୁ ଦୁଇ ମ୍ୟାଚ୍‌ରେ ୩-୨ ଏଗ୍ରିଗେଟ୍‌ରେ ଫାଇନାଲରେ ପହଞ୍ଚିଛି।

# ଇଂଲଣ୍ଡଠାରୁ ହାରିଲା ଭାରତ

**ମାଉଣ୍ଟ ମଙ୍ଗାନୁଇ, ୧୬।୩**

ପ୍ରଦର୍ଶନରେ ସ୍ଥିରତା ରକ୍ଷାକରି ନ ପାରି ଭାରତ ଆଇସିସି ଦିନିକିଆ ମହିଳା କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ମ୍ୟାଚରେ ଇଂଲଣ୍ଡଠାରୁ ୪ ଉଇକେଟରେ ହାରି ଯାଇଛି। ଭାରତ ପ୍ରଥମେ ବ୍ୟାଟିଂ କରି ୩୬.୨ ଓଭରରେ ୧୩୪ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଇଂଲଣ୍ଡ ୩୧.୨ ଓଭରରେ ୬ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରି ନେଇଥିଲା।

## ମହିଳା କ୍ରିକେଟ ବିଶ୍ୱକପ୍

ଆକର୍ଷଣୀୟ ବୋଲିଂ ଯୋଗୁ ଇଂଲଣ୍ଡର ଚାର୍ଲି ଡିନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ଝୁଲଣଙ୍କ ୨୫୦ ଉଇକେଟ**

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଭାରତର ବଡ଼ ସ୍କୋର ପଥରେ ଅନ୍ତରାୟ ସାଜିଥିଲା। ସ୍ମୃତି ମନ୍ଧାନା ୫୮ ବଲରୁ ଧୈର୍ଯ୍ୟପୂର୍ଣ୍ଣ ୩୫ ରନର ଇନିଂସ ଖେଳିଥିଲେ ହେଁ ୟସ୍ତିକା ଭାଟିଆ ୮, ଅଧିନାୟିକା ମିଥାଲି ରାଜ ୧, ଦୀପ୍ତି ଶର୍ମା ୦, ହରମନପ୍ରୀତ କୌର ୧୪, ସ୍ନେହ ରାଣା ୦ ଓ ପୂଜା ବସ୍ତ୍ରକାର ୬ ରନରେ ଆଉଟ ହେବାରୁ ୮୬ ରନ ମଧ୍ୟରେ ଦଳ ୭ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଉଇକେଟ କିପର ରିଚା ଘୋଷ ୩୩ ଓ ଝୁଲଣ ଗୋସ୍ୱାମୀ ୨୦ ରନ କରିବାରୁ ଦଳ ୧୩୪ ରନର ସମ୍ମାନଜନକ ସ୍କୋର କରି ପାରିଥିଲା। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଚାର୍ଲି ଡିନ୍ ୪ଟି, ଆନ୍ୟା ଶ୍ରୁବସୋଲେ ୨ଟି ଏବଂ ସୋଫିଆ ଏକ୍‌ଲେଷ୍ଟାନ ଓ କେଟ୍ କ୍ରସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟାର୍ଗେଟ ବଡ଼ ନ ଥିଲେ ହେଁ ଇଂଲଣ୍ଡ ମାତ୍ର ୪ ରନରେ ଦୁଇ ଓପନରଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ମାତ୍ର ଅଧିନାୟିକା ହିଥର ନାଇଟ ୫୩ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ନାଟ୍ ସ୍କିଭର ୪୫ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ମେଘନା ସିଂ ୩ଟି ଏବଂ ଝୁଲଣ ଗୋସ୍ୱାମୀ, ରାଜେଶ୍ୱରୀ ଗାଏକ୍ୱାଡ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିଶ୍ୱକପରେ ସର୍ବାଧିକ ଉଇକେଟ ହାସଲକାରୀ ଝୁଲଣ ଏଥିସହ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୨୫୦ ଉଇକେଟ ପୂରଣ କରିଥିଲେ। ଭାରତ ୪ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୮ ଓ ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।



ଉଇକେଟ ନେବା ପରେ ଚାର୍ଲି ଡିନ୍‌ଙ୍କ ପ୍ରତିକ୍ରିୟା।

# ଚେନ୍ନାଇରେ ଚେସ୍ ଅଲିମ୍ପିଆଡ୍

**ଚେନ୍ନାଇ, ୧୬।୩ (ପି.ଟି.)**

ଚେସ୍ ଅଲିମ୍ପିଆଡ୍‌ର ୪୪ତମ ସଂସ୍କରଣ ଚେନ୍ନାଇରେ ଚଳିତ ବର୍ଷ ଶେଷଭାଗରେ ଅନୁଷ୍ଠିତ ହେବ। ପ୍ରକୃତରେ ଏହି ପ୍ରତିଯୋଗିତା ରୁଷିଆରେ ହେବାର ଥିଲା। ମାତ୍ର ୟୁକ୍ରେନ ଉପରେ ଆକ୍ରମଣ ଯୋଗୁ ରୁଷିଆରେ ହେବାକୁଥିବା

## ଭାରତରେ ଦ୍ୱିତୀୟ ବୃହତ୍ ବିଶ୍ୱସ୍ତରୀୟ ଚେସ୍ ଇଭେଣ୍ଟ



ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି। ୨୦୧୩ରେ ବିଶ୍ୱ ଚାମ୍ପିୟନଶିପ୍ ମ୍ୟାଚ ପରେ ଭାରତରେ ଏହା ହେବ ଦ୍ୱିତୀୟ ବୃହତ୍ ବିଶ୍ୱସ୍ତରୀୟ ଚେସ୍ ଇଭେଣ୍ଟ। ଚେନ୍ନାଇରେ ଏହି ଟୁର୍ନାମେଣ୍ଟ ହେବ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ମଙ୍ଗଳବାର ରାତିରେ ନିଜ ଟୁଇଟର ପେଜ୍‌ରେ ସୂଚନା ଦେଇଛନ୍ତି। "ଭାରତର ଚେସ୍ ରାଜଧାନୀରେ ୪୪ତମ ଚେସ୍ ଅଲିମ୍ପିଆଡ୍ ଆୟୋଜନ ଅଧିକାର ପାଇଥିବାରୁ ଆନନ୍ଦିତ। ତାମିଲନାଡୁ ପାଇଁ ଏହା ଗର୍ବର ମୁହୂର୍ତ୍ତ। ବିଶ୍ୱର ସମସ୍ତ କିଙ୍ଗ୍ ଓ କୁଇନ୍‌ଙ୍କୁ ଚେନ୍ନାଇକୁ ଭବ୍ୟ ସ୍ୱାଗତ" ବୋଲି ସେ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଏହା ଏବେ ଅଫିସିଆଲ୍, ଭାରତ ୪୪ତମ ବିଶ୍ୱ ଚେସ୍ ଅଲିମ୍ପିଆଡ ଆୟୋଜନ କରିବ ବୋଲି ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ପକ୍ଷରୁ ଏହାର ଟୁଇଟର ହ୍ୟାଣ୍ଡେଲରେ ଉଲ୍ଲେଖ କରାଯାଇଛି। ଏହି ଟୁର୍ନାମେଣ୍ଟ ପାଇଁ ଏଆଇସିଏଫ୍ ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା ଫିଡେ ନିକଟରେ ୧୦ ମିଲିଅନ ଆମେରିକୀୟ ଡଲାର (ପାଖାପାଖି ୭୦ କୋଟି ଟଙ୍କା) ଗ୍ୟାରେଣ୍ଟି ସଦୃଶ ଦାଖଲ କରିଛି। ଚେସ୍ ଅଲିମ୍ପିଆଡ୍ ଏକ ବହୁଦଳୀୟ ପ୍ରତିଯୋଗିତା। ଏଥିରେ ୧୯୦ଟି ଦେଶରୁ ପ୍ରତିଯୋଗୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨ ସପ୍ତାହ ବିଶିଷ୍ଟ ଏହି ପ୍ରତିଯୋଗିତା ଜୁଲାଇ ୨୬ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ମସ୍କୋରେ ହେବାର ଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଯାଁଳା,୧୬।୩(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମରେ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଦେବଗଡ଼ ଜିଲା ପାଲଲହଡା ଥାନା ଅନ୍ତର୍ଗତ ଗୁଳାବନ୍ଧ ଗ୍ରାମର ଅକ୍ଷୟ ନାୟକ(୩୦)। ସେ କିଛିମାସ ହେବ ମୁଣ୍ଡମୁହାଣର ରଘୁନାଥ ସାହିରେ ଭଡ଼ାଘରେ ରହୁଥିଲେ। ଖବର ଅନୁଯାୟୀ, ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମରେ ଅକ୍ଷୟ ପରିବାର ସହ ରହୁଥିଲେ। ବୁଧବାର ସକାଳ ୧୦ଟାରେ କୌଣସି କାରଣରୁ ପରିବାର ସହ ଝଗଡ଼ା ହୋଇଥିଲା। ଏଥିରେ ଅକ୍ଷୟ ରାଗିଯାଇ ଘର ଭିତରେ ପଶି ଭିତରୁ କବାଟ ବନ୍ଦ କରି ଦେଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅକ୍ଷୟ ଉକ୍ତ ଘରୁ ନ ବାହାରିବାରୁ ତାଙ୍କ ସ୍ତ୍ରୀ ସନ୍ଦେହ କରି ପଡ଼ୋଶୀଙ୍କୁ ଡାକିଥିଲେ। ସେମାନେ ଆସି ଦେଖିବା ବେଳକୁ ଅକ୍ଷୟ ଏକ ଲୁଗା ଦ୍ୱାରା ବେକରେ ବାନ୍ଧି ହୋଇ ଝୁଲୁଥିଲେ। ଖବରପାଇ ଘଟଣାସ୍ଥଳରେ ଯାଁଳା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ଭୁବନେଶ୍ୱର ଏକ ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି।

### ୨ ବ୍ୟାଟେରି ଚୋର ଗିରଫ

**ଯାଁଳା,୧୬।୩(ଡି.ଏନ୍.ଏ.):** ଇନ୍ଫୋଭ୍ୟାଲି ଥାନା ପୋଲିସ ବୁଧବାର ଦୁଇଜଣ ବ୍ୟାଟେରି ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗଙ୍ଗପଡା ଗ୍ରାମର ସାଗର ସାମଲ ଓରଫ କୁନା (୨୩) ଓ ପ୍ରଦୀପ ଉଦଣ୍ଡରାୟ ଓରଫ କୁଲୁ (୨୬)। ସେମାନଙ୍କ ନିକଟରୁ ଦୁଇଟି ଏକ୍‌ସାଇଡ ବଡ ବ୍ୟାଟେରିକୁ ପୋଲିସ ଜବତ କରିଛି। ମିଳିଥିବା ସୂଚନା ଅନୁସାରେ ଗଙ୍ଗପଡା ଛକ ନିକଟରେ ଏକ ଗାଡ଼ି କମ୍ପାନୀର ସର୍ଭିସ କେନ୍ଦ୍ର ଅଛି। ସାଗର ଓ ପ୍ରଦୀପ ଉକ୍ତ ଗାଡି ସର୍ଭିସ କେନ୍ଦ୍ରରୁ ବ୍ୟାଟେରି ଚୋରି କରିଥିଲେ। ହେଲେ କେନ୍ଦ୍ରର ସିସିଟିଭି କ୍ୟାମେରାରେ ସେମାନଙ୍କ ଚୋରିବେଳର ଦୃଶ୍ୟ ରହିଥିଲା। ଏନେଇ କମ୍ପାନୀ ପକ୍ଷରୁ ଇନ୍ଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଦୁଇ ଚୋରଙ୍କୁ ସେମାନଙ୍କ ଗ୍ରାମରେ ଚଢ଼ାଉ କରି ଗିରଫ କରିଥିଲେ।

### ୮ ଶାଗୁଆନ କାଠ ଜବତ

**ବୋଲଗଡ,୧୬।୩(ଡି.ଏନ୍.ଏ.):** ଖୋର୍ଦ୍ଧା ବନଖଣ୍ଡ ବୋଲଗଡ଼ ବନପାଳ ଅଧୀନ ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ମଧରାତ୍ରିରେ ବେଆଇନ ଭାବେ ଶାଗୁଆନ କାଠ କଟାଯାଉଥିଲା। ବିଶେଷ ସୂତ୍ରରୁ ଖବରପାଇ ବୋଲଗଡ଼ ବନ ବିଭାଗର କର୍ମଚାରୀମାନେ ସେଠାରେ ଚଢ଼ାଉ କରି ପ୍ରାୟ ୮ଖଣ୍ଡ କାଠକୁ ଜବତ କରିଛନ୍ତି। ତେବେ କୌଣସି ସୂତ୍ରରୁ ପୋଲିସ ଆସୁଥିବା ଜାଣି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ଏ ସମ୍ପର୍କରେ କାହାକୁ ଗିରଫ କରାଯାଇ ନାହିଁ। ସୂଚନା ଅନୁଯାୟୀ, ବୋଲଗଡ ବନପାଳ ଅଧୀନ ପାଞ୍ଚଗଡ ସଂରକ୍ଷିତ ଜଙ୍ଗଲ ନିକଟ କୁଶୁପଲ୍ଲା ବନ୍ଧ ନିକଟରେ ଶାଗୁଆନ ଗଣ୍ଡି କଟାଯାଉଥିଲା। ଖବରପାଇ ବୋଲଗଡ଼ ବନପାଳ ପ୍ରଦୀପ ପଟ୍ଟନାୟକ ଟିମ୍ ସହ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ସେଠାରେ ୮ ଖଣ୍ଡ ଶାଗୁଆନ କାଠଗଣ୍ଡି ଜବତ କରିଥିଲେ, ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନପାଳ ପ୍ରକାଶ କରିଛନ୍ତି।

# ପ୍ରଥମ ଦିନରେ ୧୭୯ଜଣ ନେଲେ ଟିକା

**ଖୋର୍ଦ୍ଧା ଅଫିସ,୧୬।୩**



ଖୋର୍ଦ୍ଧାସ୍ଥିତ ସରକାରୀ ବାଳିକା ହାଇସ୍କୁଲରେ ଜଣେ ଛାତ୍ରୀଙ୍କୁ ଟିକା ଦିଆଯାଉଛି।

ରାଜ୍ୟରେ ବୁଧବାରଠାରୁ ୧୨ରୁ ୧୪ବର୍ଷ ବୟସର ପିଲାଙ୍କ କୋଭିଡ୍ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଖୋର୍ଦ୍ଧା ଜିଲାର ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ଏବଂ ବାଲକାଟୀ ହାଇସ୍କୁଲର ୨ଟି ସ୍ଥାନରେ ଏହି ଟିକାକରଣ ଆରମ୍ଭ ହୋଇଛି। ସରକାରୀ ବାଳିକା ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ଟିକାକରଣ କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା.ଆର୍ତ୍ତବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ସରକାରୀ ବାଳିକା ହାଇସ୍କୁଲରେ ୯୯ ଏବଂ ବାଲକାଟୀ ହାଇସ୍କୁଲରେ ୮୦ ମୋଟ ୧୭୯ଜଣ ଛାତ୍ରୀଛାତ୍ର ଟିକା ନେଇଥିବା ସୂଚନା ମିଳିଛି।

ଏ ନେଇ ସିଡିଏମ୍‌ଓ ନାୟକ କହିଛନ୍ତି, ଖୋର୍ଦ୍ଧା ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୮୪ଶହ ଟିକା ଆସିଛି। ଜିଲାରେ ୩୮,୯୬୪ ଜଣ ପିଲାଙ୍କୁ ଟିକାକରଣ କରାଯିବ। ଏହି ଟିକାକରଣ ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ

**■ ୧୨ରୁ ୧୪ ବର୍ଷର ଟିକାକରଣ ଆରମ୍ଭ**

**■ ଜିଲାରେ ନେବେ ୩୮,୯୬୪ ପିଲା**

ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ଦିଆଯିବ। ୨୦୦୮ ଜାନୁୟାରୀ ପହିଲାରୁ ୨୦୧୦ ମାର୍ଚ୍ଚ ୧ ପୂର୍ବରୁ ଜନ୍ମିତ ପିଲାମାନେ ଏହି ଟିକା ନେବେ। ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ପିଲାମାନେ ସେମାନଙ୍କ ସ୍କୁଲ ପରିଚୟ ପତ୍ର ଦେଖାଇ ଟିକା ନେଇପାରିବେ। ଏଥିଲାଗି ସେଠାରେ ହିଁ ପଞ୍ଜୀକରଣ କରାଯାଇ ଟିକା ଦିଆଯିବ। ୨୮ ଦିନର ବ୍ୟବଧାନରେ ୨ଟି ଡୋଜ ଟିକା ଦିଆଯିବ। ହାଇଦ୍ରାବାଦ କମ୍ପାନୀ ବାୟୋଲୋଜିକାଲ ଇ. ଲିମିଟେଡ ଦ୍ୱାରା ପ୍ରସ୍ତୁତ କୋର୍ବେଭାକ୍ସ ଟିକା ପିଲାଙ୍କୁ ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସ୍କୁଲ ଡ୍ରପଆଉଟ ପିଲା, ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲାଙ୍କୁ ମଧ୍ୟ ଏହି ଟିକା ଦିଆଯିବା ନେଇ ଯୋଜନା କରାଯିବ। ଏଡିଏମ୍‌ଓ(ପରିବାର କଲ୍ୟାଣ) ଡା.ରଘୁନାଥ ନାୟକ, ଡିପିଏମ୍ ପ୍ରକାଶ ବାନାର୍ଜୀ, ଡିପିଏଚ୍‌ଓ ପ୍ରସନ୍ନ ମହାପାତ୍ର, କୋଭିଡ ସେଲ୍ କୋଅର୍ଡିନେଟର ପ୍ରଦ୍ୟୁମ୍ନ ମିଶ୍ର, ଡିଭିଏଲ୍‌ଏମ୍ ଯଶୋଦାରାଣୀ ବେହେରା, ଏଲ୍‌ସିଏ ଦେବସ୍ମିତା ସାହୁ, ଏଲଏଚଭି ସରୋଜିନୀ ମିଶ୍ର, ଡିଏମ୍‌ଆର୍‌ସିଏଚ୍ ମିନାକ୍ଷୀ ବରାଳ, ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ କମଳା ରାଣୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ଏମାନେ ଯାହା କୁହନ୍ତି...



"ରାଜ୍ୟରେ କୋଭିଡ୍ ଯୋଗୁ ସ୍କୁଲ ବନ୍ଦ ରହିଥିଲା। ସ୍କୁଲ ଖୋଲିବା ପରେ ମଧ କରୋନା ଭୟ ରହିଛି। ତେବେ ୧୨ରୁ ୧୪ବର୍ଷ ପିଲାଙ୍କୁ ଟିକା ଦିଆଯିବ ଶୁଣିବା ପରେ ଖୁସି ଲାଗିଥିଲା। ଆଜି ପ୍ରଥମ ଟିକା ନେଇ ମୁଁ ଆନନ୍ଦିତ। ସମସ୍ତେ ଟିକା ନେବାକୁ କହିବି।

**- ବର୍ଷାରାଣୀ ଦାସ, ବାଳିକା ହାଇସ୍କୁଲ**



"ଟିକା ନେବାକୁ ମନରେ ଭୟ ରହିଥିଲା। ସାର, ମ୍ୟାଡାମ ବୁଝାଇଲେ, ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଟିକା ନେବା ପରେ ଜଣାପଡ଼ିଲାନି ଏଣିକି ଆଉ କରୋନାର ଭୟ ନାହିଁ।

**- ସାଇ ଅପର୍ଣ୍ଣା ସାହୁ, କାରମେଲ ପବ୍ଲିକ ସ୍କୁଲ**



"ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ୧୫ରୁ ୧୮ବର୍ଷର ସମସ୍ତ ପିଲାଙ୍କୁ ଟିକାକରଣ କରାଯାଇଛି। ଏବେ ୧୨ରୁ ୧୪ବର୍ଷ ପିଲାଙ୍କୁ ଟିକାକରଣ ଆରମ୍ଭ ହୋଇଛି। କୋଭିଡକୁ ନେଇ ପିଲାଙ୍କ ମଧ୍ୟରେ ରହିଥିବା ଭୟ ଟିକା ନେବା ପରେ ଦୂର ହୋଇଛି। ଏଣିକି ପିଲାମାନେ ନିର୍ଭୟରେ ସ୍କୁଲ ଆସି ପାଠପଢ଼ିବେ।

**-କମଳାରାଣୀ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷୟିତ୍ରୀ, ବାଳିକା ହାଇସ୍କୁଲ**

## 'ସାହିତ୍ୟ ଏକ ଭିଜା ମାଟିର ବାସ୍ନା'

**କୃଷ୍ଣପ୍ରସାଦ,୧୬।୩(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳ ଗ୍ରାମରେ ମାନସିଂହ ସାହିତ୍ୟ ସଂସଦର ପଞ୍ଚଦଶ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆସରରେ ମୁଖ୍ୟ ଅତିଥିଭାବେ ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଯୋଗଦେଇ ସାହିତ୍ୟକୁ ଭିଜା ମାଟିର ବାସ୍ନା କହିବା ସହ ଅନ୍ୟାନ୍ୟ ଦିଗ ଉପରେ ଆଲୋକପାତ କରିଥିଲେ। ଦାରିଙ୍ଗିବାଡ଼ି ବିଡିଓ ଗଦାଧର ପାତ୍ର ଆସରକୁ ଉଦ୍‌ଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କୁକୁଡାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା, ଅନୁଷ୍ଠାନ ସଭାପତି ବିଷ୍ଣୁ ପ୍ରସାଦ ଦଳେଇ, ଉପଦେଷ୍ଟା ପ୍ରେମାନନ୍ଦ ବେହେରା, ବନ ବିହାରୀ ପଟ୍ଟନାୟକ, ସମ୍ପାଦକ ଲଳିତ କୁମାର ସ୍ୱାଇଁ, ସଂଯୋଜକ ବିଦ୍ୟାଧର ଦଳବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗତ୍‌ସିଂହପୁର ସୁସାହିତ୍ୟିକ ସିକ୍ତା ଶୁଭଦର୍ଶିନୀ ନାୟକଙ୍କ ବଳିଷ୍ଠ ସଂଯୋଜନାରେ ୩୫ରୁ ଊର୍ଦ୍ଧ୍ୱ କବୟିତ୍ରୀ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ଖରା ସତ୍ତ୍ୱେ ଚାଷୀଙ୍କ ଅନଶନ ଜାରି



ଲାପ୍‌ସ ଟୋକନ ନବୀକରଣ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦ୍ୱିତୀୟ ଦିନରେ ଧାରଣା ଜାରି ରହିଛି।

**ଖୋର୍ଦ୍ଧା ଅଫିସ,୧୬।୩**

ଲାପ୍‌ସ କରିଯାଇଥିବା ଟୋକନ ଅବଧି ବୃଦ୍ଧି ସହ ଚାଷୀଙ୍କ ଧାନ ଉଠାଇବା ଦାବିରେ ଖୋର୍ଦ୍ଧା ଜିଲା ନବ ନିର୍ମାଣ କୃଷକ ସଙ୍ଗଠନର ଏକାଧିକ ଚାଷୀ ଟ୍ରାକ୍ଟରରେ ଧାନବସ୍ତା ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ଅନଶନରେ ବସିଛନ୍ତି। ବୁଧବାର ଖରା ଥିବା ସତ୍ତ୍ୱେ ଚାଷୀମାନେ ଧାରଣାସ୍ଥଳରେ ବସି ରହିଛନ୍ତି। ଧାନକିଣାରେ ଅବ୍ୟବସ୍ଥା ନେଇ ଜିଲା ପ୍ରଶାସନ ଓ ଯୋଗାଣ ବିଭାଗର ଅପାରଗତାକୁ ଦାୟୀ କରିଛନ୍ତି। ଜିଲା ପ୍ରଶାସନର ଦାୟିତ୍ୱହୀନତା, ଅବହେଳା ଯୋଗୁ ଚାଷୀ ଏବେ ରାଜରାସ୍ତାରେ ବସିବାକୁ ବାଧ ହୋଇଛି ବୋଲି ନବ ନିମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା କହିଛନ୍ତି। ବହୁ କଷ୍ଟରେ ଖରିଫ ଫସଲ କରିଥିବା ଚାଷୀ ଏବେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ପ୍ରଶାସନ ଚାଷୀଙ୍କ ସମସ୍ୟା ବୁଝିବା ବଦଳରେ ଚାଷୀଙ୍କ ପ୍ରତି ଅଶାଳୀନ ବ୍ୟବହାର କରୁଛନ୍ତି

**■ ଲାପ୍‌ସ ଟୋକନ ନବୀକରଣ ଦାବି**

**■ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲିବ**

ବୋଲି ସଂଘ ଅଭିଯୋଗ କରିଛି।

ଚାଷୀଙ୍କ ଧାନ କିଣାଯିବା ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସଙ୍ଗଠନର ଜିଲା ସଂଯୋଜକ ସୁରେଶ ମାନସିଂ କହିଛନ୍ତି। ଜିଲାରେ ଧାନକିଣାରେ ଅବ୍ୟବସ୍ଥା ନେଇ ବାରମ୍ବାର ଜିଲା ପ୍ରଶାସନ, ଯୋଗାଣ ବିଭାଗ ନିକଟରେ ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଚାଷୀ ୪୮ ଘଣ୍ଟା ଧରି ଅନଶନର ବସିଛନ୍ତି, ପ୍ରଶାସିନକ ଅଧିକାରୀମାନେ ଏହି ରାସ୍ତା ଦେଇ କାର୍ଯ୍ୟାଳୟକୁ ଯାଉଥିବାବେଳେ ଚାଷୀଙ୍କ ସହ ଆଲୋଚନା ଲାଗି ଆସୁନାହାନ୍ତି। ଜିଲାରେ ଧାନମଣ୍ଡି ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ନାନା ଅବ୍ୟବସ୍ଥାରେ ମଣ୍ଡି ଚାଲିଛି। ତଥାପି ଚାଷୀ ଏହାକୁ ସହ୍ୟ କରି ଧାନବିକ୍ରି ଲାଗି ମଣ୍ଡିରେ ଧାନବସ୍ତା ଧରି ଜଗି ବସିଛନ୍ତି। ଟୋକନ ଲାପ୍‌ସ କରିଯାଇଥିବା କହି ଧାନକିଣାଯାଉ ନାହିଁ। ଜାନୁୟାରୀ ଓ ଫେବୃୟାରୀ ମିଳିଥିବା ଟୋକେନ ଅବଧି ସମୟରେ ଟାର୍ଗେଟ ନ ଥିବା କହି ଚାଷୀଙ୍କୁ ଫେରାଇଲେ।

ଜିଲାରେ ୪୬ହଜାର ଚାଷୀ ପଞ୍ଜିକୃତ କରିଥିବା ବେଳେ ବୁଧବାର ସୁଦ୍ଧା ମାତ୍ର ୩୨ହଜାର ଚାଷୀଙ୍କଠାରୁ ପ୍ରାୟ ୧୨ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଛି। ଆହୁରି ୧୪ହଜାର ଚାଷୀ ୬ଲକ୍ଷ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଟୋକନ ଲାପ୍‌ସ କରିଯାଇଥିବା ଚାଷୀଙ୍କ ଧାନକିଣାଯିବା ନେଇ ତୁରନ୍ତ ପ୍ରଶାସନ ସ୍ତରରେ କୌଣସି ବ୍ୟବସ୍ଥା କରା ନ ଗଲେ, ଗୁରୁବାରଠାରୁ ଚାଷୀ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଦିଲ୍ଲୀ ପରେ ଖୋର୍ଦ୍ଧା ଚାଷୀ ନିଜ ହକ୍ ପାଇଁ ଲଢେଇ କରିବେ ବୋଲି ଗଣମାଧ୍ୟମ ଆଗରେ ସଂଘ ପକ୍ଷରୁ କୁହାଯାଇଛି।

## ପାରମ୍ପରିକ ନୃତ୍ୟ, ସଙ୍ଗୀତ ସହ ପାଳନ ହେବ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ସହ ଆସନ୍ତା ଏପ୍ରିଲ ୧ରେ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯିବ। ଏନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ଦିବସ ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ ହୋଇଥିବାରୁ ଜିଲା, ଉପଖଣ୍ଡ ଓ ରାଜ୍ୟସ୍ତରରେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିସହ ଚଳିତବର୍ଷ ଉତ୍ସବରେ ଭାରତର ବରପୁତ୍ରଙ୍କ ଦ୍ୱାରା ରଚିତ କେତେକ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଶୀ, ସମ୍ବଲପୁରୀ, ଗୋଟିପୁଅ ଭଳି ନୃତ୍ୟ ପରିବେଷଣ କରାଯିବ। ଉତ୍ସବ ପରିପ୍ରେକ୍ଷୀରେ ସମସ୍ତ ସରକାରୀ, ବେସରକାରୀ କୋଠାକୁ ଆଲୋକସଜ୍ଜା ନିମନ୍ତେ ଯୋଗାଯୋଗ କରିବାକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ଅତିଥିଙ୍କ ଦ୍ୱାରା ଚିକିତ୍ସା ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଜ୍ୟସ୍ତରର ୧୦ଜଣ ଡାକ୍ତର ଓ ପାରାମେଡିକ୍‌ଙ୍କୁ ସମ୍ମାନିତ କରାଯିବା ସହ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁ ସେଠୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ସୁଶ୍ରୀ ସି.ଟି.ଏମ୍. ସୁଗୁଣା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ର ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ ଦାସ, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ପ୍ରକୃତିର ଉପାସନା ଦ୍ୱାରା ସମାଜ ସୁରକ୍ଷା ସମ୍ଭବ'

**ବୋଲଗଡ଼,୧୬।୩(ଡି.ଏନ୍.ଏ.)**

ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ବିଜ୍ଞାନ ସଂସଦ ପକ୍ଷରୁ ପ୍ରକୃତି ଓ ପ୍ରାକୃତିକ ସନ୍ତୁଳନ ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ଆଶିଷ ମହାନ୍ତି ଯୋଗଦେଇ ମନୁଷ୍ୟ ପ୍ରକୃତିର ସୁବିନିଯୋଗ ଫଳରେ ବିଶ୍ୱ ପରିବେଶ ସୁରକ୍ଷା ସହ ମାନବ ସମାଜ ସୁରକ୍ଷିତ ରହିବ ବୋଲି ମତ ରଖିଥିଲେ। ଉପ-ସଭାନେତ୍ରୀ ପ୍ରାଧ୍ୟାପିକା ଡ. ଏଲିଜାବେଥ୍ ଭଞ୍ଜ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ବିଜ୍ଞାନ ସଚେତନତାଧର୍ମୀ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପ୍ରାଧ୍ୟାପକ ସୁନୀଲ ରଥ, ଡ. ଭବାନୀ ପ୍ରସାଦ ପଟ୍ଟନାୟକ, ଡ. ସଂଯୁକ୍ତା ମିଶ୍ର, ରଞ୍ଜନ ଦାଶ, କର୍ମୋଦୟ ଛୋଟରାୟ, ରମାରାଣୀ ସିକଦାର, ରଙ୍କନାଥ ମହାରଣା, ଅଭିଳାଷ ପଟ୍ଟନାୟକ, ଜୟପ୍ରଦା ମହାପାତ୍ର, ହରିବନ୍ଧୁ ସାହୁ ଓ କ୍ରୀଡ଼ା ଶିକ୍ଷକ ଭଞ୍ଜ କିଶୋର ଯତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂସଦର ଉପ-ସଭାନେତ୍ରୀ ପ୍ରାଧ୍ୟାପିକା ବନଲତା ବାରିକ ସଂଯୋଜନା କରିବା ସହ ଅନ୍ୟତମ ଉପ-ସଭାନେତ୍ରୀ ଅଧ୍ୟାପିକା ସୁପ୍ରଭା ଦାସ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

## କେନାଲରୁ ଜବତ ମୃତ ବୃଦ୍ଧଙ୍କ ପରିଚୟ ମିଳିଲା

**ବାରଙ୍ଗ,୧୬।୩(ଡି.ଏନ୍.ଏ.)**

ନନ୍ଦନକାନନ ଥାନା ଅଧୀନ କୁଞ୍ଜବିହାରୀ ମହାବିଦ୍ୟାଳୟ ପଛପାର୍ଶ୍ୱ ବାରଙ୍ଗ-ପୁରୀ ମୁଖ୍ୟ କେନାଲରୁ ମଙ୍ଗଳବାର ଜବତ ହୋଇଥିବା ଜଣେ ଅଚିହ୍ନା ବୃଦ୍ଧଙ୍କ ପରିଚୟ ବୁଧବାର ମିଳିଛି। ବୃଦ୍ଧ ହେଲେ ଇନ୍‌ଫୋସିଟ୍ ଥାନା ଅଧୀନ ଜଳିମୁଣ୍ଡା ସାହିର ବିପ୍ଲୁର ହେମ୍ବ୍ରମ (୬୦)। ସେ ମଙ୍ଗଳବାର କୌଣସି ଏକ କାର୍ଯ୍ୟ ପାଇଁ ଗାଁ ଲୋକଙ୍କ ସହ କେନାଲକୁ ଯାଇଥିଲେ। ହେଲେ ସେଠାରୁ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ପରିବାର ଲୋକେ ବୁଧବାର ଖବରକାଗଜରୁ ସ୍ଥାନୀୟ କେନାଲରୁ ମୃତଦେହ ଜବତ ଖବର ପଢି ନନ୍ଦନକାନନ ଥାନାରେ ପହଞ୍ଚିଥିଲେ। ପୋଲିସ ବୃଦ୍ଧଙ୍କ ମୃତଦେହ ଦେଖାଇବାରୁ ସେମାନେ ତାଙ୍କୁ ଚିହ୍ନି ପାରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି।

## ହ୍ୟାଣ୍ଡଲୁମ୍ ମାର୍କ ଉପରେ ସଚେତନତା ଶିବିର

**ଖୋର୍ଦ୍ଧା ଅଫିସ,୧୬।୩**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ରାଉତପଡା ଗ୍ରାମରେ ଭାରତ ସରକାରଙ୍କର ଟେକ୍ସଟାଇଲସ୍ କମିଟି ସଂସ୍ଥା ଦ୍ୱାରା ହସ୍ତତନ୍ତ ବସ୍ତ୍ର ଉପରେ ହ୍ୟାଣ୍ଡଲୁମ ମାର୍କ ଓ ତତ୍‌ସମ୍ବନ୍ଧୀୟ ମୋବାଇଲ ଆପ୍ (Mobile App)ର ବ୍ୟବହାର ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବୟନ ମଣ୍ଡଳ ଅନ୍ତର୍ଗତ ରାଉତପଡା ହସ୍ତତନ୍ତ ପୁଞ୍ଜର ପ୍ରାୟ ୧୫୦ଜଣ ବୁଣାକାର ଯୋଗଦାନ କରିଥିଲେ। ବେଗୁନିଆ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଟେକ୍ସଟାଇଲସ୍ କମିଟିର ମୁଖ୍ୟ ପ୍ରଦୀପ ଦାସ ଆବାହକ ହିସାବରେ ତାଙ୍କର ପ୍ରାରମ୍ଭିକ ଅଭିଭାଷଣ ରଖିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ହସ୍ତତନ୍ତ ବୟନ କ୍ଷେତ୍ରରେ ଗ୍ରାହକମାନଙ୍କୁ ଅସଲି ହାତବୁଣା କପଡ଼ା କ୍ରୟ କରିବାର ଏକ ସଫଳ ପଦକ୍ଷେପ ଭାବରେ ହ୍ୟାଣ୍ଡଲୁମ ମାର୍କର ବ୍ୟବହାର ଓ ତାହାର ଉପଯୋଗିତା ଉପରେ ଟେକ୍ସଟାଇଲସ୍

**ଅସଲି ହାତବୁଣା କପଡ଼ା କ୍ରୟ ଉପରେ ଗୁରୁତ୍ୱ**

ଦାସ ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିସହିତ ହ୍ୟାଣ୍ଡଲୁମ ମାର୍କର ବ୍ୟବହାର, ରେଜିଷ୍ଟ୍ରେଶନ ତଥା କ୍ରୟ ନିମନ୍ତେ ନୂତନ ଭାବରେ ପ୍ରଚଳିତ ମୋବାଇଲ ଆପ୍‌ର ବ୍ୟବହାର ସମ୍ବନ୍ଧରେ ମଧ ବୁଣାକାରଙ୍କୁ ସଚେତନ କରାଇଥିଲେ। ଏହି ଶିବିରରେ ନିଫ୍ଟ (NIFT)ର ପ୍ରଫେସର ବିନୟ ଭୂଷଣ ଜେନା, ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମ, ଭାରତ ସରକାରଙ୍କର ପରିଚାଳକ ଏ.କେ.ଶାହା ଓ ଖୋର୍ଦ୍ଧା ବୟନ ମଣ୍ଡଳ ସହକାରୀ ନିର୍ଦ୍ଦେଶକ ପ୍ରସନ୍ନ କୁମାର ତୋଷ, ଉପ ସହକାରୀ ନିବନ୍ଧକ ଗୋବିନ୍ଦଚନ୍ଦ୍ର ଜେନା ଓ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ଦାସ ଶିବିରରେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଉତପଡା ତନ୍ତୁବାୟ ସହଯୋଗ ସମିତିର ସମ୍ପାଦକ, ପ୍ରଶାସକ ଓ ବୁଣାକାର ସଭ୍ୟମାନେ ଉପସ୍ଥିତ ରହି ଏହାକୁ ସଫଳ ରୂପାୟନ କରିଥିଲେ।

# ମହିଳା ଭୋଟ ଉପରେ ବିଜେଡି ନଜର

**ଖୋର୍ଦ୍ଧା ଅଫିସ,୧୬।୩**




ବିଜେଡିର ଏକ ସମାବେଶରେ ଯୋଗ ଦେଇଥିବା ନେତୃବୃନ୍ଦ।

ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ଉପରେ ରହିଛି ବିଜେଡିର ନଜର। ଗତ ୨୦୧୩ରେ ଖୋର୍ଦ୍ଧା ପୌର ପରିଷଦ ବିଜେଡି ଦଖଲରେ ରହିଥିଲା। ଚଳିତ ବର୍ଷ ପୌର ପରିଷଦ ଅଧ୍ୟକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ହେବ। ମଇଦାନରେ ବିଜେଡିରୁ କନକଲକ୍ଷ୍ମୀ ମହାନ୍ତି, ଭାଜପାରୁ କୁନିଲତା ସ୍ୱାଇଁ ଏବଂ କଂଗ୍ରେସରୁ ବିନୋଦିନୀ ମହାପାତ୍ର ରହିଛନ୍ତି। ଶାସକ ଦଳକୁ ଟକ୍କର ଦେବାକୁ ବିରୋଧୀ ଅଣ୍ଟା ଭିଡ଼ିଛନ୍ତି। ୨୨ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ପୌର ପରିଷଦରେ ବିଜେଡି ସବୁ ୱାର୍ଡରେ ପ୍ରାର୍ଥୀ ଦେଇଛି। ତେବେ ୩ ୱାର୍ଡରେ ଭାଜପା ଏବଂ ୧୦ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ଦେଇପାରିନାହିଁ। ନିର୍ବାଚନକୁ ଆଉ କେଇଟା ଦିନ ବାକି ରହିଥିବାବେଳେ ୩ ପ୍ରମୁଖ ଦଳ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଦଳୀୟ ନେତା ଆଗେଇ ଆସିଛନ୍ତି। ସମର୍ଥକଙ୍କୁ ଧରି ଜୋରସୋର ପ୍ରଚାର ଚଳାଇଛନ୍ତି ପ୍ରାର୍ଥୀ। ସବୁ ୱାର୍ଡରେ ଏବେ ପ୍ରଚାର ଜୋର ଧରିଲାଣି।

ବିଜେଡିର ମଙ୍ଗ ଧରିଛନ୍ତି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର। ସେହିପରି ରାଜ୍ୟସଭା ସଦସ୍ୟ ମିଜିବୁଲ୍ଲା ଖାନ୍ ଏବଂ ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ମଧ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ବିଜେଡିର ନଜର ମହିଳା ଭୋଟର ଉପରେ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ ସଫଳତା ହେଉଛି ମିଶନ ଶକ୍ତି। ଏହାର ସଫଳତା ଏବେ ପୌର ନିର୍ବାଚନରେ ପ୍ରତିଫଳନ ହେବ ବୋଲି କୁହାଯାଉଛି। ମହିଳା ଭୋଟରଙ୍କୁ ନିଜ ସପକ୍ଷରେ ମନାଇବା ପାଇଁ ପାଇଁ ବିଜେଡି ରଣନୀତି ଚଳାଇଛି। ସବୁ ୱାର୍ଡରେ ପ୍ରାର୍ଥୀଙ୍କୁ ନେଇ ଚାଲିଛି ମହିଳା ସମାବେଶ। ବୁଧବାର

**■ ସବୁ ଦଳର ପ୍ରଚାରରେ ନେତା, ହେଭିୱେଟ**

**■ ସମର୍ଥକଙ୍କ ସହ ଘର ଘର ବୁଲୁଛନ୍ତି ପ୍ରାର୍ଥୀ**

ମଧ୍ୟାହ୍ନରେ ୮ ଓ ୧୨ନଂ ୱାର୍ଡର ମହିଳାଙ୍କୁ ନେଇ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଏକ ସମାବେଶ ହୋଇଥିଲା। ୨୦ନଂ ୱାର୍ଡର ମହିଳାଙ୍କୁ ନେଇ ତଳସାହି, ୧୧ନଂ ୱାର୍ଡର ବିଡିଏ କଲୋନୀରେ ବୈଠକ ଆୟୋଜନ କରାଯାଇଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଜିଲା ମହିଳା ସଭାନେତ୍ରୀ ଗୀତାଞ୍ଜଳି ପାଟ୍ଟଶାଣୀ, ପୌରାଧ୍ୟକ୍ଷା ପ୍ରାର୍ଥୀ କନକଲକ୍ଷ୍ମୀ ମହାନ୍ତି, ଡ. ମମତା ଦେ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପରିଡ଼ା, ରଶ୍ମିରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ନିବେଦନ କରିଥିଲେ। ୮ନଂ. ୱାର୍ଡର ପ୍ରାର୍ଥୀ ବିଭୁପ୍ରସାଦ ସାହୁ, ୧୧ନଂ. ପ୍ରାର୍ଥୀ ରଜନୀ ନାୟକ, ୧୨ନଂ ପ୍ରାର୍ଥୀ ସୌର୍ଯ୍ୟରଞ୍ଜନ ମହାନ୍ତି, ୨୦ନଂ ପ୍ରାର୍ଥୀ ଲୋକନାଥ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ଲଳିତ ମୋହନ ମହାପାତ୍ର, ରାଜ୍ୟ ଯୁବ ବିଜେଡି ସମ୍ପାଦକ ରୁଦ୍ରନାଥ ଦତ୍ତ, ନସିମ ଖାନ୍, ବିଜୟ ସେଠୀ ଏବଂ ଗୌତମ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

ସେହିପରି କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥୀ ବିନୋଦିନୀ ମହାପାତ୍ର ୱାର୍ଡ ପ୍ରାର୍ଥୀଙ୍କୁ ଧରି ଘର ଘର ବୁଲି ପ୍ରଚାର କରୁଛନ୍ତି। ନଗର ସଭାପତି ରଣଜିତ ମହାପାତ୍ର, ଜିଲା ସମ୍ପାଦକ ପ୍ଲାବନ ପଟ୍ଟନାୟକ, ଜିଲା ମୁଖପାତ୍ର ଅମିତ ମହାନ୍ତି, ଶିଳାଦିତ୍ୟ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ପରିଡା ପ୍ରମୁଖ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ ଦେଇଛନ୍ତି। ସେହିଭଳି ଭାଜପା ପ୍ରାର୍ଥୀ କୁନିଲତା ସ୍ୱାଇଁ ଏବଂ ୱାର୍ଡ ପ୍ରାର୍ଥୀଙ୍କ ସକାଶେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଧବାର ବିଭିନ୍ନ ୱାର୍ଡ ପରିକ୍ରମା କରି ପ୍ରଚାର କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ ଏବଂ ଅନ୍ୟମାନେ ପ୍ରଚାରରେ ସାମିଲ ହୋଇଥିଲେ। ବିଭିନ୍ନ ୱାର୍ଡରେ ସ୍ୱାଧୀନ ଭାବେ ଲଢୁଥିବା ପ୍ରାର୍ଥୀମାନେ ସମର୍ଥକଙ୍କ ସହ ପ୍ରଚାର ଅଭିଯାନକୁ ଯୋରଦାର କରିଥିବା ଦେଖିବାକୁ ମିଳିଛି।

## ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

**ପୁରୀ ଅଫିସ:** ଜିଆରପି ପୋଲିସ ବୁଧବାର ସାକ୍ଷୀଗୋପାଳ ରେଳଷ୍ଟେଶନର ରେଳଧାରଣାରୁ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ଏ ନେଇ ଜିଆରପି ପୋଲିସ ଏକ ମାମଲା(ନଂ.୬/୨୨) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନାଯୋଗ୍ୟ, ସାକ୍ଷୀଗୋପାଳ ରେଳଷ୍ଟେଶନକୁ କେତେଜଣ ଯାତ୍ରୀ ଯାଉଥିବା ବେଳେ ଏକ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ରେଳବାଇ ଜିଆରପି ପୋଲିସ ସେଠାରେ ପହଞ୍ଚି ପ୍ଲାଟଫର୍ମ ନଂ.୨ରୁ ଉକ୍ତ ମୃତଦେହକୁ ଜବତ କରିଥିଲା। ତେବେ ନୀଳାଚଳ ଏକ୍ସପ୍ରେସ ଟ୍ରେନ୍‌ରେ ଧକ୍କା ହୋଇ ମୃତ୍ୟୁବରଣ କରିଥିବା ରେଳ ଜିଆରପି ପୋଲିସ ଅନୁମାନ କରିଛି।




୧୬।୩।୨୦୨୨

| | |
|---|---|
| ୩,୯୦,୭୨୯ ଟଙ୍କା | |
| ସୁନା | ୬.୩୪୦ ଗ୍ରାମ |
| ରୁପା | ୨୪ ଗ୍ରାମ |

## ସଂକ୍ଷେପରେ

### ପିଲାଙ୍କୁ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ

**ପୁରୀ ଅଫିସ, ୧୬।୩:** ପୁରୀ ଜିଲାରେ ବୁଧବାରଠାରୁ ୧୨ରୁ ୧୪ବର୍ଷ ବୟସର ପିଲାଙ୍କୁ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ସମର୍ଥ ବର୍ମା ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଜିଲାରେ ପ୍ରାୟ ୬୧ ହଜାର ୫୫୬ ଜଣ ପିଲାଙ୍କୁ ଏହି ଅଭିଯାନରେ ସାମିଲ କରାଯିବ। ଆସନ୍ତା ଏକ ମାସ ମଧ୍ୟରେ ଏହି ବର୍ଗର ସମସ୍ତଙ୍କୁ ସାମିଲ କରିବା ପାଇଁ ପ୍ରଶାସନ ଲକ୍ଷ୍ୟ ରଖାଯାଇଛି। କରୋନା ମହାମାରୀକୁ ପ୍ରତିହତ କରିବାକୁ ଏଭଳି ପଦକ୍ଷେପ ନିଆଯାଉଛି। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଜାତା ମିଶ୍ର, ଡିପିଏମ୍ ଟି. ନାରାୟଣ ରାଓ, ଡିପିଏମ୍ ସୁଦାମ ମହାରଣା, ଏପିଏମ୍ ସନ୍ତୋଷ କୁମାର ମିଶ୍ର ଏବଂ ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ଟାଏକୋଣ୍ଡୋ: ସାକ୍ଷୀଗୋପାଳର ୪ପାଇଲେ ସଫଳତା

**ସାକ୍ଷୀଗୋପାଳ,୧୬।୩ (ସ୍ୱ.ପ୍ର.):** ଅନ୍ତର୍ଜାତୀୟ ଭର୍ଚୁଆଲ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସାକ୍ଷୀଗୋପାଳ ଏକାଡେମୀ ପ୍ରଶିକ୍ଷାର୍ଥୀମାନଙ୍କୁ ସଫଳତା ମିଳିଛି। ଓଡ଼ିଶା ଟାଏକୋଣ୍ଡୋ ସଂଘ ପୁରୀ ଏବଂ ଭାରତ ଓ ଥାଇଲାଣ୍ଡସ୍ଥିତ ହୀରାଜ ଟାଏକୋଣ୍ଡୋ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନ୍‌ଲାଇନ ମାଧ୍ୟମରେ ଡିସେମ୍ବର ୨୨ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସେଥିରେ ୧୪ଟି ଦେଶ ଅଂଶଗ୍ରହଣ କରିଥିବାବେଳେ ମୋଟ ୯୨୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସାକ୍ଷୀଗୋପାଳ ଟାଏକୋଣ୍ଡୋ ଏକାଡେମୀର ୪ଜଣ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ୩ ଦିନ ତଳେ ଏହାର ଫଳ ପ୍ରକାଶ ପାଇଥିଲା। ମିଲୁ ମହାପାତ୍ର, ଋତୁପର୍ଣ୍ଣା ଦାସ ସ୍ୱର୍ଣ୍ଣ ପାଇଥିବାବେଳେ ଆରାଧ ଜୟରତ୍ନ ରଥ, ମହମଦ ଫରାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ମିଲୁ ମହାପାତ୍ରଙ୍କ ସହିତ ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବିଲୁପ୍ତ ଲୋକକଳା ପୁନରୁଦ୍ଧାର ଉପରେ ଗୁରୁତ୍ୱ

- ଲୋକକଳା ମହୋତ୍ସବ ଉଦ୍‌ଯାପିତ
- ୩ଜଣଙ୍କୁ ଲୋକକଳା ସମ୍ମାନ

**କୋଣାର୍କ, ୧୬।୩ (ଡି.ଏନ୍.ଏ.)**

ସ୍ଥାନୀୟ ସାଂସ୍କୃତିକ ସଙ୍ଗଠନ ନାଟ୍ୟଦୀପ ଆନୁକୂଲ୍ୟରେ ରାଜାରାମ ମଠ ପରିସରରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ତୃତୀୟ ଲୋକକଳା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବକୁ ନାଟ୍ୟଦୀପ ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଗାମାଧବ କର, ଗବେଷକ ସୁବାସ ଚନ୍ଦ୍ର ବରାଳ, ଖବରକାଗଜ ତୀର୍ଥକ୍ଷେତ୍ର ସମ୍ପାଦକ ଜ୍ୟୋତିପ୍ରକାଶ ଜେନା, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ବିଲୁପ୍ତ ଲୋକକଳାକୁ



ଉତ୍ସବରେ କାନ୍‌ଭାସ୍ ଚିତ୍ରକଳା ପ୍ରଦର୍ଶନ କରାଯାଉଛି।

ପୁନରୁଦ୍ଧାର ସହ ଏହାର ପ୍ରଚାର ଓ ପ୍ରସାର ଦିଗରେ ସଙ୍ଗଠନର ଉଦ୍ୟମ ପ୍ରଶଂସନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ଉତ୍ସବରେ ମହିମା ଖଞ୍ଜଣି ଗ୍ରୁପର ଗୁରୁ ନାରାୟଣ ମାଣିକ ଓ ସାଥୀମାନେ ପାରମ୍ପରିକ ଖଞ୍ଜଣି ଭଜନ ପରିବେଷଣ କରିଥିଲେ। ପରେ ମା' ଜାଗେଶ୍ୱରୀ ପାଲା ପରିଷଦ, କୁଞ୍ଜମଠର ଗାୟକ ଲଳିତ ଉପେନ୍ଦ୍ର ନାଥ ବେହେରା ଓ ସାଥୀ କଳାକାରମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହି ଅବସରରେ ଗାୟକ ଲଳିତ ଉପେନ୍ଦ୍ର ନାଥ ବେହେରା, ଦୁର୍ଗା ମାଧବ କର ଓ ଖବରଦାତା ନିରଞ୍ଜନ ବାରିକ ପ୍ରମୁଖଙ୍କୁ ଲୋକକଳା ସମ୍ମାନ ପ୍ରଦାନ ହୋଇଥିଲା। ଅନୁଷ୍ଠାନର ସହ ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ମାଧବ କର ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କାନଭାସର ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା।


ପୁରୀ ବଳିଆପଣ୍ଡା ବସ୍ତିରେ ଜମିଥିବା ଆବର୍ଜନା ହଟାଇବା ଦାବିରେ ବସ୍ତିବାସିନ୍ଦା ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଯୁବକଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାର ଲୋକେ

**ପିପିଲି,୧୬।୩ (ସ୍ୱ.ପ୍ର.)**

ପିପିଲି ଥାନା ଅଧୀନ ସାନସରଗାଇଲୋ ଗ୍ରାମର କ୍ଷୀରୋଦ ଚନ୍ଦ୍ର ବରାଳଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସେହି ଗ୍ରାମର ସୁଦର୍ଶନ ବରାଳ। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୯/୨୨) ସହ ଦଫା ୩୪୧, ୨୯୪, ୩୨୩, ୩୪, ୫୦୬ ରୁଜୁ କରି ତଦନ୍ତ ଚଳାଇଛି। ତେବେ ଜଣେ ଅପରାଧୀଙ୍କୁ ଧରିଥିବା ବେଳେ ତାଙ୍କ ବିରୋଧରେ କୋହଳ ଦଫା ଲଗାଯାଇଛି। ତେବେ ୩୦୭ଦଫା ଲଗାଇ ନ ଥିବା ଏବଂ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆହତ କ୍ଷୀରୋଦଙ୍କ ପରିବାର ଲୋକ ବୁଧବାର ମଙ୍ଗଳପୁର ନିକଟସ୍ଥ କଲ୍ୟାଣମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଦାବି କରିବା ସହ ଜିଲା ପ୍ରଶାସନ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି। ସୂଚନାଯୋଗ୍ୟ, ସାନସରଗାଇଲୋ ଗ୍ରାମର ନିବେଦିତା ବରାଳଙ୍କ ନିଜ ଘର କାମ ପାଇଁ ଗତ ୧୨ତାରିଖରେ ପଥର ଗାଡି ଘରଆଡକୁ ଆସୁଥିବା ସମୟରେ ସେହି ଗ୍ରାମର ସୁଦର୍ଶନ ଓ ତାଙ୍କର ଜଣେ ସାଥୀ ପଥର ଗାଡିକୁ ଅଟକାଇଥିଲେ। ପରେ ନିବେଦିତାଙ୍କ ସ୍ୱାମୀ କ୍ଷୀରୋଦ ସେଠାରେ ପହଞ୍ଚିବାରୁ ପୂର୍ବ ପ୍ରସ୍ତୁତି ଅନୁସାରେ ସୁଦର୍ଶନ ଓ ତାଙ୍କ ସାଥୀ ମିଶି କ୍ଷୀରୋଦଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଫିଙ୍ଗି ଦେଇଥିଲେ। ସେଠାରୁ ଉଦ୍ଧାର କରି ପ୍ରଥମେ ମଙ୍ଗଳପୁର ମେଡିକାଲ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ କ୍ଷୀରୋଦଙ୍କ ସ୍ତ୍ରୀ ସାତଶଙ୍ଖ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ସୁଦର୍ଶନଙ୍କୁ ଗିରଫ କରିଛି ବୋଲି ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି।

# ବେଆଇନ କାର୍ଯ୍ୟ ବିରୋଧରେ ଏତଲା

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ପୁରୀ ଅଫିସ,୧୬।୩**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ଚାଲିଥିବା ବେଆଇନ ନିର୍ମାଣ କାର୍ଯ୍ୟ ବିରୋଧରେ ଓକିଲ ସଂଘର ଏକ ପ୍ରତିନିଧି ଦଳ ବୁଧବାର ସିଂହଦ୍ୱାର ଥାନାରେ ଏତଲା ଦେବା ସହ ତୁରନ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଆମ୍‌ସାର୍ ଆକ୍ଟ ଅନୁଯାୟୀ, ମେଘନାଦ ପାଚେରିଠାରୁ ଶହେ ମିଟର ନିଷିଦ୍ଧାଞ୍ଚଳ। ଏହି ପରିସୀମାରେ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ମାତ୍ର ଏନ୍‌ଏମଏର ଅନୁମୋଦନ ବିନା ଟାଟା କମ୍ପାନୀ ଏବଂ ଓଡ଼ିଶା ସେତୁ ନିର୍ମାଣ ନିଗମ ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛି। ଶ୍ରୀମନ୍ଦିର ଚାରିପାର୍ଶ୍ୱରେ ଖନନ ଚାଲିଥିବାବେଳେ ଦକ୍ଷିଣପୂର୍ବ ଦ୍ୱାର ମଧ୍ୟଭାଗରେ ମେଘନାଦ ପାଚେରିଠାରୁ ୪୦ ମିଟର ଦୂରରେ ୩୦ଫୁଟ୍‌ରୁ ଊର୍ଦ୍ଧ୍ୱ ଗାତ ଖୋଳାଯାଇଛି। ଏଥିପାଇଁ ବଡ଼ ବଡ଼ ଭାଇବ୍ରେଟର ମେସିନ୍ ବ୍ୟବହାର କରାଯାଇଛି। ଏହା ଶ୍ରୀମନ୍ଦିରର ଭିତ୍ତିଭୂମିକୁ ପ୍ରଭାବିତ କରିବା ନେଇ ଆଶଙ୍କା ହେଉଛି। ତେବେ ବେଆଇନ କାର୍ଯ୍ୟ କିଭଳି ଭାବେ ଚାଲୁଛି, ତାହାର ସ୍ଥିତି ସମୀକ୍ଷା ପାଇଁ ଗତ ୧୧ ତାରିଖରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଖନନସ୍ଥଳ ପରିଦର୍ଶନ କରିଥିଲେ। ଏହାପରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଆଲୋଚନା କରିଥିଲେ। ଅନୁମୋଦନ ନ ଥିବା କାର୍ଯ୍ୟକୁ ବନ୍ଦ କରିବା ପାଇଁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଥିଲେ ମଧ୍ୟ ଜିଲାପାଳ ଏହି ଦାବିକୁ ଅଗ୍ରାହ୍ୟ କରିଥିଲେ। ତେଣୁ ଜିଲାପାଳ, ଟାଟା ଅଧିକାରୀ ଏବଂ ଓବିସିସି ପଦାଧିକାରୀଙ୍କ ବିରୋଧରେ ଆମସାର୍ ଆକ୍ଟର ସେକ୍ସନ୍ ୨(ଡି)(ସି), ସେକ୍ସନ୍ ୩୦(ଏ), ଆଇପିସି ସେକ୍ସନ୍ ୧୬୬(ଏ) ଆଧାରରେ ମକଦ୍ଦମା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି ବୋଲି ଓକିଲ ସଂଘ ସମ୍ପାଦକ ଶାରଦା ପ୍ରସାଦ ସାମଲ କହିଛନ୍ତି। ଏହି ଅବସରରେ ଶରତ କୁମାର ରାୟଗୁରୁ, ବିଭୂତି ଶଙ୍କର ତ୍ରିପାଠୀ, ତପନ କୁମାର ବାରିକ, ପ୍ରେମାନନ୍ଦ ମହାନ୍ତି ଓ ପ୍ରିୟଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଆସନ୍ତା ସାହିଯାତ ପାଇଁ ଆଖଡ଼ାରେ ଅନୁଷ୍ଠିତ ବାଇଶି ମେଳାର ବୈଠକରେ ଉପସ୍ଥିତ ବିଭିନ୍ନ ସାହିର ପ୍ରତିନିଧିମାନେ।

# ଖବର ସଂଗ୍ରହ ବେଳେ ଖବରଦାତାଙ୍କୁ ଆକ୍ରମଣ

**ଗୋପ,୧୬।୩ (ଡି.ଏନ୍.ଏ.)**

ଗୋପ ଥାନା ଅଞ୍ଚଳରେ ବେଆଇନ ଇଟାଭାଟି ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ପ୍ରକାଶ କାଣ୍ଡିଙ୍କୁ ଆକ୍ରମଣ କରାଯାଇଥିବା ବୁଧବାର ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଏପରି କି ବେଆଇନ ଇଟାଭାଟି କରିଥିବା ଦୁଇ ଭାଇ ଗଣମାଧ୍ୟମ ପ୍ରତିନିଧିଙ୍କ କ୍ୟାମେରା ଛଡାଇ ନେଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ମୁରୁଡା ଗ୍ରାମରେ ଅଧିକ ମାତ୍ରାରେ ବେଆଇନ ଇଟାଭାଟି ହେବା ଯୋଗୁ ଅତ୍ୟଧିକ ଗରମ ସାଙ୍ଗକୁ ପ୍ରଦୂଷଣ ହେଉଥିବା ଗୋପ ତହସିଲ ଅଫିସରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ କୋଣାର୍କର ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ପ୍ରକାଶ ଏହି ଗ୍ରାମର ଗୋଟିଏ ବେଆଇନ ଇଟାଭାଟି ନିକଟରେ ପହଞ୍ଚି ଭିଡିଓ ନେଉଥିଲେ। ହଠାତ୍ ବେଆଇନ ଇଟାଭାଟି କରିଥିବା ମୁରୁଡା ଗ୍ରାମର ଦୁଇ ଯୁବକ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ପହଞ୍ଚି ବିଭିନ୍ନ ପ୍ରକାର ଗାଳିଗୁଲଜ କରିଥିଲେ। ଖବରଦାତା ପରିଚୟ ଦେବା ପରେ ମଧ୍ୟ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ। ଏ ନେଇ ପ୍ରକାଶ ଘଟଣାସ୍ଥଳରୁ ଗୋପ ଥାନାଧିକାରୀ କାଳନ୍ଦୀ ବେହେରାଙ୍କୁ ଅବଗତ କରିବା ସହ ନିକଟସ୍ଥ ନୟାହାଟ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ଅପରପକ୍ଷେ ଗୋପ ତହସିଲ କାର୍ଯ୍ୟାଳୟ ଅଧୀନରେ ବିଭିନ୍ନ ସ୍ଥାନରେ ବହୁ ପରିମାଣର ବେଆଇନ ଇଟାଭାଟି ଥିବା ବେଳେ କାହିଁକି ଗୋପ ତହସିଲ ଅଫିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଅଭିଯୋଗକୁ ନେଇ ନୟାହାଟ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନ କହିଛନ୍ତି, ଅଭିଯୋଗ ଅନୁସାରେ ନିଶ୍ଚିତ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୋପ ତହସିଲଦାର ଏସ୍. କେ. ସାର୍ଗିଙ୍କୁ ବେଆଇନ ଇଟାଭାଟି ସମ୍ପର୍କରେ ପଚାରିବା ପରେ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କଲେ ମନ୍ତ୍ରୀ

**ନିମାପଡ଼ା,୧୬।୩ (ଡି.ଏନ୍.ଏ.)**

ପୌର ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ନିମାପଡ଼ା ଏନ୍‌ଏସିରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ସେତେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ଏହି ନିର୍ବାଚନରେ ବିଜେଡିର ମଙ୍ଗ ଧରିଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରାର୍ଥୀଙ୍କ ପାଇଁ ମାରାଥନ ପ୍ରଚାର ଚଳାଇଛନ୍ତି। ବୁଧବାର ମନ୍ତ୍ରୀ ଦାଶ ବିଜେଡିର ଅଧ୍ୟକ୍ଷା ପ୍ରାର୍ଥୀ ସସ୍ମିତା ସାହୁ, ୧୧ନଂ. ୱାର୍ଡର କାଉନସିଲର ପ୍ରାର୍ଥୀ ଅନସୂୟା ପାଣି, ୮ନଂ. ୱାର୍ଡର କାଉନସିଲର ପ୍ରାର୍ଥୀ ନିବେଦିତା ପଟ୍ଟନାୟକ ପ୍ରମୁଖଙ୍କୁ ସାଙ୍ଗରେ ଧରି ଏକ ବିଶାଳ ଶୋଭାଯାତ୍ରା ଓ ରୋଡ୍ ଶୋ କରିଥିଲେ। ଭୁବନପୁର, ଦଳିତ ସାହି, ଗୁହାଳପଡ଼ା, ଭୁବନପୁର କଲୋନୀ, ନିଉକଲୋନୀ, ଡେଲ୍‌ଟା କଲୋନୀ, ବାଘ ସାହି, ମହାବୀର କଲୋନୀ ଆଦି ଗ୍ରାମ ପରିକ୍ରମା କରି ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ୧୧ନଂ. ୱାର୍ଡର କଲେଜ ଛକ, ଡେଲ୍‌ଟା ଛକ ବିଭିନ୍ନ ସାହିରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ମନ୍ତ୍ରୀ ଦାଶ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ସଫଳତା, ବିକାଶ ଯୋଜନା ବିଷୟରେ କହିବା ସହ ବିକାଶମୁଖୀ ଏନ୍‌ଏସି ଗଠନ ପାଇଁ ବିଜେଡି ପ୍ରାର୍ଥୀମାନଙ୍କୁ ଭୋଟ ଦେବାପାଇଁ ମନ୍ତ୍ରୀ ଓ ପ୍ରାର୍ଥୀମାନେ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରାରେ ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନେତା ଅରୁଣ ପ୍ରସାଦ ଦାଶ, ସନାତନ ପ୍ରଧାନ, ପବିତ୍ର ବରାଳ, ପ୍ରକାଶ ବରାଳ, ମହିଳା ନେତ୍ରୀ କୌଶଲ୍ୟା ସାହୁ, କମଳା ସେଠୀ, ସତ୍ୟଜିତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# 'ମହିଳା ଶକ୍ତି ହିଁ ପୌର ନିର୍ବାଚନରେ ସଫଳତା ଦେବ'


କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

**ନିମାପଡ଼ା,୧୬।୩ (ଡି.ଏନ୍.ଏ.)**

ପୌର ନିର୍ବାଚନରେ ମୁଖ୍ୟତଃ ମହିଳାମାନଙ୍କ ଶକ୍ତି ହିଁ ବିଜେଡିକୁ ଆଶାତୀତ ସଫଳତା ଦେବ। ମା' ଭଉଣୀମାନେ ନିଷ୍ଠାପର ଭାବେ କାର୍ଯ୍ୟ କଲେ ବିଜେଡି ପ୍ରାର୍ଥୀମାନଙ୍କ ଓ ଦଳର ବିଜୟ ହେବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ସ୍ଥାନୀୟ ଏକ ମଣ୍ଡପରେ ୬ନଂ. ୭ନଂ. ୱାର୍ଡ ପକ୍ଷରୁ ଆୟୋଜିତ ମହିଳା ସମାବେଶ ଯୋଗଦେଇ ମତପ୍ରକାଶ କରିଛନ୍ତି। ମହିଳାମାନେ ରାଜନୀତିକୁ ଆଗେଇ ଆସିଲେ, ମହିଳାମାନଙ୍କର ବିକାଶ ହେବା ସହ ଦେଶ, ଜାତି ଓ ରାଜ୍ୟର ପ୍ରଗତୀ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ମହିଳାମାନଙ୍କର ବିକାଶ, ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ପ୍ରତି କ୍ଷେତ୍ରରେ ସେମାନଙ୍କୁ ଆଗକୁ ନେବା ପାଇଁ ରାଜ୍ୟ ସରକାର ଦୃଢ଼ ସଙ୍କଳ୍ପବଦ୍ଧ ବୋଲି କହିଥିଲେ। ସମାବେଶରେ ସମ୍ମାନିତ ଅତିଥି ଭାବେ ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ପଦ୍ମଚରଣ ସାହୁ, ଯୁବନେତା ଅକ୍ଷୟ ବେହେରା, ବିଜେଡି ଅଧ୍ୟକ୍ଷା ପ୍ରାର୍ଥିନୀ ସସ୍ମିତା ସାହୁ, ୬ନଂ. ୱାର୍ଡ କାଉନସିଲର ପ୍ରାର୍ଥୀ ସନ୍ତୋଷ ଦାଃ, ୭ନଂ. ୱାର୍ଡର କାଉସିଲର ପ୍ରାର୍ଥୀ ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ପୌର ନିର୍ବାଚନରେ ବିଜେଡର ଅଧ୍ୟକ୍ଷା ଓ କାଉନସିଲର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସମାବେଶରେ ଉପସ୍ଥିତ ମହିଳାମାନଙ୍କୁ ନିବେଦନ କରିଥିଲେ। ଏହି ସମାବେଶରେ ୩ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

# ଶିଶୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

### ପୁରୀର ୭ ବର୍ଷୀୟ ତନ୍ମୟଙ୍କୁ ସ୍ୱର୍ଣ୍ଣ ପଦକ

**ପୁରୀ ଅଫିସ, ୧୬।୩**

କଳିଙ୍ଗ ବଡି ବିଲ୍ଡିଂ ଫିଟନେସ୍ ଆସୋସିଏଶନ ଏବଂ ସମ୍ବଲପୁର ବଡି ବିଲ୍ଡର୍ସ ଆଣ୍ଡ ଫିଟନେସ ଆସୋସିଏଶନ ମିଳିତ ଆନୁକଲ୍ୟରେ ସମ୍ବଲପୁରଠାରେ ମିଷ୍ଟର ଓ ମିସ୍ ଓଡ଼ିଶା-୨୦୨୨ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୩୩୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତନ୍ମଧ୍ୟରେ ପୁରୀରୁ ୮ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ପୁରୀର ଏସ୍.କେ.ସାହିଲ ୫ଟି ବର୍ଗ ଯଥା ସ୍ପୋର୍ଟ୍ସ ମଡେଲ, ଡେନିମ ଜିନ୍ସ, ଜୁନିଅର ମେନ୍ସ ଫିଜିକ, ସିନିଅର ମେନ୍ସ ଫିଜିକ ଓ ୮୦କେଜି ସିନିୟର ବଡି ବିଲଡିଙ୍ଗରେ ଭାଗ ନେଇ ଦୁଇଟି



ଗୋଲ୍ଡ, ଦୁଇଟି ସିଲଭର ଓ ୮୦କେଜି ସିନିୟର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ୫୫କେଜି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଦାଶରଥି ପ୍ରଧାନ ତୃତୀୟ, ୬୦ କେଜିରେ ଏସ୍. ଶିବା ରେଡ୍ଡୀ ଦ୍ୱିତୀୟ, ୬୫ କେଜିରେ ବିଜୟ ପଣ୍ଡା ତୃତୀୟ, ଜୁନିୟର ମେନ୍ସରେ ଆର୍ଯ୍ୟନ ମହାନ୍ତି ଷଷ୍ଠ ସ୍ଥାନ ହାସଲ କରିଛନ୍ତି। ପ୍ରଥମ ଥର ଶିଶୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୭ବର୍ଷୀୟ ତନ୍ମୟ ମିଶ୍ର ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସମ୍ବଲପୁରରେ ଦୀର୍ଘ ୧୧ବର୍ଷ ପରେ ମିଷ୍ଟର ଓ ମିସ୍ ଓଡ଼ିଶା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।। ପ୍ରତିଯୋଗିତାକୁ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଗୌରୀ ଶଙ୍କର ସିଂହାରୀ, ସାଧାରଣ ସମ୍ପାଦକ ରଞ୍ଜନ ମହାନ୍ତି ଓ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

## ୨ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**କୋଣାର୍କ,୧୬।୩ (ଡି.ଏନ୍.ଏ.)**

ଅଚ୍ୟୁତପୁର ୟୁଜିୟୁପି ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ ମିଶ୍ରଙ୍କୁ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ଛାଟୋଇ, ଏସ୍‌ଏମ୍‌ସି କମିଟି ସଭାପତି ରଞ୍ଜିତ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଦାସ, ମିନା ବିଶ୍ୱାଳ, ଏସ୍‌ଏମ୍‌ସି ସଭ୍ୟ ବିଷ୍ଣୁ ପ୍ରସାଦ ବିଶ୍ୱାଳ ଏବଂ ସରପଞ୍ଚ ରଶ୍ମିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାଟିଆପଡା ନୋଡାଲ ଉ.ପ୍ରା. ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉକ୍ତ ସ୍କୁଲ ପରିସରରେ ହୋଇଯାଇଛି। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦତ୍ତ ନାୟକଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ମୁଖ୍ୟବକ୍ତା ରବୀନ୍ଦ୍ରନାଥ ଦାଶ ଏବଂ ସମ୍ମାନିତ ଅତିଥି ଗୋପ ଏବିଇଓ ବ୍ରଜବନ୍ଧୁ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ବିଦ୍ୟାଳୟ ଓ କ୍ଲଷ୍ଟର ପକ୍ଷରୁ ସୁଶାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨୩ରେ ହରିରାଜପୁର ମେଳଣ

### ମେଳଣ କମିଟି, ବ୍ଲକ ପ୍ରଶାସନର ସମନ୍ୱୟ ବୈଠକ

**ଡେଲାଙ୍ଗ,୧୬।୩ (ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁରସ୍ଥିତ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ଯାତ୍ରା ଆସନ୍ତା ୨୩ତାରିଖରେ ଆରମ୍ଭ ହେବ। ତେବେ ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ମେଳଣ କମିଟି ଓ ବ୍ଲକ ପ୍ରଶାସନର ସମନ୍ୱୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ତହସିଲଦାର ସୁଶ୍ରୀ ନିବେଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି, ଡେଲାଙ୍ଗ ବ୍ଲକର ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ଶୁଭ୍ରାଜିତା ପାଣି, ଚିତ୍ରପ୍ରଭା ନାୟକ, ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ସ୍ୱାଗତିକା ପ୍ରଧାନ ଓ ହରିରାଜପୁର ମେଳଣ କମିଟିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ମେଳଣକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଆଲୋଚନା କରିଥିଲେ।

୧୬୩୭ ଖ୍ରୀଷ୍ଟାବ୍ଦରୁ ଅନୁଷ୍ଠିତ ହୋଇଆସିଥିବା ଏହି ହରିରାଜପୁର ପଞ୍ଚୁଦୋଳ ମେଳଣ ଓଡ଼ିଶା ପ୍ରସିଦ୍ଧ ମେଳଣ। ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ସେଭଳି ପ୍ରଚାର ପ୍ରସାର ବ୍ୟବସ୍ଥା କରାଯାଇ ନାହିଁ। ଏହି ମେଳଣର ଅଧିକ ପ୍ରଚାର ପ୍ରସାର ହେଲେ ମେଳଣ ସୁଦୂର ପ୍ରସାରୀ ହୋଇପାରନ୍ତା ବୋଲି ଉକ୍ତ ବୈଠକରେ ଯୋଗଦେଇଥିବା କମିଟି ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ମେଳଣ କମିଟି ସଂଯୋଜକ ପ୍ରସନ୍ନ ମହାରଥୀ ୨୩ତାରିଖ ରାତି ଜମାଣରେ ୫ ଲକ୍ଷ ଶ୍ରଦ୍ଧାଳୁ ଓ ୨୭ ତାରିଖ ଦିଅଁ ମେଳଣ ଉତ୍ସବରେ ପ୍ରାୟ ୩ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ସମାଗମ ପ୍ରତି ଦୃଷ୍ଟି ରଖି ଟ୍ରାଫିକ୍ ନିୟନ୍ତ୍ରଣଠାରୁ ଆଇନଶୃଙ୍ଖଳା ଆଦିରେ ପ୍ରଶାସନିକ ସହଯୋଗ କାମନା କରିଥିଲେ। ଜମାଣ ଉତ୍ସବ ଦିନ ସନ୍ଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଓ ମେଳଣ ଶେଷଦିନ ସକାଳ ୮ଟାରୁ ରାତ୍ର ୧ଟା ପର୍ଯ୍ୟନ୍ତ ବହୁ ଜନସମାଗମକୁ ଦୃଷ୍ଟିରେ ରଖି, ଜଟଣୀ-ପିପିଲି, ଜଟଣୀ-କପିଳପ୍ରଶାଦ, ଖୋର୍ଦ୍ଧା-ଜଟଣୀ, ତଳଖାତ ଜଟଣୀ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ବୈଠରେ ନିଷ୍ପତ୍ତି ହୋଇଥିଲା। ସେହିପର ଜଟଣୀ ଥାନା, ପିପିଲି ଥାନା, ଏୟାରଫିଲଡ୍ ଥାନା, ଡେଲାଙ୍ଗ ଥାନା ପକ୍ଷରୁ ଉପରୋକ୍ତ ସଡକରେ ୨୪ ଘଣ୍ଟିଆ ପାଟ୍ରୋଲିଂ ଜାରି ରଖିବାକୁ ମେଳଣ କମିଟି ପକ୍ଷରୁ ନିବେଦନ କରାଯାଇଥିଲା। ବୈଠକରେ ମେଳଣ କମିଟି ପକ୍ଷରୁ କମିଟି ଭାରପ୍ରାପ୍ତ ସଭାପତି ପ୍ରେମାନ୍ଦନ ମହାରଥୀ, ସଂଯୋଜକ ପ୍ରସନ୍ନ ମହାରଥୀ, ସମ୍ପାଦକ ସଂଗ୍ରାମ କେଶରୀ ପ୍ରଧାନ, ସହସମ୍ପାଦକ ଅଶୋକ ସାମନ୍ତରାୟ, କୋଷାଧ୍ୟକ୍ଷ ଅଭିମନ୍ୟୁ ବଳିୟାରସିଂହ, ଶିବପ୍ରସାଦ ସମ୍ପତି, ସରପଞ୍ଚ ରିନାରାଣି ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ରଘୁନାଥଜୀଉ ଡିଗ୍ରୀ କଲେଜରେ ବାର୍ଷିକ ପାଠଚକ୍ର**

**କଟକ ଅଫିସ:** କଟକ ତୁଳସୀପୁର ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ନୈତିକତା ଓ ନାରୀ ସଶକ୍ତୀକରଣ' ସମ୍ପର୍କିତ ବାର୍ଷିକ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଅନୁଷ୍ଠିତ ପାଠଚକ୍ରରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶାଳୟର ଭାରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସବିତା ହରିଚନ୍ଦନ ମୁଖ୍ୟ ଅତିଥି, କିଶୋରନଗର କଲେଜ ଅଧାପକ ଡ. ରତ୍ନାକର ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ଡ. ଅକ୍ଷୟ କୁମାର ନାୟକ ଓ ଶାରଦାକାନ୍ତ ମିଶ୍ର ଉପସ୍ଥିତ ଥିଲେ। ଅଧାପିକା କାନ୍ତିରେଖା ବିଶ୍ୱାଳ ସନ୍ଦର୍ଭ ଉପସ୍ଥାପନା କରିଥିବାବେଳେ କାଶୀନାଥ ସେଠୀ ଧନ୍ୟବାଦ ଦେଇଥିଲେ।

# ନକଲି ଡାକ୍ତରଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ସମ୍ପତ୍ତି ଲୁଟିବା ସହ ଏକାଧିକ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ବୁଧବାର ଲାଏ ଡିଟେକ୍ସନ୍ କରାଯାଇଛି। ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନ୍‌ସିକ୍ ଲାବରେଟୋରିରେ ୫ ଘଣ୍ଟା ଧରି ତାଙ୍କର ଏହି ଟେଷ୍ଟ କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ମହିଳା ଥାନା ପୋଲିସ ରମେଶଙ୍କୁ କଡ଼ା ସୁରକ୍ଷାରେ ଝାରପଡ଼ା ଜେଲରୁ ଫରେନ୍‌ସିକ୍ ଲାବ୍‌କୁ ନେଇଥିଲା। ସେଠାରେ ତାଙ୍କ ଟେଷ୍ଟ କରାଯିବା ପରେ ଅପରାହ୍ନ ୪ଟାରେ ପୁଣି ତାଙ୍କୁ ଜେଲରେ


ରମେଶ ଚନ୍ଦ୍ର ସ୍ୱାଇଁ

ଛାଡ଼ି ଦିଆଯାଇଛି। ତେବେ ରମେଶଙ୍କୁ ବିଭିନ୍ନ ଘଟଣା ସଂକ୍ରାନ୍ତ ୧୦୦ରୁ ଉର୍ଦ୍ଧ୍ୱ ପ୍ରଶ୍ନ ପଚରାଯାଇଥିବା ମହିଳା ଥାନାଧିକାରିଣୀ ସନ୍ତୋଷିନୀ ବେହେରା କହିଛନ୍ତି। ପ୍ରକୃତରେ କେତେଜଣଙ୍କୁ ବିବାହ କରିଛନ୍ତି, ଏକାଧିକ ବିବାହର ରହସ୍ୟ କ'ଣ, କେତେ

**୫ ଘଣ୍ଟାରେ ପଚରାଗଲା ୧୦୦ରୁ ଉର୍ଦ୍ଧ୍ୱ ପ୍ରଶ୍ନ**

ଜଣଙ୍କୁ ଚାକିରି ଆଳରେ ଠକେଇ କରିଛନ୍ତି, ଠକେଇ ଟଙ୍କା କେଉଁଠି ନିବେଶ କରିଛନ୍ତି, ଏଭଳି କରିବାକୁ କେଉଁମାନେ ସହଯୋଗ କରୁଥିଲେ, ପ୍ରଥମ ସ୍ତ୍ରୀ ଶାନ୍ତିଲତାଙ୍କ ଭୂମିକା କ'ଣ, କାହା ନାଁରେ କେତେ ସମ୍ପତ୍ତି କରିଛନ୍ତି, କେତୋଟି ରାଜ୍ୟକୁ ଠକେଇର ଚେର ଲମ୍ବିଛି, ଭାଇ ଓ ଭିଣୋଇଙ୍କ ଭୂମିକା କ'ଣ, ଏଥିରେ ପ୍ରଥମ ସ୍ତ୍ରୀଙ୍କ ହାତ ରହିଛି କି, କିପରି ମହିଳାଙ୍କୁ ଜାଲରେ ଫସାଉଥିଲେ ଏଭଳି ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା। ସେ କହୁଥିବା କଥା ସତ ନା ମିଛ, ତାହା ଜାଣିବା ପାଇଁ ପୂର୍ବରୁ ପଚରାଯାଇଥିବା ଅଧିକାଂଶ ପ୍ରଶ୍ନ ସମାନ ଥିବା ସୂଚନା ମିଳିଛି। ତେବେ ରିପୋର୍ଟ ଆସିବା ପରେ ରମେଶ କେତେ ସତ ଓ ମିଛ କହିଛନ୍ତି, ତାହା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ରମେଶ ଭିନ୍ନ ଭିନ୍ନ ସମୟରେ ୩ ପର୍ଯ୍ୟାୟରେ ୧୩ଦିନ ପାଇଁ ରିମାଣ୍ଡରେ ଆସିଥିଲେ ମଧ୍ୟ ପୋଲିସ ତାଙ୍କଠାରୁ ଅନେକ ତଥ୍ୟ ହାସଲ କରିପାରି ନ ଥିଲା। ପଚରାଉଚରା ସମୟରେ ରମେଶ ପୋଲିସକୁ ଭ୍ରମାତ୍ମକ କଥା କହି ଅନେକ ଘଟଣାକୁ ଗୋପନ ରଖିଥିବା ପୋଲିସ ସନ୍ଦେହ କରିଥିଲା। ତେଣୁ ପୋଲିସ ରମେଶଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ କୋର୍ଟଙ୍କଠୁ ଅନୁମତି ଲୋଡିଥିଲା। ସୂଚନାଯୋଗ୍ୟ, ରମେଶ ନିଜକୁ ଡାକ୍ତର କହି ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରିବା ପରେ ସମ୍ପତ୍ତି ଲୁଟୁଥିଲେ। ଏପରିକି କେତେଜଣ ସ୍ତ୍ରୀଙ୍କୁ ଠକେଇ ଓ ପ୍ରତାରଣା କରିବା ପରେ ଦୂରେଇ ଯାଉଥିବାବେଳେ ଆଉ କେତେଜଣଙ୍କ ସହ ସମ୍ପର୍କରେ ଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ତାଙ୍କ କଳାକାରନାମା ପଦାକୁ ଆସିଥିଲା। ଏହାପରେ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ପୌର ନିର୍ବାଚନ, ଆଜିଠୁ ଯାଞ୍ଚ ହେବ ଇଭିଏମ୍

**କଟକ ଅଫିସ,୧୬।୩:** ଆସନ୍ତା ୨୪ରେ କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନ। ଭୋଟରମାନେ ଇଲେକ୍ଟ୍ରୋନିକ ଭୋଟିଂ ମେସିନ(ଇଭିଏମ୍)ରେ ମତଦାନ କରିବେ। ଏଥିପାଇଁ ଗୁରୁବାରଠାରୁ କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂରେ ଇଭିଏମ୍ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ମେୟର ଓ କର୍ପୋରେଟର ପ୍ରାର୍ଥୀ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଯାଞ୍ଚ କରାଯିବ। ଏଥିପାଇଁ ସମସ୍ତ ପ୍ରାର୍ଥୀଙ୍କୁ ସୂଚନା ଦିଆଯାଇଛି। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଏହାକୁ ସିଲ୍ କରାଯାଇ ଷ୍ଟ୍ରଙ୍ଗରୁମରେ ରଖାଯିବ। ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ସିଏମ୍‌ସି ନିର୍ବାଚନ ଅଧିକାରୀ ବିଜୟ ଖଣ୍ଡାୟତରାୟଙ୍କ ନିର୍ଦ୍ଦେଶରେ କାର୍ଯ୍ୟକ୍ରମ ପରିଚାଳନା କରାଯିବ।

### ୨ ବଖରା, ପାଳଗଦା ଜଳିଗଲା

**ଖୁଣ୍ଟୁଣୀ,୧୬।୩(ଡି.ଏନ୍.ଏ.):** ଗୁରୁଡିଝାଟିଆ ପଞ୍ଚାୟତ ଅଧୀନ ସାଉରିଆ ଗ୍ରାମରେ ବୁଧବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ରମାକାନ୍ତ ଜେନା ଓ ରଘୁନାଥ ଜେନାଙ୍କ ୨ ବଖରା ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ପାଳଗଦା ଜଳିଯାଇଛି। ଦୁଇ ପରିବାର ଲୋକେ ଘରେ ଥିବାବେଳେ ହଠାତ୍ ନିଆଁ ଲାଗିବା ଦେଖି ପାଟି କରିଥିଲେ। ଫଳରେ ସାହି ଲୋକମାନେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପରେ ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଆଠଗଡ଼ ରାଜସ୍ୱ ନିରୀକ୍ଷକ ମନୋଜ ସାହୁ ବିପନ୍ନ ପରିବାରଙ୍କୁ ଦୁଇଟି ପଲିଥିନ ପ୍ରଦାନ କରିବା ସହ କ୍ଷୟକ୍ଷତିର ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ କରିଥିବା କହିଛନ୍ତି। ଆଠଗଡ଼ ବିକାଶ ମଞ୍ଚ ସଭାପତି ମାନସ ବସ୍ତିଆ ଓ ସରପଞ୍ଚଙ୍କ ପକ୍ଷରୁ ଉଭୟ ପରିବାରଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା।

### ବାଙ୍କୀ ରକ୍ତଦାତା ସଂଘ ପକ୍ଷରୁ ୨୪ ଘଣ୍ଟିଆ ସେବା ଯୋଗାଣ

**ବାଙ୍କୀ ୧୬।୩(ସ୍ୱ.ପ୍ର.):** ବାଙ୍କୀ ରକ୍ତଦାତା ସଂଘ ଆନୁକୂଲ୍ୟରେ ରକ୍ତହୀନତା ଓ ରକ୍ତ ଦରକାର କରୁଥିବା ବ୍ୟକ୍ତିଙ୍କୁ ୨୪ଘଣ୍ଟିଆ ସେବା ଯୋଗାଇ ଦିଆଯାଉଛି। ସଂଘ ଆନୁକୂଲ୍ୟରେ ୭ଜଣ ରକ୍ତଦାତା ବେଣୁଧର ବେହେରା, ବାଦଲ କୁମାର ସାହୁ, ଆକାଶ କୁମାର ସ୍ୱାଇଁ, ଅନୀଲ କୁମାର ସ୍ୱାଇଁ, ଦଶରଥ ବେହେରା, କିଷନ କୁମାର ଦାଶ ଓ ଶିଶିର କୁମାର ଦାଶ ୭ଜଣ ଗୁରୁତର ରୋଗୀଙ୍କୁ ବିଭିନ୍ନ ଡାକ୍ତରଖାନାରେ ରକ୍ତ ଯୋଗାଇ ଦେଇଛନ୍ତି। ସେମାନଙ୍କୁ ସଂଘର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଭୂପତି ଭୂଷଣ ପ୍ରଧାନ, ଗୌତମ ମିଶ୍ର, ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ବଧାଇ ଜଣାଇଛନ୍ତି। ଯେଉଁମାନଙ୍କର ରକ୍ତ ଆବଶ୍ୟକ ସେମାନେ ମୋବାଇଲ ନଂ. ୯୩୪୮୦୫୩୩୫୯, ୮୯୮୪୦୦୪୧୩୩ ଓ ୭୦୦୮୫୭୫୦୯୧କୁ ଯୋଗାଯୋଗ କରିବାକୁ ରକ୍ତଦାତା ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ଗଣ୍ଡଗୋଳ ଆଶଙ୍କାରେ ବଜାର ବନ୍ଦ

**କଟକ ସଦର,୧୬।୩(ଡି.ଏନ୍.ଏ.)**

ଗଣ୍ଡଗୋଳ ଆଶଙ୍କାରେ ବୁଧବାର କିଶନ ନଗର ଥାନା ଅନ୍ତର୍ଗତ କିଶୋର ନଗର ବଜାର ବନ୍ଦ ରହିଥିଲା। କାରଣ ୧୨ ତାରିଖରେ ବଜାରର ଜଣେ ଜଳଖିଆ ଦୋକାନୀଙ୍କ ସହ ଅନ୍ୟଜଣେ ଦୋକାନୀଙ୍କର ଗଣ୍ଡଗୋଳ ଘଟିଥିଲା। ପରେ ଜଳଖିଆ ଦୋକାନୀ ସନ୍ଦୀପ ସେଠୀଙ୍କ ଅଭିଯୋଗ କ୍ରମେ ପୋଲିସ ଅପର ପକ୍ଷର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାପରେ ବଜାରର ଦୋକାନୀମାନେ ୨ ଗୋଷ୍ଠୀ ହୋଇଯାଇଛନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ବଜାର ବନ୍ଦ ହେବା ପରେ ପୋଲିସ ନଜର ରଖିଛି ବୋଲି ଥାନା ଅଧିକାରୀ ସସ୍ମିତା ରଣା କହିଛନ୍ତି। ଅନ୍ୟପକ୍ଷରେ ଘଟଣାର ଆପୋଷ ସମାଧାନ ପାଇଁ ମୁରବୀମାନେ ଉଦ୍ୟମ କରିଥିବା ଜଣାପଡିଛି।


ଭୁବନେଶ୍ୱର ରେଳ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ସମାରୋହରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଚୋରି ସାମଗ୍ରୀ ଜବତ, ୩ ଗିରଫ

**ଖୁଣ୍ଟୁଣୀ,୧୬।୩(ଡି.ଏନ୍.ଏ.)**

ଚୋରି ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଭୋଗରା ଗ୍ରାମର ବିଚିତ୍ର ପ୍ରଧାନ, ରବି ବାରିକ ଓ ସୁକାନ୍ତ ବାରିକ। ପୋଲିସ ସୂତ୍ରରୁ ପ୍ରକାଶ, ଖୁଣ୍ଟୁଣୀ–ନରସିଂହପୁର ରାସ୍ତା ଭୋଗରା ନିକଟ ରାସ୍ତାପାର୍ଶ୍ୱରେ ପଡିଥିବା ଏକ ୧୧କେଭି ବିଦ୍ୟୁତ୍ ଖୁଣ୍ଟ ଓ ସାମାଜିକ କର୍ମୀ ଗୌରହରି ମହାନ୍ତିଙ୍କ ଫାର୍ମରେ ଥିବା ଲୁହାଖୁଣ୍ଟ ଓ ପାଇପ ସୋମବାର ରାତିରେ ଚୋରି ହୋଇଥିବା ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୬୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ରାତିରେ ଏହି ଚୋରି ସାମଗ୍ରୀକୁ କବାଡିଆ ଦୋକାନୀଙ୍କୁ ବିକ୍ରି କରିବାକୁ ଦୁର୍ବୃତ୍ତମାନେ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ପରେ ଚଢାଉ କରି ସେମାନଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲା ବୋଲି ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

## ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନତା

**ବାଙ୍କୀ ୧୬।୩(ସ୍ୱ.ପ୍ର.)**

ଡମପଡ଼ା ଚନ୍ଦକା ଅଭୟାରଣ୍ୟରେ ଥିବା ୫ଟି ପଡାର ଜନସାଧାରଣଙ୍କୁ ନିଆଁ ନ ଲଗାଇବାକୁ ବୁଧବାର ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ପକ୍ଷରୁ ସଚେତନତା କରାଯାଇଛି। ଜଙ୍ଗଲରେ ଖାଲିଥିବା ସ୍ଥାନରେ ବୃକ୍ଷରୋପଣ ଓ ସରକାରଙ୍କ ବିସ୍ଥାପିତ ଆଇନ ସମ୍ପର୍କରେ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ସାମାଜିକ କର୍ମୀ ଗୌତମ ମିଶ୍ର ପରିଚାଳନା କରି ଲୋକମାନଙ୍କ ସହ ମତ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅମୀୟ ସାହୁ, ଦୁର୍ଲଭ ପତି ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ଟିକାକରଣ ଦିବସ

**ତିଗିରିଆ, ୧୬।୩ (ଡି.ଏନ.ଏ.)**

ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ବିଶ୍ୱ ବିକାଶ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ ଟିକାକରଣ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡା. ଆଙ୍କାକ୍ଷିତା ବେହେରା ଓ ଡା. ଅତୁଲ କୁମାର ପ୍ରଧାନ ଯୋଗଦେଇଥିଲେ। ଡା. ରାଉତରାୟ ସରକାରଙ୍କ ପ୍ରଚଳିତ ବିଭିନ୍ନ ଟିକାକରଣର ସାରଣୀ ଏବଂ ମଣିଷ ସମାଜ ପାଇଁ ଟିକା ଗ୍ରହଣର ଗୁରୁତ୍ୱ ସମ୍ପର୍କରେ କହିଥିଲେ। କିଭଳି ଲୋକେ ଟିକାକରଣ ସମ୍ପର୍କରେ ଅଧିକରୁ ଅଧିକ ସଚେତନ ହେବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହିତ ଉପସ୍ଥିତ ମହିଳାପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ ଏବଂ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ, ୫ଜଣ ଆଶା କର୍ମୀ, ୧୦ଜଣ ସ୍ୱତନ୍ତ୍ର କରୋନା ସ୍ୱାସ୍ଥ୍ୟକର୍ମୀଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରିଲୋଚନ ବାରିକ, ଅଶାନ୍ତି ଦେବୀ ଓ ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ସୁଚିତ୍ରା ଜେନା ସହଯୋଗ କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ତାଲିମ ନେଉଛନ୍ତି ମହାରାଷ୍ଟ୍ର ଅଧିକାରୀ


ବିପର୍ଯ୍ୟୟ ପରିଚାଳନା ଶିବିରରେ ଯୋଗଦେଇଥିବା ମହାରାଷ୍ଟ୍ର ଅଧିକାରୀମାନେ।

**ଭୁବନେଶ୍ୱର,୧୫।୩(ବ୍ୟୁରୋ)**

ଓଡ଼ିଶା ସବୁବେଳେ ବିପର୍ଯ୍ୟୟକୁ ସାମ୍ନା କରି ଆସୁଛି। ଏଥିସହ ଏହାକୁ ସଫଳ ଭାବେ ପରିଚାଳନା କରି ପ୍ରଶଂସା ମଧ୍ୟ ସାଉଣ୍ଟିଛି। ଏ ସଂକ୍ରାନ୍ତ ତାଲିମ ନେବା ପାଇଁ ମହାରାଷ୍ଟ୍ର ରାୟଗଡ଼ ଜିଲାର ବରିଷ୍ଠ ଅଧିକାରୀମାନେ ଓଡ଼ିଶା ଆସିଛନ୍ତି। ସେମାନଙ୍କ ପାଇଁ ମଙ୍ଗଳବାରଠାରୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା)ଙ୍କ ପକ୍ଷରୁ ତିନିଦିନିଆ ବିପର୍ଯ୍ୟୟ ପରିଚାଳନା ଶିବିର ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀ ପରିସରରେ ଆରମ୍ଭ ହୋଇଛି। ଏଥିରେ ମହାରାଷ୍ଟ୍ର କ୍ୟାଡରର ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ସମେତ ୫୧ଜଣ ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଓ ପରାମର୍ଶଦାତା ଅଂଶଗ୍ରହଣ କରିଛନ୍ତି।

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏହାକୁ ଉଦ୍‌ଘାଟନ କରି ଓଡ଼ିଶା, ମହାରାଷ୍ଟ୍ର ପରି ସମୁଦ୍ର ତଟବର୍ତ୍ତୀ ରାଜ୍ୟଗୁଡ଼ିକରେ ନିରନ୍ତର ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବନା ଓ ତାହାର ସଫଳ ମୁକାବିଲା ସକାଶେ ଆବଶ୍ୟକ ବୈଷୟିକ ଓ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ଗତ କିଛିବର୍ଷର ସଙ୍ଗଠିତ ପ୍ରଚେଷ୍ଟା ବଳରେ ଓଡ଼ିଶା କିପରି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶ୍ୱର ଏକ ନମ୍ବର ମଡେଲ ରାଜ୍ୟରେ ପରିଣତ ହୋଇଛି, ତାହାର ଏକ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ। ଏକାଡେମୀ ନିର୍ଦ୍ଦେଶକ ନୀହାର ରଞ୍ଜନ ସ୍ୱାଇଁ କହିଲେ, ଆବଶ୍ୟକତା ହିଁ ଉଦ୍ଭାବନାର ଜନନୀ। ଉପଯୁକ୍ତ ତାଲିମ ବଳରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି କିପରି ବ୍ୟାପକ ଓ ପେସାଦାର ଦକ୍ଷତା ସମ୍ପନ୍ନ ହୋଇପାରିଛି ତାହା ଉପରେ କହିଥିଲେ। ଓସଡମାର ମୁଖ୍ୟ ପ୍ରବନ୍ଧକ ସୁସ୍ମିତା ବେହେରା ଯୋଗଦେଇ ମହାରାଷ୍ଟ୍ର ଏବଂ ଓଡ଼ିଶା ଭିତରେ ଥିବା ଉପକୂଳବର୍ତ୍ତୀ ସମସ୍ୟା ଓ ଏହାର ନିରାକରଣ ପାଇଁ ସାମଗ୍ରିକ ପ୍ରଚେଷ୍ଟା ଏବଂ ନିରନ୍ତର ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଓସଡମାର ମୁଖ୍ୟ ପରିଚାଳକ ମେଘନାଦ ବେହେରା ଧନ୍ୟବାଦ ଦେଇଥିଲେ। ମହାରାଷ୍ଟ୍ରର ଅଧିକାରୀମାନେ ଉପକୂଳବର୍ତ୍ତୀ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ବୁଲି ଦେଖିବା ସହ ବିଭିନ୍ନ ଉଦ୍ଧାର, ଥଇଥାନ କାର୍ଯ୍ୟକ୍ରମର ସକ୍ରିୟ ତାଲିମ ଗ୍ରହଣ କରିବେ।

## ଡ୍ରିମ୍‌ସ ଆଲୁମ୍‌ନି ଆସୋସିଏଶନର ବନ୍ଧୁମିଳନ

**କଟକ ଅଫିସ, ୧୬।୩**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ବନ୍ଧୁମିଳନ ଓ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କୁ 'ବ୍ରାଣ୍ଡ ଆମ୍ବାସାଡର୍' ଅବିହିତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ 'ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବୈଦ୍ୟୁତିକ ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାହୀଯନ୍ତ୍ରୀ ଇଂ. ପୁଷ୍ପରଞ୍ଜନ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, ଉପାଧ୍ୟକ୍ଷ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପିକା ଅନୁରେଖା ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଣବନ୍ଧୁ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଧ୍ୟାପକ ସୁରଜିତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

## କେନାଲରୁ ଜବତ ମୃତ ବୃଦ୍ଧଙ୍କ ପରିଚୟ ମିଳିଲା

**ବାରଙ୍ଗ,୧୬।୩(ଡି.ଏନ୍.ଏ.)**

ନନ୍ଦନକାନନ ଥାନା ଅଧୀନ କୁଞ୍ଜବିହାରୀ ମହାବିଦ୍ୟାଳୟ ପଛପାର୍ଶ୍ୱ ବାରଙ୍ଗ–ପୁରୀ ମୁଖ୍ୟ କେନାଲରୁ ମଙ୍ଗଳବାର ଜବତ ହୋଇଥିବା ଜଣେ ଅଚିହ୍ନା ବୃଦ୍ଧଙ୍କ ପରିଚୟ ବୁଧବାର ମିଳିଛି। ବୃଦ୍ଧ ହେଲେ ଇନ୍‌ଫୋସିଟ୍ ଥାନା ଅଧୀନ ଜଳିମୁଣ୍ଡା ସାହିର ବିପୁର ହେମ୍ବ୍ରମ (୬୦)। ସେ ମଙ୍ଗଳବାର କୌଣସି ଏକ କାର୍ଯ୍ୟ ପାଇଁ ଗାଁ ଲୋକଙ୍କ ସହ କେନାଲକୁ ଯାଇଥିଲେ। ହେଲେ ସେଠାରୁ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ପରିବାର ଲୋକେ ବୁଧବାର ଖବରକାଗଜରୁ ସ୍ଥାନୀୟ କେନାଲରୁ ମୃତଦେହ ଜବତ ଖବର ପଢି ନନ୍ଦନକାନନ ଥାନାରେ ପହଞ୍ଚିଥିଲେ। ପୋଲିସ ବୃଦ୍ଧଙ୍କ ମୃତଦେହ ଦେଖାଇବାରୁ ସେମାନେ ତାଙ୍କୁ ଚିହ୍ନି ପାରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି।

# ଆଗାମୀ ୫ ବର୍ଷ ପାଇଁ ଖସଡ଼ା ପ୍ରସ୍ତୁତ

**ବାଙ୍କୀ,୧୬।୩(ସ୍ୱ.ପ୍ର.)**

**ଡମପଡ଼ା ବ୍ଲକ ଅଧ୍ୟକ୍ଷଙ୍କ ସମୀକ୍ଷା**

ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ବୁଧବାର ପ୍ରଥମ କରି ସମ୍ମିଳନୀ କକ୍ଷରେ ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଆଗାମୀ ୫ବର୍ଷ ପାଇଁ ଏକ ଖସଡା ପ୍ରସ୍ତୁତି ନିମନ୍ତେ ବ୍ଲକର ବିଭାଗୀୟ ଅଧିକାରୀଙ୍କ ସହ ବୈଠକ କରିଥିଲେ। ଏଥିରେ ବିଡିଓ ଶ୍ୟାମଳ ରାୟ ଯୋଗଦେଇ ସମସ୍ତ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ବ୍ଲକ ଅଧ୍ୟକ୍ଷ ପଟେଲ୍ କହିଥିଲେ, ଡମପଡ଼ା ବ୍ଲକ ଅତୀତର ବାଦବିବାଦକୁ ଦୂର କରି କିପରି ଆଗାମୀ ଦିନରେ ରାଜ୍ୟରେ ୧ ନମ୍ବର ହୋଇପାରିବ ସେଥିପାଇଁ ସମସ୍ତ ବିଭାଗୀୟ କର୍ମକର୍ତ୍ତା ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଅଭିଯୋଗଗୁଡ଼ିକୁ ଠିକ୍ ତଦନ୍ତ କରାଯାଇ ଆଗାମୀ ଦିନରେ ଏହା ସାର୍ବଜନୀନ କରାଯିବ ବୋଲି ସେ କହିଥିଲେ। ବ୍ଲକ ପରିସରରେ ବୟୋଜ୍ୟେଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କ ପାଇଁ ପ୍ରତୀକ୍ଷା ଗୃହ, ଅବହେଳିତ ଅବସ୍ଥାରେ ଥିବା ପୁରୁଣା ଅଫିସ ଗୃହକୁ ପୁନରୁଦ୍ଧାର କରାଯାଇ ନୂତନ ଭାବେ ନିର୍ମାଣ କରାଯିବ। ବ୍ଲକକୁ କିପରି ସ୍ୱଚ୍ଛ, ସୁନ୍ଦର ଓ ଦୁର୍ନୀତି ମୁକ୍ତ ହେବ ସମସ୍ତେ ଶପଥ ଗ୍ରହଣ କରି କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ଡମପଡ଼ା ବ୍ଲକର ସମସ୍ତ ୧୭ଟି ପଞ୍ଚାୟତ ଜନସାଧାରଣ ବିଜେଡିକୁ ବହୁମତ ଦେଇ ନିର୍ବାଚିତ କରିଥିବାରୁ ଅଧ୍ୟକ୍ଷ ପଟେଲ୍ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ପଞ୍ଚାୟତର ଯେକୌଣସି ସମସ୍ୟା ଲୋକେ ଜଣାଇଲେ ତୁରନ୍ତ ବିଧାୟକଙ୍କ ସହ ପରାମର୍ଶ କରି ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ପ୍ରାଥମିକତା ଦିଆଯାଇ କାର୍ଯ୍ୟ କରାଯିବ ସେ କହିଥିଲେ।


ସମୀକ୍ଷା ବୈଠକରେ ଯୋଗଦେଇଥିବା ଅତିଥିମାନେ।


ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସଙ୍କ ପାଇଁ ଅଭିନେତ୍ରୀ ପିଙ୍କି ପ୍ରଧାନ ଓ ଅଭିନେତା ହରିହର ମହାପାତ୍ର ପ୍ରଚାର ଚଳାଇଛନ୍ତି।


ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ଓ କର୍ପୋରେଟର ପ୍ରାର୍ଥିନୀ ଦୀପ୍ତିମୟୀ ମୁଳିଆଙ୍କ ପାଇଁ ଅଭିନେତା କୁନା ତ୍ରିପାଠୀ ପ୍ରଚାର କରୁଛନ୍ତି।

# ଭାଜପାରୁ ପିଙ୍କି ଓ ହରି, ବିଜେଡିରୁ କୁନା

**କଟକ ଅଫିସ, ୧୬।୩**

**ପ୍ରଚାର ମଇଦାନରେ ଷ୍ଟାର ପ୍ରଚାରକ**

କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନ ପାଇଁ ବିଭିନ୍ନ ୱାର୍ଡରେ ପ୍ରାର୍ଥୀମାନେ ଜୋର୍‌ଦାର୍ ପ୍ରଚାର ଚଳାଇଛନ୍ତି। ଏବେ ପ୍ରାର୍ଥୀଙ୍କ ସହିତ ଷ୍ଟାର ପ୍ରଚାରକମାନେ ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ବିଶେଷକରି ପ୍ରାର୍ଥୀମାନେ ସହରବାସୀଙ୍କ ସମସ୍ୟା ଓ ପଛୁଆବର୍ଗ ଲୋକଙ୍କ ବିକାଶ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ବୁଧବାର ସିଏମ୍‌ସି ୨୪ନଂ. ୱାର୍ଡରେ ବିଜେଡିର କର୍ପୋରେଟର ପ୍ରାର୍ଥୀ ଦୀପ୍ତିମୟୀ ମୂଳିଆ ଓ ମେୟର ପ୍ରାର୍ଥୀ ସୁବାସ ସିଂଙ୍କୁ ସମର୍ଥନ ଦେଇ ଷ୍ଟାର ପ୍ରଚାରକ ଭାବେ ଅଭିନେତା କୁନା ତ୍ରିପାଠୀ ପ୍ରଚାର କରିଛନ୍ତି। ଏଥିସହ ବିଜେଡି ପକ୍ଷରୁ ସାହିବାସିନ୍ଦାଙ୍କୁ ଏକତ୍ରିତ କରି ବୈଠକ କରାଯାଉଛି। ସେହିପରି ଭାଜପା ମଙ୍ଗ ଧରିଛନ୍ତି ଅଭିନେତ୍ରୀ ପିଙ୍କି ପ୍ରଧାନ ଓ ଅଭିନେତା ହରିହର ମହାପାତ୍ର। ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସଙ୍କୁ ସମର୍ଥନ ଦେଇ ଦୋଳମୁଣ୍ଡାଇରୁ ଶୋଭାଯାତ୍ରା କରି ଭୋଟରଙ୍କ ସମର୍ଥନ ଲୋଡିଛନ୍ତି। ଅପରପକ୍ଷେ ଏସ୍‌ୟୁସିଆଇ(ସି) ପ୍ରାର୍ଥୀ ବବି ବଳବନ୍ତରାୟ ହାଇକୋର୍ଟ ଓ କଚେରି ପରିସରରେ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ପ୍ରଚାରରେ ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ପ୍ରତାପ ମିଶ୍ର, ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ ।